R.N.I. REGN. No. 65000/96 POSTAL REGN. No. OR/BN-32/12-14

ସମୟ SAMAYA

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୩୨
ତିଥି: ଦଶମୀ
୦୪ ନଭେମ୍ବର ୨୦୨୬, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
04 November 2026, Wednesday

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

30th ANNIVERSARY

Bhubaneswar | Balasore | Angul | Berhampur | Sambalpur

ଭାରତ ଅକ୍ଷୟ ଶକ୍ତି ସମ୍ମିଳନୀ

୧୮ ଏମ୍ଓୟୁ, ଆସିବ ୧.୧୭ ଲକ୍ଷ କୋଟି ନିବେଶ



◆ ନିବେଶକଙ୍କୁ ଓଡ଼ିଶା ଆମନ୍ତ୍ରଣ କଲେ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୩।୧୧ (ସବୁ୍ୟ) : ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଅନୁଷ୍ଠିତ 'ଭାରତ ଅକ୍ଷୟ ଶକ୍ତି ସମ୍ମିଳନୀ ଓ ପ୍ରଦର୍ଶନୀ ୨୦୨୬'ରେ ଓଡ଼ିଶା ୧୮ଟି ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର କରିବା ସହ ପ୍ରାୟ ୧,୧୭,୫୫୭ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ହାସଲ କରିଛି। ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ରାଜ୍ୟର ଅକ୍ଷୟ ଶକ୍ତି କ୍ଷେତ୍ରରେ ପ୍ରାୟ ୧୧,୭୪୨ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ଯୋଡ଼ିହେବ।

ସ୍ୱଚ୍ଛ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଏତେ ବଡ଼ ପୁଞ୍ଜିନିବେଶକୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅବସରରେ କହିଛନ୍ତି ଯେ, ଆଜିର ଦିନଟି ହେଉଛି ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଓଡିଶା ପାଇଁ ଏକ ଐତିହାସିକ କ୍ଷଣ। ଓଡିଶା ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପୁଞ୍ଜିନିବେଶ ମୁଖ୍ୟତଃ ପମ୍ପଡ୍ ଷ୍ଟୋରେଜ୍, ସୌର ଓ ପବନ ଶକ୍ତି, ହାଇବ୍ରିଡ୍ ଅକ୍ଷୟ ଶକ୍ତି, ବ୍ୟାଟେରୀ ଷ୍ଟୋରେଜ୍, ଗ୍ରୀନ୍ ହାଇଡ୍ରୋଜେନ୍, ଗ୍ରୀନ୍ ଡାଟା ସେଣ୍ଟର ଏବଂ ଅନ୍ୟାନ୍ୟ ଉଦୀୟମାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭର ହେବା ପାଇଁ ପ୍ରଧାନମନ୍ତ୍ରୀ ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହା ପୂରଣ କରିବା ଦିଗରେ ବିନିଯୋଗ ହେବ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ (୯ ପୃଷ୍ଠାରେ)

କୋଟିଆରେ ଆନ୍ଧ୍ର-ଓଡ଼ିଶା ମୁହାଁମୁହିଁ



କୋରାପୁଟ, ୩।୧୧ (ସବୁ୍ୟ) : ଓଡ଼ିଶା-ଆନ୍ଧ୍ରର ସୀମାନ୍ତବର୍ତ୍ତି ଅଞ୍ଚଳ ହେଉଛି କୋଟିଆ। ଦୀର୍ଘ ଦଶନ୍ଧୀ ଦଶନ୍ଧୀ ଧରି ଦୁଇ ରାଜ୍ୟ ମଧ୍ୟରେ କୋଟିଆକୁ ନେଇ ବିବାଦ ରହିଥିବା ବେଳେ ସମାଧାନ ନହୋଇ ପରିସ୍ଥିତି ବଢ଼ିବାରେ ଲାଗିଛି । ମଙ୍ଗଳବାର ଓଡ଼ିଶା- ଆନ୍ଧ୍ର ପୁଲିସ ମଧ୍ୟରେ ମୁହାଁମୁହିଁ ହୋଇ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା । ଆନ୍ଧ୍ର ସରକାର କୋଟିଆରେ ଭୋଟ ଗ୍ରହଣ କରିବା ପାଇଁ ଯୋଜନା କରୁଛି । ଆସନ୍ତା ୫ ତାରିଖରେ ମଦନାନ ହେବ ।

ଆନ୍ଧ୍ର ନିର୍ବାଚନୀ କାର୍ଯ୍ୟକଳାପକୁ ରୋକିବା ପାଇଁ ଓଡିଶା ପକ୍ଷରୁ କୋଟିଆ ସୀମାନ୍ତ ନେରିଡିବାଲସା, ଫଗୁସିନେରୀ ଓ ଫାଟୁ ସିନେରୀରେ ଚେକ ପୋଷ୍ଟ କରାଯାଇଥିଲା । ଏହି ଚେକ ପୋଷ୍ଟ ମାଧ୍ୟମରେ ଆନ୍ଧ୍ରର ଗତିବିଧି ନିୟନ୍ତ୍ରଣ କରାଯାଇଥିଲା । ସୋମବାର ନେରିଡିବାଲସାରେ ଆନ୍ଧ୍ରର ଏକ ରାସନ ଚାଉଳ ଗାଡିକୁ ଉକ୍ତ ଚେକ ପୋଷ୍ଟ ନିକଟରେ ଅଟକା ଯାଇଥିଲା । ସେହି ସ୍ଥାନରେ ଆନ୍ଧ୍ର ସମର୍ଥକ ଓ ଓଡିଶା ପୁଲିସ ମଧ୍ୟରେ ମୁହାଁ ମୁହିଁ ହୋଇଥିବା ଦେଖିବାକୁ ମିଳିଥିଲା । (୯ ପୃଷ୍ଠାରେ)

ଅନିର୍ଦ୍ଦିଷ୍ଟକାଳ ଲାଗି ଆନ୍ଦୋଳନ ନାଁରେ ସ୍ଥାନ ଦଖଲ କରିହେବନାହିଁ

ନୂଆଦିଲ୍ଲୀ, ୩।୧୧ : ଆନ୍ଦୋଳନ ନାଁରେ କୌଣସି ସ୍ଥାନକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଦଖଲ କରି ରଖିହେବ ନାହିଁ। ଏପରିକି ଆନ୍ଦୋଳନ ପାଇଁ ନିର୍ଦ୍ଧାରିତ ସ୍ଥାନଗୁଡ଼ିକରେ ମଧ୍ୟ ସମୟସୀମା ରହିବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ମତ ଦେଇଛନ୍ତି। ଦିଲ୍ଲୀର ଜନ୍ତରମନ୍ତର ଓ ରାମଲୀଳା ମୈଦାନରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ନିର୍ବାଚନ ଆୟୋଗ ବିରୋଧରେ ଆୟୋଜିତ ଆନ୍ଦୋଳନକୁ ନେଇ ଶୁଣାଣି ବେଳେ ଅଦାଲତ ଏହି ଟିପ୍ପଣୀ ଦେଇଛନ୍ତି।

ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି, "କୌଣସି ସ୍ଥାନକୁ ସବୁଦିନ ପାଇଁ ଦଖଲ କରିହେବ ନାହିଁ। ଅନ୍ୟ ଆନ୍ଦୋଳନକାରୀଙ୍କର ମଧ୍ୟ ଅଧିକାର ରହିଛି। କୃଷକ ଓ ଓକିଲମାନେ କେଉଁଠାକୁ ଯିବେ? ସମସ୍ତଙ୍କର ଆନ୍ଦୋଳନ କରିବାର ଅଧିକାର ରହିଛି।"

କେନ୍ଦ୍ର ସରକାରଙ୍କ ପକ୍ଷରୁ ମହାନ୍ୟାୟବାଦୀ ତୁଷାର ମେହେଟା କହିଥିଲେ, ଯେଉଁମାନେ (୯ ପୃଷ୍ଠାରେ)

ଭୁବନେଶ୍ୱରରେ ଡା. ଅଶୋକ ମହାପାତ୍ରଙ୍କ ମରଶରୀର



ଭୁବନେଶ୍ୱର, ୩।୧୧ (ସବୁ୍ୟ) : ପ୍ରଖ୍ୟାତ ସ୍ନାୟୁ ସଲ୍ୟ ଚିକିତ୍ସକ ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କ ମର ଶରୀର ଆଜି ଭୁବନେଶ୍ୱରରେ ପହଞ୍ଚିଛି। ନୂଆଦିଲ୍ଲୀରୁ ବିମାନଯୋଗେ ତାଙ୍କ ମର ଶରୀର ସନ୍ଧ୍ୟା ୮.୩୦ରେ ପହଞ୍ଚିଥିଲା। ବିମାନ ବନ୍ଦରରେ ତାଙ୍କ ମର ଶରୀରରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଏକାମ୍ର ବିଧାୟକ ବାବୁ ସିଂ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମର ଶରୀର ସହ ସ୍ୱର୍ଗତ ଅଶୋକ ମହାପାତ୍ରଙ୍କ ପତ୍ନୀ ଓ ଝିଅ ନୂଆଦିଲ୍ଲୀରୁ ଆସିଥିଲେ। (୯ ପୃଷ୍ଠାରେ)

ବନ୍ୟାରେ ପ୍ରଭାବିତ ତିନି ଜିଲ୍ଲାକୁ ୪ ଆଇଏଏସ୍‌ଙ୍କୁ ଦାୟିତ୍ୱ

ଭୁବନେଶ୍ୱର, ୩।୧୧ (ସବୁ୍ୟ): ବନ୍ୟାରେ ପ୍ରଭାବିତ ଜିଲ୍ଲାରେ କ୍ଷୟକ୍ଷତି ଆକଳନ, ପ୍ରଭାବିତ ହିତାଧିକାରୀଙ୍କ ନକଟରେ କ୍ଷତିପୂରଣ ପ୍ୟାକେଜ୍ ପହଞ୍ଚାଇବା ସୁନିଶ୍ଚିତ କରିବା, ଭିତ୍ତିଭୂମି ମରାମତି ତ୍ୱରାନ୍ୱିତ କରିବା ଓ ଜିଲ୍ଲା ପ୍ରଶାସନ ସହ ସମନ୍ୱୟରକ୍ଷା କରିବା ଲାଗି ୪ ଜଣ ଆଇଏଏସ ଅଧିକାରୀଙ୍କୁ ଅତିରିକ୍ତ ସ୍ପେଶାଲ୍ ରିଲିଫ୍ କମିଶନର ଭାବେ ସମ୍ପୂର୍ଣ୍ଣ କ୍ଷମତା ପ୍ରଦାନ କରି ଅବସ୍ଥାପିତ କରାଯାଇଛି । ମଙ୍ଗଳବାର ବାତ୍ୟା ଓ ବନ୍ୟାର କ୍ଷୟକ୍ଷତି ଅନୁଧ୍ୟାନ ନିମନ୍ତେ ଆସିଥିବା କେନ୍ଦ୍ରୀୟ ଟିମ୍ ଗଜପତି ଜିଲ୍ଲା ଗସ୍ତ କରି କ୍ଷୟକ୍ଷତି ଆକଳନ କରୁଥିବା ବେଳେ ଆସନ୍ତାକାଲି(ବୁଧବାର) ଗଞ୍ଜାମ ଜିଲ୍ଲାରେ କ୍ଷୟକ୍ଷତି ଆକଳନ କରି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ। ଜିଲ୍ଲାମାନଙ୍କରେ ଜିଲ୍ଲାପାଳମାନେ କେନ୍ଦ୍ରୀୟ ଟିମର ପରିଦର୍ଶନସ୍ଥଳ ସ୍ଥିର କରି ସେମାନଙ୍କୁ ସହାୟତା କରୁଛନ୍ତି ।

ବାତ୍ୟା ଅର୍ଣ୍ଣବ ଯୋଗୁ ଲଗାଣ ବର୍ଷା ଓ ତା' କାରଣରୁ ଆସିଥିବା ବନ୍ୟା ପ୍ରଭାବରେ ବିଶେଷ ଭାବେ ପ୍ରଭାବିତ ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ଜିଲ୍ଲାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ (୯ ପୃଷ୍ଠାରେ)







ମହାକାଶରେ ହାଲୋୱିନ୍

ବର୍ତ୍ତମାନ ହାଲୋୱିନର ମାହୋଲ ସବୁସ୍ଥାନରେ ଦେଖିବାକୁ ମିଳୁଛି । ତେବେ ଏଥିରୁ ବାଦ ପଡିନାହାନ୍ତି ମହାକାଶଚାରୀ । ହାଲୋୱିନ୍ ଅବସରରେ ମହାକାଶରେ ସୁପରହିରୋ ଅବତାର ଦେଖିବାକୁ ମିଳିଛି, ଯେଉଁଥିରେ ନାସାର ପ୍ରାକ୍ତନ ମହାକାଶଚାରୀ ପେଗି ୱିଟସନ୍ ବ୍ୟାଟମ୍ୟାନ୍ ପୋଷାକ ପିନ୍ଧି ନିଜର ଏକ ଫଟୋ ସୋସିଆଲ୍ ମିଡିଆରେ ପୋଷ୍ଟ କରିଛନ୍ତି । ସମସ୍ତଙ୍କୁ ହାଲୋୱିନ୍‌ର ଶୁଭେଚ୍ଛା ଜଣାଇବା ସହ ସେ ମଜାଳିଆ ଭଙ୍ଗୀରେ ଲେଖିଛନ୍ତି ଯେ ସ୍ୱଳ୍ପ କାରଣ ଯୋଗୁଁ ମହାକାଶରେ ସୁପରହିରୋ ପୋଷାକ ସଦାସର୍ବଦା ଏକ ପ୍ରିୟ ପସନ୍ଦ ହୋଇଆସିଛି । ମହାକାଶରୁ ଆସିଥିବା ଏହି ସୁପରହିରୋ ଲୁକ୍ ଏବଂ ଆନନ୍ଦଦାୟକ ବାର୍ତ୍ତା ସୋସିଆଲ୍ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି ।


ପୃଥିବୀରେ ମଙ୍ଗଳ ପଥରର ଠାବ

୨୦୨୨ ମସିହାରେ ସାହାରା ମରୁଭୂମିରୁ ମିଳିଥିବା ପ୍ରାୟ ୮୦୦ ଗ୍ରାମ୍ ଓଜନର ଏକ ଗୋଲାପୀ ରଙ୍ଗର ପଥର ମଙ୍ଗଳ ଗ୍ରହର ହୋଇଥିବା ସ୍ପଷ୍ଟ ହୋଇଛି । ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା'ର ସହାୟତାରେ କରାଯାଇଥିବା ଗବେଷଣାରୁ ପ୍ରମାଣିତ ହୋଇଛି ଯେ 'ଟେଘାଜା ୦୦୧' ନାମକ ଏହି ଉଲ୍‌କାପିଣ୍ଡଟି ୪.୧ ବିଲିୟନ୍ ବା ୪୧୦ କୋଟି ବର୍ଷରୁ ଅଧିକ ପୁରୁଣା । ବର୍ତ୍ତମାନ ଏହାର ବିଭିନ୍ନ ଖଣ୍ଡ ବିଶେଷକୁ ୪ଟି ବାକ୍ସ ଓ ପ୍ୟାକେଟ୍‌ରେ ସୁରକ୍ଷିତ ରଖାଯାଇଛି । ଆରମ୍ଭରୁ ଏହାର ଉତ୍ପତ୍ତି ସମ୍ପର୍କରେ ଜଣାନଥିବାରୁ ବୈଜ୍ଞାନିକମାନେ ଏଥିରେ ଥିବା ଅମ୍ଳଜାନ ଆଇସୋଟୋପ୍ ଅନୁପାତ ପରୀକ୍ଷା କରି ଏହା ମଙ୍ଗଳ ଗ୍ରହର ପଥର ସହ ମିଶୁଥିବା ସ୍ପଷ୍ଟ କରିଥିଲେ । ପରବର୍ତ୍ତୀ ସମୟରେ ଏହାର ସୂକ୍ଷ୍ମ ଗଠନ, ଖଣିଜ ରଚନା, ରାସାୟନିକ ବୈଶିଷ୍ଟ୍ୟ ଏବଂ ସୂକ୍ଷ୍ମ 'ଜିରକନ୍' କ୍ରିଷ୍ଟାଲ୍‌ର ଅନୁଧାନ କରି ଏହାର ପ୍ରକୃତ ବୟସ ନିରୂପଣ କରିଛନ୍ତି । ଏହି ପଥରରେ ଥିବା ଖଣିଜ ପଦାର୍ଥ ଓ ସେଗୁଡ଼ିକର ବାହ୍ୟ ଗଠନରୁ ସ୍ପଷ୍ଟ ସୂଚନା ମିଳିଛି ଯେ ମଙ୍ଗଳ ଗ୍ରହର ପ୍ରାରମ୍ଭିକ ଇତିହାସରେ ଜଳ ସହ ଏହି ପଥରଗୁଡ଼ିକର ସଂସ୍ପର୍ଶ ଆସିଥିଲା । ଯାହା ପ୍ରମାଣ କରେ ଯେ ଅତୀତରେ ମଙ୍ଗଳ ଗ୍ରହ ଆଜି ପରି ଅଧିକ ଥଣ୍ଡା ଓ ଶୁଷ୍କ ନଥିଲା । ଏହି ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର ବୈଜ୍ଞାନିକମାନଙ୍କୁ ମଙ୍ଗଳର ପ୍ରାଚୀନ ପରିବେଶ, ସେଠାରେ ଜଳର ପରିମାଣ ଏବଂ ସମୟକ୍ରମେ ଜଳ କିପରି ହ୍ରାସ ପାଇଲା ତାହା ବୁଝିବାରେ ସାହାଯ୍ୟ କରିବ । ଯଦିଓ ଜଳର ସନ୍ଧାନ ମିଳିବା ଦ୍ୱାରା ମଙ୍ଗଳରେ ଜୀବସତ୍ତା ଥିବା ସମ୍ପୂର୍ଣ୍ଣ ପ୍ରମାଣିତ ହୁଏ ନାହିଁ ଏବଂ ଏଥିପାଇଁ ଅଧିକ ଗବେଷଣାର ଆବଶ୍ୟକତା ରହିଛି । କୌଣସି ବିଶାଳ ମହାକାଶୀୟ ପିଣ୍ଡର ଧକ୍କା ଯୋଗୁଁ ମଙ୍ଗଳ ପୃଷ୍ଠରୁ ବିଚ୍ଛିନ୍ନ ହୋଇ ଦୀର୍ଘ ମହାକାଶ ଯାତ୍ରା ପରେ ପୃଥିବୀରେ ପଡ଼ିଥିବା ଏହି ପଥରଟି ମଙ୍ଗଳରୁ ଆସିଥିବା ସବୁଠାରୁ ପ୍ରାଚୀନ ଉଲ୍‌କାପିଣ୍ଡଗୁଡ଼ିକ ମଧ୍ୟରୁ ଅନ୍ୟତମ । ଯାହା ମରୁଭୂମି ଅଞ୍ଚଳ ହୋଇଥିବାରୁ ସହଜରେ ଚିହ୍ନଟ ହୋଇପାରିଥିଲା ।



ଦିଆଙ୍କ କ୍ଷୋଭ

ଦିପାବଳୀ ନିମନ୍ତେ ବାଣ ନ ଫୁଟାଇ ପରିବେଶ ଅନୁକୂଳ ପର୍ବ ପାଳନ କରିବାକୁ ଅଭିନେତ୍ରୀ ଦିୟା ମିର୍ଜାଙ୍କ ଅପିଲ୍ ସମ୍ବଳିତ ଏକ ସଚେତନତା ଭିଡିଓକୁ ବୃହନ୍‌ମୁମ୍ବାଇ ମହାନଗର ନିଗମ (ବିଏମ୍‌ସି) ନିଜ ସୋସିଆଲ୍ ମିଡିଆ ପୃଷ୍ଠାରୁ ହଟାଇ ଦେବା ଘଟଣା ସ୍ଥାନୀୟ ରାଜନୀତିକୁ ଚର୍ଚ୍ଚାର ଖୋରାକ ଯୋଗାଉଛି । ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ମୁମ୍ବାଇରେ ବୃଦ୍ଧି ପାଉଥିବା ବାୟୁ ପ୍ରଦୂଷଣକୁ ରୋକିବା ପାଇଁ ବିଏମ୍‌ସି ବିଭିନ୍ନ ବିଶିଷ୍ଟ ବ୍ୟକ୍ତିଙ୍କୁ ନେଇ ଏହି ପ୍ରଚାର ପ୍ରସାର ଆରମ୍ଭ କରିଛି । ମୁମ୍ବାଇ ବିଜେପି ସଭାପତି ଅମିତ ସାତମ୍ ଏହାକୁ ବିରୋଧ କରି ଆମକୁ ଦିୱାଳୀ କିପରି ପାଳନ କରାଯାଏ ତାହା ଅନ୍ୟ କାହାଠାରୁ ଶିଖିବାର ଆବଶ୍ୟକତା ନାହିଁ ବୋଲି 'ଏକ୍ସ'ରେ ପୋଷ୍ଟ କରିଛନ୍ତି । ବିଏମ୍‌ସି ଏହି ଭିଡିଓକୁ ନିଜର ଆକାଉଣ୍ଟରୁ ହଟାଇ ଦେଇଛି, ଯଦିଓ ମାଧୁରୀ ଦୀକ୍ଷିତ ଓ କ୍ରିକେଟର ଅଜିଙ୍କ୍ୟ ରାହାଣେଙ୍କ ଭିଡିଓ ଅପରିବର୍ତ୍ତିତ ରହିଛି । ତେବେ ଏହାକୁ ନେଇ ବର୍ତ୍ତମାନ ଚର୍ଚ୍ଚା ଆରମ୍ଭ ହୋଇଛି । ଏହାକୁ ନେଇ କ୍ଷୋଭ ପ୍ରକାଶ କରି ଦିୟା ମିର୍ଜା କହିଛନ୍ତି ଯେ ବାୟୁ ପ୍ରଦୂଷଣ ଏକ ଜନସ୍ୱାସ୍ଥ୍ୟ ସମସ୍ୟା ଏବଂ ସେ ବିନା କୌଣସି ପାରିଶ୍ରମିକରେ ଜନସ୍ୱାର୍ଥରେ ଏହି କାର୍ଯ୍ୟ କରିଥିଲେ । ମାତ୍ର ଆଜିକାଲି ଭଲପାଇଁ କୌଣସି ସ୍ଥାନ ନାହିଁ । ଅନ୍ୟପଟେ ମୁମ୍ବାଇ ମେୟର ରିତୁ ତାୱଡେ ଅଭିଯୋଗ କରିଛନ୍ତି ଯେ ଦିୟା ସଦାସର୍ବଦା ନର୍ମଦା ପ୍ରକଳ୍ପ, ୟୁସିସି, ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ ତଥା ହିନ୍ଦୁତ୍ୱ ବିରୋଧୀ ଆଭିମୁଖ୍ୟ ରଖିଆସୁଥିବାରୁ ବିଏମ୍‌ସି ତାଙ୍କୁ ବ୍ଲାକଲିଷ୍ଟ କରିଛି । ବିଜେପି ମନ୍ତ୍ରୀ ନୀତେଶ ରାଣେ ମଧ୍ୟ କେବଳ ହିନ୍ଦୁ ପର୍ବରେ ଉପଦେଶ ଦେଉଥିବା ନେଇ ଦିୟାଙ୍କୁ ସମାଲୋଚନା କରିଛନ୍ତି । ଅପରପକ୍ଷରେ ଶିବସେନା ନେତ୍ରୀ କିଶୋରୀ ପେଡନେକର ଓ ଏମଏନଏସ ଏହି ନିଷ୍ପତ୍ତିକୁ ନିନ୍ଦା କରି ବିଏମ୍‌ସି ବିଜେପିର ଚାପ ସାମ୍ନାରେ ମୁଣ୍ଡ ନୁଆଁଇଥିବା ଅଭିଯୋଗ କରିଛନ୍ତି ।




ଇତିହାସ

୧୬୧୮- ମୋଗଲ ଶାସକ ଔରଙ୍ଗଜେବଙ୍କ ଜନ୍ମ ।
୧୮୭୨- ଦିଲ୍ଲୀରେ ଜଳ ଯୋଗାଣ ଯୋଜନା ଔପଚାରିକ ରୂପେ ଶୁଭାରମ୍ଭ ହେଲା ।
୧୮୭୨- ପୂର୍ବତନ ଆମେରିକୀୟ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ୍ ମ୍ୟାରୀ ଟୋଡ୍‌ଙ୍କ ସହିତ ବିବାହ ବନ୍ଧନରେ ବାନ୍ଧିହେଲେ ।
୧୯୨୪- ବାୟୋମିଙ୍ଗର ନେଲି ଟେଲୋ ରସ୍ ସଂଯୁକ୍ତ ରାଷ୍ଟ୍ର ଆମେରିକାରେ ପ୍ରଥମ ମହିଳା ଗଭର୍ଣ୍ଣର ରୂପେ ନିଯୁକ୍ତି ପାଇଲେ ।
୧୯୨୯- ଭାରତୀୟ ଲେଖିକା ଶକୁନ୍ତଳା ଦେବୀଙ୍କ ଜନ୍ମ ।
୧୯୫୪- ଦାର୍ଜିଲିଙ୍ଗରେ ହିମାଳୟ ପର୍ବତାରୋହଣ ସଂସ୍ଥାର ସ୍ଥାପନା କରାଗଲା ।
୧୯୯୫- ଇସ୍ରାଏଲ୍ ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା ।
୨୦୦୮- ବାରାକ ଓବାମା ଆଫ୍ରିକୀୟ ମୂଳ ପ୍ରଥମ ଆମେରିକୀୟ ରାଷ୍ଟ୍ରପତି ହେଲେ ।


ଶନଗ୍ରହରେ ଅବସ୍ଥାପିତ ହେବ ବ୍ୟକ୍ତିଙ୍କ ନାଁ

ଶନି ଗ୍ରହକୁ ପଠାଯିବ ସାଧାରଣ ଲୋକଙ୍କ ନାଁ । ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା' ଶନି ଗ୍ରହର ସବୁଠାରୁ ବଡ଼ ଉପଗ୍ରହ 'ଟାଇଟାନ୍'କୁ ପ୍ରେରଣ କରାଯାଉଥିବା ଏହାର 'ଡ୍ରାଗନ୍‌ଫ୍ଲାଇ' ରୋଟରକ୍ରାଫ୍ଟ ମାଧ୍ୟମରେ ସାଧାରଣ ଲୋକଙ୍କ ନାଁ ଶନିକୁ ପଠାଯିବ । ଏଥିପାଇଁ ନାସା ଲୋକଙ୍କୁ ନିଜ ନାମ ପଠାଇବା ପାଇଁ ଆମନ୍ତ୍ରଣ କରୁଛି । ନାସାର ୱେବସାଇଟ୍ ମାଧ୍ୟମରେ ୨୦୨୭ ମସିହା ଜାନୁଆରୀ ୧୫ ତାରିଖ ପର୍ଯ୍ୟନ୍ତ ନିଜର ବିବରଣୀ ଦାଖଲ କରି ଲୋକମାନେ ଏହି ମିଶନ୍‌ରେ ଭାଗ ନେଇପାରିବେ । ଯେଉଁଠାରେ ସେମାନଙ୍କ ନାମଗୁଡ଼ିକୁ ଏକ ମାଇକ୍ରୋଚିପ୍‌ରେ ସଂରକ୍ଷିତ କରି ମହାକାଶଯାନରେ ରଖାଯିବ ଏବଂ ପ୍ରତିଯୋଗୀଙ୍କୁ ଏକ ବ୍ୟକ୍ତିଗତ ଡିଜିଟାଲ୍ ବୋର୍ଡିଂ ପାସ୍ ମଧ୍ୟ ପ୍ରଦାନ କରାଯିବ । ପ୍ରଥମ ଥର ପାଇଁ ଏଭଳି ବୈଜ୍ଞାନିକ ମିଶନ୍ ପାଇଁ ନିର୍ମିତ ରୋଟରକ୍ରାଫ୍ଟ ସାହାଯ୍ୟରେ ଟାଇଟାନ୍‌ର ବିବିଧ ପରିବେଶକୁ ଅନୁଧାନ କରାଯିବ । ଏହାସହ ଜୀବସତ୍ତା ପାଇଁ ଅନୁକୂଳ ସ୍ଥିତିର ସନ୍ଧାନ କରାଯିବ । ଜନ୍ମ ହପକିନ୍ସ ଆପ୍ଲାଏଡ୍ ଫିଜିକ୍ସ ଲାବୋରେଟୋରୀ ଦ୍ୱାରା ନିର୍ମିତ ଓ ଏଲିଜାବେଥ୍ ଟର୍ଟଲଙ୍କ ମୁଖ୍ୟ ନିର୍ଦ୍ଦେଶନାରେ ପରିଚାଳିତ ଏହି 'ଡ୍ରାଗନ୍‌ଫ୍ଲାଇ' ମିଶନ୍‌କୁ ୨୦୨୮ ରେ ଉତ୍କ୍ଷେପଣ କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା । ହେଲେ ଏହା ୨୦୩୪ ସୁଦ୍ଧା ଟାଇଟାନ୍‌ରେ ପହଞ୍ଚିବାନେଇ ସୂଚନା ରହିଛି । ଘନ ବାୟୁମଣ୍ଡଳ, ତରଳ ମିଥେନ୍ ନଦୀ, ହ୍ରଦ, ବାଲିକୁଦ ଏବଂ ଜୈବିକ ପଦାର୍ଥରେ ସମୃଦ୍ଧ ଟାଇଟାନ୍‌ର ବିଭିନ୍ନ ସ୍ଥାନକୁ ଉଡ଼ିଯାଇ ଏହି ଯାନଟି ପ୍ରାକ୍-ଜୈବିକ ରସାୟନ ବିଜ୍ଞାନ ସମ୍ପର୍କିତ ସୂଚନା ସଂଗ୍ରହ କରିବ, ଯାହା ମହାକାଶରେ ଜୀବସତ୍ତା ସୃଷ୍ଟି ପାଇଁ ଆବଶ୍ୟକ ଉପାଦାନ ଓ ସ୍ଥିତିକୁ ବୁଝିବାରେ ବୈଜ୍ଞାନିକମାନଙ୍କୁ ସହାୟକ ହେବ ।



ବିନା ପାଣି ପିଇ ୪୮ ବର୍ଷ

ଆମେରିକୀୟ ଇନଭେଷ୍ଟର ୯୬ ବର୍ଷୀୟ ୱାରେନ୍ ବଫେ ଗତ ୪୮ ବର୍ଷ ହେବ ପାଣି ପିଇ ନାହାଁନ୍ତି । ତେବେ ତାଙ୍କୁ ଶୋଷ ଲାଗୁଥିବା ସମୟରେ ସେ ପାଣି ବଦଳରେ କେବଳ କୋକା-କୋଲା ପିଇଥାନ୍ତି ବୋଲି ଜଣାପଡିଛି । ଏକ ରାତ୍ରୀଭୋଜନ ସମୟରେ ଏହି ରହସ୍ୟ ସମ୍ପର୍କରେ ଜଣାପଡିଥିଲା । ଯେଉଁଠାରେ ୱାରେନ୍ ପ୍ରତିଦିନ ଅତିକମରେ ପାଞ୍ଚଟି କୋକା-କୋଲା କ୍ୟାନ୍ ପିଉଥିବା ପ୍ରକାଶ କରିଥିଲେ । ତେବେ ସେ ପୂର୍ବରୁ ପେପ୍ସି ପିଉଥିଲେ ବୋଲି ଜଣାଇଥିଲେ । ଏପରିକି ତାଙ୍କ ଶରୀରର ଏକ ଚତୁର୍ଥାଂଶ କୋକା - କୋଲାରେ ତିଆରି ବୋଲି ସେ ଅନେକ ସମୟରେ ମଜାକ ଅନ୍ଦାଜରେ ମତ ଦେଇଛନ୍ତି । ଏହି ଘଟଣାଟି ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି ।



ସୋସିଆଲ କୋଟ୍ସ



ଜଣେ ଅଭିନେତା ହିସାବରେ ଆମର ଦାୟିତ୍ୱ ହେଲା ଏଭଳି ଫିଲ୍ମରେ ଅଭିନୟ କରିବା ଯାହା ସମାଜ ଉପରେ ସକରାତ୍ମକ ପ୍ରଭାବ ପକାଇବ । ଏଥିପ୍ରତି ମୁଁ ସବୁବେଳେ ଧ୍ୟାନ ଦେଇଥାଏ ।
ରଣବୀର କପୁର, ଅଭିନେତା



ରାତି ୨ଟା ପରେ ମୁଁ ସୁଟିଂ କରେ ନାହିଁ । ସବୁବେଳେ ସାତରୁ ଆଠ ଘଣ୍ଟା ଶୋଇବାର ଆବଶ୍ୟକତା ରହିଛି । ଏପରି ନହେଲେ ମୋତେ ଅଭିନୟ କରିବାରେ ଅସୁବିଧା ହୋଇଥାଏ ।
ପଙ୍କଜ ତ୍ରିପାଠୀ, ଅଭିନେତା



ସଲମାନ ସାରଙ୍କ ସହିତ କାମ କରିବା ଖୁବ ମଜାଦାର । ସେ ମୋତେ ଛୋଟ ପିଲା ଭଳି ଟ୍ରିଟ୍ କରନ୍ତି । ଭଲ ପାଆନ୍ତି ଏବଂ ଘର ଲୋକଙ୍କ ଭଳି ଗାଳି ମଧ୍ୟ କରନ୍ତି ।
ରାଘବ ଜୁଏଲ, ଡ୍ୟାନ୍ସର

ମାଗଣା ଡେଟିଂ ଟ୍ରିପ୍



ବିଶ୍ୱର ଅନ୍ୟତମ ସୁଖୀ ଦେଶ ଫିଲାଣ୍ଡ ପକ୍ଷରୁ ସିଙ୍ଗଲ ଥିବା ବ୍ୟକ୍ତିମାନଙ୍କ ପାଇଁ ଏକ ଅନନ୍ୟ ଡେଟିଂ ଯାତ୍ରାର ଅଫର୍ ଦିଆଯାଇଛି । ଯେଉଁଥିରେ ଚୟନ ହୋଇଥିବା ପ୍ରାର୍ଥୀମାନେ ବିମାନ ଟିକେଟ୍, ହୋଟେଲ୍ ଏବଂ ଖାଦ୍ୟପେୟ ବାବଦରେ ଗୋଟିଏ ବି ପଇସା ଖର୍ଚ୍ଚ କରିବେ ନାହିଁ । ସେମାନଙ୍କର ଡେଟିଂ ଡିନର୍ ମଧ୍ୟ ସମ୍ପୂର୍ଣ୍ଣ ମାଗଣା ରହିବ । ଫିଲାଣ୍ଡର ପର୍ଯ୍ୟଟନ ବୋର୍ଡ 'ଭିଜିଟ୍ ଫିନଲ୍ୟାଣ୍ଡ' ଦ୍ୱାରା ଆରମ୍ଭ ହୋଇଥିବା ଏହି ଅଭିଯାନରେ ୧୮ ବର୍ଷ କିମ୍ବା ତାଠାରୁ ଅଧିକ ବୟସ୍କ ବ୍ୟକ୍ତିମାନେ ଆବେଦନ କରିପାରିବେ । ଯାହା ପାଇଁ ଆବେଦନକାରୀଙ୍କୁ ଏକ ସଂକ୍ଷିପ୍ତ ଇଂରାଜୀ ଭିଡିଓ ପ୍ରସ୍ତୁତ କରି ଡେଟ୍‌ରେ କ'ଣ ପରିବେଷଣ କରିବେ ଏବଂ କାହିଁକି ତାହା ବର୍ଣ୍ଣନା କରିବାକୁ ପଡ଼ିବ । ଏହି ଭିଡିଓକୁ ଇନଷ୍ଟାଗ୍ରାମ, ଟିକଟକ୍ କିମ୍ବା ୟୁଟ୍ୟୁବ୍‌ରେ # ଫିନିସଡିନରଡେଟ ହ୍ୟାସ୍‌ଟାଗ୍ ସହିତ ନଭେମ୍ବର ୧୦ ସୁଦ୍ଧା ପୋଷ୍ଟ କରିବାକୁ ପଡ଼ିବ। ଏହାପରେ ଡିସେମ୍ବର ୧ରେ ଚୟନିତ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ । ଆଗାମୀ ୨୦୨୭ ମସିହା ଫେବୃଆରୀ ୯ ରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଟ୍ରିପରେ ଚୟନ ହୋଇଥିବା ପ୍ରାର୍ଥୀମାନେ ହେଲସିଙ୍କି ଏବଂ ଟାମ୍ପେରେ ଅଞ୍ଚଳର ସ୍ଥାନୀୟ ଅବିବାହିତମାନଙ୍କ ସହିତ ଗ୍ରୁପ୍ ଡିନର୍‌ରେ ଯୋଗଦେବେ । ଯେଉଁଠାରେ ମାଛ, ବେରୀ ଏବଂ ଛତୁରେ ପ୍ରସ୍ତୁତ ପାରମ୍ପରିକ ଫିନିସ୍ ଖାଦ୍ୟ ପରିବେଷଣ କରାଯିବ । ତେବେ ଏହା କୌଣସି ବ୍ଲାଏଣ୍ଡ ଡେଟ୍ ନୁହେଁ ବରଂ ମିଳିତ ଭାବେ ଖାଦ୍ୟ ଖାଇବା ଏବଂ ନୂତନ ଲୋକଙ୍କୁ ଭେଟିବାର ଏକ ସୁଯୋଗ ଅଟେବୋଲି ଆୟୋଜକ ମତ ଦେଇଛନ୍ତି ।

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୩୨
ତିଥି : ଦଶମୀ
୦୪ ନଭେମ୍ବର ୨୦୨୬, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
04 November 2026, Wednesday

समय SAMAYA
ସମୟ
ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

30th ANNIVERSARY

Bhubaneswar | Balasore | Angul | Berhampur | Sambalpur

ଆନ୍ତଃଜିଲ୍ଲା ଡକାୟତ ଗ୍ୟାଙ୍ଗ୍ ଠାବ : ୧୨ ଗିରଫ

ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ୧୫ଟି ଚୋରି ମାମଲାର ପର୍ଦ୍ଦାଫାସ୍

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ପୁଲିସକୁ ମିଳିଛି ଏକ ବଡ଼ ସଫଳତା। ଆନ୍ତଃଜିଲ୍ଲା ଚୋରି ଗ୍ୟାଙ୍ଗ ର ପର୍ଦ୍ଦାଫାସ୍ କରିବା ସହ ପୁଲିସ ୧୨ଜଣଙ୍କୁ ଗିରଫ କରିଛି। ଗିରଫଙ୍କ ମଧ୍ୟରେ ୧୧ଜଣ ଅଭିଯୁକ୍ତ ଥିବାବେଳେ ଅନ୍ୟ ଜଣେ ଚୋରି ସାମଗ୍ରୀ କିଣିଥିବା ବ୍ୟକ୍ତି ରହିଛନ୍ତି। ଏହି ଗିରଫ ଫଳରେ ଖୋର୍ଦ୍ଧା ଓ ପଡ଼ୋଶୀ ନୟାଗଡ଼ ଜିଲ୍ଲାରେ ଘଟିଥିବା ୧୫ଟି ଚୋରି ମାମଲାର ପର୍ଦ୍ଦାଫାସ କରିଛି ପୁଲିସ। ସେମାନଙ୍କଠାରୁ ପ୍ରାୟ ୫୦୦ ଗ୍ରାମ ସୁନା ଅଳଙ୍କାର ଓ ୧୧ କିଲୋଗ୍ରାମ ରୁପା ଅଳଙ୍କାର ଜବତ କରିଛି। ଆଜି ଜିଲ୍ଲା ପୁଲିସ କାର୍ଯ୍ୟାଳୟ (ଡିପିଓ)ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପରମାର ସ୍ମିଥ୍ ପର୍ଶୋତମ ଦାସ ଏହି ସୂଚନା ଦେଇଛନ୍ତି। ଗତ ଏକ ବର୍ଷ ମଧ୍ୟରେ ଜିଲ୍ଲାର ବିଭିନ୍ନ ଥାନା ଅଂଚଳ ରେ ଘଟିଥିବା ଚୋରି ଘଟଣାଗୁଡ଼ିକର ତଦନ୍ତରେ ଏହି ଗିରଫଦାରୀ ଏକ ବଡ଼ ସଫଳତା ବୋଲି ଏସ୍ପି କହିଛନ୍ତି। ୧୫ଟି ମାମଲା ମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଥାନାରେ ୭ଟି, ନାରୁଣୀ ଥାନାରେ ୩ଟି, ବାଣପୁର ଥାନାରେ ୨ଟି ଓ ବାଲୁଗାଁ ଥାନାରେ ଗୋଟିଏ ମାମଲା ରହିଛି। ଅବଶିଷ୍ଟ ୨ଟି ମାମଲା ନୟାଗଡ଼ ଜିଲ୍ଲାର ଚାନ୍ଦପୁର ଥାନାରେ ରୁଜୁ ହୋଇଥିଲା। ଗତ ଅକ୍ଟୋବର ୨୭ତାରିଖ ରାତିରେ ବାଣପୁରସ୍ଥିତ ଏକ ଅଳଙ୍କାର ଦୋକାନରେ ହୋଇଥିବା ବଡ଼ଧରଣର ଚୋରି ଘଟଣା ପରେ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା।

ଅଭିଯୋଗକାରୀ ନିରଞ୍ଜନ ପାତ୍ରଙ୍କ ଅଭିଯୋଗ ଅନୁଯାୟୀ, ଦୁର୍ବୃତମାନେ ଦୋକାନର ପଛ ପାଖରେ ଥିବା ପ୍ରାୟ ୧୦ ଇଞ୍ଚ କାନ୍ଥ ଭାଙ୍ଗି ଭିତରେ ପ୍ରବେଶ କରିଥିଲେ। ବାଣପୁର ର ନିରଞ୍ଜନ ଜ୍ୱଏଲର୍ସରୁ ସେମାନେ ପ୍ରାୟ ୫ଲକ୍ଷ ଟଙ୍କା ନଗଦ ଅର୍ଥ, ୪୦୦ଗ୍ରାମ ସୁନା ଅଳଙ୍କାର ଓ ପ୍ରାୟ ୧୩କିଲୋଗ୍ରାମ ରୁପା ସାମଗ୍ରୀ ଲୁଟି ନେଇଥିଲେ। ଏନେଇ ବାଣପୁର ଥାନାରେ କେସ୍ ନଂ ୪୩୯/୨୦୨୬, ତାରିଖ ୨୮.୧୦.୨୦୨୬ରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍)ର ଧାରା ୩୦୫(କ) ଓ ୩୩୧(୪) ଅନୁଯାୟୀ ମାମଲା ରୁଜୁ ହୋଇଥିଲା। ସେହିପରି ସେପ୍ଟେମ୍ବର ୧୪ ତାରିଖ ଭୋର ସମୟରେ ଅଭିଯୋଗକାରୀ ଅବନୀ ବରାଳଙ୍କ ଘରେ ମଧ୍ୟ ଚୋରି ହୋଇଥିଲା। ଦୁର୍ବୃତମାନେ ତାଙ୍କ କୋଠରିର ତାଲା ଭାଙ୍ଗି ସୁନା ଓ ରୁପା ଅଳଙ୍କାର ସହ ନଗଦ ଟଙ୍କା ଚୋରି କରି ନେଇଥିବା ସେ ଅଭିଯୋଗ କରିଥିଲେ। ଏନେଇ ଟାଙ୍ଗୀ ଥାନାରେ କେସ୍ ନଂ-୬୭୭/୨୦୨୬ରେ ବିଏନ୍ଏସ୍ ର ଧାରା ୩୦୫(କ) ଓ ୩୩୧(୪) ଅନୁଯାୟୀ ମାମଲା ରୁଜୁ ହୋଇଥିଲା। ଏସ.ପିଙ୍କ ସୂଚନା ଅନୁଯାୟୀ, ଟାଙ୍ଗୀ, ନାରୁଣୀ, ବାଣପୁର ଓ ବାଲୁଗାଁ ଥାନା ଅଂଚଳ ସମେତ ନୟାଗଡ଼ ଜିଲ୍ଲାର ଚାନ୍ଦପୁର ଅଂଚଳ ରେ ଏଭଳି ଏକାଧିକ ଚୋରି ଘଟଣା ଘଟିଥିଲା। ବାରମ୍ବାର ସମାନ ଧରଣର ଚୋରି ଘଟଣା ସାମ୍ନାକୁ ଆସିବା ପରେ ଜିଲ୍ଲା ପୁଲିସ ତଦନ୍ତକୁ ତୀବ୍ର କରିବା ସହ ବିଭିନ୍ନ ଥାନା ମଧ୍ୟରେ ସମନ୍ୱୟ ରକ୍ଷା କରି ଅଭିଯାନ ଆରମ୍ଭ କରିଥିଲା।



ଏସ.ପି ଙ୍କ ନିର୍ଦ୍ଦେଶକ୍ରମେ ବାଲୁଗାଁ ଉପଖଣ୍ଡ ପୁଲିସ ଅଧିକାରୀ (ଏସ୍ଡିପିଓ) ସଞ୍ଜୟ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇଥିଲା। ଦୁଇ ଜିଲ୍ଲାର ବିଭିନ୍ନ ସ୍ଥାନରେ ଲଗାତାର ଚଢ଼ଉ କରାଯାଇଥିଲା। ଏହି ସମନ୍ୱିତ ଅଭିଯାନରେ ୧୧ଜଣ ଅଭିଯୁକ୍ତ ଓ ଜଣେ ଚୋରି ସାମଗ୍ରୀର ଗ୍ରହୀତାଙ୍କ ସମେତ ମୋଟ ୧୨ଜଣ ପୁଲିସ ଅଭିଯୁକ୍ତମାନଙ୍କଠାରୁ ପ୍ରାୟ ୫୦୦ ଗ୍ରାମ ସୁନା ଅଳଙ୍କାର ଓ ୧୧ କିଲୋଗ୍ରାମ ରୁପା ଅଳଙ୍କାର ଜବତ କରିଛି। ଦୁଇଟି ଜିଲ୍ଲାରେ ବିସ୍ତାରିତ ଏହି ଚୋରି ନେଟ୍ୱାର୍କ ର ପର୍ଦ୍ଦାଫାସ୍ ଓ ୧୫ଟି ମାମଲାର ପର୍ଦ୍ଦାଫାସ ପୁଲିସର ଏକ ବଡ଼ ସଫଳତା ଭାବେ ଦେଖାଯାଉଛି ଗିରଫ ହୋଇଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ କୁହୁଡ଼ି ଗ୍ରାମର ରାଜୁ ପ୍ରଧାନ, ଗଞ୍ଜାମ ଜିଲ୍ଲା ତରାସିଂ ଗ୍ରାମର ଜଳନ୍ଧର ପାତ୍ର, ଶିବ ପାତ୍ର ଓ ସାଗର ପାତ୍ର, ବାଲୁଗାଁ ଥାନା ଅନ୍ତର୍ଗତ ଦିନବନ୍ଧୁପୁର ଗ୍ରାମର କହ୍ନେଇ ସିକାରୀ, ବାଣପୁର ଥାନା ଅନ୍ତର୍ଗତ ଜିଗିଡ଼ିପଡ଼ା ଗ୍ରାମର ଗୋପାଳ ସିକାରୀ, ଟାଙ୍ଗୀ ଥାନା ଅନ୍ତର୍ଗତ କୁହୁଡ଼ି ଗ୍ରାମର ତୋଫାନ ପ୍ରଧାନ ଓ ବାଣୀ ପ୍ରଧାନ, ନାରୁଣୀ ଥାନା ଅନ୍ତର୍ଗତ କରଡ଼ାପଲ୍ଲୀ ଗ୍ରାମର ଅଜୟ ପ୍ରଧାନ ଓ ତୋଟାଗାଁ ର ସଞ୍ଜୟ ପ୍ରଧାନ ଏବଂ ପୁରୀ ଜିଲ୍ଲା ବଳଙ୍ଗା ଥାନା ଅନ୍ତର୍ଗତ ବନ୍ଧଗ୍ରାମର ଏନ୍. ରାଜେଶ। ସେହିପରି ଚୋରି ସାମଗ୍ରୀ କିଣିବା ଅଭିଯୋଗରେ ଖୋର୍ଦ୍ଧା ଜିଲ୍ଲା ନାରୁଣୀ ଥାନା ଅଂଚଳ ର ବଡପଦର ଗ୍ରାମର ପ୍ରକାଶ ସାହୁଙ୍କୁ ଗିରଫ କରାଯାଇଛି।

୫୦୦ ଗ୍ରାମ ସୁନା ଓ ୧୧ କିଲୋ ରୁପା ଅଳଙ୍କାର ଜବତ

ଓସିପିଏଲ୍‌ର ମନୋହରପୁର କୋଇଲା ଖଣିକୁ ସମ୍ମାନଜନକ ୫-ଷ୍ଟାର୍ ଆଚିଭର୍ ପୁରସ୍କାର

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା କୋଲ୍ ଆଣ୍ଡ ପାୱାର ଲିମିଟେଡ୍ (ଓସିପିଏଲ୍) ଆଉ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। କମ୍ପାନୀର ମନୋହରପୁର କୋଇଲା ଖଣିକୁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟର ଷ୍ଟାର୍ ରେଟିଂ କାର୍ଯ୍ୟକ୍ରମ ଅଧୀନରେ ସମ୍ମାନଜନକ ୫-ଷ୍ଟାର୍ ଆଚିଭର୍ ପୁରସ୍କାର ପ୍ରଦାନ କରାଯାଇଛି। ୨ ନଭେମ୍ବର ୨୦୨୬ ତାରିଖରେ ଛତିଶଗଡ଼ର ରାୟପୁରଠାରେ ଆୟୋଜିତ ବାର୍ଷିକ ଷ୍ଟାର୍ ରେଟିଂ ପୁରସ୍କାର ସମାରୋହରେ କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେଙ୍କ ଏହି ସମ୍ମାନ ପ୍ରଦାନ କରିଥିଲେ। ଏହି ସ୍ୱୀକୃତି ଓସିପିଏଲ୍‌ର ଖଣି ପରିଚାଳନାରେ ଉତ୍କର୍ଷତା, ବୈଜ୍ଞାନିକ ପଦ୍ଧତିର ଅନୁସରଣ ଏବଂ ସ୍ଥାୟୀ ଖଣି କାର୍ଯ୍ୟପ୍ରଣାଳୀ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। କୋଇଲା ମନ୍ତ୍ରଣାଳୟଦ୍ୱାରା ଷ୍ଟାର ରେଟିଂ କାର୍ଯ୍ୟକ୍ରମ କୋଇଲା ଖଣିଗୁଡ଼ିକୁ ବିଭିନ୍ନ ପାରାମିଟର ଉପରେ ମୂଲ୍ୟାଙ୍କନ କରାଯାଇଥାଏ, ଯେପରିକି କାର୍ଯ୍ୟକ୍ଷମ ଦକ୍ଷତା, ପରିବେଶ ପରିଚାଳନା, ସୁରକ୍ଷା, ପ୍ରଯୁକ୍ତିବିଦ୍ୟା ଗ୍ରହଣ, ସ୍ଥାୟୀ ବିକାଶ, ପୁନର୍ବାସ ଏବଂ ପୁନର୍ବାସ, ଏବଂ ସମ୍ପ୍ରଦାୟ ସମ୍ପୃକ୍ତି। ୫-ଷ୍ଟାର୍ ଆଚିଭର୍ ପୁରସ୍କାର ଖଣିର ଏହି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନର କାର୍ଯ୍ୟଦକ୍ଷତାକୁ ସୂଚିତ କରେ। ଓସିପିଏଲ୍ ନିଜର ଖଣି କାର୍ଯ୍ୟକୁ ଅଧିକ ଦକ୍ଷ ଓ ସୁସଂଗଠିତ କରିବା ସହିତ ଉନ୍ନତ ଯୋଜନା, ଶ୍ରେଷ୍ଠ କାର୍ଯ୍ୟପ୍ରଣାଳୀ, ପରିବେଶ ସୁରକ୍ଷା, କର୍ମକ୍ଷେତ୍ରରେ ନିରାପତ୍ତା ଏବଂ ସମ୍ପଦର ସଠିକ୍ ବିନିଯୋଗ ଉପରେ ଗୁରୁତ୍ୱ ଦେଇଆସୁଛି। ଏହି ସଫଳତା ଓସିପିଏଲ୍‌ର ପରିଚାଳନା ମଣ୍ଡଳୀ, କର୍ମଚାରୀ ଏବଂ ମନୋହରପୁର ଖଣିର ସମଗ୍ର ଟିମ୍‌ର ସାମୂହିକ ନିଷ୍ଠା, ଉଦ୍ୟମ ଓ କଠିନ ପରିଶ୍ରମର ପ୍ରତିଫଳନ। ନିରାପତ୍ତା, ସ୍ଥାୟୀତ୍ୱ, ସ୍ୱଚ୍ଛତା ଏବଂ ସମାବେଶୀ ବିକାଶର ମୂଲ୍ୟବୋଧକୁ ଆଧାର କରି ଏକ ଦାୟିତ୍ୱପୂର୍ଣ୍ଣ ଓ ଦକ୍ଷ କୋଇଲା ଖଣି ସଂସ୍ଥା ଭାବେ ଆଗକୁ ବଢ଼ିବା ପାଇଁ ଓସିପିଏଲ୍‌ର ସଂକଳ୍ପକୁ ଏହି ପୁରସ୍କାର ଆହୁରି ଦୃଢ଼ କରିଛି।



ଛାତ୍ରୀ ନିବାସରେ ଜଣ୍ଡିସ୍ : ଉତ୍କଳ ବିଶ୍ୱବିଦ୍ୟାଳୟରେ ପରୀକ୍ଷା ସ୍ଥଗିତ

ଭୁବନେଶ୍ୱର, (ସବ୍ୟୁ) : ଛାତ୍ରୀ ନିବାସରେ ଜଣ୍ଡିସ୍ ବ୍ୟାପିବାରୁ ଉତ୍କଳ ବିଶ୍ୱବିଦ୍ୟାଳୟରେ ସବୁ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି । ଦୁଇଜଣ ଛାତ୍ରୀ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ୮ଜଣ ଛାତ୍ରୀଙ୍କ ନମୂନା ସଂଗ୍ରହ କରାଯାଇଛି ପରୀକ୍ଷା ପାଇଁ । ଅନ୍ୟ ଛାତ୍ରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯାଇଥିବା ସୂଚନା ମିଳିଛି । ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରୀନିବାସ-୭ରେ ଅନ୍ତେବାସୀଙ୍କୁ ଜଣ୍ଡିସ୍ ହୋଇଥିବା ଚିହ୍ନଟ ହେବା ପରେ ପ୍ରଶାସନିକ ମହଲରେ ତତ୍ପରତା ପ୍ରକାଶ ପାଇଛି । ସଂକ୍ରମଣରୁ ଜଣ୍ଡିସ ହୋଇଥିବା ସନ୍ଦେହ କରି ଟାଙ୍କିରୁ ପାଣି ଛାତ୍ରୀଙ୍କୁ ପିଇବାକୁ ଦିଆଯାଉ ନାହିଁ । ବାହାରୁ ଟ୍ୟାଙ୍କରରୁ ପାଣି ମଗାଯାଇ ପିଇବାକୁ ଦିଆଯାଉଛି । ସେଥିପାଇଁ ହଷ୍ଟେଲ ଟାଙ୍କିର ଜଳ ନମୂନା ପରୀକ୍ଷା ପାଇଁ ସଂଗ୍ରହ କରାଯାଇଛି । ଗୋବିନ୍ଦ ସାହୁ ମାର୍କେଟ ସମେତ କ୍ୟାମ୍ପସ୍‌ରେ ଚାଟ୍, ଗୁପ୍‌ଚୁପ୍ ଓ ଫାଷ୍ଟଫୁଡ୍‌କୁ ସମ୍ପୂର୍ଣ୍ଣ ବାରଣ କରିଛନ୍ତି କର୍ତ୍ତୃପକ୍ଷ । ଯେଉଁ ନମୂନା ସବୁ ସଂଗ୍ରହ କରାଯାଇଛି ତା'ର ପରୀକ୍ଷା ରିପୋର୍ଟ ଆସିବା ପରେ ଜଣ୍ଡିସ୍ ହେବାର କାରଣ ସ୍ପଷ୍ଟ ହେବ ବୋଲି ଖବର ମିଳିଛି । ଛାତ୍ରୀ ନିବାସ-୭ରେ ଜଣ୍ଡିସ୍ ବ୍ୟାପିବା କାରଣରୁ ପରୀକ୍ଷା ସ୍ଥଗିତ ରଖାଯାଇଥିବା ବେଳେ ଭୟରେ ବହୁ ଛାତ୍ରୀ ହଷ୍ଟେଲ ଛାଡି ଘରକୁ ଚାଲିଯାଇଥିବା ଜଣାପଡ଼ିଛି । ସଂକ୍ରମିତ କେତେକ ଛାତ୍ରୀ ମଧ୍ୟ ଚିକିତ୍ସା ପାଇଁ ନିଜ ଘରକୁ ଯାଇଥିବା ଜଣାପଡିଛି ।





ଭାରତ ମଣ୍ଡପମ୍ ନୂଆଦିଲ୍ଲୀରେ ଅନୁଷ୍ଠିତ ଭାରତ ଅକ୍ଷୟ ଶକ୍ତି ସମ୍ମିଳନୀ-୨୦୨୬ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଓ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉପସ୍ଥିତ ଅଛନ୍ତି ।





ଭାରତ ଅକ୍ଷୟ ଶକ୍ତି ସମ୍ମିଳନୀ-୨୦୨୬ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ

ଭିଏଏମ୍ଏଲ୍ କୋଇଲା ଖଣି ସୁରଭି ୨୦୨୬କୁ

ସମର୍ଥନ କରିବା ସହିତ ଯୁବ ପ୍ରତିଭାଙ୍କ ପାଇଁ ଏକ ବ୍ୟାପକ ମଞ୍ଚ ସୃଷ୍ଟି କରିଛି

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ଭି.ଏ.ଏମ୍.ଏଲ୍ କ୍ଲଷ୍ଟର ସ୍ତରୀୟ ସୁରଭି ୨୦୨୬ କାର୍ଯ୍ୟକ୍ରମ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଓଡ଼ିଶା ସରକାରଙ୍କ ଶିକ୍ଷା ଏବଂ ସାଂସ୍କୃତିକ ପ୍ରତିଭା ମହୋତ୍ସବ, ଏହାର କୁରାଲୋଇ, ଜାମଖାନି ଏବଂ ଘୋଘରପାଲି କୋଇଲା ଖଣି କାର୍ଯ୍ୟକ୍ଷେତ୍ରର ଆଖପାଖ ସମ୍ପ୍ରଦାୟରେ ସମର୍ଥନ କରିଥିଲା। ଏହି ପଦକ୍ଷେପ ହେମଗିରି ଏବଂ ଲଖନପୁର ବ୍ଲକର ୩୦ ରୁ ଅଧିକ ବିଦ୍ୟାଳୟର ୧୦୦୦ ରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଗୋଷ୍ଠି ସଦସ୍ୟମାନଙ୍କୁ ଏକତ୍ରିତ କରିଥିଲା, ଯାହା ଯୁବ ଶିକ୍ଷାର୍ଥୀମାନଙ୍କୁ ଶ୍ରେଣୀଗୃହ ବାହାରେ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିବାକୁ ଏକ ମଞ୍ଚ ପ୍ରଦାନ କରିଥିଲା। ଲୁଆବାହାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ବଞ୍ଜାରୀ ଆଶ୍ରମ ବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ବିଭିନ୍ନ



ପ୍ରକାରର ଏକାଡେମିକ୍, ସାହିତ୍ୟ ଏବଂ ସାଂସ୍କୃତିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ କୁଇଜ୍, ବିତର୍କ, ପ୍ରବନ୍ଧ ଏବଂ ସୃଜନଶୀଳ ଲେଖା, ଗଣିତ ଦୌଡ଼କୁଦ, ଚିତ୍ରକଳା, ସଙ୍ଗୀତ ଏବଂ ନୃତ୍ୟ ଆଦି ସାମିଲ ଥିଲା । ଅଂଶଗ୍ରହଣ ଏବଂ ସୁସ୍ଥ ପ୍ରତିଯୋଗିତା ମାଧ୍ୟମରେ, ସୁରଭି ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ପ୍ରତିଭା ଅନ୍ୱେଷଣ କରିବା, ଆତ୍ମବିଶ୍ୱାସ ସୃଷ୍ଟି କରିବା ଏବଂ ପ୍ରତିଯୋଗିତାର ଉଚ୍ଚ ସ୍ତରକୁ ଯିବା ପାଇଁ ଉତ୍ସାହିତ କରିଥିଲା।

ଏହି ପଦକ୍ଷେପ ସମ୍ପର୍କରେ ଭି.ଏ.ଏମ୍.ଏଲ୍ କୋଇଲା ଖଣିର ସିଇଓ ଅମରେଶ କୁମାର କହିଛନ୍ତି, "ଯୁବକମାନେ ସେତେବେଳେ ସମୃଦ୍ଧ ହୁଅନ୍ତି ଯେତେବେଳେ ସେମାନଙ୍କୁ ଶିଖିବାର, ଅଂଶଗ୍ରହଣ କରିବାର ଏବଂ ନିଜକୁ ପ୍ରକାଶ କରିବାର ସଠିକ୍ ସୁଯୋଗ ଦିଆଯାଏ। ସୁରଭି ବିଦ୍ୟାର୍ଥୀମାନଙ୍କ ପାଇଁ ଶ୍ରେଣୀଗୃହ ବାହାରେ ପାଦ ରଖିବା, ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିବା ଏବଂ ନୂତନ ଅନୁଭୂତି ମାଧ୍ୟମରେ ଆତ୍ମବିଶ୍ୱାସ ହାସଲ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ସୃଷ୍ଟି କରିଥାଏ। ଏହି ମଞ୍ଚର ମୂଲ୍ୟ ଉପରେ ଆଲୋକପାତ କରି, ଲକ୍ଷନପୁରର ବ୍ଲକ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ କହିଛନ୍ତି, "ସୁରଭି ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ବାହାରେ ସେମାନଙ୍କ ଦକ୍ଷତା ଅନ୍ୱେଷଣ କରିବା ଏବଂ ଅଂଶଗ୍ରହଣ ମାଧ୍ୟମରେ ଆଗକୁ ବଢିବା ପାଇଁ ପ୍ରୋତ୍ସାହିତ କରେ। ଏହି ପଦକ୍ଷେପ ଭି.ଏ.ଏମ୍.ଏଲ୍ କୋଇଲା ଖଣିର କାର୍ଯ୍ୟର ଆଖପାଖରେ ଥିବା ସମ୍ପ୍ରଦାୟର ପିଲାମାନଙ୍କ ପାଇଁ ଶିକ୍ଷାଗତ ସୁଯୋଗ ବିସ୍ତାର କରିବା ଲାଗି ଏହାର ନିରନ୍ତର ପ୍ରତିବଦ୍ଧତା ଉପରେ ଆଧାରିତ। କୁରାଲୋଇ, ଜାମଖାନି ଏବଂ ଘୋଘରପଲ୍ଲୀ କାର୍ଯ୍ୟସ୍ଥଳୀରେ ପ୍ରକଳ୍ପ ବିଦ୍ୟା ଅଧୀନରେ ଶିକ୍ଷା-କେନ୍ଦ୍ରିତ ହସ୍ତକ୍ଷେପରୁ ୩୯,୦୦୦ ରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି। କମ୍ପାନୀର ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ ଶିକ୍ଷା, ସ୍ୱାସ୍ଥ୍ୟସେବା, ଜୀବିକା ଏବଂ ସାମାଜିକ ବିକାଶର ହସ୍ତକ୍ଷେପ ମାଧ୍ୟମରେ ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲ୍ଲାର ୨୬ ଟି ଗାଁର ୨ ଲକ୍ଷରୁ ଅଧିକ ଲୋକଙ୍କୁ ସକରାତ୍ମକ ଭାବରେ ପ୍ରଭାବିତ କରିଛି।

ଶିଳ୍ପପତି ପରିଚୟରେ ୧.୪୭ କୋଟି ଠକେଇ, ଦମ୍ପତି ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଶିଳ୍ପପତି ପରିଚୟରେ ବେଙ୍ଗାଲୁରୁରେ ରହୁଥିବା ସୁଧୀର ପାଣିଗ୍ରାହୀଙ୍କ ଠାରୁ ୧.୪୭ କୋଟି ଠକି ନେଇଥିବା ଦମ୍ପତିଙ୍କୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୋଲିସ । ଗିରଫ ଦମ୍ପତି ହେଲେ ଶ୍ରୀମନ୍ତ କଳସ (୬୩), ତାଙ୍କ ପନୀ ସୌମ୍ୟା ଶୁଭଦର୍ଶିନୀ କଳସ (୪୩) । ଘର ଓ ଜମି ଦେବାକୁ କହି ସୁଧୀରଙ୍କ ଠାରୁ ଟଙ୍କା ନେବା ପରେ ଧରାଛୁଆଁ ଦେଉନଥିଲେ । ଉପାୟଶୂନ୍ୟ ହୋଇ ସେ ଚନ୍ଦ୍ରଶେଖରପୁର ଥାନାରେ ଦମ୍ପତିଙ୍କ ବିରୋଧରେ ଏତଲା କରିଥିଲେ ।


ସୁଧୀର ପାଣିଗ୍ରାହୀଙ୍କ ସହ ପରିଚୟ ହେବା ପରେ ଦମ୍ପତି ନିଜକୁ ଶିଳ୍ପପତି ବୋଲି ପରିଚୟ ଦେବା ସହ ଚୌଦ୍ୱାରରେ ସୌମ୍ୟାଶ୍ରୀ ମେଟାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ନାମକ କମ୍ପାନୀର ମାଲିକ ବୋଲି କହିଥିଲେ । କେବଳ ଚୌଦ୍ୱାର ନୁହେଁ ଖୋର୍ଦ୍ଧା ଓ ଜଗତପୁରରେ ତାଙ୍କର କମ୍ପାନୀ ଥିବା ତାଙ୍କୁ ସୂଚନା ଦେଇଥିଲେ । କେବଳ ସୁଧୀର ପାଣିଗ୍ରାହୀ ନୁହେଁ ବିଭିନ୍ନ ପ୍ରତିଷ୍ଠିତ ଲୋକମାନଙ୍କୁ ଶିଳ୍ପପତିର ପରିଚୟ ଦେଇ ଠକେଇ ଟଙ୍କାରେ ଷ୍ଟାର୍ ହୋଟେଲକୁ ଯାଇ ନିଜକୁ ସମ୍ଭ୍ରାନ୍ତ ଶ୍ରେଣୀୟ ବୋଲି ପରିଚୟ କରାଉଥିଲେ ।

ପ୍ରତିଷ୍ଠିତ ଲୋକମାନଙ୍କ ସହ ମିଶିବା ପରେ ତାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଟଙ୍କା ଠକୁଥିଲେ । ସୁଧୀର ପାଣିଗ୍ରାହୀଙ୍କୁ ଟଙ୍କପାଣି ରୋଡ୍‌ରେ ଜମି ଓ ଘର ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏଥିସହ ତାଙ୍କର ସହିଦନଗରରେ ଜମି ଓ ଘର ଥିବା ତାଙ୍କୁ କହିଥିଲେ । ବିଭିନ୍ନ ସ୍ଥାନରେ ଥିବା ଶିଳ୍ପ ସଂସ୍ଥାରେ ଶହ ଶହ ଲୋକ କାମ କରୁଛନ୍ତି ବୋଲି ଏତଲାକାରୀଙ୍କୁ କହିବା ସହ ଷ୍ଟାର୍ ହୋଟେଲକୁ ନେଇ ତାଙ୍କୁ ଆପ୍ୟାୟିତ କରାଇଥିଲେ । ଯାହାଦ୍ୱାରା ସୁଧୀର ପାଣିଗ୍ରାହୀ ଦମ୍ପତିଙ୍କୁ ବିଶ୍ୱାସ କରି ଘର କିଣିବା ଆଶାରେ ୧କୋଟି ଟଙ୍କା ବ୍ୟାଙ୍କ ମାଧ୍ୟମରେ ଦେଇଥିବାବେଳେ ୪୭ ହଜାର ଟଙ୍କା ନଗଦ ଆକାରରେ ଦେଇଥିଲେ । ଟଙ୍କା ନେବା ପରେ ଦମ୍ପତି ଆଉ ଧରାଛୁଆଁ ଦେଇନଥିଲେ । ଏତଲାକାରୀଙ୍କ କହିବା କଥା ଯଦି ଘର-ଜମି ଯୋଗାଇ ପାରୁନାହାନ୍ତି ତେବେ ଆମ ଟଙ୍କା ଆମକୁ ଫେରାଇ ଦିଅନ୍ତୁ ବୋଲି କହିବାରୁ ସେମାନେ ଆଜି କାଲି କହି ବହଲାଇ ଚାଲିଲେ । ଉପାୟଶୂନ୍ୟ ହୋଇ ସୁଧୀର ପାଣିଗ୍ରାହୀ ଚନ୍ଦ୍ରଶେଖରପୁର ଥାନାରେ ଏତଲା କରିବା ପରେ ପୋଲିସ ଦମ୍ପତିଙ୍କୁ ଗିରଫ କରି ମାମଲାର ଅନୁସନ୍ଧାନ ଜାରି ରଖିଛି ।

ଡା. ଅଶୋକ ମହାପାତ୍ରଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

ଜଣେ ଅଦ୍ୱିତୀୟ ଚିକିତ୍ସକ ଭାବେ ସୁଖ୍ୟାତି ଅର୍ଜନ କରିଥିଲେ ଡା.ଅଶୋକ ମହାପାତ୍ର : ମନମୋହନ

ଭୁବନେଶ୍ୱର, (ସବ୍ୟୁ): ବିଶିଷ୍ଟ ସ୍ନାୟୁ ଶଲ୍ୟ ଚିକିତ୍ସକ ପଦ୍ମଶ୍ରୀ ପ୍ରଫେସର ଡା. ଅଶୋକ କୁମାର ମହାପାତ୍ରଙ୍କ ୭୪ ବର୍ଷ ବୟସରେ ସୋମବାର ପରଲୋକ ଘଟିଛି। ସେ ସଞ୍ଜୟ ଗାନ୍ଧୀ ଗ୍ରାଜୁଏଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଲକ୍ଷ୍ନୌ ଏବଂ ଏମ୍ସ ଭୁବନେଶ୍ୱର ନିର୍ଦ୍ଦେଶକଭାବେ କାର୍ଯ୍ୟ କରିବା ସହ ଦିଲ୍ଲୀ ଏମ୍ସରୁ ରିସର୍ଚ୍ଚର ଡିନ୍ ଭାବେ ଅବସର ନେଇଥିଲେ। ଏଥିସହ ଭୁବନେଶ୍ୱରସ୍ଥିତ ସୋଆ ବିଶ୍ୱବିଦ୍ୟାଳୟର କୂଳପତି ଭାବେ କାର୍ଯ୍ୟ କରିଥିଲେ। ଦେଶର ଶିଶୁରୋଗ ନ୍ୟୁରୋ ସର୍ଜରୀ ଓ ନ୍ୟୁରୋ ଟ୍ରମା ଓ ପେରିଫେରାଲ ନର୍ଭ ସର୍ଜର ବିକାଶରେ ତାଙ୍କର ବହୁତ ବଡ଼ ଯୋଗଦାନ ରହିଥିଲା। ଚିକିତ୍ସା କ୍ଷେତ୍ରରେ ଅସାଧାରଣ ସଫଳତା ପାଇଁ ଡା. ମହାପାତ୍ରଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ତାଙ୍କ ବିୟୋଗରେ ରାଜ୍ୟ ବିଜେପି ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଶ୍ରୀ ସାମଲ କହିଛନ୍ତି ଯେ,



ଡା.ମହାପାତ୍ର ଓଡ଼ିଶାର ଗର୍ବ ଓ ଗୌରବ ଥିଲେ ଏବଂ ସମସ୍ତଙ୍କ ପାଇଁ ପ୍ରେରଣାର କେନ୍ଦ୍ରବିନ୍ଦୁ ଥିଲେ। କୌଣସି ପଦବୀ ତାଙ୍କ ପାଇଁ ବଡ଼ ନଥିଲା, କିନ୍ତୁ ସେ ଯେଉଁଭଳି ଭାବରେ ଲୋକଙ୍କ ହୃଦୟରେ ସ୍ଥାନ ପାଇଥିଲେ ଏବଂ ସାରା ବିଶ୍ୱରେ ଜଣେ ଅଦ୍ୱିତୀୟ ଚିକିତ୍ସକ ଭାବେ ସୁଖ୍ୟାତି ଅର୍ଜନ କରିଥିଲେ ତାହା ଅତୁଳନୀୟ। ତାଙ୍କୁ ଆମେରିକା ଭଳି ବହୁତ ବଡ଼ ବଡ଼ ଦେଶରୁ ଅଫର ଆସିଥିଲେ ମଧ୍ୟ ସବୁକିଛି ପ୍ରତ୍ୟାଖ୍ୟାନ କରି ଭାରତବର୍ଷରେ ରହି ସେବା କରିବାକୁ ମନସ୍ଥ କରିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ସ୍ୱପ୍ନର ଏମ୍ସ ଭୁବନେଶ୍ୱରରେ ପ୍ରତିଷ୍ଠା କରିବାରେ ଡା. ମହାପାତ୍ରଙ୍କ ଏକ ବଡ଼ ଯୋଗଦାନ ରହିଥିଲା। ତାଙ୍କ ବିୟୋଗରେ ଓଡ଼ିଶା ଆଜି ଜଣେ ଯୁଗଜନ୍ମା ବ୍ୟକ୍ତିତ୍ୱଙ୍କୁ ହରାଇଛି ବୋଲି ଶ୍ରୀ ସାମଲ କହିଛନ୍ତି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ସ୍ୱର୍ଗତଃ ଡା. ଅଶୋକ ମହାପାତ୍ରଙ୍କ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗ ପ୍ରତି ଶ୍ରୀ ସାମଲ ସମବେଦନା ଜ୍ଞାପନ କରିଛନ୍ତି।

ନାଲ୍‌କୋର ସର୍ବକାଳୀନ ସର୍ବୋତ୍ତମ ଅର୍ଦ୍ଧ-ବାର୍ଷିକ ରେକର୍ଡ ଫଳାଫଳ

ନିଟ୍ ଲାଭ ବିଗତ ବର୍ଷ ପ୍ରଥମାର୍ଦ୍ଧ ତୁଳନାରେ ୫୪% ବୃଦ୍ଧି ପାଇ ୩୮୩୭ କୋଟି ଟଙ୍କା

ଭୁବନେଶ୍ୱର, (ସବ୍ୟୁ): ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ 'ନବରତ୍ନ' ଲୋକ ଉଦ୍ୟୋଗ 'ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍' (ନାଲକୋ), ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ନିଜର ସର୍ବକାଳୀନ ଶ୍ରେଷ୍ଠ ଆର୍ଥିକ ପ୍ରଦର୍ଶନ କରିଛି । କମ୍ପାନୀ ମୋଟ ଆୟ, ଏବିଟା , କର ପୂର୍ବ ଲାଭ ଏବଂ କର ପରବର୍ତ୍ତୀ ଲାଭ ସମେତ ସମସ୍ତ ପ୍ରମୁଖ ଆର୍ଥିକ ମାନଦଣ୍ଡରେ ରେକର୍ଡ ହାସଲ କରିଛି । ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ କମ୍ପାନୀର ମୋଟ ଆୟ ୧୧,୧୪୩ କୋଟି ଟଙ୍କା ରହିଛି, ଯାହା ଗତ ବର୍ଷର ସମାନ ଅବଧିରେ ୮,୩୭୪ କୋଟି ଟଙ୍କା ଥିଲା; ଅର୍ଥାତ୍ ଏଥିରେ ୩୩% ର ଦୃଢ଼ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି । ଦୃଢ଼ କାର୍ଯ୍ୟଦକ୍ଷତା ଓ ଆର୍ଥିକ ପ୍ରଦର୍ଶନ ଦ୍ୱାରା ଏବିଟା ୫୦% ବୃଦ୍ଧି ପାଇ ୫,୫୩୯ କୋଟି ଟଙ୍କାରେ ପହଞ୍ଚିଛି । ସେହିପରି, ୨୦୨୫-୨୬ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ଚଳିତ ବର୍ଷ ପ୍ରଥମାର୍ଦ୍ଧରେ କର ପୂର୍ବ ଲାଭ ଏବଂ କର ପରବର୍ତ୍ତୀ ଲାଭ ଯଥାକ୍ରମେ ୫୫% ଓ ୫୪% ବୃଦ୍ଧି ପାଇ ୫,୧୭୦ କୋଟି ଟଙ୍କା ଏବଂ ୩,୮୩୭ କୋଟି ଟଙ୍କାରେ ପହଞ୍ଚିଛି । ସେପ୍ଟେମ୍ବର ୨୦୨୬ ରେ ଶେଷ ହୋଇଥିବା ଦ୍ୱିତୀୟ ତ୍ରୈମାସିକରେ କମ୍ପାନୀର ନିଟ୍ ଲାଭ ୨୮% ବୃଦ୍ଧି ଘଟି ୧,୮୩୫ କୋଟି ଟଙ୍କାରେ ପହଞ୍ଚିଛି; ଯାହା ଗତ ଆର୍ଥିକ ବର୍ଷର ସମାନ ଅବଧିରେ ୧,୪୩୩ କୋଟି ଟଙ୍କା ଥିଲା। ନୂଆଦିଲ୍ଲୀରେ ନଭେମ୍ବର ୨ ତାରିଖରେ



ଅନୁଷ୍ଠିତ ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ଅନୁମୋଦିତ ଅପରିକ୍ଷିତ ଆର୍ଥିକ ଫଳାଫଳ ଅନୁଯାୟୀ, ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ କମ୍ପାନୀର ପରିଚାଳନାଗତ ମୋଟ ଆୟ ୨୭% ବୃଦ୍ଧି ଘଟି ୫,୪୧୯ କୋଟି ଟଙ୍କାରେ ପହଞ୍ଚିଛି; ଯାହା ବିଗତ ଆର୍ଥିକ ବର୍ଷର ସମାନ ସମୟରେ ୪,୨୯୨ କୋଟି ଟଙ୍କା ଥିଲା । ଏହି ଫଳାଫଳ ନାଲକୋର ନିରନ୍ତର ପରିଚାଳନାଗତ ଉତ୍କର୍ଷତା ଏବଂ ସୁଦୃଢ଼ ବ୍ୟବସାୟିକ ପ୍ରଦର୍ଶନ ଦ୍ୱାରା ସମ୍ଭବ ହୋଇଛି । ଉତ୍ପାଦନ କ୍ଷେତ୍ରରେ, ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ କମ୍ପାନୀ ୨.୩୫ ଲକ୍ଷ ଟନ୍ ଆଲୁମିନିୟମ୍ ଧାତୁ ଉତ୍ପାଦନ କରିଛି, ଯାହା ସର୍ବକାଳୀନ ସର୍ବାଧିକ ଅର୍ଦ୍ଧବାର୍ଷିକ ଉତ୍ପାଦନ ଅଟେ। ସେହିପରି, ବିକ୍ରୟ କ୍ଷେତ୍ରରେ ମଧ୍ୟ, ଚଳିତ ପ୍ରଥମାର୍ଦ୍ଧରେ କମ୍ପାନୀ ଆଲୁମିନା ଏବଂ ଧାତୁର ସର୍ବାଧିକ ଘରୋଇ ବିକ୍ରୟର ରେକର୍ଡ ହାସଲ କରିଛି। କମ୍ପାନୀ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ପ୍ରତି ଇକ୍ୱିଟି ସେୟାର ପିଛା ୪.୫୦ ଟଙ୍କାର ଅନ୍ତରୀଣ ଲାଭାଂଶ ମଧ୍ୟ ଘୋଷଣା କରିଛି, ଯାହାର ମୋଟ ପରିମାଣ ୮୨୬.୪୮ କୋଟି ଟଙ୍କା ଅଟେ।

ଫଳାଫଳ ସମ୍ବନ୍ଧରେ ନିଜର ମତ ରଖି, ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି ଯେ, ଆର୍ଥିକ ବର୍ଷ ୨୦୨୬-୨୭ ର ଦ୍ୱିତୀୟ ତ୍ରୈମାସିକ ତଥା ପ୍ରଥମାର୍ଦ୍ଧରେ କମ୍ପାନୀର ଦୃଢ଼ ପ୍ରଦର୍ଶନ, ଉତ୍ତମ କାର୍ଯ୍ୟଦକ୍ଷତା ତଥା ଉତ୍ପାଦନ, ଅନୁକୂଳ ବଜାର ପରିସ୍ଥିତି ଏବଂ ରଣନୀତିକ ବିପଣନ ଦ୍ୱାରା ସମ୍ଭବ ହୋଇପାରିଛି । କମ୍ପାନୀର ଆଗାମୀ ଯୋଜନା ଉପରେ ଆଲୋକପାତ କରି ଶ୍ରୀ ସିଂହ କହିଛନ୍ତି ଯେ, ନାଲକୋ ନିଜର ସମ୍ପ୍ରସାରଣ ପଦକ୍ଷେପଗୁଡ଼ିକ ପାଇଁ ପ୍ରତିଶ୍ରୁତିବଦ୍ଧ । ଏହି କ୍ରମରେ, ଆଲୁମିନା ରିଫାଇନାରୀର '୫ମ ଷ୍ଟ୍ରିମ୍ ସମ୍ପ୍ରସାରଣ' କାର୍ଯ୍ୟ ପରିସମାପ୍ତି ପର୍ଯ୍ୟାୟର ନିକଟତର ହୋଇଛି ଏବଂ ଓଡ଼ିଶାର ଅନୁଗୋଳ ଠାରେ ପ୍ରସ୍ତାବିତ ୦.୫ ଏମଟିପିଏ କ୍ଷମତା ବିଶିଷ୍ଟ 'ବ୍ରାଉନ୍‌ଫିଲ୍ଡ ସ୍ମେଲ୍ଟର ସମ୍ପ୍ରସାରଣ ପ୍ରକଳ୍ପ' ପାଇଁ ପ୍ରାରମ୍ଭିକ କାର୍ଯ୍ୟଗୁଡ଼ିକ ଅଗ୍ରାଧିକାର ଭିତ୍ତିରେ ଆଗେଇ ଚାଲିଛି। ଶ୍ରୀ ସିଂହ ଆହୁରି ମଧ୍ୟ କହିଛନ୍ତି, "ଆମେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସମ୍ପ୍ରସାରଣ ପ୍ରକଳ୍ପ ଏବଂ କ୍ଷମତା ବୃଦ୍ଧି ଯୋଜନାଗୁଡ଼ିକୁ ଆଗକୁ ବଢ଼ାଉଥିବା ବେଳେ, ଦେଶର ଶିଳ୍ପ ବିକାଶରେ ଯୋଗଦାନ ଦେବା ସହ ସମସ୍ତ ଅଂଶୀଦାରଙ୍କ ପାଇଁ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ।" ଶ୍ରୀ ସିଂହ କମ୍ପାନୀର ନିରନ୍ତର ଅଭିବୃଦ୍ଧି ଏବଂ ସୁଦୃଢ଼ ଆର୍ଥିକ ପ୍ରଦର୍ଶନ ପାଇଁ କର୍ମଚାରୀମାନଙ୍କ ନିଷ୍ଠା ଓ ପ୍ରତିବଦ୍ଧତା, କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷତା ଆଣିବା ଦିଗରେ କ୍ରମାଗତ ଉନ୍ନତି ଏବଂ ଅଂଶୀଦାରମାନଙ୍କ ଅଟଳ ବିଶ୍ୱାସକୁ ଶ୍ରେୟ ଦେଇଛନ୍ତି। ଏହା ସହିତ, ନାଲକୋର ରଣନୀତିକ ଲକ୍ଷ୍ୟ ଏବଂ ଅଭିବୃଦ୍ଧିମୂଳକ ପଦକ୍ଷେପଗୁଡ଼ିକୁ ଆଗକୁ ବଢ଼ାଇବାରେ ନିରନ୍ତର ମାର୍ଗଦର୍ଶନ ଓ ସହଯୋଗ ଯୋଗାଇଥିବାରୁ ସେ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି ।

ଦ୍ୱିତୀୟ ତ୍ରୈମାସିକ ନିଟ୍ ଲାଭ ଗତ ବର୍ଷ ସମାନ ସମୟ ତୁଳନାରେ ୨୮ % ବୃଦ୍ଧି ପାଇ ୧୮୩୫ କୋଟି ଟଙ୍କା

ସୋଆରେ ଶୋକସଭା: ପଦ୍ମଶ୍ରୀ ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, (ସବ୍ୟୁ): ଭାରତର ବିଶିଷ୍ଟ ସ୍ନାୟୁଶଲ୍ୟ ବିଶେଷଜ୍ଞ ପଦ୍ମଶ୍ରୀ ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ରଙ୍କ ବିୟୋଗରେ ମଙ୍ଗଳବାର ଦିନ ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ପରିସରରେ ଆୟୋଜିତ ଦୁଇଟି ପୃଥକ୍ ଶୋକସଭାରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସୋମବାର ନୂଆଦିଲ୍ଲୀସ୍ଥିତ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା। ପ୍ରଫେସର (ଡାକ୍ତର) ମହାପାତ୍ର ୨୦୨୦ରୁ ୨୦୨୨ ପର୍ଯ୍ୟନ୍ତ ଦୁଇ ବର୍ଷ ଧରି ସୋଆର କୁଳପତି ଭାବେ କାର୍ଯ୍ୟ କରିଥିଲେ। ଏହାପରେ ସେ ବିଶ୍ୱବିଦ୍ୟାଳୟର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ଭାବେ ମାର୍ଗଦର୍ଶନ ଜାରି ରଖିଥିଲେ। ସେ କିଛି ଦିନ ହେବ ମସ୍ତିଷ୍କ କର୍କଟ ରୋଗରେ ପୀଡ଼ିତ ଥିଲେ।

ସ୍ନାୟୁଶଲ୍ୟ ଚିକିତ୍ସା କ୍ଷେତ୍ରରେ ଜଣେ ପ୍ରଖ୍ୟାତ ବିଶେଷଜ୍ଞ ଭାବେ ସେ ଦୀର୍ଘବର୍ଷ ଧରି ନୂଆଦିଲ୍ଲୀ ଏମ୍ସର ସ୍ନାୟୁଶଲ୍ୟ ବିଭାଗର ମୁଖ୍ୟ ଭାବେ କାର୍ଯ୍ୟ କରିଥିଲେ। ଏଥିସହ ସେ ଭୁବନେଶ୍ୱର ଏମ୍ସର ପ୍ରତିଷ୍ଠାତା ନିର୍ଦ୍ଦେଶକ ଏବଂ ଲକ୍ଷ୍ନୌସ୍ଥିତ ସଞ୍ଜୟ ଗାନ୍ଧୀ ସ୍ନାତକୋତର ଚିକିତ୍ସା ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ



ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ। ସୋଆରେ ଆୟୋଜିତ ଶୋକସଭାରେ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ପ୍ରଫେସର ମହାପାତ୍ରଙ୍କ ସହ ବିଶ୍ୱବିଦ୍ୟାଳୟର ଦୀର୍ଘଦିନର ସଂପର୍କ ଏବଂ ଚିକିତ୍ସା ବିଜ୍ଞାନ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ତାଙ୍କର ଅମୂଲ୍ୟ ଅବଦାନକୁ ସ୍ମରଣ କରିଥିଲେ। ସୋଆର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ତାଙ୍କର ଉଦ୍ୟମ ଓ ଉତ୍କର୍ଷ ପ୍ରତି ନିଷ୍ଠାକୁ ସେ ଉଲ୍ଲେଖ କରିଥିଲେ।

ଏହି ଶୋକସଭାରେ ସୋଆର ଆନ୍ତର୍ଜାତିକ ପରାମର୍ଶଦାତା ବୋର୍ଡର ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ, ଉପକୁଳପତି ତଥା ରେଜିଷ୍ଟ୍ରାର ପ୍ରଫେସର ବିଭୂତି ଭୂଷଣ ପ୍ରଧାନ, ଉପକୁଳପତି ପ୍ରଫେସର (ଡାକ୍ତର) ନୀତା ମହାନ୍ତି, ପ୍ରଫେସର (ଡାକ୍ତର) ପ୍ରସେନଜିତ ମହାନ୍ତି, ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ଓ ପ୍ରଫେସର ଅନୁପ କୁମାର ସାମନ୍ତରାୟ ଓ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ମଞ୍ଜୁଳା ଦାସଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ଡିନ୍, ନିର୍ଦ୍ଦେଶକ, ଅଧ୍ୟାପକ, ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଦିବଂଗତ ଆତ୍ମାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଶୋକସଭାରେ ଉପସ୍ଥିତ ଡାକ୍ତର ଓ ଅନ୍ୟ କର୍ମଚାରୀମାନେ ତାଙ୍କ ସହ ଥିବା ସ୍ମୃତିଚାରଣ କରିବା ସହ ହସ୍ପିଟାଲର ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବା ଦିଗରେ ତାଙ୍କର ଅବଦାନକୁ ସ୍ମରଣ କରିଥିଲେ। ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ଏବଂ ମେଡିକାଲ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଶୋକସଭାରେ ଉପସ୍ଥିତ ସମସ୍ତଙ୍କ ସହ ଦିବଂଗତ ଆତ୍ମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ପାର୍ବଣ ଋତୁରେ ଅତିରିକ୍ତ ଯାତ୍ରୀ ଭିଡ଼ ହ୍ରାସ ପାଇଁ

ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳର ଅବଧି ବୃଦ୍ଧି ଓ ଅତିରିକ୍ତ କୋଚ୍ ସଂଯୋଗ

ଭୁବନେଶ୍ୱର, (ସବ୍ୟୁ): ପାର୍ବଣ ଋତୁ ସମୟରେ ବୃଦ୍ଧି ପାଉଥିବା ଯାତ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ଯାତ୍ରୀମାନଙ୍କୁ ଅଧିକ ସୁବିଧା ଯୋଗାଇଦେବା ଉଦ୍ଦେଶ୍ୟରେ ସମ୍ବଲପୁର–ସାନ୍ତ୍ରାଗାଛି ମଧ୍ୟରେ ଚଳାଚଳ କରୁଥିବା ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ଚଳାଚଳ ଅବଧି ବୃଦ୍ଧି କରାଯାଇଛି । ଏଥିସହିତ ନଭେମ୍ବର ମାସର ନିର୍ଦ୍ଦିଷ୍ଟ ତାରିଖରେ ଭୁବନେଶ୍ୱର ଓ ନୂଆଦିଲ୍ଲୀ ମଧ୍ୟରେ ଚଳାଚଳ କରୁଥିବା ଚାରିଟି ତେଜସ୍ ରାଜଧାନୀ ଏକ୍ସପ୍ରେସରେ ଅତିରିକ୍ତ ଏସି ୩-ଟାୟାର କୋଚ ସଂଯୋଗ କରାଯିବ।

ସମ୍ବଲପୁର ଓ ସାନ୍ତ୍ରାଗାଛି ମଧ୍ୟରେ ଚଳାଚଳ କରୁଥିବା ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକ ଉଭୟ ଦିଗରୁ ଆଉ ଦୁଇଟି ଅତିରିକ୍ତ ଟ୍ରିପ୍ ସହ ଚଳାଚଳ କରିବ। ଏହାର ସମୟସୂଚୀ ନିମ୍ନରେ ଦିଆଗଲା। ୦୮୩୦୩ ସମ୍ବଲପୁର–ସାନ୍ତ୍ରାଗାଛି ସ୍ୱତନ୍ତ୍ର ଟ୍ରେନ୍: ୦୪ ନଭେମ୍ବରରୁ ୧୮ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ପ୍ରତ୍ୟେକ ବୁଧବାର ଦିନ ଚଳାଚଳ କରିବ । ୦୮୩୦୪ ସାନ୍ତ୍ରାଗାଛି–ସମ୍ବଲପୁର ସ୍ୱତନ୍ତ୍ର ଟ୍ରେନ୍: ୦୫ ନଭେମ୍ବରରୁ ୧୯ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ପ୍ରତ୍ୟେକ ଗୁରୁବାର ଦିନ ଚଳାଚଳ କରିବ ।

ଅଧିକ ସଂଖ୍ୟକ ଯାତ୍ରୀଙ୍କୁ ଯାତ୍ରା ସୁବିଧା ଯୋଗାଇଦେବା ଏବଂ ଅତିରିକ୍ତ



ଯାତ୍ରୀ ଭିଡ଼ ହ୍ରାସ କରିବା ପାଇଁ ନିମ୍ନଲିଖିତ ଟ୍ରେନ୍‌ଗୁଡ଼ିକରେ ନିର୍ଦ୍ଦିଷ୍ଟ ତାରିଖରେ ଗୋଟିଏ ଅତିରିକ୍ତ ଏସି ୩-ଟାୟାର କୋଚ ସାମୟିକ ଭାବେ ସଂଯୋଗ କରାଯିବ। ୨୦୮୧୭ ଭୁବନେଶ୍ୱର–ନୂଆଦିଲ୍ଲୀ ତେଜସ୍ ରାଜଧାନୀ ଏକ୍ସପ୍ରେସ୍ : ୦୭ ନଭେମ୍ବର ୨୦୨୬। ୨୦୮୧୮ ନୂଆଦିଲ୍ଲୀ–ଭୁବନେଶ୍ୱର ତେଜସ୍ ରାଜଧାନୀ ଏକ୍ସପ୍ରେସ୍: ୦୮ ନଭେମ୍ବର ୨୦୨୬। ୨୨୮୨୩ ଭୁବନେଶ୍ୱର–ନୂଆଦିଲ୍ଲୀ ତେଜସ୍ ରାଜଧାନୀ ଏକ୍ସପ୍ରେସ୍: ୧୦ ନଭେମ୍ବର ୨୦୨୬। ୨୨୮୨୪ ନୂଆଦିଲ୍ଲୀ–ଭୁବନେଶ୍ୱର ତେଜସ୍ ରାଜଧାନୀ ଏକ୍ସପ୍ରେସ୍: ୧୧ ନଭେମ୍ବର ୨୦୨୬। ଏହି ବ୍ୟବସ୍ଥାଗୁଡ଼ିକ ଯାତ୍ରୀମାନଙ୍କ ପାଇଁ, ପର୍ବପର୍ବାଣୀ ସମୟରେ ବିଶେଷକରି ଅଧିକ ଚାହିଦା ଥିବା ସମୟରେ, ଅଧିକ ଯାତ୍ରା ସୁବିଧା ଓ ଅତିରିକ୍ତ ସଂରକ୍ଷିତ କୋଚ ଉପଲବ୍ଧ କରାଇବ।

ତମାଖୁ ଓ ନକଲି ଗୁଟଖା କାରବାର ଉପରେ ଚଢ଼ାଉ, ୫ ଗିରଫ



ବ୍ରହ୍ମପୁର, (ସବ୍ୟୁ): ବେଆଇନ ଭାବେ ନିଷିଦ୍ଧ ତମାଖୁ ଓ ନିମ୍ନମାନର ନକଲି ଗୁଟଖା ଉତ୍ପାଦନ ଏବଂ ବିକ୍ରି କାରବାର ବିରୋଧରେ ବଡ଼ ଧରଣର ଚଢ଼ାଉ କରିଛି ବଡ଼ବଜାର ଥାନା ପୋଲିସ । ଏହି ଚଢ଼ାଉରେ ୫ ଜଣଙ୍କୁ ଗିରଫ କରାଯିବା ସହ ୨୯୭୭ ପ୍ୟାକେଟ୍ ନିଷିଦ୍ଧ ଗୁଟଖା ଜବତ କରାଯାଇଛି । ସେମାନେ ହେଲେ ହେଲେ ଗୋସାଇଁ ନୂଆଗାଁ ଥାନା ଅନ୍ତର୍ଗତ କୌଟିକ ନଗରର ରମେଶ ପାଣିଗ୍ରାହୀ (୫୫), ବଡ଼ବଜାର ଥାନା ଅନ୍ତର୍ଗତ ବାଛୁବାରୀ ସାହିର ବି. ତ୍ରିମଳେଶ୍ୱର ସୁବୁଦ୍ଧି (୪୨), ଜେନା ସାହିର ସଦାନନ୍ଦ ଗୌଡ଼ ଓରଫ ଟିଙ୍କା (୬୩), ନୂଆ କାଲୁପାତ୍ର ସାହିର ବାବୁଲା ସାହୁ ଏବଂ ଗଣପତି ନଗର ପ୍ରଥମ ଲାଇନର ନାରାୟଣ ସାହୁ (୬୦) । ମାମଲା ନଂ ୮୪୨/୨୬ ରେ ସେମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି । ଯାଞ୍ଚ ବେଳେ ସଦାନନ୍ଦ ଗୌଡ଼ଙ୍କ ନାମରେ ପୂର୍ବରୁ ୪ଟି ମାମଲା ରହିଥିବା ବେଳେ ନାରାୟଣ ସାହୁଙ୍କ ନାମରେ ୨ଟି ଓ ବାବୁଲା ସାହୁଙ୍କ ନାମରେ ମଧ୍ୟ ୨ଟି ମାମଲା ରହିଥିବା ଜଣାପଡ଼ିଛି । ଫେରାର ଥିବା ମୁଖ୍ୟ କାରଖାନା ମାଲିକ ସେନ୍ତୋଷ ପାତ୍ରଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଛି ।

ଗତ ୨ ତାରିଖ ସନ୍ଧ୍ୟାରେ ନିଷିଦ୍ଧ ଓ ନିମ୍ନମାନର ତମାଖୁ ଜାତୀୟ ଦ୍ରବ୍ୟ ଗଚ୍ଛିତ ରଖି ବିକ୍ରି କରାଯାଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବଡ଼ବଜାର ଥାନା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା । ଗୌଡ଼ ସାହି, ବାଛୁବାରୀ ସାହି ଓ ଶଙ୍କର ବଜାରରେ ଥିବା ତିନୋଟି ଖୁଚୁରା ଦୋକାନରୁ “ଅରିଜିନାଲ ଗୋକୁଳ ଡିଲକ୍ସ ମିକ୍ସ' ଓ “ବିନ୍ଦାସ ଗୋକୁଳ ଡିଲକ୍ସ ମିକ୍ସ' ନାମରେ ବିକ୍ରି ହେଉଥିବା ବିପୁଳ ପରିମାଣର ନିଷିଦ୍ଧ ଗୁଟଖା ଜବତ ହୋଇଥିଲା । ଖୁଚୁରା ବ୍ୟବସାୟୀଙ୍କୁ ପଚରାଉଚରା କରିବାରୁ ବାବୁଲା ସାହୁ ଓ ନାରାୟଣ ସାହୁ ନାମକ ଦୁଇ ଜଣ ଏହି ଗୁଟଖାର ହୋଲସେଲ୍ ଯୋଗାଣକାରୀ ବୋଲି ଜଣାପଡ଼ିଥିଲା । ପରେ ନୂଆ କାଲୁପାତ୍ର ସାହି ଓ ଗଣପତି ନଗର ପ୍ରଥମ ଲାଇନରେ ଚଢ଼ାଉ କରି ପୋଲିସ ବାବୁଲା ଓ ନାରାୟଣଙ୍କୁ ଧରିଥିଲା ।

ଘର ମାଲିକଙ୍କୁ ଆକ୍ରମଣ, ଦୁଇ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଘରଭଡ଼ାକୁ ନେଇ ବିବାଦରୁ ଘର ମାଲିକଙ୍କୁ ଆକ୍ରମଣ ଘଟଣାରେ ଦୁଇଜଣଙ୍କୁ ଗୋଶାଣିନୁଆଗାଁ ପୋଲିସ ଗିରଫ କରିଛି । ଅଭିଯୁକ୍ତ ଦ୍ୱୟ ହେଲେ ହିଲପାଟଣା ଗୋପବନ୍ଧୁ ନଗର ପ୍ରଥମ ଲେନର ମନୋଜ ସାମନ୍ତରା (୪୦) ଏବଂ ବ୍ରହ୍ମପୁର କଦଳୀବାଡ଼ ସାହିର ନିରଞ୍ଜନ ରାଉତ (୫୪) । ଉଭୟ ଅଭିଯୁକ୍ତଙ୍କୁ କେସ୍ ନଂ ୪୪୧/୨୬ ପୋଲିସ କୋର୍ଟ ଚାଲାଣ କରିଛି । ହିଲପାଟଣା ଗୋପବନ୍ଧୁ ନଗର ପ୍ରଥମ ଲେନର ବାସିନ୍ଦା ଗୋପବନ୍ଧୁ ପାତ୍ର (୬୬)ଙ୍କ ଘରକୁ ମନୋଜ ସାମନ୍ତରା ମାସିକ ୯ ହଜାର ଟଙ୍କା ଭଡ଼ାରେ ନେବାକୁ ରାଜି ହୋଇଥିଲେ । ଏଥିପାଇଁ ୨୦ ହଜାର ଟଙ୍କା ଅଗ୍ରିମ ଦେବାକୁ ସ୍ଥିର ହୋଇଥିବା ବେଳେ ସେ ୧୦ ହଜାର ଟଙ୍କା ଦେଇ ତିନିଦିନ ଘରେ ରହିଥିଲେ ।

ତେବେ ମନୋଜ ପ୍ରତିଦିନ ନିଶାପନ କରି ପାଟିତୁଣ୍ଡ କରିବା ସହ ଅସ୍ୱାଭାବିକ ଆଚରଣ ଦେଖି ଘର ମାଲିକ ତାଙ୍କୁ ଘର ଛାଡ଼ିବାକୁ କହିଥିଲେ । ଏହାପରେ ଅଗ୍ରିମ ଟଙ୍କାରୁ ଏକ ହଜାର ଟଙ୍କା ଭଡା ବାବଦକୁ ରଖି ବାକି ୯ ହଜାର ଟଙ୍କା ତାଙ୍କୁ ଫେରାଇ ଘର ଛାଡି ଦେବାକୁ କହିଥିଲେ । ଏହାପରେ ମଧ୍ୟ ମନୋଜ ତାଙ୍କ ପରିବାର ସହ ସେହି ଘରେ ରହୁଥିଲେ । ଗତ ୧ ତାରିଖରେ ସେ କୌଣସି କାମରେ ବାହାରକୁ ଯାଇଥିଲେ । ସନ୍ଧ୍ୟାରେ ସେ ଉକ୍ତ ଘରକୁ ତାଙ୍କ ସହଯୋଗୀ ଫେରିଥିଲେ । ଘର ମାଲିକ ଉକ୍ତ ଭଡାଟିଆଙ୍କ ସ୍ତ୍ରୀ 'କୁ ଘରୁ ବାହାର କରିଦେଇଥିଲେ । ସନ୍ଧ୍ୟାରେ ମନୋଜ ଫେରି ସ୍ତ୍ରୀ ଓ ଛୁଆମାନେ ବାହାରେ ଥିବା ଦେଖି ଉତକ୍ଷିପ୍ତ ହୋଇ ତାଙ୍କ ସହଯୋଗୀ ମିଶି ଏକ କାଠ ଫାଳିଆ ଘର ମାଲିକଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ । ଫଳରେ ତାଙ୍କ ମୁଣ୍ଡ ଓ ଗୋଡ଼ରେ ଗଭୀର ଆଘାତ ଆଘାତ ଲାଗିଥିଲା । ସେ ଆହତ ହୋଇଥିଲେ, ଚିକିତ୍ସିତ ହେବା ପରେ ସେ ଏନେଇ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ କରି ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ବୋଲି କହିଛି ।

ଆଦାନୀ ଫାଉଣ୍ଡେସନର ରିଲିଫ୍ ସହାୟତା

୬,୫୦୦ ପରିବାରଙ୍କୁ ଶୁଖିଲା ରାସନ୍ କିଟ୍



ଛତ୍ରପୁର, (ସବ୍ୟୁ) :ଗଞ୍ଜାମ ଜିଲ୍ଲାରେ ସାମୁଦ୍ରିକ ଝଡ଼ ଅର୍ଣ୍ଣବ ପରବର୍ତ୍ତୀ ବନ୍ୟାରେ ପ୍ରଭାବିତ ପରିବାରଙ୍କୁ ସହାୟତା ଯୋଗାଇବା ପାଇଁ ଆଗେଇ ଆସିଛି ଆଦାନୀ ଫାଉଣ୍ଡେସନ । ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଚାଲିଥିବା ବ୍ୟାପକ ରିଲିଫ୍ ସହାୟତା କାର୍ଯ୍ୟକ୍ରମରେ ସାମିଲ ହୋଇ ଆଦାନୀ ଗ୍ରୁପ୍ର ସାମାଜିକ କଲ୍ୟାଣ ଓ ବିକାଶମୂଳକ ଶାଖା, ଆଦାନୀ ଫାଉଣ୍ଡେସନପକ୍ଷରୁ ପ୍ରାୟ ୬,୫୦୦ ବନ୍ୟା ପ୍ରଭାବିତ ପରିବାରଙ୍କ ଉଦ୍ଦେଶ୍ୟରେ ଶୁଖିଲା ରାସନ୍ କିଟ୍ ତୁରନ୍ତ ଯୋଗାଇ ଦିଆଯାଇଛି । ପ୍ରଭାବିତ ଅଞ୍ଚଳରେ ଏହି ରିଲିଫ କିଟ୍ ଗଞ୍ଜାମ ଜିଲ୍ଲା ପ୍ରଶାସନ ଦ୍ୱାରା ବଣ୍ଟନ କାର୍ଯ୍ୟ ପରିଚାଳନା ହେଉଥିବା ବେଳେ ଆଦାନୀ ଫାଉଣ୍ଡେସନ ସାମଗ୍ରୀ ଗୁଡ଼ିକର ସୁରୁଖୁରୁ ଏବଂ ସମୟାନୁବର୍ତ୍ତୀ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟଗତ ସହାୟତା ପ୍ରଦାନ କରୁଛି । ଯାହାଦ୍ୱାରା ରିଲିଫ ସାମଗ୍ରୀଗୁଡ଼ିକ ଉପଯୁକ୍ତ ସମୟରେ ଏବଂ ସୁଗମ ଭାବେ ପ୍ରଭାବିତ ପରିବାରଙ୍କ ନିକଟରେ ପହଞ୍ଚିପାରିବ । ପ୍ରତ୍ୟେକ ରିଲିଫ୍ କିଟରେ ଚାଉଳ, ଡାଲି, ରିଫାଇନ୍ ତେଲ, ଚିନି, ଚୁଡ଼ା, ବିସ୍କୁଟ୍, ମହମବତୀ ଓ ଦିଆସିଲି ଭଳି ଅତ୍ୟାବଶ୍ୟକ ଶୁଖିଲା ଖାଦ୍ୟ ଓ ଘରୋଇ ସାମଗ୍ରୀ ରହିଛି । ଏହି ସାମଗ୍ରୀ ଗୁଡ଼ିକ ଏକ ପରିବାରର ପ୍ରାୟ ଦୁଇରୁ ତିନି ଦିନର ମୌଳିକ ଖାଦ୍ୟ ଆବଶ୍ୟକତା ପୂରଣ କରିବା ସହିତ ଏହି କଠିନ ସମୟରେ ପ୍ରଭାବିତ ପରିବାରଙ୍କୁ ତତ୍କାଳ ସହାୟତା ପ୍ରଦାନ କରିବ । ଆଦାନୀ ଫାଉଣ୍ଡେସନର ଏହି ପଦକ୍ଷେପ ଜରୁରୀକାଳୀନ ପରିସ୍ଥିତି ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସମାଜ ସହିତ ଦୃଢ଼ ଭାବେ ଠିଆ ହେବା ଭଳି ଅତୁଟ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଜିଲ୍ଲା ପ୍ରଶାସନ ଓ ସରକାରୀ ସଂସ୍ଥାଗୁଡ଼ିକ ସହ ସମନ୍ୱୟ ରକ୍ଷା କରି ଗୋପାଳପୁର ବନ୍ଦର ଓ ଆଦାନୀ ଫାଉଣ୍ଡେସନ ନିରନ୍ତର ଭାବେ ବିଭିନ୍ନ ସାମାଜିକ କଲ୍ୟାଣ କାର୍ଯ୍ୟ କରିଆସୁଛନ୍ତି ।

ପୋଖରୀରେ ବୁଡ଼ି ଶିଶୁପୁତ୍ରର ମୃତ୍ୟୁ

ବୁଗୁଡା, (ସବ୍ୟୁ): ବୁଗୁଡା ଥାନା ଅନ୍ତର୍ଗତ ଖୋଲଖାଲି ଗ୍ରାମରେ ପୋଖରୀରେ ବୁଡି ଦେଢବର୍ଷର ଶିଶୁପୁତ୍ରଟିଏ ମୃତ୍ୟୁ ବରଣ କରିଥିବା ଜଣାଯାଇଛି । ମୃତ ଶିଶୁଟି ହେଲା ସାଗର ରଣାଙ୍କ ପୁଅ ଦିବ୍ୟାଂଶୁ ରଣା । ପ୍ରକାଶ ଯେ, ଘର ଲୋକଙ୍କ ନଜରରୁ ଖସିଆସି ଶିଶୁଟି ବାରିପଟ ପୋଖରୀକୁ ଚାଲିଯାଇଥିଲା । ଶିଶୁଟିକୁ ଘରେ ନପାଇ ପରିବାର ଲୋକେ ବହୁତ ଖୋଜାଖୋଜି କରିବା ପରେ ତାକୁ ପୋଖରୀରେ ଭାସମାନ ଅବସ୍ଥାରେ ପାଇଥିଲେ । ଶିଶୁଟିକୁ ପୋଖରୀରୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଅଣାଯାଇଥିଲା ବେଳେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ କେସ୍ ନଂ ୩୭/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ବେଳେ ଘଟଣାର ତଦନ୍ତ ଦାୟିତ୍ୱରେ ଏଏସଆଇ ଉପେନ୍ଦ୍ର କ୍ରାସ୍କା ରହିଥିବା ଜଣାଯାଇଛି ।

ଭଞ୍ଜପୁର ପୋଲିସର ବଡ଼ ସଫଳତା: ୩ ଗିରଫ କାରରୁ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଓ ଲକ୍ଷାଧିକ ଟଙ୍କା ଜବତ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଭଞ୍ଜପୁର ପୋଲିସକୁ ମିଳିଛି ବଡ଼ ସଫଳତା । ଲକ୍ଷ୍ମୀପୋଷିସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନିକଟ ସୁବର୍ଣ୍ଣରେଖା କେନାଲ ରାସ୍ତାରେ ଚଢ଼ାଉ କରି ପୋଲିସ ଏକ ପଶ୍ଚିମବଙ୍ଗ ନମ୍ବର ବିଶିଷ୍ଟ କାରରୁ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଓ ନଗଦ ଲକ୍ଷାଧିକ ଟଙ୍କା ଜବତ କରିଛି। ଏଥିସହ ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିଛି । ସୂଚନା ଅନୁଯାୟୀ, ଲକ୍ଷ୍ମୀପୋଷି କେନ୍ଦ୍ରୀୟ ବିଦ୍ୟାଳୟ ନିକଟ ଦେଇ ଏକ କାରରେ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ ହେଉଥିବା ନେଇ ଭଞ୍ଜପୁର ପୋଲିସକୁ ଗୁଇନ୍ଦା ସୂଚନା ମିଳିଥିଲା । ଏହାପରେ ପୋଲିସ ଟିମ୍ ତୁରନ୍ତ ଉକ୍ତ ଅଞ୍ଚଳରେ ନାକାବନ୍ଦୀ କରି ଯାନବାହନ ଯାଞ୍ଚ ଆରମ୍ଭ କରିଥିଲା । ଏହି ସମୟରେ ସନ୍ଦିଗ୍ଧ କାରଟିକୁ ଅଟକାଇ ତଲାସି କରିବାରୁ ଗାଡ଼ି ଭିତରୁ ୧ କୁଇଣ୍ଟାଲରୁ ଅଧିକ ଗଞ୍ଜେଇ ମିଳିଥିଲା । ପୋଲିସ ଗାଡ଼ିରେ ଥିବା ତିନିଜଣଙ୍କୁ ଅଟକ ରଖିବା ସହ ଗଞ୍ଜେଇ, ନଗଦ ଟଙ୍କା ଓ ଚାଲାଣରେ ବ୍ୟବହୃତ କାରଟିକୁ ଜବତ କରିଛି। ଗିରଫ ଅଭିଯୁକ୍ତମାନଙ୍କୁ ଥାନାରେ ପଚରାଉଚରା କରାଯାଉଛି । ଏହି ଗଞ୍ଜେଇ କେଉଁଠାରୁ ଆସିଥିଲା ଏବଂ କେଉଁଠାକୁ ଚାଲାଣ ହେଉଥିଲା, ତାହାର ଖୋଳତାଡ଼ ଚାଲିଛି । ଏଥିସହ ଏହି ଚାଲାଣ ରାକେଟ୍‌ରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି, ସେନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି ।

ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ବଦଳିକୁ ମାସାଆର୍ମୀର ସ୍ୱାଗତ

ବାରିପଦା, (ସବ୍ୟୁ) : ମାସାଆର୍ମୀ ସଂଗଠନର ଦୀର୍ଘଦିନର ଦାବି ପରେ ମୟୂରଭଞ୍ଜ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକଙ୍କ ବଦଳି ହୋଇଛି । ଏହି ପଦକ୍ଷେପକୁ ସ୍ୱାଗତ କରିବା ସହ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଛି ସଂଗଠନ । ସୂଚନାଯୋଗ୍ୟ, ଜିଲ୍ଲାର ବିଭିନ୍ନ ଆଶ୍ରମ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ଅନିୟମିତତା ଏବଂ ଛାତ୍ରଛାତ୍ରୀଙ୍କ ଖାଦ୍ୟ, ରହିବା ଓ ଅନ୍ୟାନ୍ୟ ଖର୍ଚ୍ଚରେ ଅର୍ଥ ବାଟମାରଣା ହେଉଥିବା ଅଭିଯୋଗ କରି ମାସାଆର୍ମୀ ପକ୍ଷରୁ ଦୀର୍ଘଦିନ ଧରି ଆନ୍ଦୋଳନ ଚାଲିଥିଲା । ସଂଗଠନର ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ଜିଲ୍ଲା ମଙ୍ଗଳ ଅଧିକାରୀ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ବଦଳି ଦାବିରେ ବିଭିନ୍ନ ସମୟରେ ଧାରଣା ଓ ପ୍ରତିବାଦ କରାଯିବା ସହ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକାଧିକବାର ଦାବିପତ୍ର ପ୍ରଦାନ କରାଯାଇଥିଲା । ସଂଗଠନର ଦାବିକୁ ବିଚାରକୁ ନେଇ ରାଜ୍ୟ ସରକାର ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ବଦଳି କରିଥିବାରୁ ମାସାଆର୍ମୀ ଏହାକୁ ସ୍ୱାଗତ କରିଛି । ଏଥିସହ ବଦଳି ପାଇଁ ପଦକ୍ଷେପ ନେଇଥିବା ଜିଲ୍ଲାପାଳ ହେମକାନ୍ତ ସୟ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଈଶ୍ୱର ନାଏକ ଓ ନେତ୍ରାନନ୍ଦ ମଲ୍ଲିକଙ୍କୁ ମଧ୍ୟ ସଂଗଠନ ପକ୍ଷରୁ ଧନ୍ୟବାଦ ଜଣାଯାଇଛି । ତେବେ ଆଶ୍ରମ ବିଦ୍ୟାଳୟରେ ଶିକ୍ଷା, ଖାଦ୍ୟ ଓ ରହିବା ବ୍ୟବସ୍ଥାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ସହ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ବଦଳି ନହେବା ପର୍ଯ୍ୟନ୍ତ ସଂଗଠନର ଗଣତାନ୍ତ୍ରିକ ଆନ୍ଦୋଳନ ଜାରି ରହିବ ବୋଲି ସଭାପତି ସୁକୁଲାଲ ମାରାଣ୍ଡି କହିଛନ୍ତି ।

ସୁନା ନିଲାମ ସମ୍ପର୍କିତ ବିଜ୍ଞପ୍ତି

ବଜାଜ ଫାଇନାନ୍ସ ଲିମିଟେଡ୍ ("BFL");

ପଞ୍ଜୀକୃତ କାର୍ଯ୍ୟାଳୟ: ୪ଠମ ତଳ, ବଜାଜ୍ ଫିନସର୍ଭ ହାଉସ୍, ପୁନେ-ଅହମଦନଗର୍ ରୋଡ୍, ବିମାନ ନଗର, ପୁନେ - 411014

BAJAJ FINANCE

ଋଣଗ୍ରହୀତାମାନଙ୍କୁ ଏବଂ ସାଧାରଣ ଜନତାଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ, କାରଣ୍ଡ଼ାର ନୋଟିସ୍ ଦିଆଯିବା ସତ୍ତ୍ୱେ ନିମ୍ନରେ ଉଲ୍ଲେଖିତ ଋଣଗ୍ରହୀତାମାନେ ବକେୟା ରାଶି ପରିଶୋଧ କରିବାରେ ଏବଂ/କିମ୍ବା ଆବଶ୍ୟକ ମାର୍ଜିନ୍ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି। ଏହି କାରଣରୁ, ଋଣ ପରିଶୋଧ ପାଇଁ ବନ୍ଧକ ଭାବେ ଋଣଗ୍ରହୀତାମାନେ ପ୍ରଦାନ କରିଥିବା ସୁନାକୁ "ଯେପରି ଅଛି ସେହିପରି, ଯେଉଁଠାରେ ଅଛି ସେହିଠାରେ" ଭିତ୍ତିରେ ନିମ୍ନଲିଖିତ ସର୍ତ୍ତାବଳୀ ଅନୁଯାୟୀ ନିଲାମ କରାଯିବ: 1. ସୁନାର ବିବରଣୀ, ମୋଟ ଓଜନ ଏବଂ ବିଡରମାନଙ୍କ ପାଇଁ ଥିବା ନିୟମ ଓ ସର୍ତ୍ତାବଳୀ ସମେତ ଏହି ସାର୍ବଜନୀନ ବିଜ୍ଞପ୍ତିର ସମ୍ପୂର୍ଣ୍ଣ ବିବରଣୀ ପାଇବା ପାଇଁ QR କୋଡ୍ ସ୍କାନ୍ କରନ୍ତୁ। 2. ବିଡରମାନଙ୍କୁ ନିଲାମ ଦିନ କିମ୍ବା ତାହା ପୂର୍ବରୁ ଅନ୍‌ଲାଇନ୍ ଟ୍ରାନ୍ସଫର ମାଧ୍ୟମରେ ଅର୍ନେଷ୍ଟ ମନି ଡିପୋଜିଟ୍ (EMD) ବାବଦରେ ₹25,000/- ଜମା କରିବାକୁ ପଡ଼ିବ। 3. ସକାଳ 10ଟାରେ ପରିଚୟ ଏବଂ ଠିକଣାର ବୈଧ ପ୍ରମାଣ ସହିତ ନିଲାମ ସ୍ଥଳରେ ନିଜେ ଉପସ୍ଥିତ ରହିବା ବାଧ୍ୟତାମୂଳକ ଅଟେ। 4. RBIର ସମସ୍ତ ସମୟରେ ସଂଶୋଧିତ ନିର୍ଦ୍ଦେଶାବଳୀ ଅନୁଯାୟୀ ସଂରକ୍ଷିତ ମୂଲ୍ୟ ନିର୍ଦ୍ଧାରଣ କରାଯିବ। 5. ପ୍ରଥମ ନିଲାମ ଅନୁଷ୍ଠିତ କିମ୍ବା ସମ୍ପୂର୍ଣ୍ଣ ହୋଇ ନପାରିଲେ, ଏଠାରେ ଉଲ୍ଲେଖିତ ତାରିଖରେ ଦ୍ୱିତୀୟ ନିଲାମ 19-Dec-26। ଦ୍ୱିତୀୟ ନିଲାମ ମଧ୍ୟ ଅନୁଷ୍ଠିତ କିମ୍ବା ସମ୍ପୂର୍ଣ୍ଣ ହୋଇ ନପାରିଲେ, ଏଠାରେ ଉଲ୍ଲେଖିତ ତାରିଖରେ ତୃତୀୟ ନିଲାମ 23-Dec-26। ନିଲାମର ତାରିଖରେ କୌଣସି ପରିବର୍ତ୍ତନ ହେଲେ ତାହା ନିଲାମ କେନ୍ଦ୍ରରେ ପ୍ରଦର୍ଶିତ କରାଯିବ ବିଡ୍ ଦାଖଲ କଲେ ଉପରୋକ୍ତ ସର୍ତ୍ତାବଳୀ ସ୍ୱୀକାର କରାଯାଇଛି ବୋଲି ଧରାଯିବ। ଯେକୌଣସି ପ୍ରଶ୍ନ ପାଇଁ ଯୋଗାଯୋଗ କରନ୍ତୁ: WECARE@BAJAJFINSERV.IN.

ପ୍ରଥମ ନିଲାମର ତାରିଖ: 09-12-26, ଦ୍ୱିତୀୟ ନିଲାମର ତାରିଖ: 19-12-26 ଏବଂ ତୃତୀୟ ନିଲାମର ତାରିଖ: 23-12-26;
ଅନୁଗୋଳ - ବନରପାଳ: PRG8EGL102342869. **ଅନୁଗୋଳ - ଗାନ୍ଧୀ ରୋଡ୍:** PJD6SGL37864964, 88967159, 99365025, 00030992, 99977383, 00001496, 00325065, 47131129, 00704620, 01340161, 01368392, 01309464, 01552038, 01889390, 01820238, 02820562, 03000398, 03265114, 03231132, 03478517, 03784992, 03818159, 04004770, 04001511, 04945028. **ଆଠଗଡ଼ - ବୀରକିଶୋରପୁର:** PCQ8EGL90229905, 98095753, 98153434, 45742346, 45912470, 98534761, 98513506, 98470432, 98660362, 98669107, 99429485, 99414186, 99495280, 99380657, 99479305, 46513077, 99677842, 46685934, 00085455, 99989249, 00232277, 00518884, 00752934, 01186999, 01174873, 01369671, 01354700, 01610673, 01635126, 01569531, 01800068, 01812303, 02059569, 02053172, 02144951, 02129568, 02394921, 02799094, 02815183, 02764455, 02754791, 03064118, 03251108, 03519796, 03489942, 03513298, 49650417, 04671632. **ବଡ଼ବିଲ - ମେନ୍ ମାର୍କେଟ୍:** PSZ8EGL101343206, 01660677, 01648596. **ବଲାଙ୍ଗୀର - ଗୋପାଳଜୀ ରୋଡ୍:** PJD7EGL98490779, 98489515, 46017216, 00233870, 00242347, 00462045, 01164931, 01628481, 02157671, 02037654, 48205224, 02724279, 03013506, 03250860, 03792385, 04056135, 04680240. **ବାଲୁଗାଁ - ମେନ୍ ରୋଡ୍:** PCQ9SGL37322405, 98646612, 99477127, 00261985, 00554590, 01123168, 03283197. **ବରଗଡ଼ - ଖାରଜତୀ କାଲା:** PGC3EGL88642088, 97852944, 97845165, 98343467, 98285543, 98283843, 98288924, 98624910, 99429042, 99427483, 99672130, 99957183, 99978043, 00492435, 00536760, 00469214, 00479445, 01157319, 01171865, 01178115, 01340108, 01355664, 01566901, 01545931, 01572963, 01807101, 01877748, 01817840, 48043659, 02102320, 02045685, 02119386, 48353285, 02767464, 02708445, 02775831, 02970010, 48799300, 03226121, 03815873, 04741894, 04695772. **ବରୀ - ମେନ୍ ମାର୍କେଟ୍:** PTQ8EGL90430286, 99772896, 01069459. **ବାସୁଦେବପୁର - AB କଲେଜ୍ ଚକ୍:** PJE1SGL28481829, 87723480, 88640305, 88903128, 90489167, 45907395, 00077519, 00089338, 02297889, 03008133, 03288986, 03282438. **ବ୍ରହ୍ମପୁର - ଆସ୍କା ରୋଡ୍:** PQE8EGL86604134, 88426333, 88436118, 88637086, 90514892, 97888715, 97890398, 98352487, 98366221, 98529264, 98520352, 99722828, 00543590, 00699939, 01124052, 01086416, 01636829, 01621070, 02806548, 02717778, 03005319, 03069330, 03331341, 03352632, 03332462, 03981606, 04770598. **ବ୍ରହ୍ମପୁର - ଗୋସାନୀ ନୂଆଗାଁ:** PMR7SGL15213101, 16654233, 25095808, 36671384, 97939399, 97906971, 98332396, 99436646, 99675071, 99679639, 99690969, 99953812, 99958846, 00254333, 00725145, 00683846, 01101025, 01340038, 47753209, 01636966, 01883858, 01842737, 01895897, 02054407, 02755721, 03324592, 03252821, 03555979, 04688247, 04746947. **ବ୍ରହ୍ମପୁର - କମାପଲ୍ଲି ଚକ୍:** PB63SGL35513354, 39179859, 40347106, 97915922, 98158008, 98075051, 98081400, 98366382, 98479368, 98520270, 99477560, 00007198, 47279055, 01176269, 01564656, 02100012, 02791793, 03329476, 04702127. **ଦେଓଗଡ଼ - ଟ୍ରାଫିକ୍ ଚକ୍ ନିକଟରେ:** PPH3SGL26233837, 26963897, 27566176, 36047644, 86622323, 37516452, 87371186, 87731898, 88425569, 88692210, 88871918, 89700681, 90452605, 90416611, 40362328, 97839912, 97859578, 45615268, 98133511, 98123797, 45730197, 98289151, 98281294, 98475337, 98521109, 46112101, 99519118, 46546307, 46682844, 99962063, 00242769, 00258349, 00515510, 47304160, 01095483, 01353446, 02979546, 03001915, 48835233, 03278440, 03251390, 03352448, 03489146, 49142561, 03754297, 03989919. **ଗୋପ - ମେନ୍ ରୋଡ୍:** PRM3EGL98068295, 00056601, 00454739, 01661534, 01858355, 01808518, 02371991, 02785475, 02686740, 03621166.

ପ୍ରଥମ ନିଲାମର ତାରିଖ: 10-12-26, ଦ୍ୱିତୀୟ ନିଲାମର ତାରିଖ: 19-12-26 ଏବଂ ତୃତୀୟ ନିଲାମର ତାରିଖ: 23-12-26; ବାଲେଶ୍ୱର - ପୋଲିସ୍ ଲାଇନ୍ ସ୍କୋୟାର୍: PEI4SGL24044665, 27587185, 40403064, 46500014, 99950760, 47597792, 47891751, 02334981, 48638707, 03057335, 03041890, 03253546, 03813004, 04702309. **ବ୍ରହ୍ମପୁର - ମେନ୍ ମାର୍କେଟ୍:** PSK1EGL98318695, 98347845, 98356369, 98635786, 99435191, 99677517, 01654703, 01812057, 02777159, 04744702, 04715687. **ଭଦ୍ରକ - ଧାମନଗର:** PML4EGL101555087, 01829858, 49960522. **ଭଦ୍ରକ - ସାଲାଣ୍ଡି ବାଇପାସ:** PCR1SGL45773142, 45754909, 99771490, 00745725, 48974720, 03502991, 49830006. **ଭଞ୍ଜନଗର - ମେନ୍ ରୋଡ୍:** PPA7SGL36687023, 37046142, 37040607, 88624605, 88870994, 90018715, 90013008, 97900196, 98072420, 99381145, 99793776, 00338070, 00510095, 00484977, 00714502, 01129956, 01097448, 01144474, 01347480, 01307866, 01586966, 02082176, 02347609, 03536509, 04008663, 04701750, 04925512. **ଭବାନୀପାଟଣା - ଷ୍ଟାଡିୟମ୍ ରୋଡ୍:** PNU5EGL97906670, 97936086. **ଭୋଗରାଇ - ଥାନା ଚକ୍:** PLP3EGL99993262, 01100273, 01100921, 47564836, 01331503, 01819553, 48048116, 49421577. **ଭୁବନ - ନୂଆବଜାର:** POF9EGL98537015, 99663440, 01103242, 01361664, 02318235, 02745449, 49000698. **ଭୁବନେଶ୍ୱର - ଖଣ୍ଡଗିରି:** PER5EGL89209523, 89687914, 97957356, 98655945, 99737781, 99947838, 00001814, 00009893, 00315683, 00341435, 00480233, 00703887, 02345126, 02836528, 02986661, 03977701. **ଭୁବନେଶ୍ୱର - BGL:** PNQ2EGL99795102, 99678564, 99785238, 99987861, 00462012, 00511154, 47175937, 01364486. **ଭୁବନେଶ୍ୱର - ଲକ୍ଷ୍ମୀ ସାଗର:** PQU9EGL87942022, 89558932, 97856659, 97846565, 97960993, 98095340, 98549817, 98536635, 99560088, 00766927, 47292825, 01619323, 02153996, 48203688, 48711021. **ଭୁବନେଶ୍ୱର - ସମନ୍ତରାପୁର:** POG1SGL36695762, 88213230, 88218993, 98081517, 98332735, 98530272, 46023198, 99414690, 00077364, 00453620, 00522065, 02296325, 02305523, 02984561. **ବୋରିଗୁମ୍ମା - ମେନ୍ ରୋଡ୍:** PRL2EGL98337020, 98331194, 98491400, 00109362, 00290135, 00292555, 01340187, 02296841, 02747998, 03002149, 02997151, 03074928, 02983491, 03323682, 04737141, 04934732. **ବ୍ରଜରାଜନଗର - ଗାନ୍ଧୀ ଚକ୍:** PRL4EGL100487146, 00452324, 00501469. **ବୁଗୁଡ଼ା - ମେନ୍ ରୋଡ୍:** PLH7SGL16741589, 17899214, 24634298, 26430349, 35831284, 36568249, 37516204, 37648107, 88021900, 88046990, 38520404, 38487474, 88726944, 88705201, 39183397, 97881547, 98080715, 98074334, 98135902, 45736675, 98512084, 98465665, 98516021, 98493926, 98493750, 98487184, 46050482, 98629899, 99414145, 99691254, 99782310, 99987492, 00009583, 00327650, 00235438, 00280487, 00509211, 01322098, 47718982, 47744844, 47724930, 01857600, 48067495, 48180902, 03021551, 48830036, 03551288, 03563812, 03983105. **ଛତ୍ରପୁର - କେନ୍ଦୁଆରମାଳ:** PG62SGL18337319, 24438050, 24950995, 36088110, 36736543, 38984951, 90073006, 90407284, 90430276, 97841078, 97857473, 98171644, 98157002, 98295993, 99362206, 46563336, 99791863, 99828625, 00714895, 00728606, 00712102, 00734142, 01147643, 01161026, 01335195, 01314013, 01543888, 01833873, 01807294, 02393643, 02286493, 02293841, 02823815, 02677480, 02717866, 03030663, 02962254, 03336671, 03593646, 03993086, 04034677, 03986872, 49445580, 04689714, 04737471, 04691666, 04901099. **କାକଟପୁର - ବଡ଼ ବଜାର:** PLE6EGL88676870, 89354113, 89717134, 99433485, 99420268, 99440322, 00056698, 00022718, 00089629, 00242040, 01171112, 01340852, 01656784, 01855505, 02750957, 02978490, 03044661, 03342825, 03589795, 04703283.

ପ୍ରଥମ ନିଲାମର ତାରିଖ: 11-12-26, ଦ୍ୱିତୀୟ ନିଲାମର ତାରିଖ: 19-12-26 ଏବଂ ତୃତୀୟ ନିଲାମର ତାରିଖ: 23-12-26; ବାରିପଦା - KC ସର୍କଲ୍: PMZ3SGL17861292, 17860293, 98479473, 48208707, 03312922, 49970274. **ଚଣ୍ଡିଖୋଲ - ମେନ୍ ରୋଡ୍:** PRL1EGL97854801, 97884549, 97908067, 98104440, 98109421, 98083075, 98081039, 98282438, 98344255, 99703355, 99699277, 99711579, 99671314, 00003412, 00074302, 00078641, 99993925, 00286496, 00281784, 00450873, 00690360, 00703119, 00696896, 01097643, 01129351, 01135015, 01301879, 01316296, 01882469, 01791285, 01798714, 01874051, 02313902, 02332603, 02342334, 02303344, 02713288, 02995522, 03349944, 03330387, 03258576, 03731230, 04902148. **ଚୌଦ୍ୱାର - କଳିଙ୍ଗ ଚକ୍:** PLE8EGL87684605, 97854269, 97892347, 98098499, 98111769, 45726891, 98372195, 98376894, 98282784, 98522273, 98481229, 98499261, 46047546, 98663282, 98659821, 98616185, 98629705, 98636829, 99413928, 00048518, 00063080, 00043762, 00316850, 00269068, 00695510, 00716820, 00684216, 00729410, 00687957, 01089378, 01176048, 01356154, 01585282, 01555285, 01804448, 02081352, 02303360, 02836760, 02995738, 03251043, 03299920, 04066046, 03975068, 04670015, 04750394, 04923268, 04907789, 04911126. **ଛତ୍ରପୁର - ମେନ୍ ରୋଡ୍:** PMV8SGL16646036, 97857143, 97933645, 97862447, 97854518, 98118748, 98083665, 98504292, 98647132, 98653206, 99452567, 00305786, 00269148, 00512316, 00498426, 00731901, 01175607, 01107412, 01169171, 01601526, 01552946, 03529711, 04715344. **ଡିଡିଚ - ମେନ୍ ରୋଡ୍:** PUA7EGL97925414, 98165359, 99360803, 99776373, 00477831, 03280080. **କଟକ - BK ରୋଡ୍:** PSK6EGL87337081, 88421822, 88920090, 89326165, 89692635, 98515586, 99809394, 00272678, 00287015, 01112538, 01104028, 01110730, 01844960, 01835374, 03049739. **କଟକ - CDA:** PQI9EGL88680453, 88874227, 89361525, 89992784, 97872869, 46031197, 00094513, 00081268, 47547156, 01400950, 01395234, 01576064, 02769517, 03255412, 04923150. **କଟକ - ଚଣ୍ଡୀ ମନ୍ଦିର:** PSS8EGL100697149, 01109507, 02707914, 03780502, 04737735. **କଟକ - ଲିଙ୍କ ରୋଡ୍:** PGG9SGL18264974, 26957414, 90452582, 98475071, 47739986, 01806670, 01814582, 01810820, 02311523, 02778026, 02719446, 03254934, 03488010, 04689667. **କଟକ - ବାଙ୍ଗୀ ମେନ୍ ମାର୍କେଟ୍:** PSU5EGL101550872, 01544914, 03226369, 04908350. **ଧରମଗଡ଼ - ମେନ୍ ରୋଡ୍:** PMU7EGL98309780, 99737317, 99737978, 01184427, 01151312, 02099435, 02085346, 04742947. **ଢେଙ୍କାନାଳ - ମହାବୀର ମନ୍ଦିର:** PMS4EGL88182043, 88677536, 88874375, 89390376, 89790072, 97858224, 97899722, 97863946, 98505171, 98507665, 99466571, 99444507, 99758834, 99808735, 99709829, 00020748, 01432055, 01426100, 01388063, 01593234, 02297537, 03084491, 03090207, 02991796, 04708375. **ଦିଗପହଣ୍ଡି - ମେନ୍ ରୋଡ୍:** POG4EGL89504945. **ଗଞ୍ଜାମ - କଳିଙ୍ଗ ରୋଡ୍:** PMS5SGL38010516, 01153984, 03753882. **ନିମାପଡ଼ା - ଗଣେଶ ବଜାର:** PJE2SGL16547151, 35836921, 87991222, 88673484, 89496714, 89747235, 90005822, 89982199, 89982606, 90270818, 90445499, 90409397, 97840019, 97892186, 45549302, 45576906, 98170567, 98163596, 98297272, 45919470, 98473706, 99464824, 99478306, 99485350, 99467846, 99479459, 99359559, 99707940, 99976257, 00253844, 00264252, 00492424, 47152246, 00749575, 00691269, 00743308, 47330899, 01086020, 01100955, 01398170, 01352294, 01338097, 01854402, 01858797, 01848913, 01841899, 02092904, 02368614, 02304349, 02750307, 48590217, 03012475, 48839827, 03296833, 03307663, 48964820, 03792434, 03972320, 49726666, 04957773, 04948845, 04947635, 04974548, 04954371, 50003639, 49948833. **ରାଜଗାଙ୍ଗପୁର - ମେନ୍ ରୋଡ୍:** PQG4EGL97890687, 97867116, 45582286, 45757567, 98293404, 98302498, 98273852, 98514023, 99995960, 00278875, 00319150, 00445729, 47135223, 01137604, 01154865, 01318646, 01810696, 01834873, 48385653, 02718098, 02683505, 02745525, 03612612, 04107395, 04933630.

ପ୍ରଥମ ନିଲାମର ତାରିଖ: 12-12-26, ଦ୍ୱିତୀୟ ନିଲାମର ତାରିଖ: 19-12-26 ଏବଂ ତୃତୀୟ ନିଲାମର ତାରିଖ: 23-12-26; ଘାସିପୁରା - ଲକ୍ଷ୍ମୀ ବଜାର: POH5EGL89280031, 89565488, 89685402, 98062935, 98321673, 98513795, 98523929, 99458996, 99786136, 99780663, 99992002, 00478889, 47610394, 01334465, 01312832, 01633349, 01624719, 01795100, 01820055, 02330548, 02769625, 02717925, 03270564, 03245415, 48974628, 04057709, 04706115, 04910385. **ଗୁଣୁପୁର - ବାଇପାସ୍ ରୋଡ୍:** PLO9EGL87721363, 88710803, 39649025, 97856989, 97932165, 98153097, 98139003, 98115005, 98362331, 98285171, 98372441, 98340637, 98303692, 98356064, 99371135, 99751230, 00101328, 00118633, 00253231, 00276318, 00487169, 47148464, 00756520, 01151315, 01377576, 01453544, 01617731, 47910450, 48052924, 02067715, 48179842, 02331718, 02313563, 02340905, 02728416, 02685720, 02712742, 02707228, 02699166, 48623621, 03323812, 03219266, 03493974, 03569136, 03521984, 03830105, 04012413, 04996245. **ହରିପୁର - ମେନ୍ ମାର୍କେଟ୍:** PTE5EGL101576673, 03747216. **ହିଞ୍ଜିଳିକାଟୁ - ମେନ୍ ରୋଡ୍:** PPU7EGL90472256, 99681711, 99729542, 99696096, 00097315, 00470557, 01128108, 02052365, 03267059, 03302063, 03246875, 03728319. **ଜଗନ୍ନାଥପ୍ରସାଦ - ମେନ୍ ରୋଡ୍:** PSP6EGL102977233. **ଜଗତପୁର - କେନ୍ଦ୍ରାପଡ଼ା ରୋଡ୍:** PMM2SGL36517717, 87746847, 89934434, 90471460, 98624709, 99405495, 99441766, 00689995, 00688566, 01068713, 01859671, 02126633, 02325043, 02303605, 03294097. **ଜଗତସିଂହପୁର - ଦୁର୍ଗାବଜାର:** PU42SGL15411603, 17473415, 27039719, 28905811, 87355126, 39300936, 98128491, 98487849, 98640649, 99410248, 99742298, 00035466, 00450015, 01071032, 01157096, 01792888, 01831716, 02380031, 03027529, 03057998, 03321080, 03269672, 03305040. **ଜଗତସିଂହପୁର - ରାହାମା:** PML9SGL37324007, 87666590, 38851192, 99525338, 99518601, 00042372, 00252415, 00299800, 00260998, 00263987, 00257214, 00514200, 00689204, 01122428, 47591142, 01327961, 01599077, 01578266, 01827466, 02109643, 02961753, 03001476, 03005079, 03258085, 03218725, 03269769, 03753509, 49728138, 04991483. **ଯାଜପୁର - ମଙ୍ଗଳପୁର:** PLF4SGL17531612, 37074005, 38973377, 88856737, 40025102, 98667636, 47176714, 00668958, 00684743, 47298953, 01326784, 01833285, 01807753, 02694815, 03504250, 03759385, 04916262, 04923095. **ଯାଜପୁର - ସିଂହପୁର:** PLS4SGL13943769, 17667566, 17825903, 38123958, 87759211, 97924974, 98096766, 98114162, 98497714, 98539554, 98487332, 98496728, 98515927, 98668616, 98674237, 99443988, 99986122, 00489732, 00771336, 00762991, 01116535, 01642497, 01808732, 48193418, 02709510, 02770054, 02969226, 03326967, 03562169. **ଯାଜପୁର - ବାରକ୍ ଶୀତଳେଶ୍ୱର:** PJU7SGL15201703, 17620795, 37644475, 88210898, 89718568, 90532781, 97842995, 97846734, 97853689, 98065988, 98332579, 98461406, 98492776, 98631687, 98635281, 46122145, 99486193, 99416951, 99467540, 99381489, 99758567, 99784224, 99732790, 00250680, 00527328, 01124990, 01137109, 01143028, 01378892, 01335866, 01341781, 01320149, 01436156, 01304868, 01810845, 01806954, 01822391, 02159898, 02125246, 02162140, 02151054, 02156847, 02113687, 02293099, 02294931, 02285350, 02736641, 02684793, 02682580, 02706874, 02696535, 03030311, 02982146, 03237902, 03499963, 49131397, 03727048, 03784157, 03826236, 03788241, 49469394, 04704605. **ଯାଜପୁର ରୋଡ୍ - ବ୍ୟାଙ୍କ ଷ୍ଟ୍ରିଟ୍:** PKI2EGL88710775, 89268088, 89703912, 90003100, 90008154, 90028159, 89982220, 97934595, 45618890, 98065733, 98083633, 98282461, 98286590, 98274806, 98493830, 98623897, 46154015, 99388065, 99415490, 99727437, 99785714, 99966838, 00032354, 00288721, 47059554, 00505748, 00479637, 00682737, 01113775, 01689223, 01557500, 01601616, 01871902, 01847717, 01825279, 01876042, 02053883, 02101962, 02078660, 02356997, 02325772, 02718319, 02806144, 02698390, 02796797, 48632857, 02976144, 03076319, 03227011, 03264871, 03266388, 03218599, 03264291, 03568977, 03809607, 03731180, 03738764, 49733605, 49827065, 04973227. **କେନ୍ଦୁଝର - ମେନ୍ ରୋଡ୍:** PQA3EGL90460754, 98342587, 98469059, 98648892, 99695764, 00521559, 00469677, 01116256, 01567127, 01585849, 01544290, 01618811, 02315420, 02326796, 03513461, 04078812, 04748015. **ପୁରୀ - ଅଠରନଳା:** PUD2EGL97837956, 98552773, 98675346, 00527471, 02040082, 02319921, 03223652. **ରାଉରକେଲା - ଡେଲି ମାର୍କେଟ୍:** POH1SGL25930062, 89510071, 90438106, 97925801, 98515030, 98669053, 98673509, 99388817, 00535534, 00567176, 00730944, 01377324, 01363568, 01328428, 01576577, 47939031, 01846645, 02084597, 02330956, 03337881, 03618541, 05028178.

ପ୍ରଥମ ନିଲାମର ତାରିଖ: 14-12-26, ଦ୍ୱିତୀୟ ନିଲାମର ତାରିଖ: 19-12-26 ଏବଂ ତୃତୀୟ ନିଲାମର ତାରିଖ: 23-12-26; ଜଟଣୀ - ମେନ୍ ରୋଡ୍: PCR2EGL97861322, 97844496, 98478529, 98470680, 99978475, 00015607, 00262652, 00295134, 01176851, 01823472, 48094369, 02068679, 02076035, 02684764, 48610803, 48803892, 03235905, 03499088, 03972941. **ଜୟପୁର - ଏମ୍.ଜି ରୋଡ୍:** PGH2SGL15531425, 15553910, 16647678, 98294526, 46040555, 46715191, 46719090, 00483967, 48229273, 48359097, 02709636, 02718831, 02694178, 03000660, 02988312, 03089907, 48792621, 49138406, 49126562, 04016559, 04086744. **ଯୋଡ଼ା - BGL:** PTZ4EGL98644759, 03022137, 04905961. **କାମାକ୍ଷାନଗର - BGL:** PTP5EGL100493251. **କଣିହା - NTPC ବାଇପାସ୍ ରୋଡ୍:** PNU3EGL102804635. **କବିସୂର୍ଯ୍ୟନଗର - ମେନ୍ ରୋଡ୍:** PRM5EGL100706780, 01107517, 01586384, 03035418. **କେନ୍ଦ୍ରାପଡ଼ା - ମହାଲପାଲ ରୋଡ୍:** PSP5EGL89234979, 90041417, 97841537, 98100707, 98138676, 98317787, 98502135, 98511669, 98659992, 99501058, 99989355, 00564366, 00522397, 00701133, 01097567, 01128631, 01319364, 01631731, 02056981, 02312289, 02734441, 03044507, 03539040, 03545861, 03535044, 03974549, 03981014, 04688465, 04972087, 04957346. **କେନ୍ଦ୍ରାପଡ଼ା - କଲେଜ୍ ସ୍କୋୟାର୍:** PGT6SGL16324491, 23793623, 23795237, 37825453, 87760303, 90449137, 98481189, 99421919, 99672855, 99984289, 00457030, 00699509, 01351122, 01326898, 01844791, 02079751, 02046853, 48834375, 03512193, 04953373, 04917819. **କେନ୍ଦୁଝର - ମାଇନିଂ ରୋଡ୍:** PCQ7SGL37345456, 40025444, 98360132, 98336021, 00074547, 00318915, 00253107, 48337064, 02698187, 02743950, 48668834, 03972611. **ଖଲ୍ଲିକୋଟ - ମେନ୍ ରୋଡ୍:** PQE7SGL26805090, 26850382, 00001100, 00224149. **ଖୋର୍ଦ୍ଧା - ମେନ୍ ବଜାର:** PDA3SGL14335950, 17574495, 38446713, 38797052, 89713620, 89979114, 89927352, 98278544, 00556421, 01116516, 02065509, 02077152, 02961237, 03300402, 03312584, 03235200, 03522328, 04688034. **ଖୋର୍ଦ୍ଧା - ନୂଆ ବସ୍ ଷ୍ଟାଣ୍ଡ ରୋଡ୍:** PSV6EGL99780181, 01215875, 01114369, 02773695, 03272475, 03799732. **ପୁରୀ - କୁନ୍ଦୁଗିରି:** POG2SGL45747878, 98530900, 01358935, 02713015. **ରାଉରକେଲା - ଫର୍ଟିଲାଇଜର୍:** PSJ5EGL88867314, 89275230, 89918545, 98544054, 98481264, 99718643, 01092585, 01374538, 02712357, 03046172, 03240710, 03233619.

ପ୍ରଥମ ନିଲାମର ତାରିଖ: 15-12-26, ଦ୍ୱିତୀୟ ନିଲାମର ତାରିଖ: 19-12-26 ଏବଂ ତୃତୀୟ ନିଲାମର ତାରିଖ: 23-12-26; କୋଟପାଡ଼ - ମେନ୍ ରୋଡ୍: PRM1EGL97837865, 98141224, 98069354, 98486642, 99393051, 99986113, 01308863, 03520987. **କୁଚିଣ୍ଡା - ରାଜୀବ ଗାନ୍ଧୀ ଛକ:** PDA3SGL45730936, 48227110. **ମଦନପୁର ରାମପୁର - ମେନ୍ ରୋଡ୍:** PLF2SGL21070104, 35658167, 46486376, 48605901, 49148428. **ମୁନିଗୁଡ଼ା - ମେନ୍ ରୋଡ୍:** PRL9EGL86598990, 88437315, 88625000, 88864740, 89984117, 90498113, 97852734, 98102045, 00254620, 00514515, 00460801, 01121114, 01073865, 01616650, 04677840. **ନବରଙ୍ଗପୁର - ପଟେଲ ମାର୍ଗ:** PCR3EGL100237147, 00449950, 00703556, 01135190, 01893172. **ନୟାଗଡ଼ - ଖଣ୍ଡପଡ଼ା ରୋଡ୍:** PMR9EGL98340638, 98484740, 98616365, 98630354, 99420296, 99375944, 99756679, 00287287, 00254331, 00721097, 01572259, 02697188, 03251556, 03280242, 03237272. **ନୟାଗଡ଼ - ରଣପୁର:** PPU8EGL90237740, 90231810, 00530308, 02819227. **ନିଆଳି - ମେନ୍ ରୋଡ୍:** PJD4SGL15306083, 15346963, 15560011, 87947851, 87927215, 89226497, 89217406, 89922790, 97934725, 98293538, 46007429, 46131756, 99465736, 99459399, 99386516, 99686944, 99802636, 99693993, 99680937, 99703453, 47198375, 00691653, 00694865, 00685073, 01065716, 47593681, 01657033, 01613767, 01787701, 02046603, 02052145, 02076170, 02098594, 02780203, 02695966, 03016585, 03019694, 03572874, 03583623, 49128724, 03761639, 03773186, 49283987, 49468206, 04693329, 04688243, 04698681. **ନୀଳଗିରି - ମେନ୍ ରୋଡ୍:** PLO8EGL88271959, 88714786, 88956651, 89277610, 45746870, 98318840, 98299693, 98619308, 98654208, 99421362, 00321049, 00514100, 01886892, 01836413, 02115197, 02086725, 02312600, 49419455. **ନୂଆପଡ଼ା - ମେନ୍ ରୋଡ୍:** PQS1EGL89532197, 98310844, 00001963, 00483601, 00452715, 01632256, 02069371, 02757020, 02712672, 02772189, 02964751, 03810201, 04924248. **ନୂଆପଡ଼ା - ରାଜ ଖରିଆର:** PTK9EGL98075386, 98530327, 99507075, 99718904, 00072305, 00281991, 00342197, 01872365, 02078407, 02338379, 04929724. **ପଦ୍ମପୁର - ଭେଙ୍ଗିରିଆ ଚକ୍:** PRL3EGL99485896, 00463443, 00745141, 01555122, 03268087. **ପଟ୍ଟାମୁଣ୍ଡାଇ - ମେନ୍ ରୋଡ୍:** POH6SGL24965807, 88196417, 89245402, 89777246, 90023295, 90229788, 90444489, 98162719, 98549921, 98679562, 99456147, 99789728, 00239430, 00558470, 00526880, 47144730, 00704985, 00680031, 01157853, 47629068, 01450588, 01327465, 01337460, 01336139, 01557687, 01653811, 01664931, 01815996, 01852563, 01841339, 01830156, 01844719, 02049839, 02177496, 02125137, 02072423, 48213622, 03008417, 02979594, 03260107, 03334154, 03290033, 03512636, 03796780, 04105010, 04911800, 05025622, 04956895, 04942888, 05005249. **ପୁରୀ - କୋଣାର୍କ ରୋଡ୍:** POG3EGL87379949, 97938231, 98502535, 98505831, 98475301, 99412617, 99402304, 99775966, 99770213, 99819159, 99992659, 00237072, 00479012, 00738796, 01138604, 01094165, 01206349, 01166217, 01332627, 01864379, 02086502, 02344160, 02724477, 03038554, 03298350, 03342738, 03511179, 03529738, 03744089, 04683658, 05028796, 04958201, 04961329. **ରାଉରକେଲା - କୋଏଲ ନଗର:** PER3SGL27773074, 88417098, 38877575, 89275398, 89967228, 40032843, 97858609, 97866625, 98168731, 98068872, 98091231, 98096971, 98506434, 98511746, 98491677, 98489726, 98663890, 46151637, 99409356, 99371676, 99712861, 99696010, 99715419, 99968701, 99994075, 99957867, 99979629, 00305287, 00328564, 00236034, 00552048, 00501745, 00713097, 00749394, 00714193, 01110686, 01164916, 01089986, 01415814, 01563050, 01921307, 01925839, 01818082, 48087108, 02058108, 02752389, 02690487, 03031620, 02987103, 02967095, 03090950, 03245616, 03230583, 03353801, 03288535, 03234591, 03839507, 03794545, 04913814.

ପ୍ରଥମ ନିଲାମର ତାରିଖ: 16-12-26, ଦ୍ୱିତୀୟ ନିଲାମର ତାରିଖ: 19-12-26 ଏବଂ ତୃତୀୟ ନିଲାମର ତାରିଖ: 23-12-26; ଫୁଲବାଣୀ - ମେନ୍ ରୋଡ୍: P93ASGL14329799, 14934657, 15436843, 15524228, 17841176, 17827734, 24053035, 24312735, 25418332, 28041698, 28014377, 29081984, 29080022, 35861373, 86594022, 86575588, 37340965, 37495068, 87403705, 88043815, 88269213, 88206690, 88258056, 38889250, 89203191, 40005564, 90187301, 90404900, 90455197, 40385993, 98090310, 98619056, 98622621, 99780144, 46737236, 00103337, 00074163, 00482777, 00469687, 00476863, 00535303, 47282646, 01202503, 01106823, 01132303, 47873378, 48079691, 02090442, 48684554, 03736159, 49817668, 04904079, 05001163, 05000814, 49959393. **ପିପିଲି - ହାଟ ଚକ୍:** PGE1EGL98630768, 99747359, 01151688, 01812946, 01883977, 02150652, 03058091, 02986703, 03518664, 03793165. **ପୋଲସରା - ମେନ୍ ରୋଡ୍:** PRM7EGL99380596, 00066486, 02138502, 03976402. **ପୁରୀ - ଭି.ଆଇ.ପି ରୋଡ୍:** PEK3EGL97885639, 98091660, 45790868, 98307960, 98498838, 98667715, 99427256, 99399252, 99439162, 99687648, 99949772, 99953552, 00042617, 99997722, 00318874, 00267646, 00525806, 01366462, 01593320, 01580027, 01581302, 01623053, 01854857, 01800757, 02714832, 03242495, 03313914, 48973994, 03780753, 03785602, 03979533, 04003945, 04702296, 04689735, 04981240. **ପୁରୁଷୋତ୍ତମପୁର - ମେନ୍ ରୋଡ୍:** PQE6SGL29089671, 35363935, 87358043, 88184170, 98164306, 98281009, 98505217, 98509869, 98489053, 99420739, 99401041, 99491716, 99429089, 00287356, 01174845, 01318209, 01365402, 01330332, 01378399, 01628468, 01646899, 01873442, 01803882, 02142551, 02292287, 02402883, 02296519, 02775603, 02746393, 02991547, 03067766, 03509235, 49187268, 04954359. **ରଘୁନାଥପୁର - ଗୋପାଳପୁର:** POF6EGL88010393, 88465838, 88679566, 88911904, 88927527, 89297205, 89248787, 89346442, 97848719, 98109422, 99439204, 99754526, 99669259, 00321126, 00524927, 00553804, 01151903, 01063800, 01082500, 47620565, 01562019, 01643762, 02145411, 02394531, 02288086, 48591904, 02978225, 02990519, 03238224, 03797865, 49323503, 49487198. **ରାଇଘର - DNK ଚକ୍:** PSO9EGL97935028, 98504744, 98512527, 98617452, 99391578, 99792058, 99959481, 01110347, 01142532, 01352692, 01364811, 01617615, 02744993, 02826698, 03006183, 03004413, 03496717, 04770311, 04986494, 04978919. **ରାଜନଗର - ମେନ୍ ରୋଡ୍:** PLJ3SGL15474263, 16277956, 16518896, 35833483, 88855212, 97895830, 97954008, 45603189, 98069276, 45902758, 98508080, 98499002, 98549235, 98474779, 98482619, 98496452, 46022622, 98675821, 98643708, 98637890, 98654825, 99395436, 99466223, 99486171, 99734952, 99781877, 99821831, 99772817, 99745000, 99680179, 99693982, 46698385, 46734638, 00101599, 00266755, 00232720, 00290995, 00230039, 00322637, 00448941, 00490675, 00452378, 00752832, 01171410, 01184497, 01097763, 01098331, 01305056, 01364155, 01385996, 47794336, 47741231, 01598230, 01578065, 01837997, 01808940, 02058954, 02097254, 02135555, 02046043, 48238048, 48186211, 02299550, 02415449, 02375918, 02298588, 48374036, 02697530, 02716386, 48648182, 02976295, 48797496, 03290007, 03307501, 03507453, 03539134, 03491875, 49310115, 03994851, 04002884, 04675900, 04737686, 04899952, 04925472, 49965956. **ରାମନଗର - ମେନ୍ ମାର୍କେଟ୍:** PSP8EGL97940047, 99486288, 00689299, 01137518, 01331351, 02752874, 02690414, 04082413. **ରାୟଗଡ଼ - ପି.ଏସ୍.ଆର୍ ରୋଡ୍:** PCR4SGL15359831, 15381609, 17424034, 28247886, 35333202, 88431786, 97887848, 98081432, 98500722, 45994850, 98622418, 99437605, 99683224, 00080089, 00091987, 00239511, 00340442, 00449377, 00677507, 01125571, 01111401, 01396613, 47740189, 47731004, 01583673, 01567057, 01571304, 01606168, 01888438, 48074854, 02348282, 02804460, 02994914, 03049062, 03312804, 03240021, 03231571, 03301066, 03533102, 03744100, 04973890.

ପ୍ରଥମ ନିଲାମର ତାରିଖ: 17-12-26, ଦ୍ୱିତୀୟ ନିଲାମର ତାରିଖ: 19-12-26 ଏବଂ ତୃତୀୟ ନିଲାମର ତାରିଖ: 23-12-26; ସାକ୍ଷୀଗୋପାଳ - ରେଲୱେ ଲେଭଲ୍ କ୍ରସିଂ: PLJ2EGL97951353, 97855764, 97938618, 97944056, 97871169, 97881116, 98147010, 98365713, 98526453, 98550007, 98627145, 98664090, 98659715, 99422891, 99519200, 99365181, 99374860, 99476912, 99695109, 99731157, 99687888, 99696583, 99980610, 00017123, 00247973, 00289696, 00227603, 00539686, 00521393, 00710379, 00716589, 00672972, 01123110, 01135218, 01075891, 01132759, 01064995, 01171901, 01127119, 47570607, 01328262, 01314003, 01346267, 47745263, 01603967, 01622981, 01596171, 01574611, 01599749, 01585700, 01845956, 01828974, 02123459, 02079962, 02049187, 02096550, 02312775, 02376059, 02382929, 02319037, 02287537, 02325532, 02362505, 02715388, 02678557, 02764897, 02740271, 02723045, 02794291, 03057849, 02986378, 03066019, 03011448, 48800148, 03300374, 03259542, 03274751, 03508113, 03725203, 03969841, 04089201, 03981646, 04017563, 04983541, 04901125, 04941310, 49963801. **ଶାଲେପୁର - ମେନ୍ ରୋଡ୍:** PGN9SGL26254763, 35650243, 36564907, 86616513, 37516238, 89265027, 89731350, 97912707, 45760371, 98366892, 98360498, 45869315, 98467423, 98513860, 98511130, 98507392, 98672826, 98675611, 98620782, 98617746, 98663752, 99492296, 99482641, 99484831, 46523104, 99746926, 99983128, 00029028, 00230201, 00237431, 00461299, 01080495, 01156658, 01640249, 02150682, 02080290, 02159154, 02324304, 02713849, 48634137, 48995330, 49436984, 04704468, 04674728, 04728442, 04989265. **ସମ୍ବଲପୁର - କଲେଜ ରୋଡ୍:** PRG4EGL90041539, 99468835, 01791142, 02067825, 02061032, 02386532. **ସେମିଲିଗୁଡ଼ା - ମେନ୍ ରୋଡ୍:** PRM2EGL97847258, 98086473, 98507164, 98644536, 98641906, 99534848, 99363401, 00711430, 01193398, 01190796, 01069850, 01128822, 01402826, 01312193, 02081844, 02372718, 02813210, 03489643, 04748249. **ସୋନପୁର - ଜସ୍ ଗୁରୁ ଚକ୍:** PMY6SGL35319042, 36045104, 90499538, 90504441, 02792587, 03239520, 03564831, 03761179. **ସୋରୋ - ମେନ୍ ମାର୍କେଟ୍:** PSJ8EGL100454751. **ସୁନ୍ଦରଗଡ଼ - ହସ୍ପିଟାଲ୍ ରୋଡ୍:** PJU9EGL87650723, 88660516, 88642483, 88673783, 88656333, 88646397, 90255427, 90256935, 90185527, 90290938, 97875919, 97871179, 97860402, 97944942, 98138506, 98084980, 98126931, 98167173, 98350785, 98469560, 98485849, 98663636, 99388272, 99361016, 99448109, 99448118, 99358231, 99693638, 99726735, 99714613, 99749152, 99957279, 99998121, 00257661, 00249129, 00318181, 00536664, 00502488, 00493194, 00691689, 00716841, 01157359, 01103414, 01091809, 01141358, 01209408, 01096746, 01123084, 01342403, 01368420, 01371734, 01336307, 01692904, 01662344, 01834863, 01804209, 01866261, 01906651, 01870651, 01895162, 02080180, 02046710, 02329514, 02305935, 02324564, 02334765, 02332448, 02823705, 02859674, 02697076, 03037728, 03058795, 48794877, 03538174, 03536578, 03578814, 03748189, 03815809, 03803148, 04002435, 04010477, 04691302. **ତାଳଚେର - ମେନ୍ ରୋଡ୍:** PGO1SGL46545064, 02112025, 49469578. **ତିତିଲାଗଡ଼ - ବୋଲାଙ୍ଗୀର ରୋଡ୍:** PRG6EGL86556193, 97929792, 98097445, 98278657, 98365666, 99704275, 99716116, 00469898, 01391293, 01828216, 02381771, 02792628, 03755792, 03727999, 04963657, 04947310. **ଉମରକୋଟ - ଗୁଜିପାଡ଼ା:** PJE3SGL25879259, 86563154, 88887296, 89749735, 39814366, 90225336, 97917908, 45738304, 98529195, 98615829, 99382659, 46519967, 99750635, 99750542, 00096868, 00275185, 00458586, 00513077, 00470615, 00713995, 47291084, 01103979, 47537758, 01334662, 01326279, 01618170, 48085805, 02039060, 48184947, 02755724, 48642577, 02988254, 03301465, 04709827, 04733189, 04984621.

ବଜାଜ ଫାଇନାନ୍ସ ଲିମିଟେଡ୍

ପିଅନଙ୍କ ବଦଳିକୁ ବିରୋଧ: ହାଇସ୍କୁଲ ଗେଟ୍‌ରେ ତାଲା



କଣିହାଁ, (ସବ୍ୟୁ) : ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଡେରଙ୍ଗ ଭଣେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ପିଅନଙ୍କ ବଦଳିକୁ ନେଇ ଅସନ୍ତୋଷ ତୀବ୍ର ହୋଇଛି । ବଦଳି ଆଦେଶ ବାତିଲ ଦାବିରେ ମଙ୍ଗଳବାର ସକାଳ ୯ଟାରେ ସ୍କୁଲ ପରିଚାଳନା କମିଟି ଓ ଅଭିଭାବକମାନେ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ପ୍ରତିବାଦ ଜଣାଇଛନ୍ତି ।

ସୂଚନା ଅନୁଯାୟୀ, ବିଦ୍ୟାଳୟରେ କାର୍ଯ୍ୟରତ ପିଅନ ମମତା ସାହୁଙ୍କ ବଦଳି ଗତ ଅକ୍ଟୋବର ୨୭ ତାରିଖର ଚିଠି ନମ୍ବର ୯୫୭୯ ଅନୁସାରେ କଣିହାଁସ୍ଥିତ ପିଏମଶ୍ରୀ ପବିତ୍ରମୋହନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ କରାଯାଇଥିଲା । ଏହି ବଦଳି ସମ୍ପର୍କରେ ସ୍କୁଲ ପରିଚାଳନା କମିଟି, ସରପଞ୍ଚ ଓ ସମିତି ସଭ୍ୟ ଜାଣିବା ପରେ ଗତ ୩୧ ତାରିଖରେ ଅନୁଗୋଳ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇ ବଦଳି ଆଦେଶ ବାତିଲ କରିବାକୁ ଦାବି କରିଥିଲେ ।

ଏହାର ଉତ୍ତରରେ ନଭେମ୍ବର ୨ ତାରିଖରେ ବଦଳି ବାତିଲ ସମ୍ପର୍କରେ ଜଣାଇ ଦିଆଯିବ ବୋଲି ଶିକ୍ଷା ବିଭାଗ ପକ୍ଷରୁ ପ୍ରତିଶ୍ରୁତି ମିଳିଥିବା କମିଟି ସଦସ୍ୟମାନେ କହିଛନ୍ତି । ତେବେ ଏ ନେଇ କୌଣସି ସ୍ପଷ୍ଟ ନିଷ୍ପତ୍ତି ନମିଳିବାରୁ ମଙ୍ଗଳବାର ତାଲା ପକାଇ ପ୍ରତିବାଦ କରିଥିଲେ । ସ୍କୁଲ ପରିଚାଳନା କମିଟି ସଭାପତି ଅକ୍ଷୟ ନାଏକଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦରେ ଡେରଙ୍ଗ ସରପଞ୍ଚ ସଂଯୁକ୍ତା ବେହେରା, ନାଏବ ସରପଞ୍ଚ ବୁଲୁ ସାହୁ, ସମିତି ସଭ୍ୟ ସନ୍ତୋଷ ନାଏକ, ବିଜେପି ପଞ୍ଚାୟତ ସଭାପତି ସୁମନ୍ତ ମହାନ୍ତି, ବିଜେଡି ପଞ୍ଚାୟତ ସଭାପତି ପୁରୁଷୋତ୍ତମ ସାହୁ,ଗ୍ରାମ ସଭାପତି ପ୍ରଶ୍ନ ନାଏକ, ଟିକନ ମହାନ୍ତି, ସନ୍ତୋଷ ବେହେରା, ସଞ୍ଜୟ ବେହେରା , ବରିଷ୍ଠ କଂଗ୍ରେସ ନେତା ଲୋକନାଥ ବେହେରା, ଯୁବନେତା ଅନିଲ ସାହୁ ଓ ଦିଲ୍ଲୀପ ପ୍ରଧାନଙ୍କ ସମେତ ବହୁ ଅଭିଭାବକ ଉପସ୍ଥିତ ଥିଲେ । କଣିହାଁ ଅଞ୍ଚଳରେ ଥିବା କେତେକ ହାଇସ୍କୁଲରେ ୩ ଜଣ ଲେଖାଏଁ ପିଅନ କାର୍ଯ୍ୟରତ ଥିବାବେଳେ ସେଠାରୁ ଜଣଙ୍କୁ ଡେପୁଟେସନରେ ଆଣିବା ପରିବର୍ତ୍ତେ ଭଣେଶ୍ୱରୀ ହାଇସ୍କୁଲକୁ ପିଅନ ଶୂନ୍ୟ କରିବା ଭଳି ନିଷ୍ପତ୍ତି କାହିଁକି ନିଆଯାଉଛି ବୋଲି ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି । ବିଦ୍ୟାଳୟର ଶିକ୍ଷାଦାନ ଓ ପ୍ରଶାସନିକ କାର୍ଯ୍ୟରେ ଯେପରି ବାଧା ସୃଷ୍ଟି ନ ହୁଏ, ସେଥିପାଇଁ ଶିକ୍ଷା ବିଭାଗ ତୁରନ୍ତ ଏହି ବଦଳି ଆଦେଶର ପୁନର୍ବିଚାର କରିବା ସହ ସମସ୍ୟାର ସମାଧାନ କରୁ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି ।

କାମାକ୍ଷାନଗରରେ ଆଖୁଚାଷୀଙ୍କ ସମସ୍ୟା

କାମାକ୍ଷାନଗର , (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଅଞ୍ଚଳରେ ଆଖୁଚାଷୀଙ୍କ ସମସ୍ୟାକୁ ନେଇ ସମାଧାନ ଦାବୀରେ ଏକ ଦାବୀପତ୍ର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ଟିଏମ୍‌ଏସ୍‌ଡି ଯୋଜନାର ସୁଫଳ ମିଳୁନି, ସରକାରୀ ସହାୟତା ଓ ସବ୍‌ସିଡି ପ୍ରଦାନ ପାଇଁ ଦାବି କରାଯାଇଛି । ରାଜ୍ୟର ଆଖୁଚାଷୀଙ୍କ ସମସ୍ୟା ସମାଧାନ ଓ ଚାଷକୁ ଅଧିକ ଲାଭଜନକ କରିବା ପାଇଁ ଓଡ଼ିଶା ଆଖୁ ଚାଷୀ ମହାସଂଘ ପକ୍ଷରୁ କାମାକ୍ଷାନଗର ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।

ଆଖୁଚାଷୀଙ୍କ ପାଇଁ ସରକାରଙ୍କ ଟେକ୍ନୋଲୋଜି ମିଶନ ଅନ୍ ସୁଗାରକେନ୍ ଡେଭଲପମେଣ୍ଟ ଯୋଜନାର ସଠିକ୍ କାଯ୍ୟକାରିତା ଉପରେ ଗୁରୁତ୍ୱ ଦିଆଯାଇଛି । ଏହି ଯୋଜନା ମାଧ୍ୟମରେ ଆଖୁଚାଷର ଆଧୁନିକୀକରଣ, ଉନ୍ନତ ଚାଷ ପ୍ରଣାଳୀ ଓ ଚାଷୀଙ୍କୁ ସରକାରୀ ସହାୟତା ପ୍ରଦାନର ବ୍ୟବସ୍ଥା ରହିଥିଲେ ମଧ୍ୟ ଏହାର ସୁଫଳ ସମସ୍ତ ଚାଷୀଙ୍କ ନିକଟରେ ପହଞ୍ଚୁନଥିବା ମହାସଂଘ ଅଭିଯୋଗ କରିଛି ।

ସେହିପରି ଆଖୁଚାଷ ପାଇଁ ବିଭିନ୍ନ କୃଷି ସାମଗ୍ରୀ ଓ ଚାଷ ପଦ୍ଧତି ନିମନ୍ତେ ସରକାରୀ ସବ୍‌ସିଡି ପ୍ରଦାନ, ଉନ୍ନତମାନର ବିହନ ଓ ଚାଷୀଙ୍କୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦେବାକୁ ଦାବି କରାଯାଇଛି । ଏଥିସହ ଚାଷୀଙ୍କୁ ମିଳିବାକୁ ଥିବା ସହାୟତା ଡିବିଟି ମାଧ୍ୟମରେ ସିଧାସଳଖ ବ୍ୟାଙ୍କ ଖାତାକୁ ପ୍ରଦାନ କରିବାକୁ ମହାସଂ ଘ ପ୍ରସ୍ତାବ ଦେଇଛି । ଆଖୁଚାଷୀଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆଣିବା ସହ ଆଖୁଚାଷର ପରିମାଣ ଓ ଉତ୍ପାଦନ ବୃଦ୍ଧି ପାଇଁ ସରକାର ଏହି ଦାବିଗୁଡ଼ିକୁ ଗୁରୁତ୍ୱର ସହ ବିଚାର କରିବାକୁ ମହାସଂଘ ତରଫରୁ କମାକ୍ଷାନଗର ଉପଜିଲ୍ଲାପାଳ ବିକାଶ କୁମାର ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।

କଲ୍ୟାଣମଣ୍ଡପ ନା ସିମେଣ୍ଟ ଗୋଦାମ



ଓଡାପଡା, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ସଦାଶିବପୁର ପଞ୍ଚାୟତ ଆନ୍ତର୍ଗତ ବଉଳପୁର ଗ୍ରାମରେ ଥିବା କଲଯାଣ ମଣ୍ଡପ ବିଭାଘର, ବ୍ରତଘର, ଜନ୍ମଦିନ ପାଳନ ହେଉନାହିଁ । କଲ୍ୟାଣ ମଣ୍ଡପଟି ଠିକାଦାରଙ୍କ କବଜାରେ ରହିଥିବା ବେଳେ କାହା ନିର୍ଦ୍ଦେଶରେ ଏପରିହୋଇଛି ତାକୁ ନେଇ ଚର୍ଚ୍ଚା ହେଉଛି ।

ଲୋକଙ୍କ ସୁବିଧା ପାଇଁ ନିର୍ମାଣ ହୋଇଥିବା କଲ୍ୟାଣ ମଣ୍ଡପ ଏବେ ପାଲଟିଛି ସିମେଣ୍ଟ ଗୋଦାମ । ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ୍ ସଦାଶିବପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ବଉଳପୁର ଗ୍ରାମରେ ଥିବା କଲଯାଣ ମଣ୍ଡପର ଏଭଳି ଅବସ୍ଥାକୁ ନେଇ ସାଧାରଣରେ ଏବେ ନାନା ପ୍ରଶ୍ନ ଉଠିଛି । ଲୋକଙ୍କ ସେବା ପାଇଁ ଉତ୍ସର୍ଗୀକୃତ ଏହି ସରକାରୀ ଭିତ୍ତିଭୂମିରେ ଏବେ ସିମେଣ୍ଟ ଗଚ୍ଛିତ ରଖାଯାଉଥିବାରୁ ଏହାର ମୂଳ ଉଦ୍ଦେଶ୍ୟ ବାଟବଣା ହୋଇଥିବା ଦେଖିବାକୁ ମିଳିଛି । ନିୟମକୁ ଉଲ୍ଲଂଘନ କରି ଏହି ମଣ୍ଡପକୁ ଠିକାଦାରଙ୍କ ବ୍ୟବହାର ପାଇଁ ଦିଆଯାଇଥିବା ନେଇ ମଧ୍ୟ ଅଭିଯୋଗ ଉଠିଛି । ଏହି ବିଷୟରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲୁ ସେ ଏହି ବିଷୟରେ କିଛି ଜାଣି ନାହାନ୍ତି ଓ ସରପଞ୍ଚଙ୍କୁ ବୁଝି ଜଣାଇବି ବୋଲି ପ୍ରକାଶ କରିଥିଲେ ।

ଅନୁଗୋଳର ନୂତନ ସିଡିଏମଓ

ଅନୁଗୋଳ,(ସବ୍ୟୁ) : ଅନୁଗୋଳ ମୁଖ୍ୟ ଚିକିତ୍ସାଳୟରେ ଏଡିଏମଓ ଥିବା ଡାକ୍ତର ଦିଲ୍ଲୀପ ପଟ୍ଟନାୟକଙ୍କୁ ନୂତନ ସିଡିଏମଓ ଭାବେ ସରକାର ନିଯୁକ୍ତି ପ୍ରଦାନ କରିଛନ୍ତି । ମୁଖ୍ୟ ଚିକିତ୍ସାଧିକାରୀ ଥିବା ଡାକ୍ତର ମଦନ ମୋହନ ପ୍ରଧାନ ପଦୋନ୍ନତି ପାଇ ଭୁବନେଶ୍ୱର ସ୍ଥିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ବଦଳି ହୋଇଛନ୍ତି। ଏ ସମ୍ପର୍କରେ ସରକାରୀ ନିର୍ଦ୍ଦେଶନାମା ଆସିଛି । ଡାକ୍ତର ଦିଲ୍ଲୀପ ପଟ୍ଟନାୟକ ନୂତନ ସିଡିଏମଓ ଭାବେ ଅତିଶୀଘ୍ର କାର୍ଯ୍ୟଭାର ଗ୍ରହଣ କରିବେ ବୋଲି ଜଣାପଡିଛି ।



ଜିଲ୍ଲା ମୁଖ୍ୟ ଚିକିତ୍ସ ।ଳୟରେ ଥିବା ସବୁ ସମସ୍ୟାର ସମାଧାନ ସହିତ ରୋଗୀମାନଙ୍କୁ ଉତ୍ତମ ଚିକିତ୍ସ । ସେବା ଯୋଗାଇ ଦିଆଯିବ ଏବଂ କର୍ମଚାରୀ ନଙ୍କ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବେ ବୋଲି ନୂତନ ସିଡିଏମଓ ଡାକ୍ତର ଦିଲ୍ଲୀପ ପଟ୍ଟନାୟକ କହିଛନ୍ତି । ଡାକ୍ତର ଦିଲ୍ଲୀପ ପଟ୍ଟନାୟକ କରୋନା ସମୟରେ ପରିଚାଳନାର ଦକ୍ଷତା ଓ ଅଭିଜ୍ଞ ପ୍ରଶାସକ ଭାବେ ଉଚ୍ଚ ପ୍ରଶଂସିତ ହୋଇଥିଲେ ।

ଡ. ଅଶୋକ ମହାପାତ୍ରଙ୍କ ଦେହାନ୍ତରେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀଙ୍କ ଶୋକ

ଅନୁଗୋଳ, (ସବ୍ୟୁ) : ଗତକାଲି ସୋମବାର ରାତି ୯ଘଟିକା ୧୫ ମିନିଟ ସମୟରେ ଦିଲ୍ଲୀ ଏମ୍ସରେ ଚିକିତ୍ସାଧିନ ଅବସ୍ଥାରେ ପଦ୍ମଶ୍ରୀ ପ୍ରଫେସର ଅଶୋକ ମହାପାତ୍ରଙ୍କର ଦେହାନ୍ତ ହୋଇଯାଇଛି । ଓଡିଶା ମାଟିର ସନ୍ତାନ ଭାବରେ ଯେଉଁ କେତେଜଣଙ୍କୁ ନେଇ ସମଗ୍ର ଓଡିଆ ଜାତି ଗର୍ବ କରିଥାଏ ତନ୍ମଧ୍ୟରୁ ପ୍ରଫେସର ମହାପାତ୍ର ହେଉଛନ୍ତି ଅନ୍ୟତମ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପାରଦର୍ଶିତା ତାଙ୍କୁ ଯେତେ ମହାନ କରି ଗଢିତୋଳିଛି ତାଠାରୁ ଅଧିକ ପୂଜ୍ୟ କରିଛି ତାଙ୍କର ମାନବୀୟ ଦର୍ଶନ ଓ ସମାଜ ମଙ୍ଗଳ ପାଇଁ ଅନବଦ୍ୟ ନିଷ୍ଠା । ଚିକିତ୍ସା ବିଜ୍ଞାନର ଶୀର୍ଷରେ ପହଞ୍ଚିଥିବା ଡ. ମହାପାତ୍ର ମୁକ୍ତକଣ୍ଠରେ କହୁଥିଲେ ଯେ, ବିଜ୍ଞାନର ଉର୍ଦ୍ଧ୍ୱରେ ଆଧାତ୍ମ୍ ଏବଂ ଚିକିତ୍ସାରେ ସଫଳତା ପାଇଁ ଇଶ୍ୱରଙ୍କ ଆଶୀର୍ବାଦ ଗୁରୁତ୍ୱପୂର୍ଣ୍ଣ । ଦିଲ୍ଲୀ ପରେ ସେ ଭୁବନେଶ୍ୱର ଏମ୍ସର ପ୍ରଥମ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ । ତାଙ୍କର ଦେହାନ୍ତରେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଦେଶର ବିଶିଷ୍ଟ ନ୍ୟୁରୋସର୍ଜନ ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ ।

ଦେଶର ଜଣେ ପ୍ରଖ୍ୟାତ ସ୍ନାୟୁଶଲ୍ୟ ବିଶେଷଜ୍ଞ ଭାବେ ସେ ଦେଶ-ବିଦେଶରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ତାଙ୍କର ଦୀର୍ଘଦିନର ଡାକ୍ତରୀ ସେବା ଗରିବ ଲୋକଙ୍କ ପାଇଁ ସମର୍ପିତ ଥିଲା ।

ଦିଲ୍ଲୀ ଏମ୍ସ ଏବଂ ଭୁବନେଶ୍ୱର ଏମ୍ସ ଭଳି ପ୍ରତିଷ୍ଠିତ ଅନୁଷ୍ଠାନରେ ତାଙ୍କର ଅବଦାନ ଅତୁଳନୀୟ । ସେ ସ୍ୱାସ୍ଥ୍ୟ ସେବା ଓ ଶିକ୍ଷା କ୍ଷେତ୍ରକୁ ଏକ ନୂଆ ଦିଗଦର୍ଶନ ଦେଇଥିଲେ। ତାଙ୍କର ବିୟୋଗରେ ଓଡ଼ିଶା ଜଣେ ସୁଦକ୍ଷ ଚିକିତ୍ସକଙ୍କୁ ହରାଇଲା । ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି । ସେହିଭଳି ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଗଭୀର ଶୋକ ବ୍ୟକ୍ତ କରିଛନ୍ତି ସେ ଡାକ୍ତର ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରି ଥିଲେ, ତାଙ୍କର ଅବର୍ତମାନରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ଅପୂରଣୀୟ କ୍ଷତି ବୋଲି ସାଂସଦ ପ୍ରକାଶ କରିଛନ୍ତି। ବିଜେପି ରାଜ୍ୟ ସମ୍ପାଦକ କାଳନ୍ଦି ସାମଲ, ଅନୁଗୋଳ ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲେଶର ପ୍ରଧାନ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି ।

ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ସଚେତନତା ଓ ସ୍ୱାସ୍ଥ୍ୟସେବା ଶିବିର

ପାଲଲହଡ଼ା, (ସବ୍ୟୁ) : ଆଜି ପାଲଲହଡ଼ାର ଉପାନ୍ତ ଅଂଚଳ ଭାବେ ଜଣାଶୁଣା ନଗିରା ଗ୍ରାମ ପଞ୍ଚାୟତ ପରିସରରେ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଜିନ୍ଦଲ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଏକ ଜାତୀୟ ଭେକଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧୀନରେ ଏକ ସ୍ୱତନ୍ତ୍ର ସଚେତନତା ଓ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉଭୟ ନଗିରା ଓ ବର ପଂଚାୟତ ଲୋକଙ୍କୁ ମଶା ବାହିତ ରୋଗ ଯଥା ମ୍ୟାଲେରିଆ, ଡେଙ୍ଗୁ ରୋକିବା ପାଇଁ ଲଙ୍ଗ ଲାଷ୍ଟିଙ୍ଗ ଇନସେକଟିସାଇଡାଲ ନେଟ (ମଶାରୀ) ବଣ୍ଟନ କରାଯାଇଥିଲା ଏବଂ ସମସ୍ତଙ୍କ ଘରେ ଇନଡୋର ରେସିଡୁଆଲ ସ୍ପ୍ରେ କରାଯିବା ନେଇ ସୂଚନା ଦିଆଯାଇଥିଲା । ଏହା ସହିତ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ମଧ୍ୟ ଆୟୋଜନ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ, ଅଶୋକ ମହାନ୍ତି, ସମ୍ମାନିତ ଅତିଥିଭାବେ ସ୍ଥାନୀୟ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଶାନ ମିଶ୍ର, ଡେପୁଟି କଲେକଟର ଇଂ ବିଦ୍ୟୁସ୍ମିତା ସାହୁ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶୋଭିତ କୁମାର ବିଶୀ, ଏଡିପିଏଚଓ ଡା. ପୂର୍ଣ୍ଣିମା ଉଦଗାତା, ଖମାର ମେଡିକାଲ ଅଫିସର ଇନଚାର୍ଜ ଡା. ଶଶିକାନ୍ତ ବେହେରା, ଜିନ୍ଦଲ ଫାଉଣ୍ଡେସନର ଏଜିଏମ ଝିଲ୍ଲୀ ଖଟୁଆ, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାସ, ବିଧାୟକଙ୍କ ପ୍ରତିନିଧି ବରିଷ୍ଠ ଆଇନଜୀବୀ ତନ୍ମୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟରେ ବିଶ୍ୱ ଜୈବମଣ୍ଡଳ ଦିବସ



ବାରିପଦା, (ସବ୍ୟୁ) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ (ଏମ୍‌ଏସ୍‌ସିବି) ବିଶ୍ୱବିଦ୍ୟାଳୟର ଲିଟେରାରୀ କ୍ଲବ୍ ଏବଂ ଇକୋ ଫ୍ରେଣ୍ଡ ଆପେକ୍ସ ଫରେଷ୍ଟ ପ୍ରୋଟେକ୍ସନ କମିଟିର ମିଳିତ ଆନୁକୂଲ୍ୟରେ ବିଶ୍ୱ ସଂରକ୍ଷିତ ଜୈବମଣ୍ଡଳ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ସମ୍ମିଳନୀ କକ୍ଷରେ ଶିମିଳିପାଳର ଜୈବବିବିଧତା ଓ ପରିବେଶ ସଂରକ୍ଷଣ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତିଙ୍କ ମାର୍ଗଦର୍ଶନରେ ଏବଂ କମିଟିର ସଭାପତି ଡ. ଶ୍ୟାମ ସୁନ୍ଦର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ରାଜେଶ କୁମାର ସିଂହ ମୁଖ୍ୟ ଅତିଥି ଓ "ଆମେ ମୟୂରଭଞ୍ଜିଆ'ର ଅଧ୍ୟକ୍ଷ ସଞ୍ଜୟ କୁମାର ଚୌଧୁରୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ସେମାନେ ଜୈବବିବିଧତା ସଂରକ୍ଷଣ, ଶିମିଳିପାଳର ପ୍ରାକୃତିକ ସମ୍ପଦ ଓ ଆଦିବାସୀ ସଂସ୍କୃତିର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । କମିଟିର ସଂଯୋଜକ ଅରୁଣ କୁମାର ଓତା ଶିମିଳିପାଳର ବନ୍ୟପ୍ରାଣୀ ଓ ଉଦ୍ଭିଦ ବିବିଧତା ସମ୍ପର୍କରେ ଆଲୋକପାତ କରିଥିବାବେଳେ ପ୍ରତିଷ୍ଠାତା ସମ୍ପାଦକ ଡ. ରମାକାନ୍ତ ମହାନ୍ତ ସ୍ୱାଗତ ଭାଷଣ ଦେଇଥିଲେ । ପୂର୍ବତନ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଦେବବ୍ରତ ସ୍ୱାଇଁଙ୍କ ବାର୍ତ୍ତା ଆଭାସୀ ମାଧ୍ୟମରେ ପ୍ରସାରିତ ହୋଇଥିଲା । ଏହି ଅବସରରେ ଝୁମର ସଙ୍ଗୀତ ପରିବେଷଣ, ପୋଷ୍ଟର ଲୋକାର୍ପଣ ସହ କବିତା ରଚନା ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଉପସ୍ଥିତ ସମସ୍ତେ ଜଙ୍ଗଲ, ବନ୍ୟପ୍ରାଣୀ ଓ ଜୈବବିବିଧତା ସଂରକ୍ଷଣ ପାଇଁ ଶପଥ ନେଇଥିଲେ । ଲିଟେରାରୀ କ୍ଲବ୍‌ର ସଂଯୋଜିକା ଡଃ ଶୁଭାନୀ ରଥ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

୧୫ କେଜି ଗଞ୍ଜେଇ ଜବତ : ଜଣେ ଗିରଫ

ତାଳଚେର,(ସବ୍ୟୁ) : ଅନୁଗୋଳ ଅବକାରୀ ସୁପରିଟେଣ୍ଡେଂଟ ମଧୁସ୍ମିତା ନାୟକଙ୍କ ନିର୍ଦ୍ଦେଶକ୍ରମେ ତାଳଚେର ଅବକାରୀ ବିଭାଗ ଓଆଇସି ହାତିଆ ବେହେରା ତତ୍ତ୍ୱାବଧାନରେ ଏକ ମିଳିତ ଟିମ ଗଞ୍ଜେଇ ନେଇ ତାଳଚେର ଆସୁଥିବା ସମଲ ଥାନା ଅନ୍ତର୍ଗତ ବିକସର ଗ୍ରାମରେ ମାଫିଆଙ୍କୁ ଚଢ଼ାଉ ସମୟରେ ଅଭିଯୁକ୍ତ ଶିପୁର ଅଂଚଳର ବେଣୁଧର ସାହୁ (୩୬)ଙ୍କ ନିକଟରୁ୧୫କେଜି ଶହେ ଗ୍ରାମ ଗଞ୍ଜେଇ ଓ ଏକ ହିରୋହୋଣ୍ଡା ମଟରସାଇକେଲ ଓ ୩୩ ଏନ-୭୭୫୭କୁ ଜବତ କରାଯାଇଥିବା ବେଳେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ସୂତ୍ରରୁ ପ୍ରକାଶ । ଏହି ଚଢ଼ାଉ ରେ ତାଳଚେର ଅବକାରୀ ବିଭାଗର ଉନ୍ସିପେକଟର ଉମାକାନ୍ତ ସ୍ୱାଇଁ, ଏସଆଇ ରଣଜିତ ପାତ୍ର, ସରୋଜ ସାହୁ, ପାପୁନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

ତାଳଚେରରେ ଦୁର୍ଘଟଣା

ତାଳଚେର,(ସବ୍ୟୁ) : ତାଳଚେର ଏବେ ୧୪୯ ନଂ ଜାତୀୟ ରାଜପଥ ଏକ ଯମଦ୍ୱାର ପାଲଟି ଯାଇଛି । ଆଜି ସକାଳେ ତାଳଚେର ଟାଉନ ସାମନ୍ତ ସାହିର ଅଜୟ ଦାସ ତାଳଚେର ଥର୍ମାଲ ହାଟକୁ ନିଜ ଦୋକାନ ପାଇଁ ପନିପରିବା କିଣି ଫେରୁଥିବା ବେଳେ ବହ୍ଲର ଛକ ଠାରେ ଏକ ଟ୍ରକ ତାଙ୍କୁ ଧକ୍କା ଦେବାରୁ ମଟର ସାଇକେଲରୁ ସେ ଛିଟିକି ଗୁରୁତର ଆହାତ ହୋଇଥିଲେ । ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ମଣ୍ଡାପାଳ ସରକାରୀ ଭର୍ତ୍ତି କରିଥିବା ବେଳେ ସେଠାରୁ ତାଙ୍କୁ ଅନୁଗୋଳ ଓ ପରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଭର୍ତ୍ତି କରାଯାଇଛି ।

ଚୋରା ଗଞ୍ଜେଇ ଜବତ: ଦୁଇ ଗିରଫ

ଠାକୁରଗଡ଼,(ସବ୍ୟୁ) : କିଶୋରନଗର ବ୍ଲକ ବଇଣ୍ଡା ରେଳ ଷ୍ଟେସନ ନିକଟରୁ ମଙ୍ଗଳବାର ଦିନ ହଣ୍ଡପା ଓ ବଇଣ୍ଡା ପୋଲିସ ଚଢ଼ାଉ କରି ଚୋରା ଚାଲାଣ ହେଉଥିବା ଗଞ୍ଜେଇ ଜବତ କରାଯାଇଛି । ଏଥିସହ ଦୁଇ ଜଣଙ୍କୁ ଗିରଫ କରା ଯାଇଛି । ସେମାନେ ହେଲେ କିଆକଟା ଥାନା ବାରେଣି ଗ୍ରାମର ବିକାଶ କୁମାର ବେହେରା, କିଶୋରନଗର ଥାନା କଦଳୀମୁଣ୍ଡା ଗ୍ରାମର ବିଭୁ ମୁଖି । ଘଟଣାରୁ ଜଣାପଡିଛି ଯେ ଏକ ଟଲି ବ୍ୟାଗ ମାଧ୍ୟମରେ ଫୁଲବାଣୀ ଅଞ୍ଚଳରୁ ୨୨ କେଜି ଗଞ୍ଜେଇ ବୋଝେଇ କରି ସୁରଟ ଅଭିମୁଖେ ଚାଲାଣ କରୁଥିବା ବେଳେ ବଇଣ୍ଡା ରେଳ ଷ୍ଟେସନ ଅଭିମୁଖେ ନେଇଥିବା ବେଳେ ଖବର ପାଇଁ ହଣ୍ଡପା ଓ ବଇଣ୍ଡା ଫାଣ୍ଡି ପୋଲିସ ଚଢ଼ାଉ କରିଥିଲେ । ଘଟଣା ସ୍ଥଳୁ କିଶୋରନଗର ତହସିଲଦାର ରଞ୍ଜନ କୁମାର ସାହୁ ମାଜିଷ୍ଟ୍ରେଟ ଭାବରେ ଆସି ଗଞ୍ଜେଇକୁ ଓଜନ କରିବା ସହ ଜବତ କରା ଯାଇଥିଲା ।

ସିଙ୍ଗିପୁରରେ ଜିଲ୍ଲାପାଳଙ୍କ ରିଲିଫ କାର୍ଯ୍ୟର ସମୀକ୍ଷା ଓ ବନ୍ୟାଞ୍ଚଳ ପରିଦର୍ଶନ

ଧରାକୋଟ, (ସବ୍ୟୁ) : ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ସୋମବାର ରାତ୍ରିରେ ବନ୍ୟାରେ ଧରାକୋଟ ବ୍ଲକର ସର୍ବାଧିକ କ୍ଷତିଗ୍ରସ୍ତ ପଞ୍ଚାୟତ ସିଙ୍ଗିପୁରର କ୍ଷତିଗ୍ରସ୍ତ ଗ୍ରାମ ଓ ଆଶ୍ରୟ ସ୍ଥଳୀ ପରିଦର୍ଶନ କରିଥିଲେ । ଭଞ୍ଜନଗର ଉପ ଜିଲ୍ଲପାଳ ଉମା ଶଙ୍କର ବେହେରା, ବିଡିଓ ଲିପିନା ଦାସ, ଗଣିଆ ବିଡିଓ ଡେନିସ ବେହେରା, ତହସିଲଦାର ଲମ୍ବୋଦର ମାରାଣ୍ଡି, ଅତିରିକ୍ତ ତହସିଲଦାର ଗଣେଶ ଦଳେଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ଜ୍ଞାନ ରଞ୍ଜନ ପ୍ରଧାନ ପ୍ରମୁଖଙ୍କ ଉପସ୍ଥିତିରେ ଆଶ୍ରୟ ସ୍ଥଳୀରେ ରହିଥିବା ୭୫ ଜଣଙ୍କ ଅବସ୍ଥା ପଚାରି ବୁଝିବା ସହ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟର ମାନ ପରୀକ୍ଷା କରିଥିଲେ । ଏହାପରେ ଉପସ୍ଥିତ ଶିଶୁ ମାନଙ୍କୁ ବିସ୍କୁଟ ବଣ୍ଟନ କରିଥିଲେ ।

ଗତ ଅର୍ଣ୍ଣବ ବନ୍ୟାରେ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ । ଏହି ସମୟରେ ବିପନ୍ନ ପରିବାର ଲୋକେ ନଷ୍ଟ ହୋଇଯାଇଥିବା ଘରର ପୁନଃ ଉଦ୍ଧାର, ବନ୍ୟା ଜଳରେ ନଷ୍ଟ ହୋଇଯାଇଥିବା ଧାନ, ଚାଉଳ ଓ ଆସବାବ ପତ୍ର ପାଇଁ ସରକାରୀ ସହାୟତା ପ୍ରଦାନ ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ । ସରକାରୀ ଘୋଷଣା ପ୍ରକାରେ ସହାୟତା ରାଶି, ଚାଉଳ, ଭଗ୍ନ ଗୃହ ପାଇଁ କ୍ଷତିପୂରଣ ତୁରନ୍ତ ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ ।

ନଭେମ୍ବର ୪ ରୁ ୨୮ ଯାଏଁ ଦ୍ୱାରଶୁଣୀ ଘାଟିରେ ଯାତାୟାତ କଟକଣା

ପ୍ରତି ବୁଧବାରରୁ ଶନିବାର ୫ ଘଣ୍ଟା ବନ୍ଦ ରହିବ ରାସ୍ତା

ବାରିପଦା, (ସବ୍ୟୁ) : ଦ୍ୱାରଶୁଣୀ ଘାଟି ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ପାଇଁ ପୁଣି ଯାତାୟାତ କଟକଣା ଅବଧି ବୃଦ୍ଧି କରାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁଯାୟୀ, ନଭେମ୍ବର ୪ରୁ ୨୮ ତାରିଖ ପର୍ଯ୍ୟନ୍ତ ପ୍ରତି ସପ୍ତାହର ବୁଧବାରଠାରୁ ଶନିବାର ଦିନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୋଟ ୫ ଘଣ୍ଟା ଯାତାୟାତ ବନ୍ଦ ରହିବ । ଘାଟିରେ ରାସ୍ତା ସମ୍ପ୍ରସାରଣ ନିମନ୍ତେ ପଥର ବିସ୍ଫୋରଣ କାର୍ଯ୍ୟ କରାଯିବାକୁ ଥିବାରୁ ସୁରକ୍ଷା ଦୃଷ୍ଟିରୁ ଏହି କଟକଣା ଲାଗୁ କରାଯାଇଛି । ଏହି ସମୟରେ ବାଙ୍ଗିରିପୋଷି ଓ ବିଶୋଇ ପାଶର୍‌ବରୁ ଘାଟିକୁ ସଂଯୋଗ କରୁଥିବା ଉଭୟ ପ୍ରବେଶ ପଥ ବନ୍ଦ ରହିବ । ଦୁଇଚକିଆକୁ ବାଦ୍ ଦେଇ ଅନ୍ୟ ସମସ୍ତ ଯାନବାହନ ସମେତ ପଥଚାରୀଙ୍କ ଯାତାୟାତ ମଧ୍ୟ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି । ଏଥିସହ ଘାଟି ଆଖପାଖ ଅଞ୍ଚଳରେ ଗାଈ ଓ ଛେଳି ଚରାଇବା ଉପରେ ମଧ୍ୟ କଟକଣା ଲଗାଯାଇଛି । ତେବେ ଆମ୍ବୁଲାନ୍ସ, ଦମକଳ ଓ ଅନ୍ୟ ଜରୁରୀକାଳୀନ ଯାନଗୁଡ଼ିକୁ ରାସ୍ତା ନିର୍ମାଣକାରୀ ସଂସ୍ଥା ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ଅନୁମତି ପରେ ଯାତାୟାତ ପାଇଁ ସୁଯୋଗ ଦିଆଯିବ ।

ଅନ୍ୟପକ୍ଷରେ ସାଧାରଣ ଯାନବାହନ ଓ ପରିବହନକାରୀ ଗାଡ଼ିଗୁଡ଼ିକୁ ନିର୍ଦ୍ଧାରିତ ପାର୍କିଂ ସ୍ଥାନରେ ଅପେକ୍ଷା କରିବାକୁ ପଡ଼ିବ । କଟକଣା ହଟିବା ପରେ ପ୍ରଥମେ ସାଧାରଣ ଲୋକଙ୍କ ଯାନବାହନକୁ ଯାତାୟାତ ପାଇଁ ଅନୁମତି ମିଳିବ । ଏହି ସମୟରେ ଛୋଟ ଯାନବାହନ ଚାଳକମାନେ ବିକଳ୍ପ ରାସ୍ତା ଭାବେ ବିଶୋଇ-ଅର୍ଗଳବିନ୍ଧା-ଶଙ୍ଖାଭଙ୍ଗା-ଯୋକା-ଚନ୍ଦନପୁର-କତରା ଛକ ରାସ୍ତା ବ୍ୟବହାର କରିପାରିବେ । କଟକଣା ସମୟରେ ଯେକୌଣସି ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ବିଶୋଇ ଓ ବାଙ୍ଗିରିପୋଷି ଥାନାକୁ ଆବଶ୍ୟକ ପୋଲିସ ମୁତୟନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

୪୫ଜଣ ଗଜସାଥୀଙ୍କୁ ତାଲିମ ପ୍ରଦାନ


କାମାକ୍ଷାନଗର,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ କାର୍ଯ୍ୟାଳୟ ପରିସରରେ ଗଜସାଥୀ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି ।ପଶ୍ଚିମାଞ୍ଚଳ ରେଞ୍ଜ ଅଧୀନରେ ଥିବା ୯ଟି ଜଙ୍ଗଲ ସୁରକ୍ଷା ସମିତିରୁ ୪୫ ଜଣ ଗଜସାଥୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।ପଶ୍ଚିମାଞ୍ଚଳ ରେଞ୍ଜର କୈଳାସ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ତାଲିମ ଶିବିରରେ ପୂର୍ବାଞ୍ଚଳ ରେଞ୍ଜର ସୁଶାନ୍ତ କୁମାର ପାତ୍ର ଉପସ୍ଥିତ ରହି ଗଜସାଥୀଙ୍କୁ ତାଲିମ ପ୍ରଦାନ କରିଥିଲେ । ବିଶେଷକରି ଗ୍ରାମାଞ୍ଚଳରେ ହାତୀ ପ୍ରବେଶ କରିବା ଫଳରେ ଅନେକ ସମୟରେ ଧନଜୀବନ କ୍ଷତି ହେଉଛି । ବେଳେବେଳେ ହାତୀ ଆକ୍ରମଣରେ ମଣିଷଙ୍କ ମୃତ୍ୟୁ ହେଉଥିବା ବେଳେ ଅନେକ ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସି ହାତୀଙ୍କ ମୃତ୍ୟୁ ହେଉଛି । ଏହାକୁ ନେଇ ଜିରୋ କାଜୁଆଲିଟିକୁ ପ୍ରାଥମିକତା ଦେଇ ଗଜସାଥୀ ମାନଙ୍କୁ ତାଲିମ ପ୍ରଦାନ କରାଯାଇଛି । ତାଲିମ ପଶ୍ଚିମାଞ୍ଚଳ ରେଞ୍ଜର ବହୁ ଫରେଷ୍ଟର, ବନ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ଅର୍ଣ୍ଣବ ବାତ୍ୟା ପରବର୍ତ୍ତି ଉଦ୍ଧାର ଓ ଥଇଥାନ ନେଇ ବୁଦ୍ଧିଜୀବୀ ବୈଠକ

ଭଞ୍ଜନଗର, (ସବ୍ୟୁ): ଘୁମୁସର ସିଭିଲ ସୋସାଇଟି ତରଫରୁ ଅର୍ଣ୍ଣବ ବାତ୍ୟା ପରିସ୍ଥିତି ଓ ପରବର୍ତୀ ସଂପର୍କିତ ବୁଦ୍ଧିଜୀବୀଙ୍କ ବୈଠକ ସ୍ଥାନୀୟ ଲକ୍ଷ୍ମୀବିହାର କୃଷ୍ଣ ମଣ୍ଡପ ଠାରେ ଆଇନଜୀବୀ ସୋମନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ୧୯୯୯ ମହାବାତ୍ୟା ଠାରୁ ଘୁମୁସର ରାଜସ୍ୱ ଅଞ୍ଚଳରେ ଘଟିଥିବା ବାତ୍ୟା ବଡ ହୋଇଗଲା । ବହୁତ ଧନ ଜୀବନ ବିପନ୍ନ ଉପରେ ମତ ବିନିମୟ ଅନୁଷ୍ଠିତ ହୋଇଥିଲା ।

ଭଞ୍ଜନଗରେ ପାଖ ଅଞ୍ଚଳରେ ମଞ୍ଜୁର ହୋଇଥିବା ବହୁ ମୁଖ୍ୟ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହେଉ, ସ୍ଥାୟୀ ଓଡ୍ରାଫ ବାହିନୀୟୁନିଟ ଓ କଳିଙ୍ଗାଘାଟି ଓ ଗିଡାପଲ୍ଲୀ ଉପୁଜୁଥିବା ଭୂସ୍ଖଳନ ଉଦ୍ଧାର ନିମିତ ସ୍ୱତନ୍ତ୍ର ବାହିନୀ ସ୍ଥାପନ, ଲୋହରଖଣ୍ଡି, ରଷିକୁଲ୍ୟା, ବଡ ନଦୀରୁ ବାଲିଖନନ ବନ୍ଦ କରିବା ଓ ନଦୀ ଗର୍ଭରୁ ତାସଖଣ୍ଡି ଘାସ ଉଦ୍ଧାର କରିବା, ଶାଖା ନଦୀ ନାଳ ଅଞ୍ଚଳରୁ ଅନଧିକାର ଦଖଲ ହଟାଇବା, ନଦୀ ମୁହାଣରେ ସ୍ଥାୟୀ ନଦୀବନ୍ଧ ନିର୍ମାଣ ଓ ସବୁଜିମା କରିବା, ଡହ ଓ ଅନ୍ୟାନ୍ୟ ଡ୍ୟାମରୁ ଜଳ ନିଷ୍କାସନ ବେଳେ ତଳି ଅଞ୍ଚଳ ଥିବା ଜନବସତିରେ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର ପ୍ରସାର କରିବା, ୨୧ ପ୍ରକାର ବିପର୍ଯ୍ୟୟ ପ୍ରଶମନ ଓ ଓଡିଶା ରିଲିଫ କୋଡରେ ପୀଡ଼ିତାଙ୍କୁ ଠିକସମୟ ସହାୟତା ଓ ସରକାରଙ୍କ ସମସ୍ତ କମିଟି ଓ ଯୋଜନାରେ ସ୍ଥାନୀୟ ସିଭିଲ ସୋସାଇଟିକୁ ସାମିଲ କରି ସରକାରଙ୍କ ଜନମଙ୍ଗଳ ଯୋଜନା ସମସ୍ତଙ୍କୁ ସାମିଲ କରିବା ଓ ଅଞ୍ଚଳ ପାହାଡ ନଦୀ ଅଞ୍ଚଳ ଥିବା ହେତୁ ସର୍ବଦା ବିପର୍ଯ୍ୟୟ ଘଟୁଥିବାରୁ ଘୁମୁସର ସିଭିଲ ସୋସାଇଟି ଜିଏନଏଫ ପ୍ରତିନିଧିଦଳ ମୁଖ୍ୟମନ୍ତ୍ରୀଙ୍କୁ ମିଶି ଘୁମୁସର ବିକାଶ ପାଇଁ ସ୍ୱତନ୍ତ୍ର ଆର୍ଥିକ ପେକେଜ ସହ ଘୁମୁସର ଭଞ୍ଜନଗର ଗସ୍ତ କରିବା ପାଇଁ ଅନୁରୋଧ କରାଯିବ । ଜିଏନଏଫ ତରଫେ ଆଗାମୀ ଶୁକ୍ରବାର ଦିନ ଜନଶୁଣାଣୀ ଆୟୋଜନ କରଯିବା ପ୍ରସ୍ତାବ ଅଛି । ବିଭିନ୍ନ ବିଭାଗର ଅଧିକାରୀ ସରକାରଙ୍କ ସମସ୍ତ ଯୋଜନା ଉପରେ ସଚେତନା କରିବେ ଓ ବନ୍ୟା ପୀଡ଼ିତା ଅଭିଯୋଗ ଶୁଣାଣୀ କରିବା ପାଇଁ ସ୍ଥିର କରାଯାଇଛି । ବୁଗୁଡା ବ୍ଲକରୁ ଅରୁଣ ସାହୁ, ଶେରଗଡ ବ୍ଲକରୁ ହର୍ଷସାମଲ, ବେଲଗୁଣ୍ଠା ବ୍ଲକରୁ ଗୋପାଳ ଲେଙ୍କା, ଜଗନାଥ ପ୍ରସାଦ ବ୍ଲକରୁ ଗିରିଧାରୀ ପଟନାୟକ, ଭଞ୍ଜନଗର ବ୍ଲକରୁ ପ୍ରକାଶ ସାହୁଙ୍କ ସମେତ ୨୦ଗୋଟି ସ୍ୱେଚ୍ଛାସେବୀ ସଂସ୍ଥାମୁଖ୍ୟ ଯୋଗ ଦେଇଥିଲେ ସଂଯୋଜନା ଶିକ୍ଷାବିତ ଉଷା ପାଢୀ । ଶେଷରେ ସମାଜସେବୀ ଶୂଳପାଣି ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଲୋକାର୍ପିତ ହେଲା ଆମ କୁନାକୁନିର ଦଶହରା ବିଶେଷାଙ୍କ



ସାଉଥବଲଣ୍ଡା/ ତାଳଚେର, (ସବ୍ୟୁ): ତାଳଚେରର ମା' ହିଙ୍ଗୁଳା ପାଠାଗାର ଆନୁକୂଲ୍ୟରେ ପ୍ରକାଶିତ ତ୍ରୈମାସିକ ଶିଶୁ କିଶୋର ପତ୍ରିକା "ଆମ କୁନାକୁନି'ର ଦଶହରା ବିଶେଷାଙ୍କ ଲୋକାର୍ପିତ ହୋଇଯାଇଛି। ଓଡ଼ିଶା ଶିଶୁ ସାହିତ୍ୟ ପତ୍ରିକା ସଂପାଦକ ସମ୍ମିଳନୀର ଦ୍ୱିତୀୟ ଅଧିବେଶନ ପୁରୀସ୍ଥିତ ୟୁଥ୍ ହଷ୍ଟେଲ ପରିସରରେ ଅନୁଷ୍ଠିତ ହୋଇଥିଲା।

କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ବରିଷ୍ଠ ଶିଶୁ ସାହିତ୍ୟିକ ରାଜକିଶୋର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ଶିଶୁ ସାହିତ୍ୟିକ ମାନସ ରଞ୍ଜନ ମହାପାତ୍ର, ମୁଖ୍ୟ ବକ୍ତା ଭାବରେ ବରିଷ୍ଠ ଶିଶୁ ସାହିତ୍ୟିକ ଡ.ଶ୍ରୀକାନ୍ତ ଚରଣ ପାଣିଗ୍ରାହୀ, ସମ୍ମାନୀତ ଅତିଥି ଭାବରେ ବରିଷ୍ଠ ଶିଶୁ ସାହିତ୍ୟିକ ଗୋବିନ୍ଦ ଚାନ୍ଦ, ଡ. ପ୍ରିୟଙ୍କା ବେହେରା ପ୍ରମୁଖ ଯୋଗଦାନ କରିଥିଲେ। ଅନ୍ୟତମ ଅତିଥି ଭାବରେ ଓଡ଼ିଶା ଶିଶୁ ସାହିତ୍ୟ ପତ୍ରିକା ସଂପାଦକ ସଂଗଠନର ସଭାପତି ଡ. ରାମଚନ୍ଦ୍ର ଦେଓ, ସାଧାରଣ ସଂପାଦକ ଶିଶୁ ସାହିତ୍ୟିକ ଶୁଶାନ୍ତ କୁମାର ସେନାପତି ଓ ବରିଷ୍ଠ ଶିଶୁ ସାହିତ୍ୟିକ ରମେଶ ଚନ୍ଦ୍ର ଦାଶ ପ୍ରମୁଖ ମଂଚାସୀନ ଥିଲେ। ଏହି ଅବସରରେ ତ୍ରୈମାସିକ ଶିଶୁ କିଶୋର ପତ୍ରିକା ଆମ କୁନାକୁନିର ଦଶହରା ବିଶେଷାଙ୍କକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଏହି ଉତ୍ସବରେ ଆମ କୁନାକୁନି ଶିଶୁ କିଶୋର ପତ୍ରିକାର ସଂପାଦକ ଶିଶୁ ସାହିତ୍ୟିକ ବିଭୂତି ଭୂଷଣ ସ୍ୱାଇଁ ଉପସ୍ଥିତ ଥିଲେ। ଓଡ଼ିଆ ଶିଶୁ ସାହିତ୍ୟର ମହାନ ସ୍ରଷ୍ଟା ଦାଶ ବେନହୁରଙ୍କ ସ୍ୱତନ୍ତ୍ର ସାକ୍ଷାତକାର ସହିତ ଆକର୍ଷଣୀୟ ପ୍ରଚ୍ଛଦ, ଶିଶୁ ମନଲୋଭା ଚିତ୍ର ସହ ଓଡ଼ିଶାର ବହୁ ଲବ୍ଧ ପ୍ରତିଷ୍ଠିତ ଶିଶୁ ସାହିତ୍ୟିକମାନଙ୍କ ଲେଖାରେ ସମୃଦ୍ଧ ଏହି ବିଶେଷାଙ୍କଟି ଶିଶୁ କିଶୋରମାନଙ୍କ ଦ୍ୱାରା ଆଦୃତ ଲାଭ କରିବ ବୋଲି ପତ୍ରିକାର ସଂପାଦକ ବିଭୂତି ଭୂଷଣ

ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି



ବାଲେଶ୍ୱର,(ସବ୍ୟୁ) :ବାଲେଶ୍ୱର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୨୯୯ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୧୩୯ ଗୋଟି ବ୍ୟକ୍ତିଗତ ଏବଂ ୧୦ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୧୫୦ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ । ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୨୫ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ ବାଲେଶ୍ୱର ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ ସିଂ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ବାଲେଶ୍ୱର ସଞ୍ଜୟ କୁମାର ରାଉତ, ଉପ ଜିଲ୍ଲାପାଳ ବାଲେଶ୍ୱର, ଶିବ ମାଲବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ଅମୂଲ୍ୟ କୁମାର ଦାସ, ବାଲେଶ୍ୱର ନିର୍ବାହୀ ଅଧିକାରୀ, ପୌରପାଳିକା ଶିରୀୟାଲ ଶୁଭ୍ର ପଟେଲ, ସଦର ବିଡିଓ ଉତ୍ତମ କୁମାର ଜେନା, ସଦର ତହସିଲଦାର ଅନିଲ କୁମାର ମହାନ୍ତିଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

ଚତୁର୍ଦ୍ଦଶ ଭଦ୍ରକ ମହୋତ୍ସବ, ପୁସ୍ତକ ମେଳା ଉଦ୍‌ଘାଟିତ

ଭଦ୍ରକ,(ସବ୍ୟୁ): ଅବନ୍ତିକା ଆବାସିକ ମହାବିଦ୍ୟାଳୟ,ଚରମ୍ପା ପ୍ରାୟୋଜିତ ତଥା ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୁଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ଚତୁର୍ଦ୍ଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା -୨୦୨୬ ମହୋତ୍ସବକୁ ଉଦଘାଟିତ ହୋଇଯାଇଛି ଭଦ୍ରକର ବିଧାୟକ ସିତାଂଶୁ ଶେଖର ମହାପାତ୍ର ମତବ୍ୟକ୍ତ କରିଛନ୍ତି। ଟ୍ରଷ୍ଟର ସଭାପତି ଇଂ.ଅଭୟ ସୂତାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହକୁ ଭଦ୍ରକର ବିଧାୟକ ସିତାଂଶୁ ଶେଖର ମହାପାତ୍ର ଉଦ୍ଘାଟନ କରିଥିଲେ । ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ମୁଖ୍ୟଅତିଥି , ଭେଷଜ ବିଶେଷଜ୍ଞ ଡାକ୍ତର ଭାଗ୍ୟଶ୍ରୀ ପଣ୍ଡା ମୁଖ୍ୟବକ୍ତା,ବାଲେଶ୍ୱର ଓ ଭଦ୍ରକ ଜିଲ୍ଲା ହସ୍ତଶିଳ୍ପ ଉପନିର୍ଦ୍ଦେଶକ ପ୍ରକାଶଚନ୍ଦ୍ର ମିଶ୍ର ବିଶେଷ ଅତିଥି,ସମାଜସେବୀ ରୋଟାରିୟାନ ଶିଶିର କୁମାର ମିଶ୍ର,ଦୂରଦର୍ଶନ ଓ ଚଳଚ୍ଚିତ୍ର ଅଭିନେତା,ନାଟ୍ୟକାର,କବି ତଥା କଥାକାର ଡ.ନିର୍ମଳ ରାଉତ, ମନମୋହନ ସଂଗୀତ ପରିଷଦ ଭଦ୍ରକ ସମ୍ପାଦକ ତଥା କଣ୍ଠଶିଳ୍ପୀ ରାମନାରାୟଣ ମହାନ୍ତି ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମହୋତ୍ସବ ଆବାହକ ଅଧ୍ୟାପକ ନୀହାର ରଞ୍ଜନ କର ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ଦେଇଥିବା ବେଳେ ମହୋତ୍ସବ ଓ ପୁସ୍ତକ ମେଳାର ସମ୍ପାଦକ ରବି ନାରାୟଣ ଖିଲାର ଅତିଥିମାନଙ୍କୁ ମଂଚ ନିମନ୍ତ୍ରଣ ଓ ସମ୍ପାଦକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ସଂଗଠନ ସମ୍ପାଦକ ନାରାୟଣ ଚନ୍ଦ୍ର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। କବି କୈଳାସ ଚନ୍ଦ୍ର ପାଣିଗ୍ରାହୀ ବେଦପାଠ କରିଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ଡ.ଜାନକୀ ପାଢ଼ୀ ଓ ଅଧକ୍ଷା ଦୀପ୍ତିମୟୀ ସାହୁ,କବୟିତ୍ରୀ ତଥା ଶିକ୍ଷୟିତ୍ରୀ ମନୋରମା ରାୟ,କବୟିତ୍ରୀ ସଂଯୁକ୍ତା ବଳ ନାୟକ,କବୟିତ୍ରୀ ଚୈତାଳି ଖିଲାର,ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ବାରିକ ଓ ସଂଯୁକ୍ତା ଯାଦବ ପ୍ରମୁଖ ଓଡ଼ିଶା ଜାତୀୟ ସଂଗୀତ ପରିବେଷଣ କରିଥିଲେ। ଉକ୍ତ ସଂଗଠନର ସହ ସମ୍ପାଦକ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମହାରଣା ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଡ଼ିଶା ତେଜସ୍ୱିନୀ ମହିଳା ସଂଗଠନ ସଭାନେତ୍ରୀ କଳ୍ପନା ଜେନା,ଭୂମିକନ୍ୟା ମହିଳା ସଂଗଠନ ସମ୍ପାଦିକା ଦମୟନ୍ତୀ ରାଉତ,ଆଡଭୋକେଟ୍ ଅଞ୍ଜୁବାଳା ରାଉତ ପ୍ରମୁଖ ମଂଚ ଓ ମହୋତ୍ସବ ପରିଚାଳନା କରିଥିଲେ। ବ୍ରହ୍ମପୁର ଉଚ୍ଚ ବିଦ୍ୟାଳୟର ଛାତ୍ରୀ,ଡ୍ରିମସ୍ ଇଣ୍ଡିଆ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ ତଥା ମୟୂର ଡଯାନ୍ସ ଗ୍ରୁପର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ନଭେମ୍ବର ୦୨ରୁ ୧୨ପର୍ଯ୍ୟନ୍ତ ୧୧ଦିନ ଧରି ଅନୁଷ୍ଠିତ ଉକ୍ତ ସାରସ୍ୱତ ଓ ସାଂସ୍କୃତିକ ସମାବେଶରେ ଓଡ଼ିଶା ସଂସ୍କୃତି ବିଭାଗ ଓ ଭଦ୍ରକ ଜିଲ୍ଲାର ବହୁ କଳାକାର ଓ ପୁସ୍ତକ ପ୍ରକାଶକ ଅଂଶଗ୍ରହଣ କରିବେ ବୋଲି ଟ୍ରଷ୍ଟର ସମ୍ପାଦକ ପ୍ରକାଶ କରିଛନ୍ତି।

ଶବ ବ୍ୟବଚ୍ଛେଦକୁ ନେଇ ଉତ୍ତେଜନା

ସୋର,(ସବ୍ୟୁ):ସୋର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରିବାକୁ କର୍ମଚାରୀଙ୍କ ପରିବାର ଲୋକେ ଅମଙ୍ଗ ହେବାରୁ ଡାକ୍ତରଖାନାରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ଗତ ରବିବାର ଦିନ ସିଂହବାହିନୀ ଗଣନାଟ୍ୟର କଳାକାର ଆତ୍ମହତ୍ୟା କରିଥିଲେ। ତାଙ୍କ ଶବ ବ୍ୟବଚ୍ଛେଦ ପାଇଁ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। କିନ୍ତୁ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପାଇଁ ଟଙ୍କା ମାଗିବାରୁ ଡାକ୍ତରଖାନା କର୍ମଚାରୀ ନିରଞ୍ଜନ ଗୋଛାୟତ ଏବଂ ସିଂହବାହିନୀ କଳାକାର ପିୟୁଷ ତ୍ରିପାଠୀଙ୍କ ମଧ୍ୟରେ ବଚସା ହୋଇଥିଲା।ଫଳରେ ସୋର ଥାନା ଅଧିକାରୀ ଅନୁରାଗ ମହାନ୍ତି ଙ୍କ ହସ୍ତକ୍ଷେପ ଫଳରେ ହୋଇଥିବା ଗଣ୍ଡଗୋଳକୁ ସମାଧାନ କରାଇ ଶବ ବ୍ୟବଚ୍ଛେଦ ମଧ୍ୟ କରାଯାଇଥିଲା। ତେବେ ମଙ୍ଗଳବାର ଦିନ ସୋର ଡାକ୍ତରଖାନାରେ ଏକ ଶବ ବ୍ୟବଚ୍ଛେଦ ପାଇଁ ଆସିଥିବା ବେଳେ ପରିବାର ଲୋକେ ଡାକ୍ତରଖାନାରେ ପହଞ୍ଚି ଆମକୁ ନ୍ୟାୟ ନମିଳିଲା ପର୍ଯ୍ୟନ୍ତ ନିରଞ୍ଜନ ଶବ ବ୍ୟବଚ୍ଛେଦ କରିବେ ନାହିଁ ବୋଲି ଜିଦ ଧରିବାରୁ ଶବ ବ୍ୟବଚ୍ଛେଦ ହୋଇପାରିନଥିଲା। ଫଳରେ ସୋର ଥାନା ଅଧିକାରୀ ଶ୍ରୀ ମହାନ୍ତି ଏବଂ ସୋର ଡାକ୍ତରଖାନା ଅଧିକ୍ଷକ ସୌମ୍ୟ ସମ୍ପିତ ବେହେରା ତାଙ୍କ ପରିବାର ଲୋକଙ୍କୁ ବୁଝାସୁଝା କରିବା ପରେ ନିରଞ୍ଜନ ଶବ ବ୍ୟବଚ୍ଛେଦ କରିଥିଲେ।

ମଞ୍ଜୁରୀରୋଡ଼ ଡାକ୍ତରଖାନାରେ ଯୋଗଦେଲେ ଡାକ୍ତର

ଭଣ୍ଡାରିପୋଖରୀ,(ସବ୍ୟୁ):ମଞ୍ଜୁରୀରୋଡ଼ ଡାକ୍ତରଖାନାରେ ନୂତନ ଡାକ୍ତର ଶୁଭ୍ରାଂଶୁ ଶେଖର ମହାପାତ୍ର ସୋମବାର ଯୋଗ ଦେଇଛନ୍ତି। ଦୀର୍ଘଦିନ ଧରି ଡାକ୍ତର ନଥିବାରୁ ଏହି ଡାକ୍ତରଖାନା ଉପରେ ନିର୍ଭର କରୁଥିବା ଅଂଚଳର ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଡାକ୍ତର ନିଯୁକ୍ତି ଦେବା ସହ ଅନ୍ୟାନ୍ୟ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଲୋକଙ୍କ ଦାବି ସମ୍ପର୍କରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା। ତଦନୁଯାୟୀ ଡାକ୍ତର ମହାପାତ୍ର ଯୋଗଦେଇଛନ୍ତି। ଏଥିପାଇଁ ସ୍ଥାନୀୟ ଲୋକେ ଖୁସିବ୍ୟକ୍ତ କରିଛନ୍ତି। ଡାକ୍ତରଖାନାର କର୍ମଚାରୀ ଓ ସ୍ଥାନୀୟ ଲୋକେ ଡାକ୍ତରଙ୍କୁ ସ୍ୱାଗତ କରିଥିଲେ। ଅନ୍ୟାନ୍ୟ ସମସ୍ୟା ଗୁଡ଼ିକ ଯଥାଶୀଘ୍ର ସମାଧାନ ହେବ ବୋଲି ଆଶା ପ୍ରକାଶ ପାଇଛି।

ଧକ୍କା ଦେଲା କାର : ପୁଣେରେ ଓଡ଼ିଆ ଯୁବକ ମୃତ

ଅସୁରାଳି,(ସବ୍ୟୁ):ଧାମନଗର ବ୍ଲକ ଗୋବିନ୍ଦପୁର ପଞ୍ଚାୟତସ୍ଥିତ କୋରୁଆ ଗ୍ରାମର ଯୁବକ ହିତେଶ କୁମାର ବେହୁରିଆ(୨୦)ଙ୍କର ପୁଣେ ନିକଟରେ ସଡକ ଦୁର୍ଘଟଣାରୁ ମୃତ୍ୟୁ ଘଟିଛି। ଏହି ଅଘଟଣ ସ୍ଥାନୀୟ ଅଂଚଳରେ ଶୋକାକୁଳ ପରିସ୍ଥିତି ସୃଷ୍ଟି କରିଛି। କୋରୁଆ ଗ୍ରାମର ସଦାଶିବ ବେହୁରିଆଙ୍କ ଏକମାତ୍ର ପୁଅ ହିତେଶ ମହାରାଷ୍ଟ୍ର ରାଜ୍ୟର ପୁଣେ ଠାରେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ସୋମବାର ରାତି ପ୍ରାୟ ସାଢ଼େ ଦଶଟା ବେଳେ ହିତେଶ ଏବଂ କୋରୁଆ ଗ୍ରାମର ତାଙ୍କର ଅନ୍ୟ ଚାରିଜଣ ସାଙ୍ଗ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇ ପରସ୍ପର କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ଦ୍ରୁତଗତିରେ ଏକ କାର ଆସି ଯୁବକମାନଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଦୁଇ ଜଣ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ତିନିଜଣ କାର ଧକ୍କାରେ ଆହତ ହୋଇଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ହିତେଶଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ନିଆଯାଇଥିଲା। ଭେଣ୍ଟିଲେଟର ସିଷ୍ଟମରେ ଥିବା ଜିତେଶଙ୍କର ମଙ୍ଗଳବାର ଅପରାହ୍ଣରେ ସେଠାରେ ମୃତ୍ୟୁ ଘଟିଥିଲା। ସେଠାରେ ମୃତ ଯୁବକଙ୍କ ଶବ ବ୍ୟବଚ୍ଛେଦ କରାଯାଇଛି। ବାଙ୍ଗାଲୋରରେ ରହୁଥିବା ତାଙ୍କର ସମ୍ପର୍କୀୟ ପୁଣେରେ ପହଂଚିଥିବାବେଳେ ଆସନ୍ତାକାଲି ହିତେଶଙ୍କ ମୃତଦେହ କୋରୁଆ ଅଣାଯିବାର ସମ୍ଭାବନା ରହିଛି।

ପୌରପାଳିକା କାର୍ଯ୍ୟାଳୟ ଘେରାଉ

ବାସୁଦେବପୁର, (ସବ୍ୟୁ): ବାସୁଦେବପୁର ପୌରପାଳିକାର କାଉଁସିଲର ଜଗବନ୍ଧୁ ଦାସଙ୍କ ନେତୃତ୍ୱରେ ଶହଶହ ଲୋକ ପାଞ୍ଚ ଦାବୀନେଇ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିବର ସହିତ ଆଗରେ ଧାରଣା ଦେଇଥିଲେ । ବିଭିନ୍ନ ୱାର୍ଡ ବିଜେପିର କାଉଁସିଲର ସହିତ ଶହ ଶହ ସାଧାରଣ ଲୋକ ସେମାନଙ୍କର ସମସ୍ୟାକୁ ନେଇ ପୌରପାଳିକା ଇଓଙ୍କ ଅଫିସ ଆଗରେ ଧାରଣାରେ ବସିଥିଲେ । ବାସୁଦେବପୁର ପୌରପାଳିକାର ଆଉଟସୋର୍ସିଂର ସଂସ୍ଥା ଫେମସ ନାମରେ ଆସିଛି ଦୁର୍ନୀତି ଅଭିଯୋଗ । ସୂଚନା ଆଇନ ବଳରେ ମଗା ଯାଇଥିବା ତଥ୍ୟରେ ଆଉଟସୋର୍ସିଂର ୧୩୪ ଜଣ କାମ କରିଥିବା ବେଳେ ୧୧୪ ଜଣଙ୍କର ପିଏଫ ଡିପୋଜିଟ ହେଉଛି ବୋଲି ଅଭିଯୋଗ ଆସିଛି । ତଦନ୍ତ କଲେ ଦୁର୍ନୀତି ସତ୍ୟତା ଲୋକଲୋଚନକୁ ଆସିବ । ଉନ୍ନୟନ ମୂଳକ କାମକୁ ଦଳୀୟ ଭିତ୍ତିରେ ନିଷ୍ପତ୍ତି ନେବା,ପାରିଷଦ ବୈଠକ ନଡାକିବା, ଟେଣ୍ଡର ସ୍ୱଚ୍ଛତା, ଆଉଟସୋର୍ସିଂର ନିଯୁକ୍ତି ନଥାଇ ଦରମା ନେବା, ଡ୍ରେନେଜ, ଲାଇଟ ପୁର୍ନନିର୍ମାର କରିବା, ପରିଷଦର ନିୟମିତ ବୈଠକ ନକରିବା, ପରିଷଦ ବୈଠକର ଅନୁମୋଦନ ବିନା ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବା, ଗ୍ରୀନଫିଲ୍ଡ ଲାଇଟ ସିଷ୍ଟମ କାମ ଶେଷ ନହେବା, କରିବା ଆଦି ଦାବୀ ନେଇ ଧାରଣା ଦେଇଥିଲେ ।ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି ଦାବୀ ଗୁଡିକ ସାତଦିନ ମଧ୍ୟରେ ପୂରଣ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ ।

ଶିକ୍ଷକଙ୍କ ଘରୁ ଚୋରି

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା ଅଧିନ ସଇତପୁର ଗ୍ରାମର ବାସିନ୍ଦା ତଥା ସଇତପୁର ହାଇସ୍କୁଲ ହିନ୍ଦୀ ଶିକ୍ଷକ ସୁଶାନ୍ତ ମହାନ୍ତିଙ୍କ ଘରୁ ସୋମବାର ବିଳମ୍ବିତ ରାତିରେ ଗ୍ରିଲ ତାଲା ଭାଙ୍ଗି ଏକ ପଲ୍ସର ବାଇକ ସମେତ ଇଲେକ୍ଟ୍ରିକାଲ ସାମଗ୍ରୀ ଚୋରି ହୋଇଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି। ଶିକ୍ଷକ ସୁଶାନ୍ତ ମହାନ୍ତି ନିଜର ପରିବାରବର୍ଗଙ୍କ ସହ ସୋମବାର ରାତ୍ରୀ ଖାଦ୍ୟ ଖାଇ ସାରି ଶୋଇଥିଲେ । ରାତ୍ରୀ ୩ଟା୪୦ମିନିଟ ସମୟରେ ତାଙ୍କ ସ୍ତ୍ରୀ ମୀତାଞ୍ଜଳୀ ବାହାରକୁ ଉଠି ଦେଖିବା ବେଳକୁ ଘରେ ଥିବା ବାଇକ୍ ସେହି ସ୍ଥାନରେ ନଥିଲା । ସେ ସଙ୍ଗେ ସଙ୍ଗେ ସ୍ୱାମୀଙ୍କୁ ଡାକି ଥିଲେ। ଶ୍ରୀଯୁକ୍ତ ମହାନ୍ତି ଓଡି୦୧- ଏକ୍ସୁ -୯୧୯୩ ବାଇକ ଏବଂ ତା ପାଖରେ ଥିବା ଇଲେକ୍ଟ୍ରି ଆଇରନ , ଇଲେକ୍ଟ୍ରି ହିଟରଟିକୁ ମଧ ଚୋରି କରି ନେଇଥିବାର ଜାଣିବାକୁ ପାଇଥିଲେ । ଏ ନେଇ ଶିକ୍ଷକଙ୍କ ଅଭିଯୋଗକୁ ଅଧାର କରି ୫୯୪/୨୬ ନମ୍ବରରେ ଏକ ଏକ ମାମଲା ରୁଜ୍ଜୁ କରି ବୈଶିଙ୍ଗା ପୁଲିସ ତଦନ୍ତ ଜାରି ରଖିଥିବା ଜଣା ପଡ଼ିଛି।

କିରାଣୀଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ଅଧୀନ ବୈଶିଙ୍ଗା ଥାନାଠୁ ପାଖାପାଖି ୨୫୦ ମି. ଦୂରରେ ଥିବା ସରକାରୀ କିରାଣୀଙ୍କ ଘରୁ ସୋମବାର ସନ୍ଧ୍ୟାରେ ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି କରିନେଲେ ଦୁର୍ବୃତ୍ତ । ଏହି ଘଟଣାକୁ ନେଇ ୫୯୫/୨୬ ନମ୍ବରରେ ଏକ ମାମଲା ରୁଜ୍ଜୁ କରି ତଦନ୍ତ ଚଳାଇଛି ବୈଶିଙ୍ଗା ପୁଲିସ । ବୈଶିଙ୍ଗା ସ୍ଥିତ କୁଆଶୋଳ ଗ୍ରାମର ସୁଶ୍ରୀ ବସୁମତୀ ସାମଲ ବେତନଟୀ ତହସିଲରେ ଜଣେ ସରକାରୀ କିରାଣୀ ଭାବେ କାର୍ଯ୍ୟରତ ଅଛନ୍ତି । ସେ ପ୍ରତ୍ୟେକ ଦିନ ନିଜର କ ସାରି ପାଖାପାଖି ସନ୍ଧ୍ୟା ସାଢ଼େଛଅ ଟାରେ ସମୟରେ ଘରକୁ ଫେରିଥାଆନ୍ତି । ଏହା ଲକ୍ଷ୍ୟ କରି ସୋମବାର ସନ୍ଧ୍ୟା ପ୍ରାୟ ସାଢ଼େ୫ଟାରେ ତିନି ଜଣ ଦୁର୍ବୃତ୍ତ ପାଚେରୀ ଡେଇଁ ଘରର ପଛପଟ ଝରକାର ଗ୍ରୀଲ ତାଡ଼ି ଘର ଭିତରକୁ ପଶିଥିଲେ । ଘର ଭିତରେ ସମସ୍ତ ଆସବାବପତ୍ର ଏଣେ ତେଣେ ପିଙ୍ଗିବା ସହ ଘରେ ଥିବା ସୁନା କାନଫୁଲ , ମୁଦି ସହ ରୂପା ଅଳଙ୍କାର ଚୋରି କରି ନେଇଯାଇଥିଲେ । ଘର ମାଲିକ ସୁଶ୍ରୀ ସାମଲ ଘରକୁ ଫେରି ଜିନିଷପତ୍ର ଏଣେତେଣେ ପଡ଼ିଥିବା ବେଳେ ଝରକା ଗ୍ରୀଲ ଭଙ୍ଗାଯାଇଥିବାର ଦେଖିବାକୁ ପାଇଥିଲେ । ସେ ଏ ନେଇ ମଙ୍ଗଳବାର ବୈଶିଙ୍ଗା ଥାନାରେ ଏକ ଲିଖିତ କରିଥିଲେ । ଏହି ଅଭିଯୋଗକୁ ଭିତ୍ତି କରି ମାମଲା ରୁଜ୍ଜୁ କରି ତଦନ୍ତ ଚଳାଇଛି ବୈଶିଙ୍ଗା ପୁଲିସ ।

ବୋଲେରୋରେ ଦୁଇ ବଳଦ ନେଇଗଲେ ଦୁର୍ବୃତ୍ତ

ବେତନଟୀ ,(ସବ୍ୟୁ): ବୁଧବାର ବିଳମ୍ବିତ ରାତିରେ ବୈଶିଙ୍ଗା ଥାନା ଅଧିନ ନଡପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ଦୁଇଟି ବଳଦକୁ ବୁଧବାର ବିଳମ୍ବିତ ରାତିରେ ବୋଲେରୋରେ ଚୋରି କରିନେଲେ ଦୁର୍ବୃତ୍ତ। ନଡପୁର ପଞ୍ଚାୟତ କାର୍ଯ୍ୟାଳୟର ରାତିଜଗୁଆଳି ନାରାୟଣ ମୁର୍ମୁ ତାଙ୍କର ଦୁଇଟି ବଳଦକୁ ରାତିରେ ପଞ୍ଚାୟତ କାର୍ଯ୍ୟାଳୟର ଆବଦ୍ଧ ପାଚେରୀ ଭିତରେ ଛାଡିଥାଆନ୍ତି। ଗତକାଲି ସୋମବାର ମନାରାୟଣଙ୍କ ସ୍ୱାସ୍ଥ୍ୟ ଖରାପ ଥିବାରୁ ତାଙ୍କ ପୁଅ ଅରୁଣ କୁମାର ମୁର୍ମୁ ଦୁଇଟି ବଳଦକୁ ପୂର୍ବପରି ପଞ୍ଚାୟତ କାର୍ଯ୍ୟାଳୟର ପାଚେରୀ ଭିତରେ ପୁରାଇ ଫାଟକରେ ତାଲା ପକାଇ ଶୋଇଥିଲେ । ମାତ୍ର ସକାଳେ ଉଠି ଦେଖେତ ବଳଦ ଦୁଇଟି ଭିତରେ ନାହାନ୍ତି ଏବଂ ଫାଟକରେ ପଡିଥିବା ତାଲା ମଧ୍ୟ ନାହିଁ। ଆଖପାଖରେ ଚାରିଆଡେ ଖୋଜାଖୋଜି ପରେ ଶେଷରେ ପଞ୍ଚାୟତ କାର୍ଯ୍ୟାଳୟରେ ଲାଗିଥିବା ସିସି ଟିଭି ଫୁଟେଜ୍କୁ ଦେଖିଥିଲେ। ସେତେବେଳ ଜାଣିବାକୁ ପାଇଥିଲେ ଯେ ଏକାଧିକ ଦୁର୍ବୃତ୍ତ ରାତି ପ୍ରାୟ ଦେଢଟା ସମୟରେ ଏକ ବଲେରୋ ଗାଡ଼ିରେ ଆସି ଫାଟକର ତାଲା କାଟି ବଳଦ ଦୁଇଟିକୁ ବୋଲେର ଯୋଗେ ଚୋରି କରି ନେଇଛନ୍ତି। ଏ ନେଇ ନାରାୟଣ ମଙ୍ଗଳବାର ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ବୈଶିଙ୍ଗା ପୁଲିସ ଅଭିଯୋଗକୁ ଆଧାର କରି ୫୯୬/୨୫ ନମ୍ବରରେ ଏକ ମାମଲା ରୁଜ୍ଜୁ କରି ତଦନ୍ତ ଚଳାଇଛି ।

ଭଡ଼ା ଘରେ ଜେଇଙ୍କ ସନ୍ଦେହଜନକ ମୃତ୍ୟୁ

ନୀଳଗିରି ,(ସବ୍ୟୁ): ନୀଳଗିରି ଏନ୍ ଏ ସି ର ଯନ୍ତ୍ରୀ ଦେବାଶିଷ ପୃଷ୍ଟି (୫୭) ଗତ ସେପ୍ଟେମ୍ବର ମାସରେ ନୀଳଗିରି ଏନ୍‌ଏସିରେ ଯୋଗ ଦେଇଥିଲେ। ଏହା ପୂର୍ବରୁ ସେ ବାସୁଦେବପୁର ମ୍ୟୁନିସିପାଲିଟିର ରେ ଦୀର୍ଘ ବର୍ଷ ଧରି ରହି ଆସିଥିଲେ। ନିଳଗିରି ଏନ୍‌ଏସି ରେ ଯୋଗ ଦେବା ପରେ ସେ ବରି ସାହି ଗ୍ରାମରେ ଭଡ଼ା ଘରେ ରହୁଥିଲେ। ମଙ୍ଗଳବାର ଦିନ ପ୍ରାୟ ୧୦ଟା ସମୟରେ ଘରର ମାଲିକ ତାଙ୍କୁ ଡାକି ଥିବା ବେଳେ ସେ ଶୁଣି ନ ଥିଲେ। ପରେ ଘର ମାଲିକ ଏନ୍‌ଏସି କର୍ମଚାରୀଙ୍କୁ କହିବା ପରେ କର୍ମଚାରୀ ଡାକିବା ସହିତ ଫୋନ୍ ମଧ କରିଥିଲେ। ମାତ୍ର ଉତ୍ତର କିଛି ମିଳି ନ ଥିଲା। ଶେଷରେ କର୍ମଚାରୀମାନେ କବାଟ ଭାଙ୍ଗିବା ପରେ ଖଟରେ ଦେବାଶିଷ ଟଳି ପଡିଥିବାର ଦେଖିବାକୁ ପାଇଥିଲେ। ଏନେଇ ତାଙ୍କ ସ୍ତ୍ରୀ ଙ୍କୁ ମଧ ଅବଗତ କରାଇଥିବା ବେଳେ ଫୋନ୍ ଉଠାଇ ନ ଥିଲେ ବୋଲି ଘର ମାଲିକ ପ୍ରକାଶ କରିଛନ୍ତି। ପରେ କର୍ମଚାରୀ ଦେବାଶିଷ ତାଙ୍କୁ ତୁରନ୍ତ ନୀଳଗିରୀ ମେଡ଼ିକାଲକୁ ଆଣିଥିଲେ। ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ଶୁଣିବା ପରେ ବାସୁଦେବପୁର ପୌର ପାଳିକାର ଅନେକ କର୍ମଚାରୀ ନିଳଗିରି ମେଡିକାଲରେ ପହଂଚି ଶେଷ ଦର୍ଶନ କରିଛନ୍ତି।ମୃତକଙ୍କ ଘର ଭୁବନେଶ୍ୱର ହୋଇଥିବା ବେଳେ ସ୍ତ୍ରୀ ନବୋଦୋୟ ସ୍କୁଲରେ ଚାକିରୀ କରିଥିବାର ଜଣା ପଡିଛି। ସଂଧ୍ୟା ପରେ ଶବ ବ୍ୟବଚ୍ଛେଦ ହେବାର ନିୟମ ନ ଥିବା ବେଳେ ଜରୁରୀ କାଳୀନ ପରିସ୍ଥିତି କୁ ଆଖି ଆଗରେ ରଖି ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ସୁରଜ ମୟୂର ନିର୍ଦ୍ଦେଶ ଦେବା ପରେ ଡିଜି ଲାଇଟ୍‌ରେ ଶବବ୍ୟବଚ୍ଛେଦ କରାଯିବା ପରେ ମୃତ ଦେହକୁ ପରିବାର ବର୍ଗକୁ ହସ୍ତାନ୍ତର କରାଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣା ପଡିବ ମୃତ୍ୟୁର କାରଣ

ବ୍ଲକସ୍ତରୀୟ ବାଳିକା ଶିକ୍ଷା କର୍ମଶାଳା



କରଞ୍ଜିଆ,(କରଞ୍ଜିଆ,(ସବ୍ୟୁ):କରଞ୍ଜିଆ ବ୍ଲକ ଅନ୍ତର୍ଗତ କାଦଡିହା ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ବାଳିକା ଶିକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ଏହି କର୍ମଶାଳାରେ ପୁଅ ଝିଅ ପ୍ରଭେଦ ଦୂର ପାଇଁ ବିଭିନ୍ନ ପ୍ରତିଯୋଗିତା କାର୍ଯ୍ୟକ୍ରମ ମହାବିଦ୍ୟାଳୟ ଅଧକ୍ଷ ଡକ୍ଟର ଭାଗବତ ଲେଙ୍କା ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । କରଞ୍ଜିଆ ସମନ୍ୱିତ ଶିଶୁ ବିକାଶ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଲିଙ୍ଗ ଗତ ପ୍ରଭେଦ ଦୂର ପାଇଁ ଆଲୋଚନା ଚକ୍ର , ଚିତ୍ରାଙ୍କନ ପ୍ରତିଯୋଗିତା , ପଥପ୍ରାନ୍ତ ନାଟକ, ସଂଳାପ ପ୍ରତିଯୋଗିତା , ସାଙ୍ଗକୁ ସାଧାରଣ ଜ୍ଞାନ, ଶୀର୍ଷକ ପ୍ରତିଯୋଗିତାରେ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ । ସମନ୍ୱିତ ଶିଶୁ ବିକାଶ ଯୋଜନାର ସୁପରଭାଇଜର ଶ୍ରୀମତୀ ମଞ୍ଜୁଲତା ବେହେରା ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ପିଲାମାନଙ୍କୁ ବୁଝାଏ ଥିଲେ । ଏହି କାର୍ଯ୍ୟକ୍ରମରେ ବାଳିକା ଶିକ୍ଷାର ଗୁରୁସାଙ୍ଗକୁ ଲିଙ୍ଗ ଗତ ପ୍ରଭେଦ ଉପରେ ଅଧ୍ୟାପକ ବନମାଳୀ ମହାନ୍ତ , ଯଶୋଦା ରାଉତ , ଧରଣୀଧର ତ୍ରିପାଠୀ, ତପନ କୁମାର ବେହେରା , ଜନ୍ମେଜୟ ଶତପଥୀ ପ୍ରମୁଖ ପୁଅଝିଅ ପ୍ରଭେଦ ସମସ୍ୟା ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ । ଶିଶୁ ଶ୍ରମିକ ସମସ୍ୟା , ବାଲ୍ୟବିବାହ ପ୍ରଥାର , ଘରୋଇ ହିଂସା, ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ ।ସୁଭଦ୍ରା ହେଲ୍ପଲାଇନର ବିଜୟ କୁମାର ଜେନା , ସସ୍ମିତା ଜେନା ,ମାନସ ମହାକୁଡ଼ , ପ୍ରଜ୍ଞା ପାରମିତା ନାୟକ , କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମସ୍ତ ପ୍ରତିଯୋଗିଙ୍କୁ ପ୍ରମାଣ ପତ୍ର, ଟ୍ରଫି, ପ୍ରଦାନ କରାଯାଇଥିଲା ।

ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ଭଦ୍ରକ,(ସବ୍ୟୁ) :ସ୍ଥାନୀୟ ବିଷ୍ଣୁପୁର ପଞ୍ଚାୟତ ସ୍ଥିତ ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠ ଠାରେ ଭଣ୍ଡାରିପୋଖରୀ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୧୭ଗୋଟି ସାଧନ କେନ୍ଦ୍ରରୁ କ୍ଲଷ୍ଟରସ୍ତରୀୟ ପ୍ରତିଯୋଗିତାରେ ବିଭିନ୍ନ ବିଭାଗରେ ପ୍ରଥମ ହୋଇଥିବା ୫୪୦ଜଣ ଛାତ୍ରଛାତ୍ରୀଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପୂର୍ବାହ୍ନ୧୦ଟାରେ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟକୁମାର ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଭଣ୍ଡାରୀପୋଖରୀ ଗୋଷ୍ଠୀ ଶିକ୍ଷାଧିକାରୀ ଅଭିଜିତ ବାରିକଙ୍କ ସଭାପତିତ୍ୱ କରିଥିବାବେଳେ ବିଧାୟକ ସଂଜୀବ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷା ସୁମତୀ ସେଠୀ,ବିଆରସି ମଞ୍ଜୁଳାରାଣୀ ନାୟକ,ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମନୋଜ କୁମାର ଜେନା,ସୁନାକର ଧଳ,ବିଷ୍ଣୁପୁର ସରପଞ୍ଚ ଅମୂଲ୍ୟକୁମାର ନାୟକ,ଯୋଗଦେଇଥିଲେ।। ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବଦତ୍ତ ଦାଶ ମଞ୍ଚାସୀନ ଥିଲେ। ସେହିପରି ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ ସମିତିସଭ୍ୟଙ୍କ ପ୍ରତିନିଧି ଭାବେ ଦୀପକ ପାଣିଗ୍ରାହୀ ଯୋଗଦେଇ ଥିଲେ। ଆୟୋଜିତ ପ୍ରତିଯୋଗିତାରେ ତର୍କରେ ଭୋଳାଶଙ୍କରର ପଣ୍ଡା ପ୍ରବନ୍ଧରେ ସୁଶ୍ରିଲେଖା ନନ୍ଦ ସୃଜନାତ୍ମକ ଲିଖନରେ ପ୍ରିୟଦର୍ଶିନୀ ମହାପାତ୍ର କୁଇଜରେ ଓମପ୍ରକାଶ ରାଉତ,ସଂଗୀତ ରେପୁଷ୍ପାଞ୍ଜଳି ସାହୁ,ଚିତ୍ର ଓ ଶିଳ୍ପକଳାରେ ମାମୁନି ରାଉତ ସେହିପରି ସସ୍ମିତା ସାମଲ ଓ ତାଙ୍କ ସାଥି ସମୃଦ୍ଧ ଭାଷା ଓ ସମୃଦ୍ଧ ଓଡିଶା ନୃତ୍ୟଭଳି ୪୦ଜଣ ଛାତ୍ରଛାତ୍ରୀ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରକୁ ମନୋନୀତ ହୋଇଛନ୍ତି। ସନ୍ଧ୍ୟାରେ ଉଦଯାପନୀ ଉତ୍ସବରେ ଭଣ୍ଡାରିପୋଖରୀ ଅତିରିକ୍ତ ତହସିଲଦାର ନିହାର ମଲ୍ଲିକଙ୍କ ସହ ସମସ୍ତ ଅଧିକାରୀ ଉପସ୍ଥିତ ରହି କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ

ଟ୍ରାକ୍ଟର ବେଟେରୀ ଚୋରି, ୫ ଗିରଫ

ଆଗରପଡ଼ା,(ସବ୍ୟୁ):ଟ୍ରାକ୍ଟର ବେଟେରୀ ଚୋରୀ ଅଭିଯୋଗରେ ବନ୍ତ ପୋଲିସ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ସଂପର୍କରେ ଥାନା କେସ ନଂ-୩୧୯/୨୬ରେ ମାମଲା ରୁଜ୍ଜୁ କରି ପୋଲିସ ଅଧିକ ତଦନ୍ତ ଜାରୀ ରଖିଛି। ବନ୍ତ ଥାନା ଅନ୍ତର୍ଗତ ବାରକୋଣା ଗ୍ରାମର ସରୋଜ ସ୍ୱାଇଁଙ୍କ ଟ୍ରାକ୍ଟର ନଂ-ଓଡି-୨୨-ପି-୬୫୫୨ ତାଙ୍କ ଘର ସାମ୍ନାରେ ରହିଥିଲା। ଏହାର ବାଟେରୀ କେହି ଚୋରୀ କରି ନେଇ ଥିବାର ସେ ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ କରି ପୋଲିସ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି ଏହି ଚୋରୀ ବେଟେରୀ ସହ ଅନ୍ୟ ଗୋଟିଏ ବେଟେରୀ ଜବତ୍ କରିଛି। ନନ୍ଦିପଦା ଥାନା ଅନ୍ତର୍ଗତ ମଧୁରଗଡ଼ିଆ ଗ୍ରାମରୁ ଚୋରୀ ହୋଇଥିବା ଏହି ବାଟେରୀ ବୋଲି ପୋଲିସ ସନ୍ଦେହ କରୁଛି। ଚୋରୀରେ ବ୍ୟବହୃତ ନମ୍ବର ବିହୀନ ବାଇକକୁ ମଧ୍ୟ ଜବତ୍ କରିଛି। ଆପଣ୍ଡା ଗ୍ରାମର ଅଶୋକ ଦାସ,ବାରକୋଣାର ଚନ୍ଦ୍ରକାନ୍ତ ଜେନା,କଟିଣାର ହିମାଂଶୁ ପ୍ରଧାନ,ନନ୍ଦୀପଦା ଥାନା ଜଗନ୍ନାଥପୁରର କ୍ଷିତିଶ ସୁଆର,କେତୁଆଳି ଗ୍ରାମର ଅନ୍ତର୍ଯ୍ୟାମୀ ବିଶ୍ୱାଳଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

ବେତନଟୀ ରେଳଷ୍ଟେସନ ପରାମର୍ଶଦାତା କମିଟିର ବୈଠକ

ବେତନଟୀ ,(ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଅଧୀନ ବେତନଟୀ ରେଳଷ୍ଟେସନ ପରାମର୍ଶଦାତା କମିଟି ପକ୍ଷରୁ ଏକ ଜରୁରୀ ବୈଠକ ମଙ୍ଗଳବାର ଷ୍ଟେସନ ପରିସରସ୍ଥ ସଭାଗୃହରେ ଆୟୋଜିତ ହୋଇଯାଇଛି। ବେତନଟୀ ରେଳ ଷ୍ଟେସନର ଷ୍ଟେସନ ମାଷ୍ଟର ମେଘରାୟ ହାଁସଦାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ରେଳବିଭାଗର ବାଲେଶ୍ୱରସ୍ଥିତ କାର୍ଯ୍ୟାଳୟରୁ ବ୍ୟବସାୟୀକ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବେତନଟୀ ରେଳଷ୍ଟେସନ ପରାମର୍ଶଦାତା କମିଟିର ଜୟନ୍ତ କୁମାର ପଟ୍ଟନାୟକ, ରବୀନ୍ଦ୍ର କୁମାର ମିଶ୍ର, ଇଂ. ସୁଶାନ୍ତ କୁମାର ବଳ, ଅଜୟ କର, ଶାନ୍ତନୁ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ବେତନଟୀ ରେଳଷ୍ଟେସନର ସର୍ବାଙ୍ଗୀନ ଉନ୍ନତି ତଥା ହଜାର ହଜାର ଯାତ୍ରୀଙ୍କ ସାମୂହିକ ସୱାର୍ଥକୁ ଦୃଷ୍ଟିରେ ରଖି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ପୂର୍ବକ ୬ଗୋଟି ପ୍ରସ୍ତାବ ଗୃହୀତ ହୋଇଥିଲା। ବେତନଟୀ ରେଳ ଷ୍ଟେସନ ପରାମର୍ଶଦାତା କମିଟିର ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଗୃହୀତ ୬ଗୋଟି ପ୍ରସ୍ତାବ ଗୁଡିକୁ ରେଳବିଭାଗର ଅଧିକାରୀଙ୍କ ନିକଟରେ ଉପସ୍ଥାପନ ପରେ କିଭଳି ଏଗୁଡିକର ସଫଳ ରୂପାୟନ ହୋଇପାରିବ ସେନେଇ ଗୁରୁତ୍ୱାରୋପ କରିବାକୁ ବ୍ୟବସାୟିକ ନିରୀକ୍ଷକ ପି. ସି ରାଉତଙ୍କୁ କମିଟି ପକ୍ଷରୁ ଅନୁରୋଧ କରାଯାଇଥିଲା। ବୈଠକର ସଫଳ ସମାପନ ପରେ ବେତନଟୀ ଷ୍ଟେସନ ମାଷ୍ଟର ମେଘରାୟ ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ।

ସାଇଶ୍ରୀ ଲୋକନାଥ ସେଠୀ ବନ୍ତ ତହସିଲଦାର

ଆଗରପଡା,(ସବ୍ୟୁ):ବନ୍ତ ନୂଆ ତହସିଲଦାର ଭାବେ ସାଇଶ୍ରୀ ଲୋକନାଥ ସେଠୀ ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଡେପୁଟି କଲେକ୍ଟର,ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଭାବେ ସେ କାର୍ଯ୍ୟରତ ଥିଲେ। ପ୍ରକାଶଥାଉକି ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଚିଠି ନମ୍ବର ୪୨୭୩୬ ତାରିଖ ଅକ୍ଟୋବର ୧୬ ଅନୁଯାୟୀ ପୂର୍ବ ତହସିଲଦାର ସୁଶ୍ରୀ ସାରା ହେମ୍ବ୍ରମଙ୍କୁ କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଡେପୁଟି କଲେକ୍ଟର ଭାବେ ବଦଳି ହୋଇଛି। କାର୍ଯ୍ୟରେ ଯୋଗଦାନ ପରେ ଶ୍ରୀସେଠୀଙ୍କୁ ଅତିରିକ୍ତ ତହସିଲଦାର ପ୍ରସନ୍ନ ମହାନ୍ତିଙ୍କ ସମେତ ସମସ୍ତ କର୍ମଚାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।


ପ୍ରେମ ନିବେଦନ କରି ବନ୍ଧାହେଲେ ଯୁବକ



ନୀଳଗିରି ,(ସବ୍ୟୁ) :ନୀଳଗିରି ଥାନା ଅଞ୍ଚଳରେ ଜଣେ ବିବାହିତ ମହିଳାଙ୍କୁ ବାରମ୍ବାର ପ୍ରେମନିବେଦନ କରି ବିଫଳହେବା, ପରେ ଜୋରଜବରଦସ୍ତ ଟଣାଓଟରା କରିବାସହ ଆକ୍ରମଣକରିବା ଘଟଣାରେ ଜନୈକ ଯୁବକ ଗଛରେ ବନ୍ଧାହେବାପରେ ପୋଲିସ ଉକ୍ତ ଯୁବକକୁ ଉଦ୍ଧାରକରି ଥାନାକୁ ଆଣିଥିବା ଜଣାଯାଇଛି। ନୀଳଗିରି ଥାନା ବେଗୁନିଆ ଗ୍ରାମର ଜନୈକା ବିବାହିତା ମହିଳାଙ୍କୁ ଉକ୍ତ ଥାନା ସିଙ୍ଗିର ଗ୍ରାମର ଖଗେଶ୍ୱର କର ନାମକ ଯୁବକ ଜୋରଜବରଦସ୍ତ ପ୍ରେମନିବେଦନ କରି ଟଣାଘୋଷରା କରିବା ଏବଂ ସଂପୃକ୍ତ ମହିଳାଜଣକ ଅରାଜିହେବାରୁ ମହିଳାଙ୍କୁ ଯୁବକ ଜଣକ ଅଶ୍ଳୀଳଭାଷାରେ ଗାଳିଗୁଲଜ କରି ଛୁରୀରେ ଆକ୍ରମଣ କରିଥିଲା। ଫଳରେ ମହିଳାଙ୍କ ବେକରେ ଗଭୀର କ୍ଷତ ହୋଇଥିବା ଜଣାଯାଇଛି।ଏହି ସମୟରେ ମହିଳାଙ୍କ ପୁଅ ଟିଉସନସାରି ଫେରୁଥିବା ବେଳେ ଏଭଳି ଅଘଟଣ ଦେଖି ନିକଟସ୍ଥ ମାମୁଁଘର ଏବଂ ସମ୍ପର୍କୀୟଙ୍କୁ ଡାକ ପକାଇଥିଲେ। ତୁରନ୍ତ ସେମାନେ ଆସି ଯୁବକ ଜଣକ କବଳରୁ ମହିଳାଙ୍କୁ ଉଦ୍ଧାରକରି ଯୁବକଙ୍କୁ ଏକ ଗଛରେ ବାନ୍ଧି ପକାଇଥିଲେ। ପରେ ୧୧୨କୁ ଖବର ଦେଲାପରେ ପୋଲିସ ଯୁବକଙ୍କୁ ଉଦ୍ଧାରକରି ଥାନାକୁ ଆଣିଛି। ତେବେ ମହିଳାଙ୍କ ସହିତ ଯୁବକଙ୍କର ପୂର୍ବରୁ ପ୍ରେମସମ୍ପର୍କ ରହିଥିବା ଶୁଣିବାକୁ ମିଳିଥିବାବେଳେ ପୂର୍ବ ଘଟଣାକୁନେଇ ଥାନାରେ ଆପୋଷ ସମାଧାନ ହୋଇଥିବା ଜଣାଯାଇଛି। ଏନେଇ ନୀଳଗିରି ଥାନାରେ ମହିଳାଜଣକ ଲିଖିତ ଅଭିଯୋଗ କରିଥିବା ବେଳେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ପୋଲିସ ସୂତ୍ରରୁ ପ୍ରକାଶ।

ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟର ତିନି ବୁଝାମଣାପତ୍ର ସ୍ୱାକ୍ଷର

ବାଲେଶ୍ୱର,(ସବ୍ୟୁ) :ଗବେଷଣା, ନବସୃଜନ ଓ ଉଦ୍ୟୋଗିତାର ବିକାଶକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ତିନୋଟି ସଂସ୍ଥା ସହ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। ଏଥିସହ ଦୁଇଜଣ ଶିଳ୍ପ ଓ ବିଶେଷଜ୍ଞଙ୍କ ସହ ପରାମର୍ଶଦାତା ଚୁକ୍ତି ମଧ୍ୟ ସ୍ୱାକ୍ଷରିତ ହୋଇଛି। ବିଶ୍ୱବିଦ୍ୟାଳୟର ପ୍ରଯୁକ୍ତି ଓ ଉଦ୍ୟୋଗ ଉନ୍ନୟନ କେନ୍ଦ୍ର (ଟି.ବି.ଆଇ) ମାଧ୍ୟମରେ ଏହି ପଦକ୍ଷେପ ନିଆଯାଇଛି। ତିନିବର୍ଷ ପାଇଁ କାର୍ଯ୍ୟାଳୟ ସ୍ଥାନ ଓ ଉଦ୍ୟୋଗ ବିକାଶ ସୁବିଧା ଯୋଗାଇଦେବା ନିମନ୍ତେ କ୍ରପ୍‌ଜୋନ୍ ଇନୋଭେଟିଭ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଏହାର ପ୍ରତିଷ୍ଠାତା ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଡକ୍ଟର ରାମାନୁଜ ପଣ୍ଡା, ସି.ଇ ୱାର୍ଲ୍ଡ ପକ୍ଷରୁ ସ୍ୱତ୍ୱାଧିକାରୀ ଜୀବନଜ୍ୟୋତି ବାଗ ଏବଂ 'ଉନ୍ନତି'-ଓଡ଼ିଶା ପକ୍ଷରୁ ସଭାପତି ଆଶିଷ କୁମାର ପାତ୍ର ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ସେହିପରି, ପରିବେଶ ସୁରକ୍ଷା ଓ ସ୍ଥାୟୀ ବିକାଶ ବିଶେଷଜ୍ଞ ଅଭିଷେକ ମଣିଙ୍କ ସହ ଜଳ, ପରିମଳ, ଜଳବାୟୁ ସହନଶୀଳତା ଓ ଗ୍ରାମୀଣ ଜୀବିକା କ୍ଷେତ୍ରରେ ପରାମର୍ଶ ପାଇଁ ଦୁଇବର୍ଷିଆ ସ୍ୱେଚ୍ଛାସେବୀ ପରାମର୍ଶଦାତା ଭାବେ ଚୁକ୍ତି ହୋଇଛି। ଏଥିସହ ଡକ୍ଟର ରାମାନୁଜ ପଣ୍ଡା କୃଷିଭିତ୍ତିକ ବ୍ୟବସାୟର ସମ୍ପ୍ରସାରଣ, ଉପଭୋକ୍ତା ସାମଗ୍ରୀର ବଜାର ପରିଚୟ ଓ ବ୍ରାଣ୍ଡ ଗଠନ କ୍ଷେତ୍ରରେ ପରାମର୍ଶ ଦେବେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ତଥା



ଟି.ବି.ଆଇର ମୁଖ୍ୟ ପୃଷ୍ଠପୋଷକ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧକ୍ଷତା କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲ, କୁଳସଚିବ ପ୍ରଫେସର ନିହାର ରଞ୍ଜନ ରାଉତ ଏବଂ ବିଶ୍ୱବିଦ୍ୟାଳୟର ଅନ୍ୟ ଅଧ୍ୟାପକମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଟି.ବି.ଆଇ ର ସଂଯୋଜକ ତଥା ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ପଙ୍କଜ କୁମାର ପାଢ଼ୀ ଏବଂ ମୁଖ୍ୟ ପରିଚାଳନା ଅଧିକାରୀ ସୁନେହୁ ନାୟକ ସଂଯୋଜନା କରିଥିଲେ। ଏହି ସହଯୋଗ ମାଧ୍ୟମରେ ନୂତନ ଉଦ୍ୟୋଗୀମାନଙ୍କୁ ଆବଶ୍ୟକ କାର୍ଯ୍ୟସ୍ଥଳ, ବିଶେଷଜ୍ଞଙ୍କ ପରାମର୍ଶ ଓ ଶିଳ୍ପସଂସ୍ଥା ସହ ଯୋଗାଯୋଗର ସୁଯୋଗ ମିଳିବା ନେଇ କୁଳପତି ପ୍ରଫେସର ତ୍ରିପାଠୀ ଆଶାବ୍ୟକ୍ତ କରିଛନ୍ତି। ଗବେଷଣାଲବ୍ଧ ଜ୍ଞାନକୁ ବ୍ୟବହାରିକ ଉତ୍ପାଦ ଓ ସେବାରେ ପରିଣତ କରିବା ସହ ପ୍ରଯୁକ୍ତିଭିତ୍ତିକ ଉଦ୍ୟୋଗ ଓ ସ୍ଥାୟୀ ନବସୃଜନକୁ ଆଗକୁ ବଢ଼ାଇବାରେ ମଧ୍ୟ ଏହା ସହାୟକ ହେବ। ଏହାଦ୍ୱାରା ଆଞ୍ଚଳିକ ସ୍ତରରେ ନୂତନ ଉଦ୍ୟୋଗ ସୃଷ୍ଟି ଓ ବିକାଶରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଅବଦାନ ଆହୁରି ବୃଦ୍ଧି ପାଇବ ବୋଲି ପ୍ରଫେସର ପଙ୍କଜ କୁମାର ପାଢ଼ୀ ମତାମତ ପ୍ରଦାନ କରିଛନ୍ତି।

ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ନେତୃତ୍ୱ ସମ୍ବାଦ ପ୍ରତିଯୋଗିତା

କେନ୍ଦୁଝର (ଜିପ୍ର) : କେନ୍ଦୁଝରସ୍ଥିତ ସେଲ ଅଡିଟୋରିୟମ ଠାରେ ମଙ୍ଗଳବାର ଦିନ ବିକଶିତ ଭାରତ ଯୁବ ନେତୃତ୍ୱ ସମ୍ବାଦ ୨୦୨୭ ଅନ୍ତର୍ଗତ ଏକ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତି ହୋଇଯାଇଛି।ଏହି ପ୍ରତିଯୋଗିତାରେ ଲୋକନୃତ୍ୟ, ଲୋକଗୀତ, ପଥପ୍ରାନ୍ତ ନାଟକ , ଚିତ୍ରାଙ୍କନ ଏବଂ କବିତା ଲିଖନ ଭଳି ବିଭିନ୍ନ କାର୍ଯ୍ୟକ୍ରମ ସାମିଲ ଥିଲା। ଯୁବ ପ୍ରତିଯୋଗୀମାନେ ଅତ୍ୟନ୍ତ ଉତ୍ସାହର ସହ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ, ଯାହା ଏହି ଅଞ୍ଚଳର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ଯୁବପିଢ଼ିଙ୍କ ସୃଜନଶୀଳ ସମ୍ଭାବନାକୁ ପ୍ରତିଫଳିତ କରିଥିଲା।ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ନେତୃ ଗୁଣର ବିକାଶ କରିବା, କଳାତ୍ମକ ଅଭିବ୍ୟକ୍ତିକୁ ପ୍ରୋତ୍ସାହିତ କରିବା, ଭାରତର ବିବିଧ ସାଂସ୍କୃତିକ ପରମ୍ପରାକୁ ସଂରକ୍ଷିତ କରିବା ଏବଂ ବିକଶିତ ଭାରତର ସଂକଳ୍ପରେ ସକ୍ରିୟ ଭାବେ ଯୋଗଦାନ କରିବା ପାଇଁ ଯୁବପିଢ଼ିଙ୍କୁ ଅନୁପ୍ରାଣିତ କରିବା।କେନ୍ଦୁଝରଗଡ଼ ପୌରପାଳିକାର ଅଧକ୍ଷା ଶ୍ରୀମତୀ ନିକୁ ସାହୁ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।ଉପସ୍ଥିତ ଥିବା ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ଧରଣୀଧର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଶ୍ରୀମତୀ ପ୍ରତିଭା ପୃଷ୍ଟି, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ କୁମାର ମଲ୍ଲିକ ପ୍ରମୁଖ ଥିଲେ।ଯୁବପିଢ଼ିଙ୍କୁ ସେମାନଙ୍କର ଚିନ୍ତାଧାରା ପ୍ରକାଶ କରିବା, ସାଂସ୍କୃତିକ ପରିଚୟକୁ ପାଳନ କରିବା ଏବଂ ନେତୃ ଦକ୍ଷତା ବିକଶିତ କରିବା ପାଇଁ ସୁଯୋଗ ପ୍ରଦାନ କରି ସେମାନଙ୍କୁ ସଶକ୍ତ କରିବାର ଗୁରୁତ୍ୱକୁ ଏହି କାର୍ଯ୍ୟକ୍ରମରେ ଆଲୋକପାତ କରାଯାଇଥିଲା। ଏଭଳି ପଦକ୍ଷେପ ମାଧ୍ୟମରେ ଯୁବପିଢ଼ିଙ୍କୁ ଏକ ବିକଶିତ, ଅନ୍ତର୍ଭୁକ୍ତ ଓ ପ୍ରଗତିଶୀଳ ଭାରତ ଗଠନର ଯାତ୍ରାରେ ସକ୍ରିୟ ଯୋଗଦାନକାରୀ ଭାବେ ଉଭା ହେବା ପାଇଁ ଉତ୍ସାହିତ କରାଯାଉଛି।



ସମ୍ପାଦକୀୟ

ଏବର ସାମାଜିକ ଗଣମାଧମ

ଏବର ସୂଚନା ଯୁଗରେ ସାମାଜିକ ଗଣମାଧମ ଖୁବ ସକ୍ରିୟ ବୋଲି ମନେହେଉଛି । ସମ୍ବାଦପତ୍ର ଯେପରି ନିତ୍ୟ ବ୍ୟବହାର୍ଯ୍ୟ ଆବଶ୍ୟକତାରେ ପରିଣତ ହୋଇଥିଲା, ଏବେ ମଧ ସେହି ପରମ୍ପରାକୁ ସେ ବଜାୟ ରଖି ପାରିଛି । ମାତ୍ର ଇଲୋକ୍ଟ୍ରୋନିକ (ତଡ଼ିତ) ଗଣମାଧମ ଏହା ପରେ ପ୍ରଭାବ ବିସ୍ତାର କରିଥିଲା । ସେତେବେଳେ ସରକାରୀ ନିୟନ୍ତ୍ରଣାଧୀନ ରେଡିଓ ବା ଦୂରଦର୍ଶନ ହିଁ ତୁରନ୍ତ ସୂଚନା ବା ଖବର ଦେଇ ଜନସାଧାରଣଙ୍କୁ ପ୍ରଭାବିତ କରି ଆସୁଥିବା ସତ୍ତ୍ୱେ, ସଂପୂର୍ଣ୍ଣ ତଥ୍ୟ ପାଇଁ ଲୋକେ ଏହା ଉପରେ ଭରସା ନ କରି ସେହି ମୁଦ୍ରଣ ଗଣମାଧମ ଉପରେ ଭରସା କରି ଆସୁଛନ୍ତି । ମାତ୍ର ମୁଦ୍ରଣ ଗଣମାଧମ ଓ ତଡ଼ିତ ଗଣମାଧମକୁ ପଛରେ ପକାଇ ସାମାଜିକ ଗଣମାଧମ ଶସ୍ତା ଓ ଚାଞ୍ଚଲ୍ୟକର ସମ୍ବାଦ ପରିବେଷଣ କରିବାକୁ ଆଗଭର ହୋଇଛି ଏବେ ମୋବାଇଲ ଫୋନ ଜରିଆରେ । ମୋବାଇଲ ଫୋନ ଏବେ ଜନସାଧାରଣଙ୍କର ଜୀବନରେଖା ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ମାତ୍ର ଅନେକ ମିଥ୍ୟା, ଶସ୍ତା ଓ ଚାଞ୍ଚଲ୍ୟକର ଖବର ପରିବେଷଣ କରି ଅନେକ ପାଠ୍ୟ ଓ ଭିଡିଓ ଜନସାଧାରଣଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଏବେ ତତ୍ପର ।

'I should have one also. Every one should have his paper'. (ମୋର ଖଣ୍ଡେ କାଗଜ ଥିବା ଦରକାର । ପ୍ରତ୍ୟେକ ବ୍ୟକ୍ତିଙ୍କର ନିଜ ଖବରକାଗଜ ଥିବା ଦରକାର) ଚା' ପାନ ପରେ ନେହରୁ ବୁଝାଇଲେ, ବିଲାତରେ ଯେ ଯାହାର ଖବରକାଗଜ କିଣେ ପଢ଼ିବା ପାଇଁ । ରେଡିଓ ପାଇଁ ମଧ ସେଇ କଥା । କିଏ କେଉଁ ଷ୍ଟେସନରୁ କେତେବେଳେ କ'ଣ ଶୁଣିବ, ସେଥିପାଇଁ ତା'ର ଅଲଗା ରେଡିଓ ହେଲେ ସୁବିଧା । ପାଖରେ ଲୋକ ଥିଲେ, ନିଜ ଇଅର ଫୋନ ଲଗାଇ ଶୁଣିଲେ ଅନ୍ୟଙ୍କୁ ବାଧିବ ନାହିଁ । ଏହା ଟିଭି ଆସିବା ପୂର୍ବ ଘଟଣା । (ସମ୍ପାଦକୀୟ, ଟିଭି ସିରିଆଲ' ୪୨ ବର୍ଷ–୩ୟ ସଂଖ୍ୟା 'ଝଙ୍କାର') । ଏଥିରୁ ଦୈନିକ ସମ୍ବାଦପତ୍ରର ଗ୍ରହଣୀୟତା ଜଣାପଡ଼ିଥାଏ ।

ଭାରତ ସରକାର ଇତିମଧରେ ଅନେକ ମୋବାଇଲ ଜରିଆରେ ଆସୁଥିବା ସାମାଜିକ ପ୍ରୟୋଗ ଉପରେ କଟକଣା ଲାଗୁ କରିଛନ୍ତି । ସୂଚନା ପ୍ରଯୁକ୍ତିବିଦ୍ୟା ଆଇନର ଧାରା ୬୯ଙ୍କ ଅନୁଯାୟୀ ଏହା କରାଯାଇଛି । ବିଶେଷକରି ୧୪ ବର୍ଷରୁ କମ୍ ପିଲାଙ୍କ ପାଇଁ ଏବଂ ଆଂଶିକ ଭାବେ ୧୬ ଓ ୧୮ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ଏହି ନିଷେଧାଦେଶ ଭାରତରେ ଜାରି କରାଯାଉଛି । ସାମାଜିକ ଗଣ ଯୋଗାଯୋଗ ମାଧମରେ ଅନେକ ସକରାତ୍ମକ ବୈଶିଷ୍ଟ୍ୟ ଥିଲେ ମଧ ଅନେକ ନକରାତ୍ମକ ବିଷୟ ମଧ ଆମର କ୍ଷତି ସାଧନ କରୁଛି । ସେଥିପାଇଁ ଏହାର ବ୍ୟକ୍ତିକ ଓ ନିରାପତ୍ତାମୂଳକ ବିଷୟବସ୍ତୁ ଉପରେ ମଧ ଗୁରୁତ୍ୱାରୋପ କରାଯାଉଛି । ଏବେ ସାମାଜିକ ଗଣମାଧମଗୁଡ଼ିକ ମଧରେ ଫେସବୁକ୍, ଇନ୍ଷ୍ଟାଗ୍ରାମ, ଥ୍ରେଡ୍‌ସ୍ ଓ ଟ୍ୱିଟର ବା ଏକ୍ସ (X) ଲୋକପ୍ରିୟତା ଅର୍ଜନ କରିଛି । ମାତ୍ର ଏସବୁ ଜରିଆରେ ଅନେକ ମିଥ୍ୟା ଓ ଜାଲ୍ କାରବାର ମଧ କରାଯାଉଛି । ଅନଲାଇନରେ ଦଙ୍ଗା ଓ ହିଂସାକାଣ୍ଡ ପ୍ରଭୃତିକୁ ପ୍ରଶ୍ରୟ ଦିଆଯାଉଛି ଏବଂ ଅନ୍‌ଲାଇନ ଅର୍ଥ ଦେଣନେଣ କାରବାରରେ ଅନେକ ସୁବିଧା ଉପଲବ୍ଧ ହେଉଥିଲେ ମଧ ସାଇବର ଠକମାନେ ନୀରିହ ଲୋକଙ୍କଠାରୁ ଅର୍ଥ ଶୋଷଣ କରୁଥିବା ଅଭିଯୋଗମାନ ହେଉଛି । ସୂଚନା ଓ ପ୍ରଯୁକ୍ତି ବିଦ୍ୟା ନିୟମାବଳି ୨୦୨୧ ଅନୁଯାୟୀ ସାମାଜିକ ଗଣମାଧମକୁ ହିଂସାକାଣ୍ଡ, ଭିଡ଼ହିଂସା ବା ସେହିପରି କିଛି ପାଠ୍ୟ ଓ ଭିଡ଼ିଓକୁ ନିଷେଧ କରାଯାଇଛି । ମାତ୍ର ଏହାକୁ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ କରାଯିବାକୁ ନୂତନ ଓ କଡ଼ାକଡ଼ି ଆଇନର ଆବଶ୍ୟକତା ଏବେ ଅପରିହାର୍ଯ୍ୟ ବୋଲି ମନେ ହୋଇଛି । କାରଣ ଅନେକ ସମୟରେ ମିଥ୍ୟା ଖବର ବା ଗୁଜବ ସମାଜର କ୍ଷତି କରୁଛି । ସାରା ବିଶ୍ୱରେ ୪ ଦଶମିକ ୪୮ ବିଲିଅନ (ଏକ ବିଲିଅନ ୧୦୦ କୋଟି) ଜନତା ବିଭିନ୍ନ ସାମାଜିକ ଗଣମାଧମର ବ୍ୟବହାରକାରୀ ବୋଲି ଜଣାପଡ଼ିଛି । ଭାରତରେ ସର୍ବୋଚ୍ଚ ଅଦାଲତ ମଧ ଏପରି ନିଷେଧାଦେଶକୁ ସୁପାରିଶ କରିଛନ୍ତି ।

ସମ୍ବାଦପତ୍ରର ବିଶ୍ୱସନୀୟତା ଅତୀତରେ ଥିଲା, ଏବେ ଅଛି ଓ ଭବିଷ୍ୟତରେ ମଧ ରହିବ । ଏ ସମ୍ପର୍କରେ ଅତୀତର ଏକ ସୁନ୍ଦର ଉଦାହରଣ ଏଠାରେ ଦିଆଯାଇ ପାରେ । ଓଡ଼ିଆ ସାହିତ୍ୟର ସବୁଜ ଯୁଗର ଲେଖକ ଜଷ୍ଟିସ ହରିହର ମହାପାତ୍ର ଠାଏ ଲେଖିଛନ୍ତି– 'ରେଡିଓ ଟିଭି ପୂର୍ବରୁ ଶିକ୍ଷିତ ଲୋକେ ଖବର କାଗଜକୁ ଦୈନିକ ଆବଶ୍ୟକତା ରୂପେ ଗ୍ରହଣ କରୁଥିଲେ । ସଭ୍ୟ ସମାଜର ଆଦବ କାଇଦା ଅନୁଯାୟୀ ନିଜେ ନ କିଣି ଅନ୍ୟ କାହାଠାରୁ ମାଗି ପଢ଼ିବା ଅସଙ୍ଗତ । ଥରେ ଏକ ଟ୍ରେନ୍‌ରେ ଏକା କମ୍ପାଟମେଣ୍ଟରେ ୫ଜଣ ନେତୃସ୍ଥାନୀୟ କଂଗ୍ରେସ ଲୋକ ଯାଉଥିଲେ । ଜବାହରଲାଲ ନେହରୁ, ହରେକୃଷ୍ଣ ମହତାବ ତାଙ୍କ ଭିତରେ ଥିଲେ । ସକାଳ ହେବା ପରେ ଟ୍ରେନ୍ ପ୍ରଥମେ ରହିଲା ପାଟଣା ଜଙ୍କସନ ଷ୍ଟେସନରେ । ଧଡ଼ାଧଡ଼ ଲୋକେ ଓହ୍ଲାଇଲେ ଚା' ଓ ଖବରକାଗଜ ପାଇଁ । ମହତାବ ବାବୁ ଖଣ୍ଡିଏ ଇଂରାଜୀ ଦୈନିକ ଖବରକାଗଜ କିଣି ଉଠାକୁ ଆସିଲେ । ଖବର କାଗଜ ଷ୍ଟଲ କେଉଁଠି ପଚାରି ନେହରୁ ଓହ୍ଲାଇଥିଲେ । **ମହତାବ ବାବୁ ଖବର କାଗଜ ଆଣିଛନ୍ତି ବୋଲି କହିବାରୁ ଜବାହରଲାଲ ଉତ୍ତର ଦେଲେ –** 'I should have one also. Every one should have his paper'. (ମୋର ଖଣ୍ଡେ କାଗଜ ଥିବା ଦରକାର । ପ୍ରତ୍ୟେକ ବ୍ୟକ୍ତିଙ୍କର ନିଜ ଖବରକାଗଜ ଥିବା ଦରକାର) ଚା' ପାନ ପରେ ନେହରୁ ବୁଝାଇଲେ, ବିଲାତରେ ଯେ ଯାହାର ଖବରକାଗଜ କିଣେ ପଢ଼ିବା ପାଇଁ । ରେଡିଓ ପାଇଁ ମଧ ସେଇ କଥା । କିଏ କେଉଁ ଷ୍ଟେସନରୁ କେତେବେଳେ କ'ଣ ଶୁଣିବ, ସେଥିପାଇଁ ତା'ର ଅଲଗା ରେଡିଓ ହେଲେ ସୁବିଧା । ପାଖରେ ଲୋକ ଥିଲେ, ନିଜ ଇଅର ଫୋନ ଲଗାଇ ଶୁଣିଲେ ଅନ୍ୟଙ୍କୁ ବାଧିବ ନାହିଁ । ଏହା ଟିଭି ଆସିବା ପୂର୍ବ ଘଟଣା । (ସମ୍ପାଦକୀୟ, ଟିଭି ସିରିଆଲ' ୪୨ ବର୍ଷ–୩ୟ ସଂଖ୍ୟା 'ଝଙ୍କାର') । ଏଥିରୁ ଦୈନିକ ସମ୍ବାଦପତ୍ରର ଗ୍ରହଣୀୟତା ଜଣାପଡ଼ିଥାଏ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

ବାତ୍ୟା ଅର୍ଣ୍ଣବ ପାଇଁ ପ୍ରସ୍ତୁତି କିପରି ହୋଇଥାନ୍ତା (୨)



ପ୍ର. ସୁରେନ୍ଦ୍ରନାଥ ପଶୁପାଳକ

ବନ୍ୟାର ଭୟାବହତା କେବଳ ବର୍ଷାର ତୀବ୍ରତା ଉପରେ ନିର୍ଭର କରେନାହିଁ, ନଦୀ ଅବବାହିକାରେ ବର୍ଷାର ଅବଧି ଓ ବିସ୍ତାର, ମାଟିର ପୂର୍ବ ଆର୍ଦ୍ରତା, ଜଳଭଣ୍ଡାରର ଜଳଧାରଣ ଓ ଜଳ ଛାଡ଼ିବାର ପରିମାଣ, ନଦୀର ଅବସ୍ଥା ଏବଂ ତଳମୁଣ୍ଡରେ ଜଳ ନିଷ୍କାସନ କ୍ଷମତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ।

୪. ସରକାରଙ୍କ ପ୍ରସ୍ତୁତିର ମୂଲ୍ୟାୟନ କିପରି ହେବା ଉଚିତ?

ସରକାର ମୁଖ୍ୟତଃ ସରକାରୀ ପାଣିପାଗ ଓ ଜଳବିଜ୍ଞାନ ସମ୍ପର୍କିତ ସତର୍କ ସୂଚନା, ଜିଲ୍ଲା ପ୍ରଶାସନର ତଥ୍ୟ ଏବଂ ପ୍ରଚଳିତ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ଆଧାରରେ ଆଗୁଆ ପଦକ୍ଷେପ ନେଇଥାନ୍ତି । ମୋ ମତରେ, ସରକାରଙ୍କ ପ୍ରତିଷେଧମୂଳକ ପଦକ୍ଷେପର ମୂଲ୍ୟାୟନ ସେତେବେଳେ ଉପଲବ୍ଧ ସତର୍କ ସୂଚନା ଓ ପୂର୍ବରୁ ଆକଳନ କରାଯାଇପାରୁଥିବା ବିପଦ ଆଧାରରେ ହେବା ଉଚିତ । ପରେ ବିପର୍ଯ୍ୟୟ କେତେ ଭୟାବହ ହେଲା, କେବଳ ସେହି ଆଧାରରେ ପ୍ରସ୍ତୁତିର ବିଚାର କରିବା ଯଥାର୍ଥ ନୁହେଁ । ଲୋକଙ୍କୁ ସ୍ଥାନାନ୍ତର, ଆଶ୍ରୟସ୍ଥଳ ପ୍ରସ୍ତୁତି, ଉଦ୍ଧାରକାରୀ ଦଳ ମୁତୟନ, ଯୋଗାଯୋଗ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ସୁରକ୍ଷାମୂଳକ ପଦକ୍ଷେପ ଯଥାସମୟରେ ନିଆଯାଇଥିଲା କି ନାହିଁ, ତାହା ସମୀକ୍ଷା କରିବା ଆବଶ୍ୟକ । ଜଳଭଣ୍ଡାର ପରିଚାଳନାକୁ ବିଶେଷ ଗୁରୁତ୍ୱ ଦେବା ଦରକାର । ଜଳଭଣ୍ଡାରର ଜଳସ୍ତର, ଖାଲି ଜଳଧାରଣ କ୍ଷମତା, ଜଳ ପ୍ରବେଶ, ସମ୍ଭାବ୍ୟ ଜଳ ନିଷ୍କାସନ ଓ ତଳମୁଣ୍ଡର ନଦୀ ଅବସ୍ଥା ବନ୍ୟା ବିପଦକୁ ପ୍ରଭାବିତ କରିପାରେ । ଅଡ଼ବା ଓ ତହ ଭଳି ଜଳଭଣ୍ଡାରରୁ ହଠାତ ଜଳ ଛଡ଼ାଯାଇଥିବା ନେଇ କେତେକ ଅଭିଯୋଗ ହୋଇଛି । ମୁଁ ଏହି ଅଭିଯୋଗଗୁଡ଼ିକୁ ସ୍ୱାଧୀନ ଭାବେ ଯାଞ୍ଚ କରିନାହିଁ ।

ଜଳଭଣ୍ଡାରରୁ ଜଳ ଛାଡ଼ିବା ଯୋଗୁ ବନ୍ୟା ବଢ଼ିଥିଲା କି ନାହିଁ, ସେ ବିଷୟରେ ନିଷ୍କର୍ଷ ନେବା ପୂର୍ବରୁ ଗେଟ୍ ପରିଚାଳନାର ସରକାରୀ ରେକର୍ଡ, ଜଳ ଛାଡ଼ିବାର ସମୟ, ଜଳ ପ୍ରବେଶ ଓ ନିଷ୍କାସନ ପରିମାଣ, ତଳମୁଣ୍ଡର ନଦୀ ଜଳସ୍ତର ଏବଂ ଅବବାହିକାରେ ହୋଇଥିବା ବର୍ଷାକୁ ଯାଞ୍ଚ କରିବା ଆବଶ୍ୟକ । ସେହିପରି, ବିପର୍ଯ୍ୟୟ ପୂର୍ବର ପ୍ରସ୍ତୁତି ଓ ବିପର୍ଯ୍ୟୟ ଗୁରୁତର ହେବା ପରେ ପ୍ରଶାସନର ଜରୁରୀ ପଦକ୍ଷେପକୁ ଅଲଗା ଭାବେ ମୂଲ୍ୟାୟନ କରିବା ଉଚିତ ।

ଉପଲବ୍ଧ ତଥ୍ୟ ଆଧାରରେ ସରକାର ଆଦୌ ପ୍ରସ୍ତୁତ ନଥିଲେ ବୋଲି ନିଶ୍ଚିତ ନିଷ୍କର୍ଷ ନେବା ଯଥାର୍ଥ ନୁହେଁ । ସେହିପରି ସମସ୍ତ ଆବଶ୍ୟକ ସତର୍କତା ଅବଲମ୍ବନ କରାଯାଇଥିଲା ବୋଲି ମଧ୍ୟ କୁହାଯାଇପାରିବ ନାହିଁ । ଏଥିପାଇଁ ସେତେବେଳର ତଥ୍ୟ ଓ ପ୍ରଶାସନିକ ନିଷ୍ପତ୍ତିର ନିରପେକ୍ଷ ସମୀକ୍ଷା ଆବଶ୍ୟକ ।

୫. ଟେଲିଭିଜନ ଆଲୋଚନାରେ ମୁଁ କ'ଣ ସତର୍କ କରାଇଥିଲି?

୨୭ ରୁ ୨୯ ଅକ୍ଟୋବର ମଧ୍ୟରେ ଅର୍ଗସ୍ ଏବଂ ନନ୍ଦିଘୋଷ ଟେଲିଭିଜନ ଆଲୋଚନାରେ ମୁଁ ବାତ୍ୟା ଅର୍ଣ୍ଣବର ତିନୋଟି ପ୍ରମୁଖ ବିପଦ ଉପରେ ଗୁରୁତ୍ୱ ଦେଇଥିଲି–ପବନ, ବର୍ଷା ଓ ବନ୍ୟା ।

ବିଶେଷକରି ରଷିକୁଲ୍ୟା, ପଦ୍ମା ଓ ଜରଉ ନଦୀରେ ବନ୍ୟା ହେବାର ସମ୍ଭାବନା ଏବଂ ସୋରଡ଼ାରୁ ପୁରୁଷୋତ୍ତମପୁର ପର୍ଯ୍ୟନ୍ତ ଅଞ୍ଚଳ ପ୍ରଭାବିତ ହୋଇପାରେ ବୋଲି ସତର୍କ କରାଇଥିଲି। ମୋର ଯେତେଦୂର ମନେ ଅଛି, ଆସିକା ଓ ହିଞ୍ଜିଳିର ନାମ ମଧ୍ୟ ଉଲ୍ଲେଖ କରିଥିଲି ।

କନ୍ଧମାଳ ଜିଲ୍ଲା ପାଇଁ ପାଣିପାଗ ବିଭାଗର ଲାଲ୍ ସତର୍କ ସୂଚନା ନଥିଲେ ମଧ୍ୟ ସେଠାରେ ଭୂସ୍ଖଳନ ବିପଦ ସମ୍ପର୍କରେ ମୁଁ ସତର୍କ କରାଇଥିଲି । ମୋର ବର୍ଷା ପୂର୍ବାନୁମାନରେ ମଧ୍ୟ ପରବର୍ତ୍ତୀ ସମୟରେ ରେକର୍ଡ ହୋଇଥିବା ଅସାଧାରଣ ବର୍ଷାର ପରିମାଣ ଆକଳନ କରାଯାଇ ପାରିନଥିଲା। ତେବେ ସମ୍ଭାବ୍ୟ ବର୍ଷାର ଭୌଗୋଳିକ ଓ ଜଳବିଜ୍ଞାନ ସମ୍ପର୍କିତ ପ୍ରଭାବ ଆକଳନ କରିବାକୁ ମୁଁ ଉଦ୍ୟମ କରିଥିଲି । ମୁଁ କେଉଁ ସମୟରେ କ'ଣ କହିଥିଲି ଏବଂ କେଉଁ ଅଞ୍ଚଳର ନାମ ଉଲ୍ଲେଖ କରିଥିଲି, ତାହା ମୂଳ ଟେଲିଭିଜନ ରେକର୍ଡିଂରୁ ଯାଞ୍ଚ କରାଯାଇପାରିବ ।

ଏହି ଆଲୋଚନାଗୁଡ଼ିକର ଉଲ୍ଲେଖ କରିବାର ଉଦ୍ଦେଶ୍ୟ ସ୍ୱାଧୀନ ପୂର୍ବାନୁମାନକୁ ସରକାରୀ ସତର୍କ ସୂଚନାର ବିକଳ୍ପ ଭାବେ ଦର୍ଶାଇବା ନୁହେଁ, ବରଂ ବର୍ଷା ପୂର୍ବାନୁମାନ ସହିତ ତାହାର ସମ୍ଭାବ୍ୟ ବନ୍ୟା ଓ ଭୂସ୍ଖଳନ ପ୍ରଭାବକୁ ମଧ୍ୟ ବିଚାର କରିବାର ଗୁରୁତ୍ୱ ଦର୍ଶାଇବା ।

୬. ଓଡ଼ିଶାର ବିପର୍ଯ୍ୟୟ ପ୍ରଭାବ ଆକଳନ କ୍ଷମତାକୁ ସୁଦୃଢ଼ କରିବା।

ବାତ୍ୟା ଅର୍ଣ୍ଣବ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଅଧିକ ବୈଜ୍ଞାନିକ ସହାୟତା ଯୋଗାଇବାର ଏକ ସୁଯୋଗ ସୃଷ୍ଟି କରିଛି । ଏଥିପାଇଁ ରାଜ୍ୟରେ ଏକ ସ୍ୱତନ୍ତ୍ର ପାଣିପାଗ ମଡେଲିଂ ଓ ବିପର୍ଯ୍ୟୟ ପ୍ରଭାବ ଆକଳନ ସେଲ୍ ଗଠନ କରିବାକୁ ମୁଁ ପ୍ରସ୍ତାବ ଦେଉଛି । ଏଥିରେ ପାଣିପାଗ ବିଜ୍ଞାନ, ଜଳବିଜ୍ଞାନ, କୃଷି ପାଣିପାଗ ବିଜ୍ଞାନ, ସଂଖ୍ୟାତ୍ମକ ପାଣିପାଗ ପୂର୍ବାନୁମାନ, ଦୂରସମ୍ବେଦନ, ଭୂଗୋଳ ଓ ବିପର୍ଯ୍ୟୟ ପରିଚାଳନାର ଅଭିଜ୍ଞ କାର୍ଯ୍ୟରତ ଓ ଅବସରପ୍ରାପ୍ତ ବୈଜ୍ଞାନିକମାନଙ୍କୁ ସାମିଲ କରାଯାଇପାରିବ ।

ଏହି ସେଲ୍ ଭାରତୀୟ ପାଣିପାଗ ବିଭାଗ, କେନ୍ଦ୍ରୀୟ ଜଳ ଆୟୋଗ, ରାଜ୍ୟ ଜଳସମ୍ପଦ ବିଭାଗ ଓ ଗବେଷଣା ଅନୁଷ୍ଠାନ ସହିତ ସମନ୍ୱୟ ରଖି କାମ କରିବ। ଏହା ପାଣିପାଗ ବିଭାଗର ଦାୟିତ୍ୱର ବିକଳ୍ପ ହେବନାହିଁ, ବରଂ ତାହାକୁ ଅଧିକ ଫଳପ୍ରଦ କରିବ । ଏହାର ପ୍ରମୁଖ କାର୍ଯ୍ୟଗୁଡ଼ିକ ହୋଇପାରେ–

– ଗୁରୁତର ପାଣିପାଗ ବିଶ୍ଳେଷଣ: ଓଡ଼ିଶା ପାଇଁ ଉଚ୍ଚ ବିଭେଦନକ୍ଷମତାସମ୍ପନ୍ନ ପାଣିପାଗ ମଡେଲ, ସମୂହ ପୂର୍ବାନୁମାନର ଅନିଶ୍ଚିତତା ଓ ବିକଳ୍ପ ପାଣିପାଗ ପରିସ୍ଥିତିର ବିଶ୍ଳେଷଣ ।

– ନଦୀ ଅବବାହିକାଭିତ୍ତିକ ବନ୍ୟା ଆକଳନ: ବର୍ଷା ପୂର୍ବାନୁମାନ ଆଧାରରେ ନଦୀ ଜଳସ୍ତର ବୃଦ୍ଧି, ଜଳମଗ୍ନ ଅଞ୍ଚଳ ଓ ତଳମୁଣ୍ଡରେ ବନ୍ୟା ସମ୍ଭାବନା ଆକଳନ ଏଥିରେ ପଡ଼ୋଶୀ ରାଜ୍ୟରୁ ଆସୁଥିବା ଜଳପ୍ରବାହକୁ ମଧ୍ୟ ବିଚାର କରିବା ।

– ଜଳଭଣ୍ଡାର ଓ ନଦୀ ନିରୀକ୍ଷଣ: ଜଳଭଣ୍ଡାରର ଜଳସ୍ତର, ଜଳଧାରଣ କ୍ଷମତା, ଜଳ ପ୍ରବେଶ, ପ୍ରସ୍ତାବିତ ଜଳ ନିଷ୍କାସନ ଓ ନଦୀ ଜଳସ୍ତରର ତତ୍କାଳୀନ ତଥ୍ୟକୁ ସମନ୍ୱିତ କରିବା ।

– ଭୌଗୋଳିକ ପ୍ରଭାବ ଆକଳନ: ବିପଦପ୍ରବଣ ଜନବସତି, ବନ୍ୟାପ୍ରବଣ ସମତଳ ଭୂମି, ଭୂସ୍ଖଳନ ଆଶଙ୍କା ଥିବା ପାହାଡ଼ ଢାଲୁ, ରାସ୍ତା ଓ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିକୁ ଚିହ୍ନଟ କରିବା ।

– ପ୍ରଶାସନିକ ନିଷ୍ପତ୍ତି ପାଇଁ ସହାୟତା: ସରକାରୀ ସତର୍କ ସୂଚନା ସହିତ ସମନ୍ୱୟ ରଖି ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନକୁ ଜିଲ୍ଲାଭିତ୍ତିକ ନିର୍ଦ୍ଦିଷ୍ଟ ବିପଦ ଆକଳନ ଯୋଗାଇବା ।

ଓଡ଼ିଶାରେ ଏହିସବୁ ବିଷୟରେ ଅନେକ ଅଭିଜ୍ଞ ବୈଜ୍ଞାନିକ ଅଛନ୍ତି। ଏକ ସ୍ଥାୟୀ ଆନୁଷ୍ଠାନିକ ବ୍ୟବସ୍ଥା ମାଧ୍ୟମରେ ସେମାନଙ୍କ ଜ୍ଞାନ ଓ ଅଭିଜ୍ଞତାକୁ ଉପଯୋଗ କରାଯାଇପାରିବ ।

ଏହାର ଉଦ୍ଦେଶ୍ୟ ହେବ ପାଣିପାଗ ସୂଚନାକୁ ବାସ୍ତବ ପ୍ରଶାସନିକ ନିଷ୍ପତ୍ତି ସହିତ ଯୋଡ଼ିବା, ଯାହାଦ୍ୱାରା କେଉଁଠାରେ, କେତେବେଳେ ଏବଂ କିପରି ଆଗୁଆ ପଦକ୍ଷେପ ନିଆଯିବ, ତାହା ସ୍ପଷ୍ଟ ହୋଇପାରିବ ।

ଉପସଂହାର

ବାତ୍ୟା ଅର୍ଣ୍ଣବ ଯୋଗୁ ହୋଇଥିବା ବନ୍ୟା ଓ ଭୂସ୍ଖଳନର ବୈଜ୍ଞାନିକ ଓ ପ୍ରଶାସନିକ ସମୀକ୍ଷା ହେବା ଆବଶ୍ୟକ । ପାଣିପାଗ ବିଭାଗ ଅତ୍ୟଧିକ ପ୍ରବଳ ବର୍ଷାର ସତର୍କ ସୂଚନା ଦେଇଥିଲା । କିନ୍ତୁ ଏଠାରେ ଆଲୋଚିତ ଦୁଇଟି ଜାତୀୟ ବୁଲେଟିନରେ ପରବର୍ତ୍ତୀ ନଦୀବନ୍ୟାର ଭୟାବହତା ଓ ଭୌଗୋଳିକ ପ୍ରଭାବ ନିର୍ଦ୍ଦିଷ୍ଟ ଭାବେ ଦର୍ଶାଯାଇନଥିଲା । ରାଜ୍ୟସ୍ତରୀୟ ପ୍ରଭାବ ଆକଳନ, ଜଳଭଣ୍ଡାର ପରିଚାଳନା ଓ ସରକାରଙ୍କ ଆଗୁଆ ପଦକ୍ଷେପ କେତେ ଯଥେଷ୍ଟ ଥିଲା, ତାହା ସରକାରୀ ରେକର୍ଡ ଆଧାରରେ ନିର୍ଣ୍ଣୟ କରିବା ଆବଶ୍ୟକ । ଏହି ଦାୟିତ୍ୱଗୁଡ଼ିକ ପରସ୍ପର ସମ୍ପର୍କିତ ହେଲେ ମଧ୍ୟ ପୃଥକ୍ ଭାବେ ସମୀକ୍ଷା କରାଯିବା ଉଚିତ ।

ଏହି ଘଟଣାରୁ ସବୁଠାରୁ ଗଠନମୂଳକ ଶିକ୍ଷା ହେଉଛି, ଓଡ଼ିଶାର ସ୍ଥାନୀୟ ନଦୀ ଅବବାହିକା, ଜଳଭଣ୍ଡାର ଓ ବିପଦପ୍ରବଣ ଜନବସତିକୁ ବିଚାର କରି ଗୁରୁତର ପାଣିପାଗ ପୂର୍ବାନୁମାନର ପ୍ରଭାବ ଆକଳନ କରିବାର କ୍ଷମତା ବଢ଼ାଇବା । ସଫଳ ବିପର୍ଯ୍ୟୟ ପ୍ରସ୍ତୁତିର ଅର୍ଥ କେବଳ କେତେ ବର୍ଷା ହେବ ତାହା ଜାଣିବା ନୁହେଁ ବରଂ ସେହି ବର୍ଷା କେଉଁଠାରେ ଗୁରୁତର କ୍ଷତି ଘଟାଇପାରେ, ତାହା ଆଗୁଆ ଆକଳନ କରି ଠିକ୍ ସମୟରେ ପ୍ରତିଷେଧମୂଳକ ପଦକ୍ଷେପ ନେବା ।

– ୩୮୭, ଲେନ୍–୪
ଜଗନ୍ନାଥବିହାର,
ବରମୁଣ୍ଡା, ଭୁବନେଶ୍ୱର
ଫୋନ: ୭୭୩୫୩୭୪୪୯୭

ମାନସିକ ବିସଙ୍ଗତି ଓ ଧର୍ମପୀଠରୁ ଚୋରି



ସୁଧାଂଶୁ ଶେଖର ଧଡା

ଯକ୍ଷ ଶବ୍ଦର ଅପଭ୍ରଂଶ ହୋଇ ଓଡିଆ ଭାଷାରେ ଯଖ ବୋଲି ଶବ୍ଦଟିଏ ଅଛି। ପ୍ରାଚୀନ କାଳରେ କୃପଣ ମାନେ ମାଟି କିମ୍ବା ଧାତୁ ପାତ୍ରରେ ମୁଦ୍ରା ସଞ୍ଚୟ କରି ଚୋର ଭୟରେ ମାଟିରେ ପୋତି ରଖୁଥିଲେ। ମୃତ୍ୟୁ ପୂର୍ବରୁ ସେମାନେ ଏହାକୁ ଖୋଲି ଖର୍ଚ୍ଚ କରି ନପାରିଲେ ପୋତା ହୋଇଥିବା ମୁଦ୍ରା ସବୁ ଅଲୌକିକ ଶକ୍ତି ସଞ୍ଚାର ହୋଇ ଯଖ ପାଲଟି ଯାଉଥିବାର କାହାଣୀ ବିଭିନ୍ନ ସ୍ଥାନରେ ଶୁଣିବାକୁ ମିଳେ। ମନୁଷ୍ୟକୃତ ବସ୍ତୁ ପ୍ରାଚୀନ ହୋଇଗଲେ ଏଥିରେ ଅଲୌକିକ ଶକ୍ତି ଆସିଯାଉଥିବା ଅବଧାରଣାରୁ ରାଜ୍ୟରେ ଅନେକ ଅପରାଧ ଓ ହତ୍ୟାକାଣ୍ଡ ଘଟିଲାଣି। ତେଣୁ ଏହାର ଏକ ତର୍କସଙ୍ଗତ ଆଲୋଚନା ଆବଶ୍ୟକ ପଡେ।

ଖ୍ରୀଷ୍ଟପୂର୍ବ ପ୍ରଥମରୁ ଦ୍ୱିତୀୟ ଖ୍ରୀଷ୍ଟାବ୍ଦ ମଧ୍ୟରେ ପ୍ରାଚୀନ ଇଜିପ୍ଟରେ ରହସ୍ୟମୟ ପଦ୍ଧତି, ଯାଦୁବିଦ୍ୟା, ଅଲୌକିକ ତଥା ଆଧାତ୍ମିକ ଶକ୍ତିରେ ରୋଗୀ ଚିକିତ୍ସା କରୁଥିବା କେମି ନାମକ ଏକ ଗୋଷ୍ଠୀ ରହିଥିଲେ। ରୋଗୀ ଚିକିତ୍ସା କ୍ଷେତ୍ରରେ ଫିଲୋସଫିକାଲ ଷ୍ଟୋନ ନାମକ ଏକ ଅଜ୍ଞାତ ପଦାର୍ଥ ଆରୋଗ୍ୟ ଲାଭକାରୀ, ନିକୃଷ୍ଟ ଧାତୁକୁ ସୁନାରେ ପରିଣତ କରି ତାହାକୁ ଚମତ୍କାରୀ ପ୍ରଭାବ ସମ୍ପନ୍ନ ବୋଲି ଏମାନେ ବିଶ୍ୱାସ କରୁଥିଲେ। ପରିସ୍ଥିତିରେ ପଡ଼ି କେମିମାନେ ଆରବକୁ ଚାଲିଆସି ଆରବୀୟ ଭାଷା ଶୈଳୀରେ କେମି ପୂର୍ବରୁ 'ଆଲ୍' ଯୋଗ କରି 'ଆଲକେମି' ଭାବରେ ନୂଆ ପରିଚିତି ଲାଭ କରିଲେ। ଫିଲୋସଫିକାଲ ଷ୍ଟୋନ ସମ୍ପର୍କରେ ଏମାନଙ୍କର ଦୁଇଟି ବିଶ୍ୱାସ ରହିଥିଲା। ଫିଲୋସଫିକାଲ ଷ୍ଟୋନ କେଉଁଠି ନା କେଉଁଠି ଅଛି ଓ ଶୁଭ ମୁହୂର୍ତ୍ତରେ ଖୋଜିଲେ ମିଳିବ ବିଶ୍ୱାସ କରି ବିଭିନ୍ନ ତିଥିବାର, ଗ୍ରହନକ୍ଷତ୍ର, ଚନ୍ଦ୍ର ସୂର୍ଯ୍ୟଙ୍କ ଆକାଶରେ ନିର୍ଦ୍ଦିଷ୍ଟ ଅବସ୍ଥିତିକୁ ନେଇ ଏହାକୁ ପାଇବାକୁ ଏକ ଗୋଷ୍ଠୀ ଖୋଜାଖୋଜି କରିଲେ। ଏହା କାହାରିକୁ ମିଳି ନଥିଲା।

ଫିଲୋସଫିକାଲ ଷ୍ଟୋନକୁ ବିଭିନ୍ନ ପଦାର୍ଥ ଧାତୁ ଇତ୍ୟାଦିର ମିଶ୍ରଣରେ ସୃଷ୍ଟି କରାଯାଇ ପାରିବ ବୋଲି ବିଶ୍ୱାସ ରଖିଥିବା ଆଲକେମିଷ୍ଟମାନେ ସେମାନଙ୍କ କଳ୍ପିତ ପଦାର୍ଥଟିକୁ ସୃଷ୍ଟି କରିପାରିଲେ ନାହିଁ, କିନ୍ତୁ ରସାୟନ ବିଜ୍ଞାନ, ଧାତୁ ବିଜ୍ଞାନ, ମିଶ୍ରଧାତୁ ବିଜ୍ଞାନ, ଶଙ୍ଖୁଆ ବିଷ ଓ ବିଷ ବିଜ୍ଞାନ (Arsenic poison and Toxicology) ଆଦି ବିଭିନ୍ନ ବିଜ୍ଞାନ କ୍ଷେତ୍ରକୁ ଅନେକ ତତ୍ତ୍ୱ ଓ ତଥ୍ୟ ଦେଇ ସମୃଦ୍ଧ କରିଲେ। ଉଭୟ ଗୋଷ୍ଠୀର ଆଲକେମିଷ୍ଟମାନେ ମନୁଷ୍ୟକୃତ ବିଭିନ୍ନ ମୁଦ୍ରା, ପଦାର୍ଥ, ମୂର୍ତ୍ତି ଆଦି ପୁରୁଣା ହୋଇଗଲେ ଏସବୁ ଅଲୌକିକ ଶକ୍ତିଧାରୀ ହେଉଥିବାର ଅବଧାରଣା ସୃଷ୍ଟି କରିଥିବା ଅନୁମାନ କରାଯାଏ। ଏହା ପୂର୍ବରୁ ବିଭିନ୍ନ ଧର୍ମର ଈଶ୍ୱର ପରିକଳ୍ପନା ସହ ଈଶ୍ୱର ବିରୋଧୀ ଶଇତାନ, ରାକ୍ଷସ ଆଦି ଖଳ ଚରିତ୍ର ମଧ୍ୟ ସୃଷ୍ଟି କରାଯାଇଥିଲା। ଏହି ଖଳ ଚରିତ୍ର ଗୁଡିକ କିଛି ରହସ୍ୟମୟ ପଦାର୍ଥ ବଳରେ ବଳୀୟାନ ହୋଇଥିବା ବର୍ଣ୍ଣନା ଧର୍ମଗ୍ରନ୍ଥ ଗୁଡିକରେ ରହିଛି। ସମୟ ଅତିବାହିତ ହେବା ସହ ମନୁଷ୍ୟକୃତ ପ୍ରାଚୀନ ପଦାର୍ଥର ଅଲୌକିକ ଶକ୍ତି ରହିଥିବାର ବିଶ୍ୱାସ ସମାଜରେ ଏଯାବତ ରହିଆସିଛି।

ଏହାକୁ ଖୋଜି ପାଇବା କିମ୍ବା ସୃଷ୍ଟି କରିବା ବିଶ୍ୱାସ ଓ ଉଦ୍ୟମର ଅନ୍ତ ନାହିଁ। ଏହି ଭାବନା 'ଆଲ୍ଲାଦିନ କା ଚିରାଗ୍', 'ସ୍ପର୍ଶ ମଣି', 'କଳ୍ପବୃକ୍ଷ' ଭଳି କେତେକ ନାମରେ ଭିଭିନ୍ନ ଦେଶରେ ଏବେବି ବଞ୍ଚି ରହି ସାହିତ୍ୟ କ୍ଷେତ୍ରକୁ ମଧ୍ୟ ସମୃଦ୍ଧ କରୁଛି। କିନ୍ତୁ ଏପରି ଶକ୍ତି ଥିବାର ବାସ୍ତବିକତା କିମ୍ବା ପ୍ରମାଣ ମିଳିନାହିଁ । ଏହି ଅବାଧାରଣାକୁ ଦୃଢ ଭାବରେ ବିଶ୍ୱାସ କରି ତର୍କ ସଙ୍ଗତ ଓ ଯୁକ୍ତିଶୀଳ ବିଚାରରୁ କିଛି ବ୍ୟକ୍ତି ଦୂରେଇ ଯାଇଥାନ୍ତି। ଏ ବିଶ୍ୱାସ ଅତୀତରେ ଥିଲା, ଏବେ ମଧ୍ୟ ଅଛି। ଧର୍ମପୀଠର ପ୍ରାଚୀନ ମୂର୍ତ୍ତି, ମୁଦ୍ରା, ମାପରେ ବ୍ୟବହୃତ ମାଣ, ଧର୍ମପୀଠ ଆଦିର ଧାତୁ କିମ୍ବା ପଥର ଇତ୍ୟାଦି ସଂଗ୍ରହ କରି ସେ ସବୁକୁ ପୂଜା ଆରାଧନା ମାଧ୍ୟମରେ ରୋଗମୁକ୍ତ ହେବା, ଅଭୀଷ୍ଟ ପୂରଣ ହେବା, ଅଲୌକିକ ଶକ୍ତିର ଅଧିକାରୀ ହେବା, ଅମାପ ଧନ ପାଇଯିବା, ଅସୀମ କ୍ଷମତା ମିଳିଯିବା ଆଦି ବିଶ୍ୱାସ ଏବେ ମଧ୍ୟ ଜନସମାଜରେ ରହିଛି। ପ୍ରାଚୀନ (Artefacts) ମନୁଷ୍ୟକୃତ ବା କୃତ୍ରିମ ଅବଶେଷ ପଦାର୍ଥ (Relics) ପୁରୁଣା ହୋଇଗଲେ ସେଗୁଡିକରେ ଅଲୌକିକ ଶକ୍ତି ଆସିଯାଏ ବୋଲି ଗଭୀର ବିଶ୍ୱାସକୁ ହେତୁବାଦରେ ଏ ଆର୍ ସିଣ୍ଡ୍ରମ (A R Syndrome) ନାମ ଦିଆଯାଇଛି। ଏ ଆର ସିଣ୍ଡ୍ରମ୍ ନାମକ ଲକ୍ଷଣ ଏଭଳି ବ୍ୟକ୍ତିଙ୍କ ଠାରେ ବିଭିନ୍ନ ରୂପରେ ପ୍ରକାଶପାଏ। ଏହି ବ୍ୟକ୍ତିମାନେ ନିହାତି ମାମୁଲି ପୁରୁଣା ପଦାର୍ଥକୁ ଅତି ଉଚ୍ଚ ମୂଲ୍ୟରେ କିଣିଥାନ୍ତି, ଏସବୁର ମନଗଢ଼ା ଶକ୍ତି ବର୍ଣ୍ଣନା ଉପରେ ବିଶ୍ୱାସ କରନ୍ତି। କିଣିବା ନିମିତ୍ତ ଏଭଳି ଦ୍ରବ୍ୟ ଖୋଜିବୁଲନ୍ତି।

କିଛିବର୍ଷ ହେଲା ଓଡିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ହନୁମାନ ପଇସା ନାମକ ଏକ ପ୍ରାଚୀନ ତମ୍ବା ପଇସାର ଅଲୌକିକ ଶକ୍ତି ରହିଥିବା କିଛି ଲୋକ ଗଭୀର ଭାବେ ବିଶ୍ୱାସ କରୁଛନ୍ତି। ଏହି ବିଶ୍ୱାସ ହେଉଛି ଏ ଆର୍ ସିଣ୍ଡ୍ରମ। ଏଭଳି ପଦାର୍ଥର ବିକାକିଣା ନେଇ ଦୁଇ ଦଶନ୍ଧି ଭିତରେ ଓଡିଶାରେ ପ୍ରାୟ ୨୦ଟି ହତ୍ୟାକାଣ୍ଡ ଘଟିଲାଣି।

ଆମ ଦେଶରେ ଏକାଦଶ ଓ ଦ୍ୱାଦଶ ଶତାବ୍ଦୀରେ ଉତ୍ତର ଭାରତର ରତ୍ନପୁର ରାଜ୍ୟରେ ଉଡନ୍ତା ହନୁମାନ ଓ ରାକ୍ଷସ ଦଳନ ହନୁମାନଚିତ୍ର ସମ୍ବଳିତ ତମ୍ବା ମୁଦ୍ରା ପ୍ରଚଳିତ ଥିଲା। ଦ୍ୱାଦଶ ଶତାବ୍ଦୀରେ ଦକ୍ଷିଣ ଭାରତର ଚାଲୁକ୍ୟ ବଂଶର ରାଜାମାନେ ହନୁମାନଚିତ୍ର ସମ୍ବଳିତ ତାମ୍ର ମୁଦ୍ରା ପ୍ରଚଳନ କରିଥିଲେ। ବିଜୟନଗର ରାଜ୍ୟରେ ଚତୁର୍ଦ୍ଦଶ ଶତାବ୍ଦୀରେ ହନୁମାନ ଚିତ୍ର ସମ୍ବଳିତ ମୁଦ୍ରା ପ୍ରଚଳନରେ ଥିଲା। ସପ୍ତଦଶ ଶତାବ୍ଦୀରେ ମାନ୍ଦ୍ରାଜରେ ପ୍ରଚଳିତ ଏକ ମୁଦ୍ରାରେ ହନୁମାନ ଚିତ୍ର ଥିଲା। ଏବେ ପ୍ରଶ୍ନ ଉଠୁଛି ଯେ – କେଉଁଟି ପ୍ରକୃତ ହନୁମାନ ମୁଦ୍ରା ? ଏସବୁ ତମ୍ବା ମୁଦ୍ରା ଏବେ ବିଭିନ୍ନ ଧର୍ମସ୍ଥଳୀ ଗୁଡିକରେ ରାସ୍ତାକଡରେ ବିକ୍ରି ହେଉଥିବା ବ୍ରିଟିଶ ଶାସନ ସମୟ ୧୮୧୮ ଓ ୧୮୩୯ ଖୋଦିତ ସତ୍ ବୋଲା ସତ୍ ତୋଲା ତାମ୍ରମୁଦ୍ରା କେବେବି ପ୍ରଚଳନ କରାଯାଇ ନଥିଲା। ଲୋକଙ୍କ ଧାର୍ମିକ ଭାବନା ସହ ଧୋକାବାଜୀ କରି ଅତି ଉଚ୍ଚ ମୂଲ୍ୟରେ ବିକ୍ରି ଉଦ୍ଦେଶ୍ୟରେ ତିଆରି ଏସବୁ ଥିଲା ନକଲି ମୁଦ୍ରା।

ଫିଲୋସଫିକାଲ ଷ୍ଟୋନ ଭଳି ଏହା କାଳ୍ପନିକ ଅବଧାରଣା। ମନୁଷ୍ୟ ସୃଷ୍ଟି କରିଥିବା କୌଣସି ପଦାର୍ଥ ପୁରୁଣା ହୋଇଗଲେ ତାହା ଅଲୌକିକ ଶକ୍ତି ସମ୍ପନ୍ନ ହୋଇଯାଏ ନାହିଁ। ଚୁମ୍ବକ ଲୁହାକୁ ଆକର୍ଷଣ କରିବା ଭଳି ପ୍ରାଚୀନ ତମ୍ବା ମୁଦ୍ରା କିମ୍ବା ତଥାକଥିତ ହନୁମାନ ପଇସା ଅରୁଆ ଚାଉଳକୁ ଆକର୍ଷଣ କରେ ବୋଲି ଏକ ଗୁଜବ ଶୁଣିବାକୁ ମିଳେ। ଏହା ସହିତ ହନୁମାନ ପଇସାର ଅନେକ ଚମତ୍କାରୀ ଶକ୍ତି ଥିବା ଅନେକ ବ୍ୟକ୍ତି କୁହନ୍ତି, କିନ୍ତୁ କେହି ଦେଖିନାହାଁନ୍ତି। ଏ ପ୍ରକାର ଗୁଜବକୁ ଗଭୀର ଭାବେ ବିଶ୍ୱାସ କରିବା ହେଉଛି ମାନସିକ ବିସଙ୍ଗତି। ବିଭିନ୍ନ ମାନସିକ ରୋଗ ସହ ସମାନ। ଏଭଳି ମାନସିକ ବିସଙ୍ଗତିର ଶିକାର ହୋଇଥିବା ବ୍ୟକ୍ତିମାନେ ବିଭିନ୍ନ ମନ୍ଦିର ଓ ଧର୍ମପୀଠରୁ ମୂର୍ତ୍ତି, ପୂଜା ଆରାଧନାରେ ବ୍ୟବହୃତ ଚୋରି ଦ୍ରବ୍ୟର ବଡ ଗ୍ରାହକ। ଅର୍ଥନୀତିର ଏକ ତତ୍ତ୍ୱ ହେଉଛି ଅନ୍ୟାନ୍ୟ ପରିସ୍ଥିତି ଅପରିବର୍ତ୍ତିତ ରହି ଚାହିଦା ଥିବା କୌଣସି ଏକ ପଦାର୍ଥର ଯୋଗାଣ ବନ୍ଦ କରିଦେଲେ ଏହା କଳାବଜାରକୁ ଚାଲିଆସେ।

ପ୍ରାଚୀନ ମୂର୍ତ୍ତି, ମୁଦ୍ରା, ଦ୍ରବ୍ୟ ଆଦିର ଚୋରା କିଣାବିକା ଆଇନ ଦୃଷ୍ଟିରେ ଅପରାଧ ବୋଲି ଲୋକେ ଜାଣିଥିଲେ ମଧ୍ୟ ଏହାର ଏକ ବଡ଼ କଳାବଜାର ରହିଛି। ଏସବୁର ଚୋରା କାରବାରରେ ଲିପ୍ତ ଥିବା ବ୍ୟକ୍ତିମାନେ ଧରାପଡି ଜେଲ ଯାଇଛନ୍ତି। କିନ୍ତୁ, ଏସବୁ କିଣି ଜଣେହେଲେ ଅଲୌକିକ ଶକ୍ତିର ଅଧିକାରୀ ହୋଇଥିବାର ପ୍ରମାଣ ନାହିଁ। ବରଂ, ଏହି ମାନସିକତାକୁ ଭିତ୍ତି କରି ମନ୍ଦିର ଗୁଡ଼ିକରୁ ଚୋରି ବଢୁଛି। ଓଡିଶାର ପୁରୀ ଜିଲ୍ଲାର କେତୋଟି ବ୍ଲକ ଅଞ୍ଚଳରେ ମନ୍ଦିର ଗୁଡିକରୁ ମୂର୍ତ୍ତି ଚୋରି ଏକ ସାଧାରଣ ଘଟଣାରେ ପରିଣତ ହୋଇଗଲାଣି। ତମ୍ବା ମୁଦ୍ରାର ଚୁମ୍ବକୀୟ ଶକ୍ତି ରହିବା ପଦାର୍ଥ ବିଜ୍ଞାନ ଦୃଷ୍ଟିରୁ ଅସମ୍ଭବ, କିନ୍ତୁ ଶିକ୍ଷିତ–ଅଶିକ୍ଷିତ ନିର୍ବିଶେଷରେ ଲୋକେ ଏ ଆର୍ ସିଣ୍ଡ୍ରମ୍ ପ୍ରଭାବରେ ବିଶ୍ୱାସ କରନ୍ତି। ଲୋକମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷିତ, ଉଚ୍ଚ ପଦାଧିକାରୀ, ଧନୀକ ତଥା ପ୍ରଭାବଶାଳୀ ବ୍ୟକ୍ତିଙ୍କ ସଂଖ୍ୟା କିଛି କମ୍ ନୁହେଁ। ହେତୁବାଦ ବିଷୟରେ ଏକ ତତ୍ତ୍ୱ ହେଲା, In the sphere of miracle, Higher the level of Education, Lower the level of utilisation of Intelligence quotient । ଆଧାତ୍ମିକ ପରିବେଶରେ ଶିକ୍ଷାର ସ୍ତର ଅଧିକ ହେଲେ ବୁଦ୍ଧିମତ୍ତା ପ୍ରୟୋଗର ସ୍ତର କମିଆସେ। ଏହି କାରଣରୁ ଉଚ୍ଚଶିକ୍ଷିତ ବ୍ୟକ୍ତିମାନେ ସହଜରେ ଆଧାତ୍ମିକତା, ଅଲୌକିକତା ଆଦି ନାମରେ ଧୋକାବାଜୀ ଓ ଠକାମୀର ଶିକାର ହୋଇଥାନ୍ତି। ଯେକୌଣସି ଯାଦୁଖେଳ (ମ୍ୟାଜିକ)କୁ ଅଲୌକିକତା (ମିରାକଲ) ଭାବରେ ଗ୍ରହଣ କରିଥାନ୍ତି ଏବଂ ତର୍କ (ଯୁକ୍ତି) କରନ୍ତି ନାହିଁ। ତମ୍ବା ପାତକୁ ପଞ୍ଚିଙ୍ଗ ମେସିନରେ ମୁଦ୍ରା ଆକାରରେ କାଟି ଠସାରେ ବସାଇ ହନୁମାନ ମୂର୍ତ୍ତି ଓ ଲେଖାର ଖୋଦେଇ କରାଯାଏ। ଷାଠିଏ ସତୁରୀ ବର୍ଷ ତଳେ ଗାଁ ଗହଳରେ ଧନୀକ ମହିଳାମାନେ ସୁନା ମୋହର ମୁଦ୍ରା ତିଆରି ମାଳ ପିନ୍ଧୁଥିଲେ। ସେତେବେଳେ ରାମାଭିଷେକ ମୁଦ୍ରା ନାମରେ ଏକ ସ୍ୱର୍ଣ୍ଣମୁଦ୍ରା ଗାଁଗହଳର ସୁନା ଦୋକାନରେ ତିଆରି ହେଉଥିଲା। ଏଥିରେ କୌଣସି ଅଲୌକିକ ଶକ୍ତି ନଥିଲା, କିନ୍ତୁ କିଛି ମହିଳା ଏହା ତିଆରି କରି ପୂଜା କରୁଥିଲେ। ବର୍ତ୍ତମାନର ତମ୍ବା ହନୁମାନ ପଇସାର ଅଲୌକିକ ଶକ୍ତି ହୁଏତ କେହି କେବେ ଦେଖିଥିବେ, କିନ୍ତୁ ତାହା ଭୟଂକର ଷଡଯନ୍ତ୍ର ଜନିତ ଏକ ବିଭ୍ରାନ୍ତି। ତମ୍ବା ମୁଦ୍ରାର ଚୁମ୍ବକୀୟ ଶକ୍ତି ଦେଖାଇବାକୁ ଅରୁଆ ଚାଉଳ ପ୍ରସ୍ତୁତ କରାଯାଏ। ଅରୁଆ ଚାଉଳକୁ ସାମାନ୍ୟ ସିଝାଇ ତା ଭିତରେ କ୍ଷୁଦ୍ର କ୍ଷୁଦ୍ର ଲୁହା ତାର ଖଣ୍ଡକୁ ଭର୍ତ୍ତି କରାଯାଏ। ତମ୍ବା ମୁଦ୍ରାକୁ ଏକ ଗୋପନୀୟ ଚୁମ୍ବକୀୟ କ୍ଷେତ୍ର ଉପରେ ରଖାଯାଏ। ଲୁହା ତାରଖଣ୍ଡ ଥିବା ଚାଉଳକୁ ମୁଦ୍ରା ଉପରେ ପକାଇଲେ ଲୁକ୍କାୟିତ ଚୁମ୍ବକର ଶକ୍ତି ଲୁକ୍କାୟିତ ଲୁହାଖଣ୍ଡକୁ ଆକର୍ଷଣ କରେ। ଏହା ଦେଖି ତମ୍ବା ପଇସା ଅରୁଆଚାଉଳକୁ ଟାଣି ନେଉଛି ବୋଲି ଭ୍ରମ ସୃଷ୍ଟି ହୁଏ। ଏହାର ବିକ୍ରେତା ହେଉଛନ୍ତି ଏକାଧିକ ଶଠ ଓ ପ୍ରତାରକ ମାନଙ୍କର ଏକ ଚକ୍ରବ୍ୟୂହ। ଏହାର କ୍ରେତା ହେଉଛନ୍ତି ଜଣେ ଶିକ୍ଷିତ, ଧନୀ ଓ ବିଚାରବୁଦ୍ଧିହୀନ ଆଧାତ୍ମବାଦୀ ବ୍ୟକ୍ତି। ତନ୍ତ୍ରମନ୍ତ୍ର, ଅଲୌକିକ ଶକ୍ତି, ଗୁଣିଗାରେଡ଼ି ଆଦି ଉପରେ ରହିଥିବା ଅନ୍ଧବିଶ୍ୱାସକୁ ନେଇ ପ୍ରତିବର୍ଷ ଦେଶରେ ଶତାଧିକ ବ୍ୟକ୍ତି ହତ୍ୟାର ଶିକାର ହେଉଛନ୍ତି । ଓଡ଼ିଶାରେ ଏପରି ଅନ୍ଧବିଶ୍ୱାସ ଜନିତ ହତ୍ୟାକାଣ୍ଡ ବର୍ଷକୁ ଅନ୍ୟୁନ ୨୦–୨୫ କିମ୍ବା ଅଧିକ ହୋଇଥାଏ।

ରାଷ୍ଟ୍ରୀୟ ଅପରାଧ ରେକର୍ଡ ବ୍ୟୁରୋ ତଥ୍ୟ ଅନୁଯାୟୀ ଦେଶରେ ୨୦୨୩ ମସିହାରେ ୭୪ଟି ଓ ୨୦୨୪ରେ ୫୪ଟି ଅନ୍ଧବିଶ୍ୱାସ ଜନିତ ହତ୍ୟାକାଣ୍ଡ ଘଟିଥିଲା। ଏସବୁ ମାମଲାର ଚାପରେ ପୁଲିସ ବିଭାଗ, ଜେଲ ବିଭାଗ ଓ ପ୍ରଶାସନ ଚାପଗ୍ରସ୍ତ ହେଉଛି। ତେଣୁ ଏହି ବିଭାଗର ଚାକିରିରେ ପ୍ରବେଶ ସମୟ ତାଲିମରେ ଅଲୌକିକତା ଅନାବରଣ କୌଶଳ ଶିକ୍ଷା (Miracle exposure demonstration) ଅନ୍ତର୍ଭୁକ୍ତ ହେବା ଆବଶ୍ୟକ। ଚାକିରି ପ୍ରବେଶ ତାଲିମରେ ଏହି ବିଷୟ ଅନ୍ତର୍ଭୁକ୍ତ ହେଲେ ତୃଣମୂଳସ୍ତରରୁ ଅନ୍ଧବିଶ୍ୱାସଜନିତ ଅପରାଧ ଓ ହତ୍ୟାକାଣ୍ଡର ସଂଖ୍ୟା କମିଯିବ। ଏଆର୍ ସିଣ୍ଡ୍ରମ ଭଳି ମାନସିକ ବିସଙ୍ଗତି ସଂକ୍ରାମକ ରୂପ ଧାରଣ କରିବ ନାହିଁ। ପୁରୁଣା ହୋଇଗଲେ ଧର୍ମପୀଠ କିମ୍ବା ଯେକୌଣସି ସ୍ଥାନର ମାନବକୃତ ପଦାର୍ଥର ଦିବ୍ୟଶକ୍ତି ସମ୍ପର୍ଣ୍ଣ ହୋଇଯାଏ ନାହିଁ।

ଏହି ଅବଧାରଣା ଓ ଘଟୁଥିବା ଅପରାଧ ଦିଗରେ ରାଜ୍ୟ ପୁଲିସ ବିଭାଗ ଓ ଗୃହ ବିଭାଗ ଦୃଷ୍ଟି ଦେଲେ ଜେଲ ବିଭାଗ, ବିଚାର ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଏପରିକି ପ୍ରଶାସନର ଅନେକ ମୂଲ୍ୟବାନ ସମୟ ଏବଂ ବିପୁଳ ଅର୍ଥ ଅପବ୍ୟୟରୁ ବର୍ତ୍ତିଯିବ। ଅଲୌକିକ ଶକ୍ତି ଉପରେ ଗଭୀର ବିଶ୍ୱାସ ଜନିତ ହତ୍ୟାକାଣ୍ଡ ଓ ଅପରାଧ ଉଲ୍ଲେଖନୀୟ ଭାବେ କମିଯିବ। ସବୁଠାରୁ ବଡ କଥା ହେଲା ମନ୍ଦିର ତଥା ଧର୍ମପୀଠ ଗୁଡିକରୁ ଚୋରି ମଧ୍ୟ କମିଯିବ।

ମୋବାଇଲ୍– ୯୩୩୭୦୧୫୮୮୨

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

୧୮ ଏମ୍ଓୟୁ...

କନକ ବର୍ଦ୍ଧନ ସିଂହଦେଓ ମିଳିତ ଭାବେ 'ଓଡ଼ିଶା ପାଭିଲିୟନ୍' ଓ 'ନେଦରଲ୍ୟାଣ୍ଡସ ପାଭିଲିୟନ୍'ର ଉଦ୍‌ଘାଟନ କରିବା ପରେ ଏହି ବୁଝାମଣାପତ୍ରଗୁଡ଼ିକ ସ୍ୱାକ୍ଷରିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଗ୍ରିଡ୍‌କୋ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ସତ୍ୟପ୍ରିୟ ରଥ ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧିଙ୍କ ସହ ଏହି ଏମ୍ଓୟୁଗୁଡ଼ିକ ଆଦାନପ୍ରଦାନ କରିଥିଲେ। ଏହାପରେ "ଓଡ଼ିଶାରେ ଅକ୍ଷୟ ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ ସୁଯୋଗ" ଶୀର୍ଷକ ରାଜ୍ୟସ୍ତରୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ସହିତ କେନ୍ଦ୍ର ନବୀନ ଓ ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, କେନ୍ଦ୍ର ନବୀନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟର ସଚିବ ସନ୍ତୋଷ କୁମାର ଷଡ଼ଙ୍ଗୀ ଏବଂ ଓଡ଼ିଶା ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବ ପ୍ରମୁଖ ଉପସ୍ଥିତ ଥିଲେ।

ଅଧିବେଶନକୁ ସମ୍ବୋଧିତ କରି କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଥିଲେ ଯେ, ଭାରତର ସ୍ୱଚ୍ଛ ଶକ୍ତି ରୂପାନ୍ତରଣ ପ୍ରକ୍ରିୟାରେ ଓଡ଼ିଶାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରାଜ୍ୟର ବିପୁଳ ପ୍ରାକୃତିକ ସମ୍ପଦ, ସୁଦୃଢ଼ ଶିଳ୍ପ ଆଧାର ଏବଂ ଉନ୍ନତ ବନ୍ଦର ଭିତ୍ତିଭୂମି ନିବେଶକଙ୍କ ପାଇଁ ଶ୍ରେଷ୍ଠ ସୁଯୋଗ ସୃଷ୍ଟି କରୁଛି। ଅକ୍ଷୟ ଶକ୍ତି, ଶକ୍ତି ସଂରକ୍ଷଣ, ଫ୍ଲୋଟିଂ ସୋଲାର, ପବନ ଶକ୍ତି, ଗ୍ରୀନ୍ ହାଇଡ୍ରୋଜେନ୍ ଓ ଗ୍ରୀନ୍ ଆମୋନିଆ କ୍ଷେତ୍ରରେ ରହିଥିବା ସମ୍ଭାବନା ଉପରେ ସେ ଆଲୋକପାତ କରିବା ସହ ଏହି ସବୁ କ୍ଷେତ୍ରକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ନୀତିଗତ ପ୍ରୋତ୍ସାହନ ବିଷୟରେ ଉଲ୍ଲେଖ କରିଥିଲେ। ଦେଶର ସବୁଜ ଶକ୍ତି ଲକ୍ଷ୍ୟ ହାସଲ ପାଇଁ କେନ୍ଦ୍ର, ରାଜ୍ୟ ଓ ଶିଳ୍ପ ସଂସ୍ଥାଗୁଡ଼ିକ ମଧ୍ୟରେ ମିଳିତ ସହଯୋଗ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାକୁ ଦେଶର ଅଗ୍ରଣୀ ସ୍ୱଚ୍ଛ ଶକ୍ତି ହବ୍‌ରେ ପରିଣତ କରିବା ସହ ଭାରତର ଶ୍ରେଷ୍ଠ ପାଞ୍ଚଟି ବିଦ୍ୟୁତ୍ ରପ୍ତାନିକାରୀ ରାଜ୍ୟ ମଧ୍ୟରେ ସାମିଲ କରିବାର ଦୀର୍ଘମିଆଦୀ ରୋଡ୍‌ମାପ୍ ଉପସ୍ଥାପନ କରିଥିଲେ। "ଓଡ଼ିଶା ନିବେଶ ପାଇଁ ପ୍ରସ୍ତୁତ ଏବଂ ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶକୁ ସ୍ୱାଗତ କରୁଛି" ବୋଲି ପ୍ରକାଶ କରି ସେ କହିଥିଲେ ଯେ, ୨୦୪୭ ସୁଦ୍ଧା ରାଜ୍ୟର ମୋଟ ସ୍ଥାପିତ ବିଦ୍ୟୁତ୍ କ୍ଷମତାର ୭୪ ପ୍ରତିଶତ ଅଣ-ଜୀବାଶ୍ମ ଉତ୍ସରୁ ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାସହ ଶିଳ୍ପ କ୍ଷେତ୍ରର ଅନ୍ତତଃ ୩୩ ପ୍ରତିଶତ ବିଦ୍ୟୁତ୍ ଆବଶ୍ୟକତା ସୁଲଭ ଦରରେ ସବୁଜ ଶକ୍ତି ମାଧ୍ୟମରେ ପୂରଣ କରାଯିବ ବୋଲି ସେ କହିଥିଲେ।

ନିବେଶକମାନଙ୍କୁ ସ୍ୱଚ୍ଛ ଶକ୍ତିରେ ଓଡିଶାର ଭିଜନ ସମ୍ପର୍କରେ ବିସ୍ତୃତ ବିବରଣୀ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୩୬ ସୁଦ୍ଧା ଓଡିଶାରେ ୭ ହଜାର ମେଗାୱାଟର ଫ୍ଲୋଟିଂ ସୋଲାର, ୨୦୪୭ ସୁଦ୍ଧା ୨୬ ହଜାର ପମ୍ପଡ୍ ଷ୍ଟୋରେଜ୍ ଏବଂ ୧ ହଜାର ମେଗାୱାଟ ପବନ ଶକ୍ତି ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି। ତେଣୁ, ଓଡିଶାରେ ନିବେଶ କରିବା ପାଇଁ ବ୍ୟାପକ ସୁଯୋଗ ରହିଛି ବୋଲି ସେ କହିଥିଲେ।

ନିବେଶକଙ୍କୁ ଓଡିଶାରେ ସ୍ୱଚ୍ଛ ଶକ୍ତି ପ୍ରକଳ୍ପ ସ୍ଥାପନ କରିବାକୁ ଆମନ୍ତ୍ରଣ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟ ସରକାରଙ୍କ ତିନୋଟି ପ୍ରମୁଖ ସଂକଳ୍ପ ବିଷୟରେ ଦୋହରାଇଥିଲେ-- ସ୍ଥିର ଓ ସ୍ୱଷ୍ଟ ନୀତି, ସିଙ୍ଗଲ୍ ୱିଣ୍ଡୋ ମାଧ୍ୟମରେ ସମୟବଦ୍ଧ ମଞ୍ଜୁରୀ ଏବଂ ବିଦ୍ୟୁତ୍ ଉତ୍ପାଦନ ପୂର୍ବରୁ ପ୍ରସାରଣ ଭିତ୍ତିଭୂମିର ସୁଦୃଢ଼ୀକରଣ। ଏହି ଅବସରରେ ସେ 'ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନା' ଅଧୀନରେ ରାଜ୍ୟର ପାୱାର ଟ୍ରାନ୍ସମିସନ୍ ନେଟୱର୍କର ସମ୍ପ୍ରସାରଣ ପାଇଁ ମଞ୍ଜୁର ହୋଇଥିବା ୧୫,୯୪୮ କୋଟି ଟଙ୍କାର ବ୍ୟବସ୍ଥା ବିଷୟରେ ସୂଚନା ଦେଇଥିଲେ। ଓଡ଼ିଶାର ଅନୁକୂଳ ଶିଳ୍ପ ପରିବେଶ, ଅକ୍ଷୟ ଶକ୍ତିର ସମ୍ଭାବନା ସହ ପାରାଦୀପ, ଧାମରା ଓ ଗୋପାଳପୁର ବନ୍ଦର ସ୍ୱଚ୍ଛ ଶକ୍ତି ଓ ଗ୍ରୀନ୍ ହାଇଡ୍ରୋଜେନ୍ କ୍ଷେତ୍ରରେ ସ୍ୱଚ୍ଛ ଶକ୍ତି ଉତ୍ପାଦନ ଓ ରପ୍ତାନୀ କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟି କରିବ ବୋଲି ସେ ପ୍ରକାଶ କରିଥିଲେ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ରାଜ୍ୟର ବିଦ୍ୟୁତ୍ କ୍ଷେତ୍ରର ସାମ୍ପ୍ରତିକ ସଫଳତା ସମ୍ପର୍କରେ ଉଲ୍ଲେଖ କରି କହିଥିଲେ ଯେ, ବିଗତ ଗ୍ରୀଷ୍ମଋତୁରେ ରାଜ୍ୟର ସର୍ବାଧିକ ୬,୨୪୨ ମେଗାୱାଟ୍ ବିଦ୍ୟୁତ୍ ଚାହିଦାକୁ ବିନା କୌଣସି ପାୱାରକଟ୍‌ରେ ସଫଳତାର ସହ ପୂରଣ କରାଯାଇଛି। ଗୋପାଳପୁର ଓ ପାରାଦୀପଠାରେ ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଆମୋନିଆ ହବ୍ ପ୍ରତିଷ୍ଠା ସହ ପମ୍ପଡ୍ ଷ୍ଟୋରେଜ୍, ଫ୍ଲୋଟିଂ ସୋଲାର ଓ ପବନ ଶକ୍ତି କ୍ଷେତ୍ରରେ ରାଜ୍ୟ ଆଗେଇ ଚାଲିଛି। କେନ୍ଦ୍ର ନବୀନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟର ସଚିବ ସନ୍ତୋଷ କୁମାର ଷଡ଼ଙ୍ଗୀ ସୂଚନା ଦେଇଥିଲେ ଯେ, 'ଓଡ଼ିଶା ଅକ୍ଷୟ ଶକ୍ତି ନୀତି-୨୦୨୨' ଅଧୀନରେ ୨୦୩୦ ସୁଦ୍ଧା ୧୦.୯୬ ଗିଗାୱାଟ୍ ଅକ୍ଷୟ ଶକ୍ତି ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି। ୩୦ ସେପ୍ଟେମ୍ବର ୨୦୨୬ ସୁଦ୍ଧା ରାଜ୍ୟରେ ୩,୬୪୧.୨୩ ମେଗାୱାଟ୍ ଅକ୍ଷୟ ଶକ୍ତି କ୍ଷମତା ସ୍ଥାପିତ ହୋଇସାରିଛି।

ଓଡ଼ିଶା ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବ ରାଜ୍ୟର ନୀତିଗତ ଢାଞ୍ଚା, ପ୍ରକଳ୍ପ ଅନୁମୋଦନ ବ୍ୟବସ୍ଥା ଏବଂ ଶକ୍ତି ସଂରକ୍ଷଣ ପ୍ରକଳ୍ପଗୁଡ଼ିକର ବିସ୍ତୃତ ରୋଡ୍‌ମାପ୍ ଉପସ୍ଥାପନ କରିଥିଲେ। ଏହି ସମ୍ମିଳନୀରେ ଏନ୍.ଏଲ୍.ସି. ଇଣ୍ଡିଆ, ଆଦାନୀ ପୋର୍ଟ୍ସ୍ ଆଣ୍ଡ ଏସ୍.ଇ.ଜେଡ୍., ଆଭାଡା ଗ୍ରୁପ୍, ଗ୍ରୀନକୋ ଗ୍ରୁପ୍, ଏକମେ ଗ୍ରୁପ୍, ଏଭ୍ରେନ୍ ଏବଂ ବ୍ଲୁକ୍‌ଫିଲ୍ଡ ରିନିଉଏବଲ୍‌ସ୍ ଭଳି ଦେଶ-ବିଦେଶର ଅଗ୍ରଣୀ କମ୍ପାନୀଗୁଡ଼ିକର ସକ୍ରିୟ ଭାଗିଦାରୀ ଓଡ଼ିଶାର ସ୍ୱଚ୍ଛ ଶକ୍ତି କ୍ଷେତ୍ର ପ୍ରତି ବିଶ୍ୱସ୍ତରୀୟ ଆଗ୍ରହକୁ ପ୍ରମାଣିତ କରୁଛି। ଏହି ୧୮ଟି ଏମ୍ଓୟୁ ଓଡ଼ିଶାର ଅକ୍ଷୟ ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ ସୁଯୋଗକୁ ଆଗକୁ ବଢ଼ାଇବା ଦିଗରେ ଏକ ମାଇଲଖୁଣ୍ଟ। ଏହି ସମ୍ମିଳନୀରେ ଅଂଶୀଦାର ରାଜ୍ୟ ଭାବେ ଯୋଗଦେଇ ଓଡ଼ିଶା ଏକ ସୁଦୃଢ଼ ସବୁଜ ଶକ୍ତି ପରିବେଶ ଗଠନ କରିବା ସହ ଦେଶର ଶକ୍ତି ରୂପାନ୍ତରଣ ଅଭିଯାନରେ ନିଜର ଅଙ୍ଗୀକାରବଦ୍ଧତା ପ୍ରକାଶ କରିଛି।

କୋଟିଆରେ...

ଘଟଣା ସ୍ଥଳରେ ଉତ୍ତେଜନା ଜାରି ରହିଥିବା ଦେଖିବାକୁ ମିଳିଛି । କୋରାପୁଟ ଉପଜିଲ୍ଲାପାଳ ଫାବି ରସିଦ ଓ ପ୍ରଶାସନିକ ଅଧିକାରୀ ମାନେ ଉପସ୍ଥିତ ଥିଲେ । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଅଧିକ ପ୍ଲାଟୁନ ପୁଲିସ ଫର୍ସକୁ ପଠାଯାଇଥିବା ଜଣାପଡିଛି । ଆନ୍ଧ୍ର ପ୍ରଦେଶର ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ରାଜ୍ୟ ସରକାର ସୀମାନ୍ତରେ ୭ ପ୍ଲାଟୁନ ଫୋର୍ସ ମୃତୟନ କରିଛନ୍ତି । କୋରାପୁଟ ଉପ ଜିଲ୍ଲାପାଳ ଓ ପଟାଙ୍ଗି ତହସିଲଦାର କୋଟିଆର ନେରିଡିବାଲାସାରେ ଆନ୍ଧ୍ର ଅଧିକାରୀ ଓ ପୋଲିସ ସହ ଉଚ୍ଚ ବାଚ ହୋଇଥିଲା । ସୋମବାର ଆନ୍ଧ୍ରପ୍ରଦେଶର ରାସନ ଚାଉଳ ଟ୍ରକକୁ ଓଡିଶା ପୋଲିସ ଅଟକାଇଥିଲା । ଯାହାଫଳରେ ଆନ୍ଧ୍ର ବାଧ ହୋଇ ସେହି ଚାଉଳ ବୋଝେଇ ଟ୍ରକକୁ ଫେରାଇ ନେଇଛନ୍ତି । ଆମ ପିଡିଏସ ଚାଉଳର ସୁରକ୍ଷା କରିବା ଏବଂ ଓଡ଼ିଶା ସୀମା ମଧ୍ୟକୁ ବେଆଇନ ଅନୁପ୍ରବେଶକୁ ରୋକିବା ପାଇଁ ଆମର 'ଖାକି ବାହିନୀ' ଓ ସଂପୃକ୍ତ ଅଧିକାରୀମାନେ ଯେଉଁଳି କର୍ତ୍ତବ୍ୟନିଷ୍ଠା ଦେଖାଇଛି, ତାହା ପ୍ରଶଂସନୀୟ ବୋଲି ବିରୋଧୀ କଂଗ୍ରେସ ଦଳ ପକ୍ଷରୁ କୁହାଯାଇଥିବା ବେଳେ କୋଟିଆରେ ଏବେବି ଉତ୍ତେଜନା ଲାଗି ରହିଛି । ଆନ୍ଧ୍ରପ୍ରଦେଶ ସରକାରଙ୍କ ଏଭଳି ବାରମ୍ବାର ଅନୁପ୍ରବେଶ ଏବଂ ଓଡ଼ିଶା ସୀମା ମଧ୍ୟରେ ଜୋରଜବରଦସ୍ତ କ୍ୟାମ୍ପ କରିବା ମନୋଭାବ ନିନ୍ଦନୀୟ । ଏହି ସମସ୍ୟାର ସମାଧାନ ରାସ୍ତାରେ ଆକ୍ରୋଶମୂଳକ ଭାବେ ହୋଇପାରିବ ନାହିଁ । ଓଡ଼ିଶା ସରକାର ତୁରନ୍ତ ସର୍ବୋଚ୍ଚ ଅଦାଲତଙ୍କ ୨୦୦୬ ମସିହାର "ଷ୍ଟାଟସ କୋ' (ସାମ୍ପ୍ରତିକ ସ୍ଥିତି) ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ କେନ୍ଦ୍ର ନିକଟରେ ଉପସ୍ଥାପନ କରନ୍ତୁ । ୧୯୩୬ ମସିହାରୁ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ ରହିଆସିଥିବା କୋଟିଆ ସପକ୍ଷରେ ଯେତେ ପ୍ରାମାଣିକ ତଥ୍ୟ ରହିଛି ତାକୁ କେନ୍ଦ୍ର ସରକାର ନିକଟରେ ଉପସ୍ଥାପନ କରି ଏକ ସ୍ଥାୟୀ ଓ ଶାନ୍ତିପୂର୍ଣ୍ଣ ପ୍ରଶାସନିକ ବିଜୟ ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଉ । କୋଟିଆର ଜନସାଧାରଣ ଆନ୍ଧ୍ରର ପଞ୍ଚା ନିର୍ବାଚନକୁ ସେମାନେ ବର୍ଜନ କରନ୍ତୁ । ଓଡ଼ିଶାର ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ବିକାଶ ପ୍ରକ୍ରିୟା ପ୍ରସଙ୍ଗରେ ସୀମାନ୍ତ ଅଞ୍ଚଳର ପ୍ରତିଟି ପରିବାରର ସୁରକ୍ଷା ପାଇଁ ଦଳ ମତ ନିର୍ବିଶେଷରେ ଏକ ହେବାର ସମୟ ଆସିଛି । ପ୍ରଶାସନ ସାମ୍ପ୍ରତିକ ପରିସ୍ଥିତି ପ୍ରତି କଡ଼ା କନଜର ରଖିଛି ।

ବନ୍ୟାରେ...

ପୂଜାରୀ ବିସ୍ତୃତ ସମୀକ୍ଷା କରିଛନ୍ତି । ଇତିମଧ୍ୟରେ ପ୍ରାଥମିକ କ୍ଷୟକ୍ଷତି ଆକଳନ ରିପୋର୍ଟ କରି ପଠାଇବାକୁ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପରେ ଚୂଡାନ୍ତ ରିପୋର୍ଟ ମଧ୍ୟ ପ୍ରସ୍ତୁତ ହୋଇ କେନ୍ଦ୍ର ନିକଟରେ ଦାଖଲ କରାଯିବ । ପ୍ରଭାବିତ ଜନସାଧାରଣଙ୍କ ସହିତ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ଅଛନ୍ତି ଏବଂ ସେମାନଙ୍କ ନକଟରେ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ କରାଇବା ନିମନ୍ତେ ନିରନ୍ତର ଉଦ୍ୟମରତ ଅଛନ୍ତି । ସେହିପରି ଗଜପତି ଜିଲ୍ଲାରେ ୨୦୨୪ ବ୍ୟାଚ୍ ଆଇଏଏସ୍ ଅଫିସର ପଓ୍ୱନ କୁମାର, ଗଞ୍ଜାମ ଜିଲ୍ଲାରେ ୨୦୨୨ ବ୍ୟାଚ୍ ଆଇଏଏସ୍ ଅଫିସର୍ ଅଜିତ କୁମାର, ୨୦୨୩ ବ୍ୟାଚ୍ ଆଇଏଏସ୍ ଅଫିସର୍ ତେଜସ୍ୱିନୀ ବେହେରା ଏବଂ କନ୍ଧମାଳ ଜିଲ୍ଲାରେ ୨୦୨୩ ବ୍ୟାଚ୍ ଆଇଏଏସ୍ ଅଫିସର୍ ଶିବ ମାଲବ୍ୟଙ୍କୁ ଅବସ୍ଥାପିତ କରାଯାଇଛି ।

ବୈଠକ ପରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ଗତକାଲି ବିଳମ୍ବିତ ରାତିରେ ବାତ୍ୟା 'ମୁରାସୁ' ଆନ୍ଧ୍ର ପ୍ରଦେଶରେ ପ୍ରବେଶ କରି ସାରିଛି । ବର୍ତ୍ତମାନ ଆନ୍ଧ୍ରପ୍ରଦେଶର ବିଜୟଓ୍ୱାଡା ତଳକୁ ଅଛି ଏବଂ ଆଗକୁ ବଢୁଚିଛ ଏହା କ୍ରମଶଃ ଆଗକୁ ବଢି ତେଲେଙ୍ଗାନା ପଟକୁ ମୁହାଁଇବ । ଏହାର ପ୍ରଭାବରେ ବର୍ତ୍ତମାନ ପର୍ଯ୍ୟନ୍ତ ଓଡ଼ିଶାର କୌଣସି ଜିଲ୍ଲା ବିଶେଷ ଭାବରେ ପ୍ରଭାବିତ ହୋଇନାହିଁ । ରାଜ୍ୟ ସରକାର ସମ୍ପୂର୍ଣ୍ଣ ପରିସ୍ଥିତି ନିରୀକ୍ଷଣ କରୁଛନ୍ତି ଏବଂ ସମସ୍ତ ପ୍ରକାର ପରିସ୍ଥିତି ନିମନ୍ତେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତ । ଗଞ୍ଜାମ ଜିଲ୍ଲାରେ ପ୍ରାୟ ୧,୫୨,୦୧୦ ଜନସାଧାରଣ ସ୍ଥାନାନ୍ତରିତ ହୋଇଥିବା ବେଳେ ଗଜପତି ଜିଲ୍ଲାରେ ୬୨୦, ମାଲକାନଗିରି ଜିଲ୍ଲାରେ ୫୦୭୩, କୋରାପୁଟ ଜିଲ୍ଲାରେ ୧୧୦୧, କନ୍ଧମାଳ ଜିଲ୍ଲାରେ ୬୨୬୯, ରାୟଗଡ଼ା ଜିଲ୍ଲାରେ ୭୩୬ ଏହିପରି ଭାବେ ସର୍ବମୋଟ୍ ପ୍ରାୟ ୧,୬୫,୮୦୯ ଜଣ ସ୍ଥାନାନ୍ତରିତ ହୋଇଛନ୍ତି । ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ସ୍ୱେଶାଲ୍ ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲ୍, ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡଙ୍ଗୀ ଏବଂ ସମ୍ପୃକ୍ତ ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

ଭୁବନେଶ୍ୱରରେ...

ତାଙ୍କ ମର ଶରୀରକୁ ସୋଆ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ-୨ରେ ରଖାଯାଇଛି। ସେଠାରେ ଆସନ୍ତାକାଲି ଯାଏ ତାଙ୍କର ଶେଷ ଦର୍ଶନ ହେବ। ବହୁ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କ ମର ଶରୀରକୁ ଶେଷ ଦର୍ଶନ କରିବା ସହ ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏମ୍ସ ଓ ସୋଆର ବହୁ ଡାକ୍ତର ମଧ୍ୟ ତାଙ୍କର ଶେଷ ଦର୍ଶନ କରିଛନ୍ତି। ଆସନ୍ତାକାଲି ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯିବ। ସେଠାରେ ତାଙ୍କୁ ଗାର୍ଡ ଅଫ୍ ଅର୍ନର ପ୍ରଦାନ କରାଯିବ। ସୂଚନାଯୋଗ୍ୟ ଗତକାଲି ଦିଲ୍ଲୀ ଏମ୍ସରେ ୭୪ ବର୍ଷ ବୟସରେ ସ୍ୱର୍ଗତ ଡା. ମହାପାତ୍ରଙ୍କର ପରଲୋକ ହୋଇଥିଲା। ସେ ମସ୍ତିଷ୍କ କର୍କଟ ରୋଗରେ ପୀଡ଼ିତ ହୋଇ ସେଠାରେ ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗରେ ସ୍ୱାସ୍ଥ୍ୟ ଜଗତରେ ଏକ ଅପୂରଣୀୟ କ୍ଷତି ହୋଇଛି ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି। ସ୍ୱର୍ଗତ ମହାପାତ୍ରଙ୍କର ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିଲା।

ଅନିର୍ଦ୍ଦିଷ୍ଟକାଳ...

ଆନ୍ଦୋଳନ ପାଇଁ ଆହ୍ୱାନ ଦେଉଛନ୍ତି, ସେମାନେ ଏହାର ପରିଣାମ ପାଇଁ ଦାୟୀ ରହିବା ଉଚିତ। ଜୁଲାଇ ୨୦ରେ ଆୟୋଜିତ ଆନ୍ଦୋଳନକୁ ମାତ୍ର ଗୋଟିଏ ଦିନ ପାଇଁ ଅନୁମତି ମିଳିଥିଲା। ତଥାପି ଆନ୍ଦୋଳନକାରୀମାନେ ସ୍ଥାନ ଦଖଲ କରିବା ସହ ସଂସଦ ଆଡ଼କୁ ମାର୍ଚ୍ଚ କରିଥିଲେ। ସଂସଦ ଓ ସୁପ୍ରିମକୋର୍ଟ ଆଡ଼କୁ ଏପରି ମାର୍ଚ୍ଚ କରିବା ଉଚିତ ନୁହେଁ ବୋଲି ସେ କହିଥିଲେ। ବିଚାରପତି ଜୟମାଲ୍ୟ ବାଗଚୀ ଓ ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ବ୍ୟବସାୟୀ ସଂଗଠନଗୁଡ଼ିକୁ ଆନ୍ଦୋଳନ ଆୟୋଜନ କରିଥିବା ବିରୋଧୀ ଦଳଗୁଡ଼ିକୁ ମାମଲାରେ ପକ୍ଷଭୁକ୍ତ କରିବାକୁ କହିଛନ୍ତି। ଆନ୍ଦୋଳନ ଯୋଗୁଁ ବ୍ୟବସାୟ କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ଉପରେ ଏହି ନିର୍ଦ୍ଦେଶ ଦିଆଯାଇଛି। ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ କହିଥିଲେ, ଆନ୍ଦୋଳନ ସ୍ଥଳ ନିକଟରେ ପ୍ରାୟ ୫୦ ଲକ୍ଷ ଲୋକ ବସବାସ କରୁଥିବା ବେଳେ ଦୋକାନଗୁଡ଼ିକ ବନ୍ଦ ରହିଥିଲା ଏବଂ କନଟ୍ ପ୍ଲେସ୍ ଅଞ୍ଚଳ ଜନଶୂନ୍ୟ ହୋଇପଡ଼ିଥିଲା।

AFFIDAVIT

By virtue of an affidavit bearing No. 2618 Dated. 03.11.2026 on Executive Magistrate Bhuban. I Krushna Dhir W/o Late Manoja Kumar Dhir of Vill. Matha Khokasa, P.O. Odisha, P.S : Bhuban, Dist : Dhenkanal do here by delcare by above affidavit Krushna Dhir and Manasi Dhir are one and same person. I shall henceforth be known as Krushna Dhir for all purpose with L.I.C Policy bearing No. - Policy No 587136042.

AFFIDAVIT

By virtue of an affidavit sworn before (Executive Magistrate/ Notary Public), (BHADRAK) , dated 516 _27/02/2026 I, SK MOZIFUR RAHEMAN , Address AT-CHANDAN BAZAR PO/ DIST-BHADRAK -756100 ODISHA declare that I have changed the name of my son SK MUQTAB QUADRI to SK MAQTAB QUADRI . Henceforth, he shall be known as SK MAQTAB QUADRI for all purposes.

SK MOZIFUR RAHEMAN

AFFIDAVIT

BY THIS AFFIDAVIT NO=12125 DATED 29/10/2026 I ANOOP GUPTA S/O-HARI KISHAN GUPTA AT-KANTAPAL PO-CHARAMPA DIST-BHADRAK PIN-756101 MY ACTUL NAME IS ANOOP GUPTA AS PER MY ADHAR CARD PAN CARD BANK ACCOUNT BUT IN LIC POLICY NO-584174128 MY NAME WRONGLY MENTIONED AS JAY PRAKASH GUPTA INSTEAD OF ANNOP GUPTA BOTH NAME ARE SAME & ONE PERSON

ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, କୋରାପୁଟ
OFFICE OF THE DIVISIONAL FOREST OFFICER, KORAPUT

8001/442/2627

e mail id-dfo.koraput@odisha.gov.in

CORRIGENDUM

SHORT TENDER CALL NOTICE (OFFLINE)

With reference to Bid Identification No. DFO KPT-2026/(1F)/02. published on 22.10.2026. it is hereby informed that the last date for receipt of bids through the portal has been extended up to 07.11.2026. The bids will be opened on 09.11.2026 at 11:00 A.M.

All other terms and conditions of the original tender notice shall remain unaltered.

Sd/- Divisional Forest Officer
Koraput Forest Division.

OIPR : 8001/8067/1/26-27/0010

OCAC
ODISHA COMPUTER APPLICATION CENTRE
REQUEST FOR PROPOSAL
Enq.No,OCAC-SEGP.WB-00O4-2026-26070

16001/54/2627 : Odisha Computer Application Centre (OCAC) invites Request for Proposal (RFP) for Soloction of External Auditor for OCAC under the World Bank-Supported Odisha State Capability and Resilient Growth Programme (OSCRGP-PforR) For details please visit websites **www.ocac in** & **www.odisha.gov.in.**

The bid shall be submitted in electronic mode only in the portal **https://enivida.odisha.gov.in** latest by **18.11.2026, 4:00 P.M.** OCAC reserves the nght to accept/ reject any/ all bids without assigning any reason thereof.

Executive Director(Admin),OCAC. PlotNo-N-1/7-D.AcharyaVihar, P.O-RRL,Bhubaneswar-751013,Ph.- 2567280/2567064/2567295

OIPR : 16001/16003/1/26-27/0038

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
13001/2332/2627 ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org.

ପତ୍ର ସଂଖ୍ୟା: ୧୭୫ **ବିଜ୍ଞାପନ** ତା : ୨୩.୧୦.୨୦୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

କ୍ର. ନଂ.	ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା	ଗୃହର ବିବରଣୀ	ଉତ୍ତରାଧିକାରୀଙ୍କ ନାମ
	ନାମ–ସ୍ୱର୍ଗତ ଗୌର ପ୍ରସାଦ ପଟ୍ଟନାୟକ ପିତା– ସ୍ୱର୍ଗତ ରଘୁନାଥ ପଟ୍ଟନାୟକ ସା/ପୋ/ଥା–ଛତ୍ରପୁର ଜିଲ୍ଲା – ଗଞ୍ଜାମ	ଗୃହ ନଂ. ଏଲ ୩/୧୦୨ (L-3/102), ଆଚାର୍ଯ୍ୟ ବିହାର ହାଉସିଂ ପ୍ରକଳ୍ପ ଭୁବନେଶ୍ୱର ଜିଲ୍ଲା–ଖୋର୍ଦ୍ଧା	୧. ଶୁଭିଜିତ୍ ପଟ୍ଟନାୟକ (ପୁତ୍ର) ୨. ଅଭିଜିତ ପଟ୍ଟନାୟକ (ନାତି) ୩. ରିଥି ପରିଜା (ବୋହୂ)

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13001/13030/1/26-27/0327

Office of The Project Administrator, ITDA, Th. Rampur at Bhawanipatna.

19001/332/2627

e-procurement notice

Letter No: 2322/Date : 31.10.2026

The Project Administrator, ITDA, Thuamul Rampur at Bhawanipatna invites percentage rate of BIDs through e-Procurement for various civil works. BID documents consisting of details of work, estimated cost, cost of tender paper, EMD, time of completion, class of contractor, set of terms and conditions of contract and other necessary documents can be seen in the website www.tendersodisha.gov.in. The bidder should have necessary portal enrolment with his / her own Digital Signature Certificate (DSC).

1. No. of works: 21.
2. Nature of work : Civil construction
3. BID identification No.: ITDA, THR-03/2026-27
4. Date and Time of availability of Bid document in portal: from 11.00 A.M. of 05.11.2026 to 17.11.2026 up to 5.00 PM for online biding.
5. Last date & time for receipt of BIDs in portal: 17.11.2026 up-to 5.00 P.M.
6. BIDs received online shall be opened on: 20.11.2026 at 11.00 A.M.
7. Name and address of the officer: Project Administrator, ITDA, Th.Rampur at Bhawanipatna

Sd/- Project Administrator,
ITDA, Th. Rampur,
Bhawanipatna.

OIPR : 19001/19449/1/26-27/0002

OFFICE OF THE MUNICIPAL COUNCIL, JODA
Phone No:- 06767-272214 Fax No : 06767-272214
E-Mail:- eojodamunicipality@rediffmail.com

No. 3953 / Dt. 30.10.2026

13001/2351/2627

'e' - procurement Notice
Bid identification No. JM-02/ 2026-27

Bid documents consisting of specification, the schedule of quantities and the set of tenms and conditions of contract and other necessary documents can be seen in the Govt, website i.e **www.tendersodisha.gov.in.**

1. Nature of Work	:	Civil Works.
2. No. of Works	:	41 Nos.
3. Estimated Cost	:	from Rs.3.39,004/- to Rs. 16.95.333/-
4. Bid identification No.	:	2026_ORULB_144677_1 to 2026_ORULB_144677_41
5. Date & time of availability of the Documents in the Portal	:	From dt.31.10.2026 at 10.00 P.M. Up to Dt. 12.11.2026 at 5.00 P.M.
6. Last date/time for receipt of Bids in the Portal	:	On dt. 12.11.2026 up to 5.00 P.M.
7. Bids received on line shall be opened	:	On Dt. 13.11.2026 at 11.00AM.
8. Name and address of the Officer Inviting Bid.	:	Executive Officer, Joda Municipality

Further, the details can be seen from the e-Procurement Portal : **www.tendersodisha.gov.in.**

Sd/- Executive Officer
Joda Municipality

OIPR : 13001/13124/1/26-27/0002

OFFICE OF THE PANCHAYAT SAMITI, BANARPAL
(E-Mail ID-ori-banarpal@nic.in)

TENDER CALL NOTICE

19001/323/2627

BID IDENTIFICATION NO. 02/BDOBNRPL/ANGUL/2026-27

The Block Development Officer, Banarpal, on behalf of the Government of Odisha, invites offline sealed tenders for the works detailed in the tender document.

1. Name of the Work	:	Various civil works
2. Total No. of Works	:	57 (Fifty-seven) Nos
3. Estimated Cost	:	Rs. 10.33 Lakhs to Rs. 40.00 Lakhs
4. Class of Contractor	:	"C & D" / "C & B" Class, as specified work-wise
5. Period of Completion	:	06 (Six) Months
6. Type of Tender	:	Offline Sealed Tender
7. Other Details		

Procurement Officer	Bid Identification No.	Availability of Tender Paper	Last Date & Time of Submission	Date & Time of Opening
Block Development Officer, Banarpal	02/BDOBNRPL / ANGUL/2026-27	31.10.2026 to 09.11.2026 up to 5.00 PM	10.11.2026 up to 5.00 PM	11.11.2026 at 11.00 AM

Further details can be seen from the website **www.anugola.odisha.gov.in** and for more information, please visit the office.

Sd/- Block Development Officer
Banarpal

OIPR : 19001/19039/1/26-27/0002

OFFICE OF THE NOTIFIED AREA COUNCIL, KODALA, GANJAM
Phone No. 06810-268335 E-mail-nackodala@gmail.com

Letter No. 2793 Dated : 02.11.2026

TENDER CALL NOTICE

Sealed quotation are invited from the intending authorized dealers having GST, PAN, ELBO/HT certified Electrical MV license and up to dated deposit of GST 3B with latest deposit 3 months GST challen for the work "(1)Supply, Installation and Diversion of 1 No. 100 KVA Distribution Sub-Station (DSS), including diversion of existing HT Overhead (OH) Line and LT Overhead (OH) Line under Kodala NAC. (2) Shifting / Diversion and re-erection of 100+500 KVA DSS from Kodala, Junction and (3)Provide 3-0 power supply to CD-33 KW(LT) load to L.N Degree Collage under SSP(LT) tariff. . The bidder should quote the rate including all applicable tax and transporting charges.it will be received by the Notified Area Council, Kodala in good condition and specification as details in Annexure-1. The Quotations should reach in the office of the undersigned by 04.11.2026 to 11.11.2026 at 1.00 P.M through Tender box/ Speed Post / Regd Post. No quotation should be entertained after the stipulated time period. Earnest money @1% of the estimated cost is to be deposited by the Tenderers in shape of TDR /KVP/NSC duly pledged to the Executive Officer, Kodala NAC and the TDR /KVP/NSCs/MR (Money receipt) are to be submitted along with Tender Paper, Another 1% will be deposited by the successful Tenderers as I.S.D. in shape of TDR /KVP/NSC duly pledged to the Executive Officer, Kodala NAC before drawal of agreement. Additional Performance Security will be deposited by the successful bidder in shape of Demand Draft & TDR pledged to the Executive Officer, Kodala NAC. Tenderers should be submitted copies of valid CONTRACTOR LICENSE, PAN CARD, GST clearance certificate. Authority (i.e. Executive Officer, Kodala NAC) may cancel the work order by giving 7 days' notice if work doesn't start after 10 days of issuing work order. Authority reserves right to cancel the work order for slow progress, for substandard quality work, non-compliance with instructions related to the above-mentioned work of the Executive Officer/M. E/J. E Concerned by giving 07 days' notice. The authority have every rights to reject any or all tenders without assigning any reason thereof.

By the ordes of Chairperson
Sd/- Executive Officer, NAC, Kodala

Sl. No.	Name of the Work	Estimated Cost	Cost of Tender Paper (in Rs.)	EMD to be Deposited (in Rs.)	Time of Completion (In Days)
01	Supply, Installation and Diversion of 1 No. 100 KVA Distribution Sub-Station (DSS), including diversion of existing HT Overheaed (OH) Line and LT Overhead (OH) Line under Kodala NAC	4,30,758.00	2000.00	1%	30
02	Shifting /Diversion and re-erection of 100 + 500 KVA DSS from Kodala	13,67,229.00	6000.00	1%	30
03	Provide 3-0 power supply to CD-33 KW(LT) load to L.N degree College under SSP (LT) tariff.	8,97,421.00	4000.00	1%	30

OIPR : 13001/13203/1/26-27/0014 Sd/- Executive Officer, NAC, Kodala

ବାଲେଶ୍ୱର ପୌରପାଳିକା, ବାଲେଶ୍ୱର 13001/2352/2627

ନୋଟିସ

ଜ୍ଞାପକ ସଂଖ୍ୟା - ୮୦୨୦ ତାରିଖ - ୨୯.୧୦.୨୦୨୬

ଏତଦ୍ୱାରା ବାଲେଶ୍ୱର ପୌରପାଳିକା, ବାଲେଶ୍ୱରର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବାଲେଶ୍ୱର ପୌର ପରିଷଦ ଅନ୍ତର୍ଗତ ଶ୍ରୀକଣ୍ଠପୁର ଠାରେ ଥିବା ୨୦ଟି ଆବାସିକ ଘର ମଧ୍ୟରୁ ୧୬ ଗୋଟି ଭଡ଼ା ସୂତ୍ରରେ ଆବଣ୍ଟନ କରାଯିବା ପାଇଁ ସ୍ଥିରୀକୃତ ହୋଇଅଛି । ଏହି ଆବାସିକ ଘର ଆବଣ୍ଟନ ନିମନ୍ତେ ନିମ୍ନ ସର୍ତ୍ତାବଳୀକୁ ପୂରଣ କରି ପାରୁଥିବା ବ୍ୟକ୍ତି ହିଁ ଏହି ଆବାସିକ ଘର ପାଇଁ ଆବେଦନ କରିପାରିବେ ।

୧) ଆବେଦନକାରୀ ନିମ୍ନ ପରିଚୟପତ୍ର ମଧ୍ୟରୁ ଯେକୌଣସି ଗୋଟିଏ ଦାଖଲ କରିବେ ।
କ– ଆଧାର କାର୍ଡ଼
ଖ– ଭୋଟ ପରିଚୟପତ୍ର
ଗ– ପାନ କାର୍ଡ଼
୨) ଆବେଦନ କରିବାର ଶେଷ ସମୟ ସୀମା ୧୫.୧୧.୨୦୨୬ ଅପରାହ୍ନ ୫ ଘଟିକା ।
୩) ଆବେଦନକାରୀଙ୍କ ନିଜସ୍ୱ ନାମରେ, ତାଙ୍କ ପତ୍ନୀ/ସ୍ୱାମୀ ନାମରେ କିମ୍ବା ଆବେଦନକାରୀଙ୍କ କୌଣସି ପୈତୃକ ସମ୍ପତ୍ତି ବାଲେଶ୍ୱର ପୌରପାଳିକା ସୀମା ମଧ୍ୟରେ ଥିଲେ ସେମାନେ ଆବେଦନ ନିମନ୍ତେ ଯୋଗ୍ୟ ବିବେଚିତ ହେବେ ନାହିଁ । ଏଥି ନିମନ୍ତେ Executive Magistrate ଙ୍କ ଠାରୁ ଏକ ସତ୍ୟ ପାଠ (Affidavit) ନିମ୍ନ ସାକ୍ଷରକାରୀଙ୍କ ନିକଟରେ ଦାଖଲ କରିବେ ଏବଂ ଭବିଷ୍ୟତରେ ଏହା ଭୁଲ ପ୍ରମାଣିତ ହେଲେ Security Deposit ବାଜ୍ୟାପ୍ତି କରାଯିବ ଏବଂ ଆବାସିକ ଘରକୁ ବିନା ନୋଟିସରେ ଖାଲି କରାଯିବ ।
୪) ଏଥିପାଇଁ SD Money ଟ. ୫,୦୦୦୦୦/– ପଇଠ କରିବାକୁ ପଡ଼ିବ । ଭଡ଼ା ସୂତ୍ରରେ ମାସିକ ଟ. ୪,୦୦୦ + Gst ଦେବାକୁ ପଡ଼ିବ ।
୫) ଦରଖାସ୍ତକାରୀ ଦରଖାସ୍ତ ସମୟରେ ଚିଠା ପ୍ରସ୍ତୁତ (ଏକ ଲକ୍ଷ) ଟଙ୍କାର Bank Draft ଜମା କରିବେ ଚୟନ ପ୍ରକ୍ରିୟା ପରେ ଅବଶିଷ୍ଟ ଟ. ୪,୦୦,୦୦୦/– (ଚାରି ଲକ୍ଷ) ଟଙ୍କାର Bank Draft Security ବାବଦକୁ ୧୫ ଦିନ ମଧ୍ୟରେ ଜମା କରିବା ଆବଶ୍ୟକ ।
୬) ଦରଖାସ୍ତକାରୀ ସଦର ତହସିଲଦାରଙ୍କଠାରୁ (ନିଜ ନାମରେ ପତ୍ନୀଙ୍କ ନାମରେ /ସ୍ୱାମୀଙ୍କ ନାମରେ / କିମ୍ବା ତାଙ୍କର କୌଣସି ପୈତୃକ ସମ୍ପତ୍ତି ବାଲେଶ୍ୱର ପୌର ପରିଷଦ ସୀମା ମଧ୍ୟରେ ନାହିଁ ବୋଲି) ଏକ No-Objection ପ୍ରମାଣ ପତ୍ର ନିମ୍ନ ସ୍ୱାକ୍ଷରକାରୀ ନିକଟରେ ଦାଖଲ କରିବେ ।
୭) ଯେଉଁମାନେ ଆବେଦନ କରିବା ପାଇଁ ଇଚ୍ଛୁକ ସେମାନେ ବାଲେଶ୍ୱର ପୌରପାଳିକା କାର୍ଯ୍ୟାଳୟରେ ଟ. ୨୦୦୦ ଙ୍କା ପୈଠ କରି ଆବେଦନ ଫର୍ମ ପ୍ରାପ୍ତ ହେବେ ।

ସ୍ୱା/- କାର୍ଯ୍ୟ ନିର୍ବାହୀ ଅଧିକାରୀ
ବାଲେଶ୍ୱର ପୌରପରିଷଦ

OIPR : 13001/13154/1/26-27/0032

OFFICE OF THE EXECUTIVE ENGINEER, L.I. DIVISION, NAYAGADA

32001/207/2627 E-mail - eeollcnavagarh@gmail.com

e-Tender Notice

Bid Identification No.02/26-27 OLIC (Nayagada) / Dt. 26.10.2026

The Executive Engineer, Lift Irrigation Division, Nayagada on behalf of Managing Director, Odisha Lift Irrigation Corporation Limited, Bhubaneswar invites Percentage Rate bids In double cover system in online mode on"Turnkey Basis" from reputed firms/Contractors having H.T Electrical License issued by ELB0 & Civil License of appropriate class having Joint Venture with the state PWD/Irrigation/PHED relevant license as mentioned.

1.	Numbers of Packages	:	83 Nos.
2.	Estimated Cost	:	Approximately Cost of Packages varies from Rs. 18.40 lakh to Rs. 62.70 lakh
3.	Tender Paper Cost	:	As per DTCN.
4.	Date & time of availability of bid in portal	:	Dt. 06.11.2026 from 10.00 hours to Dt. 26.11.2026 up to 17.00 hours
5.	Date & time of clarification up to	:	Dt. 13.11.2026 up to 17.00 hours
6.	Date & time of opening of technical bid	:	Dt. 27.11.2026 at 11.00 hours

The bidders have to participate in online bidding only.

Further details can be seen from the website www.tendersodisha.gov.in.

Addendum/corrigendum/cancellation of tender if any, can be seen in the said website

OIPR : 32001/32330/1/26-27/0002 Sd/- EXECUTIVE ENGINEER

OFFICE OF THE NOTIFIED AREA COUNCIL, KESINGA

13001/2350/2627

Quotation Notice No. : 3730 Date : 29.10.2026

Sealed quotations are hereby invited from reputed and experienced firms/agencies for repair of the 1000-litre Cesspool Emptier of the Notified Area Council, Kesinga.Interested firms/agencies are required to visit the office of the Notified Area Council, Kesinga, to inspect the cesspool emptier and assess its present condition and the nature and extent of repairs required before submitting their quotations The detailed quotation/tender schedule can be obtained from the office of the undersigned on payment of Rs. 1,000/- (Rupees One Thousand only) through Demand Draft (DD) drawn in favour of the Executive Officer. NAC, Kesinga. The tender schedule will be available from 02.11.26 to 09.11.26 by 5 P.M. and same will be received by this office on 10.11.26 through by Regd post/Speed post/by hand. The schedule will be opened on 11.11.26 at 11 A M at NAC office in presence of the quotationer and their representatives

The quotation shall include item-wise details of repair work, cost of spare parts, labour charges, applicable taxes and the total estimated cost. The quotation must be submitted in a sealed cover within the stipulated date and time.The undersigned reserves the right to accept or reject any or all quotations without assigning any reason thereof.

Sd/- Executive Officer
N.A.C., Kesinga

OIPR : 13001/13109/1/26-27/0009

32001/1225/2627 **GOVERNMENT OF ODISHA**
OFFICE OF THE SUPERINTENDING ENGINEER MINOR IRRIGATION DIVISION, KHORDHA
Tel No. (06755) 221502E-mail eemidkhurda@yahoo co in

Letter No. 4975 Dt.02.11.2026

Invitation for Bids
Bid Identification No. SEMIDKHD 14/2026-27

1	The Superintending Engineer, Minor Irrigation Division, Khordha. on behalf or the Governor of Odisha, invites Percentage Rate Bids in Single Cover system in Online Mode only for civil works in MIPs under Impt.To Diversion Wier Scheme as detailed in the table below from the eligible Class of Contractors.		
2	Nature of Work	:	Civil works in MIPS under Impt To D/W Scheme in different Blocks of Khordha District
3	No.of Works	:	18(Eighteen) Nos.Only
4	Estimated.Cost	:	Rs.16.48 to 46.69 Lakhs
5	Cost of Bid Document	:	Rs. 6000/- through online)only.
6	Class of Contractor	:	"D" "C" and "B" Class as applicable
7	Availability of Bid Documents Online	:	10.30A.M of Dt.06.11.2026 to 5.30P.M of Dt.16.11.2026
8	Last Date and Time for receipt of Bids in the Portal	:	5.30 P.M of Dt. 16.11.2026
9	Date of Opening of Bids		11.30A.M of Dt. 17.11.2026.
10	TheBiddersshallhavetoparticipateinonlinebiddingonly.Furtherdetailscanbeseen fromthewebsitehttps://tendersodisha.aov.in.Anvaddendum/Corriaendum/Cancellation of Bid can also be seen in the said website.The Authorityr eserves the right to defer/ reject/accept any or all the bids without assigning any reason whatsoever. The Authority shall in no way be held liable for such action nor will make any obligation to inform the Bidder the ground for the same.		

Sd/- Superintending Engineer
Minor Irrigation Division, Khordha

OIPR : 32001/32042/1/26-27/0008

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୬୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-ଏମ୍. ଅମରେଶ କୁମାର- ୯୪୩୯୯୨୮୭୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

ଜାତୀୟ ଜଳପଥ-୫ର ବିକାଶ ସମ୍ପର୍କରେ ଉଚ୍ଚସ୍ତରୀୟ ବୈଠକ

ଭୁବନେଶ୍ୱର, (ସବ୍ୟୁ): ଜାତୀୟ ଜଳପଥ-୫ (ଏନ୍‌ଡବ୍ଲ୍ୟୁ-୫)ର ବିକାଶ ସମ୍ପର୍କରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଏବଂ ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟର ସଚିବ ବିଜୟ କୁମାରଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଶିଳ୍ପ ସଂସ୍ଥାଗୁଡ଼ିକର ପ୍ରତିନିଧି ଏବଂ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗର ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ । ପ୍ରାୟ ୫୮୮ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ପ୍ରସ୍ତାବିତ ଜାତୀୟ ଜଳପଥ-୫ (ଏନ୍‌ଡବ୍ଲ୍ୟୁ-୫)ର ବିକାଶ ସମ୍ପର୍କରେ ବୈଠକରେ ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧି ଓ ସରକାରୀ ବିଭାଗର ଅଧିକାରୀମାନଙ୍କ ସହ ଆଲୋଚନା ଓ ମତ ବିନିମୟ କରାଯାଇଥିଲା । ଜାତୀୟ ଜଳପଥ-୫ (ଏନ୍‌ଡବ୍ଲ୍ୟୁ-୫) ର ବିକାଶ ଓଡ଼ିଶାର ଖଣିଜ ଓ ଶିଳ୍ପ ସମୃଦ୍ଧ ଅଞ୍ଚଳରେ ଆଭ୍ୟନ୍ତରୀଣ ଜଳପଥ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ବନ୍ଦରଭିତ୍ତିକ ଶିଳ୍ପ ବିକାଶକୁ ପ୍ରୋତ୍ସାହନ ଦେବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ବର୍ତ୍ତମାନ ଏହି ପ୍ରକଳ୍ପ ଅନୁମୋଦନ ପ୍ରକ୍ରିୟାରେ ରହିଛି ।



ଏହି ବୈଠକରେ ଜାତୀୟ ଜଳପଥ-୫ର ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ଭାରତୀୟ ଅନ୍ତର୍ଦେଶୀୟ ଜଳପଥ ପ୍ରାଧିକରଣ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ସମନ୍ୱୟ ଆବଶ୍ୟକ କରୁଥିବା ବିଭିନ୍ନ ବିଚାରାଧୀନ ପ୍ରସଙ୍ଗର ସମାଧାନ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହା ବ୍ୟତୀତ ଜଳପଥରେ ସର୍ବନିମ୍ନ ଆବଶ୍ୟକ ନୌଚଳାଚଳ ଗଭୀରତା ବଜାୟ ରଖିବା ପାଇଁ ଜଳ ନିଷ୍କାସନ, ଖଲପାଲ ନାଭିଗେସନାଲ୍ ଲକ୍ ର ବିକାଶ, ଆବଶ୍ୟକ ଆଇନଗତ ଅନୁମତି, ସେତୁ ନିର୍ମାଣ ଓ ଅପସାରଣ, ସଡ଼କ ସଂଯୋଗୀକରଣ ସୁବିଧା ଏବଂ ଉଚ୍ଚ ଓ ନିମ୍ନ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ଲାଇନ୍ ସ୍ଥାନାନ୍ତରଣ ଭଳି ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ଏଥିସହିତ ବାହୁଦା ମୁହାଣ ବନ୍ଦର, କେନ୍ଦ୍ରାପଡ଼ା ଜିଲ୍ଲାରେ ଜାହାଜ ନିର୍ମାଣ କ୍ଲଷ୍ଟର ଏବଂ ପୁରୀଠାରେ କ୍ରୁଜ୍ ଟର୍ମିନାଲ୍ ଭଳି ଆଗାମୀ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର ବିକାଶ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା ।ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଜାତୀୟ ଜଳପଥ-୫ (ଏନ୍‌ଡବ୍ଲ୍ୟୁ-୫) ର ଓଡ଼ିଶା ଅଂଶ ସମେତ ଅନ୍ୟାନ୍ୟ ପ୍ରମୁଖ ପ୍ରକଳ୍ପଗୁଡ଼ିକର ସମୟୋଚିତ କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ଆବଶ୍ୟକୀୟ ସହଯୋଗ ଯୋଗାଇ ଦିଆଯିବ ବୋଲି ଆଶ୍ୱାସନା ଦେଇଥିଲେ ।

ସୂଚନା ଓ ଲୋକସମ୍ପର୍କ ବିଭାଗର ବୈଷୟିକ ନିର୍ଦ୍ଦେଶକ ଭାବେ ଯୋଗଦେଲେ ସ୍ମିତା କର

ଭୁବନେଶ୍ୱର(ସବ୍ୟୁ): ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଭାବେ ସ୍ମିତା କର ଯୋଗ ଦେଇଛନ୍ତି । ଶ୍ରୀମତୀ କର ବିଭାଗରେ ଅତିରିକ୍ତ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଥିଲେ । ପଦୋନ୍ନତି ପାଇବା ପରେ ସେ ଏହି ଦାୟିତ୍ୱ ନିର୍ବାହ କରିବେ । ସେହିପରି ଯୁଗ୍ମ ନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର ପଦୋନ୍ନତି ପାଇ ମଙ୍ଗଳବାର ସୂଚନା ଓ ଲୋକସମ୍ପର୍କ ବିଭାଗରେ ଅତିରିକ୍ତ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଉଭୟ ଅଧିକାରୀଙ୍କୁ ଭେଟି ସୂଚନା ସେବା ସଂଘର ସଦସ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି । ଏହି ଅବସରରେ ବିଭାଗର କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଦୃଢ଼ ପ୍ରୟାସ କରିବେ ବୋଲି ଶ୍ରୀମତୀ କର ଓ ଶ୍ରୀମତୀ ମହାପାତ୍ର କହିଛନ୍ତି ।

ଧର୍ମା ସୁଦର୍ଶନ ଆପାର୍ଟମେଣ୍ଟର ଏମ୍‌ଡିଙ୍କ ବିରୋଧରେ ଠକେଇ ଅଭିଯୋଗରେ ମାମଲା

ପୁରୀ, (ସବ୍ୟୁ): ପୁରୀ ସହରର ମଙ୍ଗଳାଘାଟ ରୋଡ୍‌ସ୍ଥିତ ଧର୍ମା ସୁଦର୍ଶନ ଆପାର୍ଟମେଣ୍ଟର ନିର୍ମାଣ କାର୍ଯ୍ୟକୁ ନେଇ ଜଣେ ଶ୍ରମ ଠିକାଦାରଙ୍କ ପକ୍ଷରୁ ବାସେଲୀ ସାହି ଥାନାରେ ଠକେଇ ଓ ମାରଧର କରିବା ନେଇ ମ୍ୟାନେଜିଂ ଡାଇରେକ୍ଟର (ଏମ୍‌ଡି) ଜଗତ କର ଓ ସୁପରଭାଇଜରଙ୍କ ନାମରେ ଏକ ମାମଲା ରୁଜୁ ହୋଇଛି । ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ଥାନା ଅନ୍ତର୍ଗତ ଚିଙ୍ଗୁଡିଆ ଗ୍ରାମର ନିରଞ୍ଜନ ମହାପାତ୍ରଙ୍କ ନାମକ ଜଣେ ଶ୍ରମ ଠିକାଦାରଙ୍କ ଅଭିଯୋଗ ଆଧାରରେ ବାସେଲୀ ସାହି ଥାନା ପୁଲିସ କେସ୍ ନଂ ୩୮୬/୨୪ କ୍ରମେ ବିଏନଏସ ଆକ୍ଟର ଦଫା ୨୯୬, ୩(୫), ୩୧୪, ,୩୧୮, ୩୫୧ ଆଦି ବିଭିନ୍ନ ସଙ୍ଗିନ ଧାରାରେ ମାମଲା ରୁଜୁ କରିଛି । ଆପାର୍ଟମେଣ୍ଟ

ନିର୍ମାଣ କାର୍ଯ୍ୟ ପାଇଁ ଜଣେ ଶ୍ରମ ଠିକାଦାର ଠାରୁ ପ୍ରାୟ ୧୫ ଲକ୍ଷ ଟଙ୍କାର ବାଉଁଶ ଓ ପ୍ଲାଏଉଡ୍ କାଠପଟା ଆଦି ସାମଗ୍ରୀ ଯୋଗାଇଥିବା ବେଳେ ତାଙ୍କର ପ୍ରାୟ ୫ ଲକ୍ଷ ଟଙ୍କା ବକେୟା ରହିଥିବା ଏବଂ ଯୋଗାଣ ସାମଗ୍ରୀ ଫେରସ୍ତ କରାଯାଉନଥିବା ଏତଲାରେ ଉଲ୍ଲେଖ ହୋଇଛି ।

ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ଥାନା ଅନ୍ତର୍ଗତ ଛିଙ୍ଗୁଡ଼ିଆ ଗ୍ରାମର ଗଜେନ୍ଦ୍ର ମହାପାତ୍ରଙ୍କ ପୁଅ ନିରଞ୍ଜନ ମହାପାତ୍ର (୪୫) ଏ ନେଇ ଗତ ୨ ନଭେମ୍ବର ୨୦୨୬ ତାରିଖ ସନ୍ଧ୍ୟା ୭ଟାରେ ବସେଲୀସାହି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ଧର୍ମା ସୁଦର୍ଶନ ଆପାର୍ଟମେଣ୍ଟର ମ୍ୟାନେଜିଂ ଡାଇରେକ୍ଟର ଜଗତ କୁମାର କରଙ୍କ ନିର୍ଦ୍ଦେଶରେ ଅଭିଯୋଗକାରୀ ନିର୍ମାଣ କାର୍ଯ୍ୟ ପାଇଁ ବାଉଁଶ ଓ ପ୍ଲାଏଉଡ୍ କାଠପଟା ସମେତ ବିଭିନ୍ନ ସାମଗ୍ରୀ ଯୋଗାଇଥିଲେ । ଏହାର ମୋଟ ମୂଲ୍ୟ ପ୍ରାୟ ୧୫ ଲକ୍ଷ ଟଙ୍କା ହେବ । ଏଥି ସହ ହେଡ୍ ରୁମ୍, ପାରାପେଟ୍ ଓ ପାଣି ଟାଙ୍କି ନିର୍ମାଣ ପାଇଁ ଅତିରିକ୍ତ କାର୍ଯ୍ୟ କରିଥିଲେ ମଧ୍ୟ ପ୍ରାୟ ୫ ଲକ୍ଷ ଟଙ୍କା ପାରିଶ୍ରମିକ ଓ ବକେୟା ଅର୍ଥ ପ୍ରଦାନ କରାଯାଇନଥିବା ସେ ଅଭିଯୋଗ କରିଛନ୍ତି । ଅଭିଯୋଗରେ ଆହୁରି ଦର୍ଶାଯାଇଛି ଯେ, ଆପାର୍ଟମେଣ୍ଟର ନିର୍ମାଣ କାର୍ଯ୍ୟର ତଦାରଖ କରୁଥିବା ସୁପରଭାଇଜର ମାନସ ରଞ୍ଜନ ମହାନ୍ତି ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ଅଭିଯୋଗ ମଧ୍ୟ ରହିଛି । ଅନ୍ୟପକ୍ଷରେ, ଗତ ପ୍ରାୟ ଛଅ ମାସ ଧରି ନିର୍ମାଣ ସ୍ଥଳରେ ତାଙ୍କ ଯୋଗାଣ ସାମଗ୍ରୀ ପଡ଼ିରହିଥିବା ଏବଂ କିଛି ସାମଗ୍ରୀ ରୋଷେଇ କାର୍ଯ୍ୟରେ ବ୍ୟବହାର ହେଉଥିବା ସେ ଅଭିଯୋଗ କରିଛନ୍ତି । ବାରମ୍ବାର ଦାବି ସତ୍ତ୍ୱେ ବକେୟା ଅର୍ଥ ପ୍ରଦାନ କିମ୍ବା ଅବଶିଷ୍ଟ ସାମଗ୍ରୀ ଫେରସ୍ତ କରାଯାଇନଥିବାରୁ ସେ ଆର୍ଥିକ କ୍ଷତିର ଆଶଙ୍କା ପ୍ରକାଶ କରିଛନ୍ତି । ଏହି ଅଭିଯୋଗ ଆଧାରରେ ବସେଲୀସାହି ଥାନା ପକ୍ଷରୁ ମାମଲା ରୁଜୁ କରାଯାଇ ଏସ୍‌ଆଇ ସିରାଜ କୁମାର ନାୟକଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଥିବା ଏଫ୍‌ଆଇଆର୍‌ରେ ଉଲ୍ଲେଖ ରହିଛି । ତେବେ ଅଭିଯୋଗର ସତ୍ୟତା ତଦନ୍ତ ପରେ ସ୍ପଷ୍ଟ ହେବ ।

ପଦ୍ମଶ୍ରୀ ଡଃ ଅଶୋକ କୁମାର ମହାପାତ୍ରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର(ସବ୍ୟୁ): ଭୁବନେଶ୍ୱର ଏମ୍ସର ନିର୍ଦ୍ଦେଶକ ପଦ୍ମଶ୍ରୀ ଡାକ୍ତର



ଅଶୋକ କୁମାର ମହାପାତ୍ରଙ୍କ ବିୟୋଗରେ ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ପରିବାରର ଅଧ୍ୟକ୍ଷ ସଜନ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ୱର୍ଗତ ଆତ୍ମାଙ୍କ ଅମରତ୍ୱ କାମନା କରାଯାଇଥିଲା । ଶ୍ରଦ୍ଧାଞ୍ଜଳି ଶୋଭାରେ ଆତ୍ମାଙ୍କ ସଦଗତି କାମନା କରି ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ପରିବାରର ବରିଷ୍ଠ କର୍ମକର୍ତ୍ତା ତଥା ପରିଚାଳନା ନିର୍ଦ୍ଦେଶକ ତଥା ଶିକ୍ଷାବିତ ଭବାନୀ ପ୍ରସାଦ ମିଶ୍ର , ଭାରତୀୟ ମଜଦୁର ସଂଘର ପ୍ରାକ୍ତନ ସାଂଗଠନିକ ସମ୍ପାଦକ କୃଷ୍ଣ ଚନ୍ଦ୍ର ମିଶ୍ର , ଆଧାତ୍ମିକ ପ୍ରବକ୍ତା କୁଳମଣି ରାଉତ , ପ୍ରଜ୍ଞାନ ପତ୍ରିକାର ସମ୍ପାଦକ ଆଶୁ କବି ହେମନ୍ତ ଜେନା, ଡାକ୍ତର ପ୍ରତାପ କୁମାର ପାଣି, ବରିଷ୍ଠ ସାମ୍ବାଦିକ ହରପ୍ରସାଦ ଦାସ, ବରିଷ୍ଠ କବି ମନୋରଞ୍ଜନ ଷଡ଼ଙ୍ଗୀ, ସାମ୍ବାଦିକ ସୁରେଶ କୁମାର ସାହୁ ଏବଂ ସୁବ୍ରତ କୁମାର ନାୟକ ପ୍ରମୁଖ ସ୍ୱର୍ଗତ ମହାପାତ୍ରଙ୍କ ସମର୍ପିତ ସେବା ଜୀବନ ଉପରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ଶ୍ରଦ୍ଧା ନିବେଦନ କରିଥିଲେ । ତାଙ୍କ ଅପ୍ରତ୍ୟାଶିତ ବିୟୋଗରେ ଦେଶରେ ଯେଉଁ ଶୂନ୍ୟ ସ୍ଥାନ ସୃଷ୍ଟି ହୋଇଛି ତାହା କେବେ ବି ପୂରଣ ହୋଇ ପାରିବ ନାହିଁ ବୋଲି ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ପ୍ରକାଶ ପାଇଛି ।

ଭଜନ ସମ୍ରାଟଙ୍କ ସଂଗୀତରେ ମନ ମୋହିଲେ ନୃତ୍ୟ ଶିଳ୍ପୀ ଡ଼କ୍ଟର ଚିତ୍ତରଞ୍ଜନ ସାହାଣୀ

ଭୁବନେଶ୍ୱର (ସବ୍ୟୁ): ଭଜନ ସମ୍ରାଟ,ଯଶସ୍ୱୀ ସଂଗୀତସାଧକ, ଶ୍ରୀଜଗନ୍ନାଥଙ୍କ ପରମଭକ୍ତ ତଥା ଚାମର ସେବକ ଶ୍ରୀ ଭିକାରୀ ବଳଙ୍କ ଷୋଡଶ ପୁଣ୍ୟତିଥି " ଭିକାରୀ ବଳ ସ୍ମୃତି ସଂସଦ " ତରଫରୁ କଟକ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ମହାସମାବେଶରେ ଅନୁଷ୍ଠିତ ହୋଇଛି । ଅନ୍ତର୍ଜାତୀୟ ସୁଖ୍ୟାତି ସମ୍ପନ୍ନ ବିଶିଷ୍ଟ ଓଡିଶୀ ନୃତ୍ୟଶିଳ୍ପୀ ତଥା ଓଡ଼ିଆ ଭାଷା ସାହିତ୍ୟର ବରିଷ୍ଠ ପ୍ରାଧ୍ୟାପକ ଡ଼କ୍ଟର ଚିତ୍ତରଞ୍ଜନ ସାହାଣୀ ସ୍ୱର୍ଗତ ଭିକାରୀ ବଳଙ୍କ ଭାବମୟ ସୁଲଳିତ କଣ୍ଠ ସଂଗୀତରେ ଅତ୍ୟନ୍ତ ଆଧାତ୍ମିକ ଚେତନାର ଓଡିଶୀନୃତ୍ୟ ପରିବେଷଣ କରି ଭରପୁର ସଭାଗୃହକୁ କିଛି ସମୟ ପାଇଁ ମନ୍ତ୍ରମୁଗ୍ଧ କରିଦେଇଛନ୍ତି । ମୁଖ୍ୟ ଅତିଥି ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, କଟକ ମେୟର ଶ୍ରୀଯୁକ୍ତ ସୁବାସ ସିଂହ, ବିଶିଷ୍ଟ ସାହିତ୍ୟକ ଡ଼କ୍ଟର ବିଜୟାନନ୍ଦ ସିଂହ, ଡ଼କ୍ଟର ବୈଜୟନ୍ତୀ ମିଶ୍ର, ସଭାପତି ଗୌର ପଟ୍ଟନାୟକ, ସମ୍ପାଦକ ଡ଼କ୍ଟର ସୁନାମଣି ରାଉତ ସଭାମଣ୍ଡନ କରି



ଭିକାରୀ ବଳଙ୍କ ସଂଗୀତ ଜୀବନ ଆଲୋଚନା ସହ ନୃତ୍ୟଶିଳ୍ପୀ ଡ଼କ୍ଟର ଚିତ୍ତରଞ୍ଜନଙ୍କୁ ଭୂୟସୀ ପ୍ରଶଂସା କରି ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ମାନିତ କରିଛନ୍ତି ।

ବାଲିଯାତ୍ରା ପ୍ଲଟ୍ ନିଲାମ ପ୍ରକ୍ରିୟା: ବର୍ଗଫୁଟ ପିଛା ୧୩୦୦ ଟଙ୍କା ଛୁଇଁଲା ଦର

କଟକ,(ସବ୍ୟୁ): ଐତିହାସିକ କଟକ ବାଲିଯାତ୍ରାକୁ ନେଇ ଏବେଠାରୁ ଜମିଲାଣି ଉତ୍ସାହ । ପ୍ଲଟ୍ ପଞ୍ଜିକରଣ ପ୍ରକ୍ରିୟା ଶେଷ ହେବା ପରେ ନଭେମ୍ବର ୨ ତାରିଖରୁ ଆରମ୍ଭ ହୋଇଛି ପ୍ଲଟ୍ ନିଲାମି । ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଏହି ନିଲାମି ପ୍ରକ୍ରିୟା ଚାଲିବ । ବିଭିନ୍ନ ପ୍ଲଟ୍ ପାଇଁ ଏକାଧିକ ଆବେଦନ ହୋଇଥିବାରୁ ନିଲାମି ପ୍ରକ୍ରିୟାରେ ଜୋରଦାର ପ୍ରତିଯୋଗିତା ଦେଖିବାକୁ ମିଳୁଛି । ଆଜି ସୁଦ୍ଧା ୫୩୬ ଟି ପ୍ଲଟର ନିଲାମି ଶେଷ ହୋଇଥିବାବେଳେ ସର୍ବାଧିକ ବର୍ଗଫୁଟ ପିଛା ୧୩୦୦ ଟଙ୍କାରେ ପ୍ଲଟ୍ ନିଲାମ ହୋଇଥିବା ଜଣାପଡ଼ିଛି । ନିଲାମି ପ୍ରକ୍ରିୟାକୁ ସ୍ୱଚ୍ଛ, ନିରପେକ୍ଷ ଓ ଶୃଙ୍ଖଳିତ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରାୟ ୭ଟି ଟିମ୍ ଗଠନ କରାଯାଇଛି । ବିଭିନ୍ନ ବ୍ଲକ୍ ପାଇଁ ଅଲଗା ଅଲଗା ସ୍ଥାନରେ ନିଲାମି ବ୍ୟବସ୍ଥା କରାଯାଇଛି । ଜଣେ ଆବେଦନକାରୀ ସର୍ବାଧିକ ୩ଟି ପ୍ଲଟ୍ ପାଇଁ ଅନଲାଇନ୍‌ରେ ଆବେଦନ କରିବାର ବ୍ୟବସ୍ଥା ରହିଥିଲା । ପ୍ରତିଦିନ ସକାଳ ୧୦ଟାରୁ ନିଲାମି ଆରମ୍ଭ ହୋଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲୁଛି । ଅପରାହ୍ନ ୨ଟାରୁ ୩ଟା ପର୍ଯ୍ୟନ୍ତ ମଧ୍ୟାହ୍ନ ବିରତି ରଖାଯାଇଛି । ଅନ୍ୟପକ୍ଷରେ, ନିଲାମିରେ ଭାଗ ନେବା ପାଇଁ ପଞ୍ଜିକରଣ କରିଥିବା ଆବେଦନକାରୀ ଯଦି ନିଲାମିରେ ଅଂଶଗ୍ରହଣ ନକରନ୍ତି, ତେବେ ସେମାନେ ଦାଖଲ କରିଥିବା ଫି' ଫେରସ୍ତ ପାଇବେ ନାହିଁ ବୋଲି ସୂଚନା ମିଳିଛି । ଚଳିତ ବର୍ଷ ପ୍ଲଟ୍ ପଞ୍ଜିକରଣ ପାଇଁ ବେସ୍ ପ୍ରାଇସ୍ ବର୍ଗଫୁଟ ପିଛା ୬୦ରୁ ୬୫ ଟଙ୍କା ମଧ୍ୟରେ ଧାର୍ଯ୍ୟ କରାଯାଇଥିଲା । ମାତ୍ର ନିଲାମିରେ ପ୍ରତିଯୋଗିତା ବଢ଼ିବା ସହ ଦର ୧୩୦୦ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଛି । ଚଳିତ ବର୍ଷ ବାଲିଯାତ୍ରା ପ୍ଲଟ୍ ନିଲାମି ପ୍ରକ୍ରିୟାକୁ ସୁରୁଖୁରୁରେ ଓ ସ୍ୱଚ୍ଛତାର ସହ ସମ୍ପନ୍ନ କରିବା ପାଇଁ ପ୍ରଶାସନ ସମସ୍ତ ପ୍ରସ୍ତୁତି କରିଛି ବୋଲି ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ ସୂଚନା ଦେଇଛନ୍ତି ।

ମୂଳ ହାଇକୋର୍ଟରୁ ଅବସରକାଳୀନ ସୁବିଧା ପାଇବାକୁ ହକ୍‌ଦାର ବିଚାରପତି

ଗୃହ ବିଭାଗ ଆଦେଶ ରଦ୍ଦ କଲେ ହାଇକୋର୍ଟ

କଟକ, (ସବ୍ୟୁ): ଗୋଟିଏ ହାଇକୋର୍ଟରୁ ଅନ୍ୟ ହାଇକୋର୍ଟକୁ ବଦଳି ହୋଇ ସେଠାରୁ ଅବସର ନେଇଥିଲେ ମଧ୍ୟ ବିଚାରପତି ନିଜ ମୂଳ ହାଇକୋର୍ଟ ଥିବା ରାଜ୍ୟରୁ ଅବସରକାଳୀନ ସୁବିଧା ପାଇବାକୁ ହକ୍‌ଦାର । ତେବେ ଅନ୍ୟ କୌଣସି ହାଇକୋର୍ଟରୁ ସମାନ ସୁବିଧା ନେଉନଥିବା ସର୍ତ୍ତ ପୂରଣ ହେବା ଆବଶ୍ୟକ । ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଓଡ଼ିଶା ହାଇକୋର୍ଟ ଏହା ସ୍ପଷ୍ଟ କରିଛନ୍ତି । ଓଡ଼ିଶା ହାଇକୋର୍ଟରୁ କୋଲକାତା ହାଇକୋର୍ଟକୁ ବଦଳି ହୋଇ ସେଠାରୁ ଅବସର ନେଇଥିବା ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ ଓ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି । ଅବସରପ୍ରାପ୍ତ ବିଚାରପତିଙ୍କୁ ମିଳୁଥିବା ସୁବିଧା କୌଣସି ଅନୁଗ୍ରହ ନୁହେଁ, ବରଂ ଦୀର୍ଘବର୍ଷର ନ୍ୟାୟିକ ସେବା ପରେ ସମ୍ମାନଜନକ ଅବସର ଜୀବନ ପାଇଁ ଏହା ଆବଶ୍ୟକ ବୋଲି ଖଣ୍ଡପୀଠ ମତ ଦେଇଛନ୍ତି । ଜଷ୍ଟିସ୍ ଦାଶ ୨୦୦୯ ଅକ୍ଟୋବର ୭ରେ ଓଡ଼ିଶା ହାଇକୋର୍ଟରେ ବିଚାରପତି ଭାବେ ନିଯୁକ୍ତି ପାଇଥିଲେ । ୨୦୨୨ରେ ତାଙ୍କୁ କୋଲକାତା ହାଇକୋର୍ଟକୁ ବଦଳି କରାଯାଇଥିଲା । ସେଠାରୁ ୨୦୨୪ ମେ ୨୦ରେ ସେ ଅବସର ଗ୍ରହଣ କରିଥିଲେ । ଅବସର ପୂର୍ବରୁ ସେ ଓଡ଼ିଶାରୁ ଚିକିତ୍ସା ସୁବିଧା ସହ ଘରୋଇ ସହାୟକ, ଡ୍ରାଇଭର, ସୁରକ୍ଷା ଓ ଟେଲିଫୋନ୍ ଭତ୍ତା ଆଦି ପାଇଁ ଆବେଦନ କରିଥିଲେ । ମାତ୍ର ରାଜ୍ୟ ଗୃହ ବିଭାଗ ୨୦୨୫ ଜୁଲାଇ ୩୧ରେ ଆଦେଶରେ କେବଳ ଚିକିତ୍ସା ସୁବିଧା ମଞ୍ଜୁର କରି ଅନ୍ୟ ସୁବିଧାଗୁଡ଼ିକୁ ଅଗ୍ରାହ୍ୟ କରିଥିଲା । ଏହାକୁ ଚ୍ୟାଲେଞ୍ଜ କରି ଜଷ୍ଟିସ୍ ଦାଶ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଶୁଣାଣି ବେଳେ ଖଣ୍ଡପୀଠ କହିଥିଲେ ଯେ, ସୁପ୍ରିମକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶାବଳୀ ଅନୁସାରେ ଜଣେ ବିଚାରପତି ପ୍ରଥମେ ନିଯୁକ୍ତି ପାଇଥିବା ରାଜ୍ୟ କିମ୍ବା ଅବସର ନେଇଥିବା ରାଜ୍ୟ ମଧ୍ୟରୁ ଯେକୌଣସି ଗୋଟିଏକୁ ଅବସରକାଳୀନ ସୁବିଧା ପାଇଁ ଚୟନ କରିପାରିବେ । ଗୋଟିଏ ହାଇକୋର୍ଟରୁ ଅନ୍ୟ ହାଇକୋର୍ଟକୁ ବଦଳି ହେବା ନ୍ୟାୟିକ ସେବାର ଏକ ଅଂଶବିଶେଷ । ଏହାଦ୍ୱାରା ମୂଳ ହାଇକୋର୍ଟ ପ୍ରତି ତାଙ୍କର ଦୀର୍ଘବର୍ଷର ସେବା ଓ ସମ୍ପର୍କ ଶେଷ ହୋଇଯାଏ ନାହିଁ । ସରକାରୀ ବ୍ୟବସ୍ଥାର ଉଦ୍ଦେଶ୍ୟ ହେଉଛି ଜଣେ ବିଚାରପତି ଯେପରି ଏକାଧିକ ରାଜ୍ୟରୁ ସମାନ ସୁବିଧା ନ ନିଅନ୍ତି । ଆବେଦନକାରୀ କୋଲକାତା ହାଇକୋର୍ଟରୁ ଏହି ସୁବିଧା ନେଉନଥିଲେ ଓଡ଼ିଶାରୁ ତାଙ୍କୁ ଏହା ପ୍ରଦାନ କରିବାରେ କୌଣସି ଆଇନଗତ ବାଧା ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି । ଏଥିସହ ଗୃହ ବିଭାଗର ୨୦୨୫ ଜୁଲାଇ ୩୧ରେ ଆଦେଶକୁ ରଦ୍ଦ କରିବା ସହ ଆବେଦନକାରୀ ଅନ୍ୟ କୌଣସି ହାଇକୋର୍ଟରୁ ସମାନ ସୁବିଧା ନେଉନଥିବା ଯାଞ୍ଚ କରି ରାୟ ପ୍ରକାଶ ପାଇବାର ୮ ସପ୍ତାହ ମଧ୍ୟରେ ସମସ୍ତ ଅବସରକାଳୀନ ସୁବିଧା ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି ।

ବରିଷ୍ଠ ନାଗରିକ ରବିନ୍ଦ୍ର ଚିନ୍ଦ୍ରାଙ୍କ ବିୟୋଗରେ ଶୋକସଭା



କଟକ, (ସ୍ୱପ୍ର) : ସ୍ଥାନୀୟ ୩୪ନଂ ୱାର୍ଡ ଅନ୍ତର୍ଗତ ବାସେଲୀସାହିର ବରିଷ୍ଠ ନାଗରିକ ସ୍ୱର୍ଗତଃ ରବିନ୍ଦ୍ର ଚିନ୍ଦ୍ରାଙ୍କ ଅକାଳ ବିୟୋଗରେ ଏକ ଶୋକସଭା ହୋଇଯାଇଛି । ମନୋରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକସଭାରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ସ୍ୱର୍ଗତଃ ରବିନ୍ଦ୍ର ଚନ୍ଦ୍ରାଙ୍କର ସ୍ମୃତିଚାରଣ କରିଥିଲେ । ଏହି ଶୋକସଭାରେ ବାସେଲୀସାହିର ସଭାପତି ସୁଜିତ୍ ମହାରଣା, ସମ୍ପାଦକ ଅଜୟ କୁମାର ସାହୁ, ବରିଷ୍ଠ ନାଗରିକ ସଦସ୍ୟ ଗଦାଧର ସାହୁ, ବୟୋଜ୍ୟେଷ୍ଠ ମୁରବୀ ବ୍ରହ୍ମାନନ୍ଦ ମହାରଣା, ରବିନ୍ଦ୍ର କୁମାର ଶୁକ୍ଳା ପ୍ରମୁଖ ସ୍ୱର୍ଗତଃ ଚିନ୍ଦ୍ରାଙ୍କର ସ୍ମୃତିଚାରଣ କରିଥିଲେ ।

କାନାରା ବ୍ୟାଙ୍କ ପକ୍ଷରୁ ଚତୁର୍ଥ କ୍ରିକେଟ୍ ପ୍ରିମିୟର ଲିଗ୍ (ସିପିଏଲ୍-୪) ଆୟୋଜିତ

ଭୁବନେଶ୍ୱର, (ସବ୍ୟୁ): କାନାରା ବ୍ୟାଙ୍କ, ମଣ୍ଡଳ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ଚତୁର୍ଥ କ୍ରିକେଟ୍ ପ୍ରିମିୟର ଲିଗ୍ (ସିପିଏଲ୍-୪) ତା ୦୧ ନଭେମ୍ବର ୨୦୨୬ ରିଖରେ ଭୁବନେଶ୍ୱରସ୍ଥିତ ଇଷ୍ଟ କୋଷ୍ଟ ରେଲୱେ ଷ୍ଟାଡିୟମ୍ ଠାରେ ଉତ୍ସାହ ଓ ଉଦ୍ଦୀପନାର ସହ ଆୟୋଜିତ ହୋଇଥିଲା । ଏହି କ୍ରୀଡ଼ା ଉତ୍ସବର ଶୁଭ ଉଦ୍‌ଘାଟନ କାନାରା ବ୍ୟାଙ୍କର ମହାପ୍ରବନ୍ଧକ ସୁବୋଧ କୁମାର ମଲ୍ଲିକଙ୍କ ଦ୍ୱାରା କରାଯାଇଥିଲା । ଉଦ୍‌ଘାଟନୀ ସମାରୋହରେ ପାଞ୍ଚଟି କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ପ୍ରବନ୍ଧକ ଏବଂ ବ୍ୟାଙ୍କର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କାର୍ଯ୍ୟନିର୍ବାହୀମାନେ ଉପସ୍ଥିତ ଥିଲେ । ଏହି ପ୍ରତିଯୋଗିତାରେ କାନାରା ବ୍ୟାଙ୍କ ମଣ୍ଡଳ କାର୍ଯ୍ୟାଳୟ ଭୁବନେଶ୍ୱର ଏବଂ ଅଧୀନସ୍ଥ କ୍ଷେତ୍ରୀୟ କାର୍ଯ୍ୟାଳୟର କର୍ମଚାରୀମାନେ ଉତ୍ସାହର ସହ କ୍ରିକେଟ୍ ଓ ବ୍ୟାଡମିଣ୍ଟନ୍ ଖେଳରେ ଅଂଶଗ୍ରହଣ କରିଥିଲେ । ଉଭୟ କ୍ରୀଡ଼ାରେ ଖେଳାଳିମାନେ



ଉଚ୍ଚକୋଟୀର ପ୍ରଦର୍ଶନ କରିବା ସହିତ ଦଳଗତ ଭାବନା, ଶୃଙ୍ଖଳା ଓ କ୍ରୀଡ଼ା ମନୋଭାବର ପରିଚୟ ଦେଇଥିଲେ । ପ୍ରତିଯୋଗିତାରେ କ୍ରିକେଟ୍ ବିଭାଗରେ ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ଦଳ ବିଜୟୀ ହୋଇଥିବା ବେଳେ ବ୍ୟାଡମିଣ୍ଟନ୍ ବିଭାଗରେ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ଦଳ ବିଜୟୀ ହୋଇଥିଲା । ଏହି କ୍ରୀଡ଼ା ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବ୍ୟାଙ୍କର ବିଭିନ୍ନ କାର୍ଯ୍ୟାଳୟର କର୍ମଚାରୀମାନଙ୍କ ମଧ୍ୟରେ ଏକତା, ସମନ୍ୱୟ, ସହଯୋଗ ଓ ଦଳଗତ ମନୋଭାବକୁ ସୁଦୃଢ଼ କରିବା । ସମସ୍ତଙ୍କ ସକ୍ରିୟ ଅଂଶଗ୍ରହଣ ଓ ଉତ୍ସାହପୂର୍ଣ୍ଣ ସହଯୋଗରେ ଉଚଖ-୪ ଏକ ସଫଳ ଓ ସ୍ମରଣୀୟ କ୍ରୀଡ଼ା ଉତ୍ସବରେ ପରିଣତ ହୋଇଥିଲା ।

ଜିନ୍ଦଲ ଲାଇଫ୍‌ଷ୍ଟାଇଲର ପାଥରେଡି କାରଖାନାରେ ପାଉଡର କୋଟିଂ ୟୁନିଟ୍ କାର୍ଯ୍ୟକ୍ଷମ

ଭିତିଭୂମି ଓ ମୋବିଲିଟି କ୍ଷେତ୍ର ପାଇଁ ଉନ୍ନତ ଫିନିଶିଂ କ୍ଷମତାର ସମ୍ପ୍ରସାରଣ

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ୍ ଷ୍ଟେନ୍‌ଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ ଷ୍ଟେନଲେସର ସହଯୋଗୀ ସଂସ୍ଥା ଜିନ୍ଦଲ ଲାଇଫ୍‌ଷ୍ଟାଇଲ୍ ହରିୟାଣାର ଗୁରୁଗ୍ରାମସ୍ଥିତ ପାଥରେଡି କାରଖାନାରେ ଏକ ଅତ୍ୟାଧୁନିକ ପାଉଡର କୋଟିଂ ୟୁନିଟ୍ କାର୍ଯ୍ୟକ୍ଷମ କରିଛି । ଏହି ୟୁନିଟର ବାର୍ଷିକ



ଉତ୍ପାଦନ କ୍ଷମତା ୫,୦୦୦ ମେଟ୍ରିକ୍ ଟନ୍ ରହିଛି । ଏହା ଦ୍ୱାରା କମ୍ପାନୀର ଉତ୍ପାଦନ କ୍ଷମତାରେ ନୂତନ ଫିନିଶିଂ ସୁବିଧା ଯୋଡ଼ି ହୋଇଛି । ଫଳରେ ମେଟ୍ରୋ ରେଳ ବ୍ୟବସ୍ଥା, ଅଟୋମୋବାଇଲ୍, ଭିତିଭୂମି, ମେଡିକାଲ୍ ଉପକରଣ ରାକ୍, ଓଇଏମ୍ ଲଗେଜ୍ ହ୍ୟାଣ୍ଡଲିଂ ସିଷ୍ଟମ୍ ଏବଂ ଅନ୍ୟାନ୍ୟ ଶିଳ୍ପ କ୍ଷେତ୍ର ପାଇଁ ବିଭିନ୍ନ ପ୍ରକାରର ଫିନିଶ୍ଡ ପ୍ରଡକ୍ଟ ଯୋଗାଇବାରେ କମ୍ପାନୀ ସକ୍ଷମ ହେବ । ଏହି ୟୁନିଟରେ ସ୍ୱୟଂଚାଳିତ କନ୍‌ଭେୟର୍ ଭିତ୍ତିକ ପ୍ରକ୍ରିୟା ସହ ସ୍ପ୍ରେ ଟେକ୍ନୋଲୋଜି, ନଅଟି ୱାଟର ଟ୍ୟାଙ୍କ୍ ଏବଂ ଉନ୍ନତ ନାନୋ ପ୍ରି-ଟ୍ରିଟମେଂଟ କେମିଷ୍ଟ୍ରି ବ୍ୟବହାର କରାଯାଇଛି । ବିଭିନ୍ନ ଆକାରର ଉପକରଣ ଓ ଯନ୍ତ୍ରାଂଶକୁ ପ୍ରକ୍ରିୟାକରଣ କରିବା ପାଇଁ ଏହାର କନ୍‌ଭେୟର୍ ସିଷ୍ଟମକୁ ଡିଜାଇନ୍ କରାଯାଇଛି । ଏହି ବ୍ୟବସ୍ଥା ମୋବିଲିଟି ଓ ଭିତିଭୂମି କ୍ଷେତ୍ରର ବିଭିନ୍ନ ଆବଶ୍ୟକତା ଅନୁଯାୟୀ ଉତ୍ପାଦର ଫିନିଶିଂ କାର୍ଯ୍ୟକୁ ସହଜ କରିବ ।

ଏହି ଅବସରରେ ଜିନ୍ଦଲ ଲାଇଫ୍‌ଷ୍ଟାଇଲର ସିଇଓ ଧୀରେନ୍ଦ୍ର ବାହାଦୁର ସିଂହ କହିଛନ୍ତି, "ଗ୍ରାହକଙ୍କ ଆବଶ୍ୟକତା ଓ ଆଶା ନିରନ୍ତର ପରିବର୍ତ୍ତନ ହେଉଥିବାରୁ, ସେମାନଙ୍କ ବିଭିନ୍ନ କାର୍ଯ୍ୟକ୍ଷମ ଓ ସୌନ୍ଦର୍ଯ୍ୟଗତ ଆବଶ୍ୟକତା ପୂରଣ କରିପାରୁଥିବା ଫିନିଶ୍ଡ ପ୍ରଡକ୍ଟ ଯୋଗାଇବା ଉପରେ ଆମେ ଗୁରୁତ୍ୱ ଦେଉଛୁ । ନୂତନ ପାଉଡର କୋଟିଂ ୟୁନିଟ୍ ଆମ ଉତ୍ପାଦନ କ୍ଷମତାରେ ଏକ ଗୁରୁତ୍ୱପୂର୍ଣ୍ଣ ନୂତନ ଦିଗ ଯୋଡ଼ିଛି । ଆମର ବର୍ତ୍ତମାନର ଉତ୍ପାଦ ବିଶେଷଜ୍ଞତା ସହିତ ଏହା ବିଭିନ୍ନ ପ୍ରକାରର ସର୍ଫେସ୍ ଫିନିଶ୍ ପ୍ରଦାନ କରିବାରେ ଅଧିକ ସୁବିଧା ଦେବ । ଆମର ଉତ୍ପାଦ ପୋର୍ଟଫୋଲିଓକୁ ବ୍ୟାପକ କରିବା ଏବଂ ବିଭିନ୍ନ କ୍ଷେତ୍ର ଓ ବଜାରର ଆବଶ୍ୟକତା ପୂରଣ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଜିନ୍ଦଲ ଲାଇଫ୍‌ଷ୍ଟାଇଲ୍ ଭାରତ ସମେତ ଜର୍ମାନୀ, ନ୍ୟୁଜିଲାଣ୍ଡ, ୟୁଏଇ ଏବଂ ବ୍ରାଜିଲ୍ ଭଳି ଅନ୍ତର୍ଜାତୀୟ ବଜାରର ବିଭିନ୍ନ ପ୍ରକଳ୍ପ ଓ ଗ୍ରାହକଙ୍କୁ ପୂର୍ବରୁ ଫିନିଶ୍ଡ ପ୍ରଡକ୍ଟ ଯୋଗାଇ ଆସୁଛି । ନୂତନ ୟୁନିଟ୍ ଦ୍ୱାରା କମ୍ପାନୀ ଏବେ ଆହୁରି ବ୍ୟାପକ ଫିନିଶିଂ ସମାଧାନ ପ୍ରଦାନ କରିପାରିବ ।

ମେଟାଲ ଲିମିଟେଡର ସ୍ତନ କର୍କଟ ସଚେତନତା ଓ ସହାୟତା କାର୍ଯ୍ୟକ୍ରମ

୧,୪୦୦ରୁ ଅଧିକ ଲୋକଙ୍କୁ ସାମିଲ କରିଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ସ୍ତନ କର୍କଟ ସଚେତନତା ମାସ ଅବସରରେ ଝାରସୁଗୁଡ଼ା, ଖଣି ଅଂଚଳ ଏବଂ ବାଲ୍କୋରେ ବିଭିନ୍ନ ସଚେତନତା, ସ୍ୱାସ୍ଥ୍ୟ ପରୀକ୍ଷା ଓ ଗୋଷ୍ଠୀ ସମ୍ପୃକ୍ତିମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୧,୪୦୦ରୁ ଅଧିକ ଲୋକ ଉପକୃତ ହେବା ସହ ଅଂଶଗ୍ରହଣ କରିଥିଲେ । ଏଥିରେ ସ୍ୱାସ୍ଥ୍ୟ ବିଶେଷଜ୍ଞ, କର୍କଟ ରୋଗରୁ ସୁସ୍ଥ ହୋଇଥିବା ବ୍ୟକ୍ତି, କର୍ମଚାରୀ ଓ ସ୍ଥାନୀୟ ଲୋକେ ସାମିଲ ହୋଇ ସ୍ତନ କର୍କଟ ସମ୍ପର୍କରେ ସଚେତନ ଆଲୋଚନା, ସ୍ୱାସ୍ଥ୍ୟସେବାର ସୁଗମତା ଏବଂ ସମୟୋଚିତ ଚିକିତ୍ସାର ଗୁରୁତ୍ୱକୁ ନେଇ ଜନସଚେତନତା ବୃଦ୍ଧି କରିଛି । ପ୍ରତିବର୍ଷ ଅକ୍ଟୋବର ମାସରେ ବିଶ୍ୱବ୍ୟାପୀ ପାଳନ କରାଯାଉଥିବା ସ୍ତନ କର୍କଟ ସଚେତନତା ମାସର ଉଦ୍ଦେଶ୍ୟ ହେଉଛି ସ୍ତନ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନତା ବଢ଼ାଇବା, ରୋଗର ଶୀଘ୍ର ଚିହ୍ନଟକୁ ପ୍ରୋତ୍ସାହିତ କରିବା ଏବଂ ଠିକ୍ ସମୟରେ ଚିକିତ୍ସା ସୁବିଧା ଉପଲବ୍ଧ କରାଇବା । ଏହି ଲକ୍ଷ୍ୟ ସହ ସମନ୍ୱୟ ରଖି ବେଦାନ୍ତ ଆଲୁମିନିୟମ ପକ୍ଷରୁ ସଚେତନତା ଅଧିବେଶନ, ସ୍ୱାସ୍ଥ୍ୟ ପରୀକ୍ଷା ଓ ବିଶେଷଜ୍ଞ ଚିକିତ୍ସା ସହାୟତା ମାଧ୍ୟମରେ ସମୁଦାୟ



ନିକଟରେ ସ୍ୱାସ୍ଥ୍ୟସେବା ପହଂଚାଇବା ସହ ରୋଗ ସମ୍ପର୍କିତ ଦ୍ୱିଧା ଓ ସାମାଜିକ ସଙ୍କୋଚ ଦୂର କରିବା ଏବଂ ସହାୟତା ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା ।

ଏହି ଅବସରରେ ବେଦାନ୍ତ ଆଲୁମିନିୟମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର କହିଥିଲେ, "ଏକ ସମୁଦାୟର ଜୀବନଧାରଣର ଗୁଣବତ୍ତା ଏହାର ସ୍ୱାସ୍ଥ୍ୟ ଓ ସୁସ୍ଥତା ସମ୍ପର୍କିତ ସଚେତନତା ସହ ଗଭୀର ଭାବେ ଜଡ଼ିତ । ଏହି ସଚେତନତା ଗଢ଼ିତୋଳିବା ପାଇଁ ନିରନ୍ତର ସମ୍ପୃକ୍ତି, ଖୋଲା ଆଲୋଚନା ଏବଂ ଠିକ୍ ସମୟରେ ଉପଯୁକ୍ତ ଜ୍ଞାନ ଉପଲବ୍ଧ କରାଇବା ଆବଶ୍ୟକ । ସ୍ତନ କର୍କଟ ସଚେତନତା ମାସ ଏଭଳି ଆଲୋଚନାକୁ ପ୍ରୋତ୍ସାହିତ କରିବା ଏବଂ ମହିଳାଙ୍କ ସ୍ୱାସ୍ଥ୍ୟ ପ୍ରତି ଅଧିକ ସତର୍କ ଓ ସକ୍ରିୟ ଆଭିମୁଖ୍ୟ ଗଢ଼ିତୋଳିବାର ସୁଯୋଗ ଦେଇଥାଏ । ଏହି ପଦକ୍ଷେପ ମାଧ୍ୟମରେ ଅଧିକ ସଚେତନ, ସକ୍ଷମ ଓ ସୁସ୍ଥ ସମୁଦାୟ ଗଠନରେ ଆମେ ଯୋଗଦାନ କରିବାକୁ ଆଶା କରୁଛୁ । ଝାରସୁଗୁଡ଼ାରେ ବେଦାନ୍ତ ଆଲୁମିନିୟମ, ବାଲ୍କୋ ମେଡିକାଲ ସେଂଟର (ବିଏମସି) ସହ ମିଳିତ ଭାବେ ଦୁଇଦିନିଆ କର୍କଟ ରୋଗ ପରୀକ୍ଷା ଶିବିର ଆୟୋଜନ କରି ସ୍ଥାନୀୟ ଲୋକଙ୍କ ନିକଟରେ ବିଶେଷଜ୍ଞ ସ୍ୱାସ୍ଥ୍ୟସେବା ପହଂଚାଇଥିଲା । ଏହି ଶିବିରରେ ପ୍ରାୟ ୧୪୫ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବାବେଳେ ପ୍ରାୟ ୩୫ ଜଣ ମହିଳାଙ୍କୁ ମାମୋଗ୍ରାଫି ପରୀକ୍ଷା ପାଇଁ ପରାମର୍ଶ ଦିଆଯାଇଥିଲା । ଏହାସହ ୫୦ରୁ ଅଧିକ ମହିଳାଙ୍କ ପାଇଁ ହ୍ୟୁମାନ ପାପିଲୋମା ଭାଇରସ୍ (ଏଚ୍‌ପିଭି) ପରୀକ୍ଷାର ବ୍ୟବସ୍ଥା କରାଯାଇଥିଲା । ବିଶେଷଜ୍ଞ ଡାକ୍ତରୀ ଦଳ ଓ ମାମୋଗ୍ରାଫି ସୁବିଧା ସହାୟତାରେ ମହିଳାମାନେ ନିଜ ଘର ନିକଟରେ ପରାମର୍ଶ ଓ ପରୀକ୍ଷା ସୁବିଧା ପାଇବା ସହ ସ୍ତନ ଓ ଗର୍ଭାଶୟ ଗ୍ରୀବା ସ୍ୱାସ୍ଥ୍ୟ ସମ୍ପର୍କରେ ଖୋଲା ଆଲୋଚନାର ସୁଯୋଗ ପାଇଥିଲେ । ଅନ୍ୟପକ୍ଷରେ, 'ସମର୍ଥ' ରୋଗୀ ସହାୟତା ଓ ସୁସ୍ଥତା ସମାବେଶରେ ୧୦୦ରୁ ଅଧିକ କର୍କଟ ରୋଗରୁ ସୁସ୍ଥ ହୋଇଥିବା ବ୍ୟକ୍ତି ଯୋଗଦେଇ ନିଜର ସଂଘର୍ଷ, ଅନୁଭୂତି ଓ ମନୋବଳର କାହାଣୀ ବାଣ୍ଟିଥିଲେ । ଏହାସହ ପ୍ରାୟ ୫୦ ଜଣ ମହିଳାଙ୍କ ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣ, ଡାକ୍ତର ରାଜେନ୍ଦ୍ର ପଟେଲଙ୍କ ଦ୍ୱାରା ପରିଚାଳିତ ସ୍ୱାସ୍ଥ୍ୟ ଆଲୋଚନାରେ ୩୦ରୁ ଅଧିକ ଅଂଶଗ୍ରହଣକାରୀଙ୍କ ଯୋଗଦାନ ଏବଂ 'ରାଇଡ୍ ଫର୍ ଏ କଜ୍' ସାଇକ୍ଲୋଥନ୍ ମାଧ୍ୟମରେ ୧,୦୦୦ରୁ ଅଧିକ ସମର୍ଥକଙ୍କୁ ସାମିଲ କରାଯାଇଥିଲା । ପ୍ରତ୍ୟେକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଭିନ୍ନ ଥିଲେ ମଧ୍ୟ, ଏହା ସମସ୍ତେ ମିଶି ମହିଳାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଅଧିକ ଖୋଲା ଆଲୋଚନା ଓ ସକ୍ରିୟ ସମ୍ପୃକ୍ତିର ଏକ ନୂଆ ଧାରାକୁ ପ୍ରତିଫଳିତ କରିଥିଲା । ଆଲୋଚନା, ଅଂଶଗ୍ରହଣ ଓ ଅନୁଭୂତି ବିନିମୟ ପାଇଁ ସୁଯୋଗ ସୃଷ୍ଟି କରି ଏହି କାର୍ଯ୍ୟକ୍ରମଗୁଡ଼ିକ ସମୁଦାୟକୁ ସ୍ତନ ସ୍ୱାସ୍ଥ୍ୟ ଓ ସାମଗ୍ରିକ ସୁସ୍ଥତା ପ୍ରତି ଅଧିକ ସଚେତନ ଓ ସକ୍ରିୟ ହେବାକୁ ପ୍ରୋତ୍ସାହିତ କରିଥିଲା ।

ଇରାନର କେଶମ୍ ଦ୍ୱୀପରେ ଆମେରିକାର ଆକ୍ରମଣ

ଯୁଦ୍ଧ ନକରିବାର ପ୍ରତିଶ୍ରୁତି ଖିଲାପ କଲେ ଟ୍ରମ୍ପ

ୱାଶିଂଟନ: ଇରାନ ସହ ପୁଣି ଯୁଦ୍ଧ ଆରମ୍ଭ କରିବାକୁ ଆମେରିକା ଚାହୁଁନାହିଁ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିବାର କିଛି ସମୟ ମଧ୍ୟରେ ଇରାନର କେଶମ୍ ଦ୍ୱୀପ ଉପରେ ଆମେରିକା ଆକ୍ରମଣ କରିଥିବା ଖବର ପ୍ରକାଶ ପାଇଛି। ସୋମବାର ଏହି ଆକ୍ରମଣ ହୋଇଥିବା ନେଇ ଆମେରିକୀୟ ଅଧିକାରୀଙ୍କ ସୂଚନା ଆଧାରରେ 'ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ୍' ରିପୋର୍ଟ କରିଛି। ଆମେରିକାର ଅଧିକାରୀମାନେ ଏହାକୁ ଯୁଦ୍ଧ ଆରମ୍ଭ କରିବା ପାଇଁ ନୁହେଁ, ବରଂ ମଧ୍ୟପ୍ରାଚ୍ୟରେ ଥିବା ଆମେରିକୀୟ ସାମରିକ ଘାଟି ଓ ସମ୍ପତ୍ତିର ସୁରକ୍ଷା ପାଇଁ କରାଯାଇଥିବା ପ୍ରତିରକ୍ଷାମୂଳକ କାର୍ଯ୍ୟ ବୋଲି କହିଛନ୍ତି। ତେବେ ଟ୍ରମ୍ପଙ୍କ ଯୁଦ୍ଧ ନ କରିବା ଘୋଷଣା ଓ ଆକ୍ରମଣ ଖବର ମଧ୍ୟରେ ଥିବା ବିରୋଧାଭାସ ଏବେ ଚର୍ଚ୍ଚାର ବିଷୟ ହୋଇଛି। ଇରାନର ସରକାରୀ ସମ୍ବାଦ ସଂସ୍ଥା 'ଇର୍ନା'



ଅନୁଯାୟୀ, କେଶମ୍ ଦ୍ୱୀପରେ ଏକାଧିକ ବିସ୍ଫୋରଣର ଶବ୍ଦ ଶୁଣାଯାଇଥିଲା। କିନ୍ତୁ ଏହି ବିସ୍ଫୋରଣ ଆମେରିକାର ଆକ୍ରମଣ ଯୋଗୁଁ ହୋଇଥିଲା କି ନାହିଁ, ତାହା ଇରାନ ସରକାର ସ୍ପଷ୍ଟ କରିନାହାନ୍ତି। ଆକ୍ରମଣରେ କେଉଁ ସ୍ଥାନ କ୍ଷତିଗ୍ରସ୍ତ ହୋଇଛି, କେତେ ଲୋକ ମୃତାହତ ହୋଇଛନ୍ତି କିମ୍ବା କେତେ କ୍ଷୟକ୍ଷତି ହୋଇଛି, ସେ ସମ୍ପର୍କରେ ମଧ୍ୟ ସବିଶେଷ ତଥ୍ୟ ମିଳିନାହିଁ। କେଶମ୍ ହେଉଛି ଇରାନର ଦକ୍ଷିଣ ଉପକୂଳରେ ଥିବା ଏକ ବଡ଼ ଦ୍ୱୀପ। ଏହା ହର୍ମୁଜ୍ ପ୍ରଣାଳୀର ପ୍ରବେଶପଥ ନିକଟରେ ଅବସ୍ଥିତ। ବିଶ୍ୱର ତୈଳ ପରିବହନର ଏକ ପ୍ରମୁଖ ସମୁଦ୍ରପଥ ହେଉଛି ହର୍ମୁଜ୍ ପ୍ରଣାଳୀ। ଏହି ଦ୍ୱୀପରେ ଇରାନର ଭୂତଳ କ୍ଷେପଣାସ୍ତ୍ର ଘାଟି, ନୌସେନା ଘାଟି ଓ ସମୁଦ୍ର ଜଳକୁ ପାନୀୟ ଜଳରେ ପରିଣତ କରୁଥିବା କେନ୍ଦ୍ର ରହିଛି। ତେଣୁ ସାମରିକ ଓ ରଣନୈତିକ ଦୃଷ୍ଟିରୁ ଏହି ଦ୍ୱୀପର ଗୁରୁତ୍ୱ ଅଧିକ। ଆମେରିକୀୟ ଅଧିକାରୀଙ୍କ କହିବା ଅନୁଯାୟୀ, ଇରାନର ଭୂମିରୁ ଆକାଶକୁ ମାଡ଼ କରୁଥିବା କ୍ଷେପଣାସ୍ତ୍ର ଯୋଗୁଁ ମଧ୍ୟପ୍ରାଚ୍ୟରେ ଥିବା ଆମେରିକୀୟ ସାମରିକ ଘାଟି ବିପଦରେ ପଡ଼ିଥିଲା। ଏହି ବିପଦ ଦୂର କରିବା ପାଇଁ ଆକ୍ରମଣ କରାଯାଇଥିଲା। ଇରାନ ପକ୍ଷରୁ ଆମେରିକୀୟ ବିମାନ ଉପରେ ଆକ୍ରମଣ ହେବା ପରେ ଆମେରିକା ଏହାର ଜବାବ ଦେଇଥିବା ନେଇ ମଧ୍ୟ ରିପୋର୍ଟ ପ୍ରକାଶ ପାଇଛି। ତେବେ ଏହି ଘଟଣା ସମ୍ପର୍କରେ ଇରାନର ପ୍ରତିକ୍ରିୟା ମିଳିନାହିଁ। ଆମେରିକାର କେନ୍ଦ୍ରୀୟ ସାମରିକ କମାଣ୍ଡ ମଧ୍ୟ ତୁରନ୍ତ କୌଣସି ମନ୍ତବ୍ୟ ଦେଇନାହିଁ।ଚଳିତ ବର୍ଷ ଫେବ୍ରୁଆରିରୁ ଆମେରିକା ଓ ଇରାନ ମଧ୍ୟରେ ସଂଘର୍ଷ ଲାଗି ରହିଛି। ଆମେରିକା ଓ ଇସ୍ରାଏଲ୍ର ଆକ୍ରମଣ ପରେ ଇରାନ ଉପସାଗରୀୟ ଦେଶଗୁଡ଼ିକରେ ଥିବା ଆମେରିକୀୟ ସାମରିକ ଘାଟି ଓ ସଂସ୍ଥାକୁ ଟାର୍ଗେଟ୍ କରିଥିଲା। ଏହାର ପ୍ରଭାବରେ ହର୍ମୁଜ୍ ପ୍ରଣାଳୀରେ ଜାହାଜ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

ଅଷ୍ଟମ ବେତନ କମିସନକୁ ବର୍ଷେ ପୂରିଲା

ନୂଆଦିଲ୍ଲୀ: କେନ୍ଦ୍ର ସରକାରୀ କର୍ମଚାରୀ ଓ ପେନ୍ସନ୍ଭୋଗୀଙ୍କ ପାଇଁ ଅଷ୍ଟମ ବେତନ କମିସନ ଗଠନକୁ ଆଜି ୧ ବର୍ଷ ପୂରଣ ହୋଇଛି। ୨୦୨୫ ନଭେମ୍ବର ୩ରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ରଞ୍ଜନା ପ୍ରକାଶ ଦେଶାଇଙ୍କ ଅଧ୍ୟକ୍ଷତାରେ ଏକ ତିନି ଜଣିଆ କମିସନ ଗଠନ ହୋଇଥିଲା। ଏଥିରେ ପ୍ରଫେସର ପୁଲକ ଘୋଷ ପାର୍ଟଟାଇମ୍ ସଦସ୍ୟ ଏବଂ ପଙ୍କଜ ଜୈନ ସଦସ୍ୟ-ସଚିବ ଅଛନ୍ତି। କମିସନକୁ ସୁପାରିସ ଦାଖଲ କରିବା ପାଇଁ ୧୮ ମାସ ସମୟ ଦିଆଯାଇଛି। ୨୦୨୭ ମେ ୩ ସୁଦ୍ଧା କମିସନ ରିପୋର୍ଟ ଦାଖଲ କରିବା ସମ୍ଭାବନା ରହିଛି। କମିସନ ଗଠନ ପରେ କେତେଗୁଡ଼ିଏ ଅଗ୍ରଗତି ହୋଇଛି। ୨୦୨୬ ଫେବ୍ରୁଆରି ୫ରେ କମିସନ ୧୮ଟି ପ୍ରଶ୍ନ ସମ୍ବଳିତ ପ୍ରଶ୍ନାବଳୀ ଜାରି କରିଥିଲା। ଏଥିରେ କର୍ମଚାରୀ, ପେନ୍ସନ୍ଭୋଗୀ, ବିଭିନ୍ନ ସଂଘ ଓ ସଂଗଠନଠାରୁ ଦରମା, ପେନ୍ସନ୍ ଓ କାର୍ଯ୍ୟ ପରିବେଶ ସମ୍ପର୍କରେ ମତାମତ ଲୋଡ଼ାଯାଇଥିଲା। ମାର୍ଚ୍ଚ ୩୧ ଥିଲା ମତାମତ ଦାଖଲର ଶେଷ ତାରିଖ ରଖାଯାଇଥିଲା। ମାର୍ଚ୍ଚ ୫ରୁ କମିସନ ସ୍ମାରକପତ୍ର ଗ୍ରହଣ ଆରମ୍ଭ କରିଥିଲା। କର୍ମଚାରୀ, ପେନ୍ସଭୋନାଗୀ, ବିଭିନ୍ନ ସଂଘ ଓ ସଂଗଠନ ସେମାନଙ୍କ ଦାବି ଏବଂ ପ୍ରସ୍ତାବ ଦାଖଲ କରିଥିଲେ। ପ୍ରଥମେ ଏପ୍ରିଲ୍ ୩୦ ଶେଷ ତାରିଖ ରହିଥିବା ବେଳେ ଏହାକୁ ପର୍ଯ୍ୟାୟକ୍ରମେ ମେ ୩୧ ଓ ଜୁନ୍ ୧୫ ପର୍ଯ୍ୟନ୍ତ ବଢ଼ାଯାଇଥିଲା। ଚଳିତବର୍ଷ ଏପ୍ରିଲରୁ କମିସନ ବିଭିନ୍ନ ସହର ଗସ୍ତ କରି ଆଲୋଚନା ଆରମ୍ଭ କରିଥିଲେ। ଏପ୍ରିଲ୍ ୨୪ରେ ଡେରାଡୁନଠାରେ କମିସନର ପ୍ରଥମ ପରାମର୍ଶ ବୈଠକ ହୋଇଥିଲା। ପରବର୍ତ୍ତୀ ସମୟରେ ପୁଣେ, ହାଇଦ୍ରାବାଦ, ଶ୍ରୀନଗର, ଲେହ, ଦିଲ୍ଲୀ,ଲକ୍ଷ୍ନୌ, ଭୁବନେଶ୍ୱର, କୋଲକାତା, ଜୟପୁର, ଚେନ୍ନାଇ, ଚଣ୍ଡିଗଡ଼, ବେଙ୍ଗାଲୁରୁ ଓ ମୁମ୍ବାଇ ଆଦି ସହରରେ



ବୈଠକ ହୋଇଛି। ତେବେ ନୂଆ ଦରମା କେତେ ହେବ, ପେନ୍ସନ୍ କେତେ ବଢ଼ିବ ଏବଂ ଫିଟ୍ମେଣ୍ଟ ଫ୍ୟାକ୍ଟର କେତେ ରହିବ ତାହା ଏ ପର୍ଯ୍ୟନ୍ତ ଜଣାଯାଇ ନାହିଁ। ସପ୍ତମ ବେତନ କମିସନ ଅନୁଯାୟୀ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ସର୍ବନିମ୍ନ ମୂଳ ଦରମା ବର୍ତ୍ତମାନ ୧୮,୦୦୦ ଟଙ୍କା ରହିଛି। ୨୦୨୬ ଜାନୁଆରି ୧ରୁ ନୂଆ ଦରମା ଲାଗୁ ହେବା ନେଇ ଆଶା ରହିଥିଲେ କେବେ ଏହା ଘୋଷଣା ହେବ ତାହାକୁ କର୍ମଚାରୀମାନେ ଅପେକ୍ଷା କରି ରହିଛନ୍ତି।

ସାମରିକ ଆତ୍ମନିର୍ଭରତା ଭାରତ ପାଇଁ ଜରୁରୀ : ନୌସେନା ମୁଖ୍ୟ

ନୂଆଦିଲ୍ଲୀ: ବର୍ତ୍ତମାନର ଅସ୍ଥିର ବୈଶ୍ୱିକ ଭୂ-ରାଜନୈତିକ ପରିସ୍ଥିତିରେ ଆତ୍ମନିର୍ଭରତା କୌଣସି ବିକଳ୍ପ ନୁହେଁ, ବରଂ ଏହା ଏକ ରଣନୈତିକ ଆବଶ୍ୟକତା ବୋଲି ନୌସେନା ମୁଖ୍ୟ ଆଡମିରାଲ କୃଷ୍ଣ ସ୍ୱାମୀନାଥନ ମଙ୍ଗଳବାର ସ୍ପଷ୍ଟ କରିଛନ୍ତି। ନୂଆଦିଲ୍ଲୀ ଠାରେ ଏକ ଥିଙ୍କ-ଟ୍ୟାଙ୍କ ଦ୍ୱାରା ଆୟୋଜିତ "ଦିଲ୍ଲୀ ଡିଫେନ୍ସ ଡାଏଲଗ୍"ରେ ଉଦବୋଧନ ଦେଇ ସେ କହିଛନ୍ତି ଯେ, ବାହ୍ୟ ଦେଶ କିମ୍ବା ସଂସ୍ଥା ଉପରେ ନିର୍ଭର ନକରି ନିଜ ବଳରେ ଯୁଦ୍ଧ ଲଢ଼ିବା, ଅପରେସନ୍ ଜାରି ରଖିବା ଏବଂ ନିଜକୁ ପରିସ୍ଥିତି ସହ ଖାପଖୁଆଇ ପାରୁଥିବା ଏକ ଶକ୍ତିଶାଳୀ ନୌସେନା ଗଠନ କରିବା ଭାରତ ପାଇଁ ଅତ୍ୟନ୍ତ ଜରୁରୀ।ଆଡମିରାଲ ସ୍ୱାମୀନାଥନ ସ୍ପଷ୍ଟ କରିଛନ୍ତି ଯେ, ଆତ୍ମନିର୍ଭରତାର ଅର୍ଥ ବିଶ୍ୱରୁ ଅଲଗା ହୋଇ ରହିବା ନୁହେଁ। ଏହା ଭାରତକୁ ବନ୍ଧୁରାଷ୍ଟ୍ରଗୁଡ଼ିକ ସହ ଦୁର୍ବଳତା ନୁହେଁ, ବରଂ ଶକ୍ତିଶାଳୀ ସ୍ଥିତିରେ ଥାଇ ସହଯୋଗ କରିବାକୁ ସମର୍ଥ କରିଥାଏ। ରୁଷ-ୟୁକ୍ରେନ୍ ଯୁଦ୍ଧ ଏବଂ ମଧ୍ୟପ୍ରାଚ୍ୟ ସଂଘର୍ଷର ଉଦାହରଣ ଦେଇ ସେ ଦର୍ଶାଇଥିଲେ ଯେ, ଯୁଦ୍ଧ ସମୟରେ ବୈଶ୍ୱିକ ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ହୁଏ। ତେଣୁ ଏକବିଂଶ ଶତାବ୍ଦୀର ନୌସେନା ପାଇଁ ସ୍ୱଦେଶୀ ଜ୍ଞାନକୌଶଳ ଓ ସାମରିକ ସାମର୍ଥ୍ୟ ହିଁ ଅପରେସନାଲ୍ ପ୍ରସ୍ତୁତିକୁ ସୁନିଶ୍ଚିତ କରିପାରିବ। ଏହାବ୍ୟତୀତ ନୌସେନା ମୁଖ୍ୟ ବୈଶ୍ୱିକ ସୁରକ୍ଷା ପ୍ରତି ଅସଂଗଠିତ ଗୋଷ୍ଠୀ କିମ୍ବା ବେସରକାରୀ ସଂସ୍ଥାଙ୍କ ବୃଦ୍ଧିପାଉଥିବା ପ୍ରଭାବ ନେଇ ଚିନ୍ତା ପ୍ରକାଶ କରିଥିଲେ। ପ୍ରଯୁକ୍ତିବିଦ୍ୟାର ସହଜ ଉପଲବ୍ଧତା ଯୋଗୁଁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଏବେ ଭଲ ଲୋକ ଏବଂ ଖରାପ ଲୋକ ଉଭୟଙ୍କ ହାତରେ ପହଞ୍ଚିପାରୁଛି ବୋଲି ସେ କହିଥିଲେ। ଏହି ଆହ୍ୱାନର ମୁକାବିଲା ପାଇଁ ଗବେଷଣା ଓ ବିକାଶ କ୍ଷେତ୍ରରେ ପୁଞ୍ଜିନିବେଶ ବୃଦ୍ଧି କରିବା, ପ୍ରତିରକ୍ଷା ସାମର୍ଥ୍ୟର ଅଭାବକୁ ପୂରଣ କରିବା ଏବଂ ନୂତନ ଜ୍ଞାନକୌଶଳକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେନାର ଅପରେସନାଲ୍ କ୍ଷମତାରେ ପରିଣତ କରିବା ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି।

ମରୁଡ଼ି ସ୍ଥିତିରେ ଚାଷୀଙ୍କ ସହ ରହିଛନ୍ତି ସରକାର : ମୋଦୀ

ପୁଣେ : ମହାରାଷ୍ଟ୍ରରେ ମରୁଡ଼ି ସ୍ଥିତି ଯୋଗୁଁ ସଙ୍କଟରେ ପଡ଼ିଥିବା ଚାଷୀଙ୍କୁ କେନ୍ଦ୍ର ସରକାର ସବୁପ୍ରକାର ସହାୟତା ଯୋଗାଇଦେବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଆଶ୍ୱାସନା ଦେଇଛନ୍ତି। ଏଭଳି ସଙ୍କଟ ସମୟରେ ଏନଡିଏ ସରକାର ଚାଷୀଙ୍କ ସହ ଦୃଢ଼ ଭାବେ ରହିଛି ବୋଲି ସେ କହିଛନ୍ତି। ଏଥିସହ ଆଗାମୀ ଦୀପାବଳି ପର୍ବ ସମୟରେ ମରୁଡ଼ି ପ୍ରଭାବିତ ଚାଷୀ ପରିବାରଗୁଡ଼ିକ ଯେପରି ଉତ୍ସବର ଖୁସିରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଦେଶବାସୀ ସେମାନଙ୍କୁ ସହଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି।ପୁଣେର ହିଞ୍ଜୱାଡ଼ି-ଶିବାଜୀନଗର ମେଟ୍ରୋ ଲାଇନ୍-୩ର ଉଦ୍ଘାଟନ ଅବସରରେ ଭିଡିଓ କନଫରେନ୍ସିଂ ଜରିଆରେ ଉଦବୋଧନ ଦେଇ ମୋଦୀ କହିଥିଲେ ଯେ ମହାରାଷ୍ଟ୍ରର ମରୁଡ଼ି ସ୍ଥିତି ସମ୍ପର୍କରେ ସେ ଅବଗତ ଅଛନ୍ତି। ରାଜ୍ୟ ସରକାର ଚାଷୀଙ୍କୁ ଆଗୁଆ ଆର୍ଥିକ ସହାୟତା ଦେଇଥିବା ବେଳେ କେନ୍ଦ୍ର ସରକାରଙ୍କ ପିଏମ୍-କିଷାନ ଯୋଜନାର ଅର୍ଥ ମଧ୍ୟ ଚାଷୀଙ୍କ ଖାତାକୁ ପଠାଯାଇଛି। ତେଣୁ



ଚାଷୀମାନେ ଚିନ୍ତା ନ କରିବାକୁ ସେ କହିଥିଲେ। ରାଜ୍ୟ ସରକାର ମରୁଡ଼ି ପ୍ରଭାବିତ ଅଞ୍ଚଳର ଯୋଗ୍ୟ ଚାଷୀଙ୍କୁ ଦୀପାବଳି ପୂର୍ବରୁ ୫ ହଜାର ଟଙ୍କା ଲେଖାଏଁ ଆଗୁଆ ସହାୟତା ଦେବାକୁ ଅନୁମୋଦନ କରିଛନ୍ତି। ଫସଲ କ୍ଷୟକ୍ଷତିର ଆକଳନ ଓ ଅନ୍ୟାନ୍ୟ ପ୍ରକ୍ରିୟା ଶେଷ ହେବା ପୂର୍ବରୁ ଚାଷୀଙ୍କୁ ତୁରନ୍ତ ଆଶ୍ୱସ୍ତି ଦେବା ଏହି ପଦକ୍ଷେପର ଉଦ୍ଦେଶ୍ୟ। ଅନ୍ୟପକ୍ଷରେ, ପିଏମ୍-କିଷାନ ସମ୍ମାନ ନିଧି ଯୋଜନାରେ ଯୋଗ୍ୟ ଚାଷୀ ପରିବାରଙ୍କୁ ବର୍ଷକୁ ୬ ହଜାର ଟଙ୍କା ତିନିଟି କିସ୍ତିରେ ଦିଆଯାଉଛି।ମୋଦୀ କହିଥିଲେ ଯେ ଚାଷୀମାନେ ଦେଶକୁ ବିକଶିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ସେମାନଙ୍କ ସଙ୍କଟ ସମୟରେ ସମାଜର ସମସ୍ତ ବର୍ଗ ସହଯୋଗର ହାତ ବଢ଼ାଇବା ଉଚିତ। ଦେଶର ବିକାଶ ପାଇଁ ରାସ୍ତା, ରେଳପଥ, ବିମାନବନ୍ଦର, ମେଟ୍ରୋ, ବିଦ୍ୟୁତ୍, ପାନୀୟ ଜଳ ଓ ଗ୍ୟାସ୍ ଯୋଗାଣ ଭଳି ଭିତ୍ତିଭୂମିର ବିକାଶ ସହ ଗରିବଙ୍କ ଜୀବନଧାରଣର ମାନ ବଢ଼ାଇବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ସେ କହିଥିଲେ।ଉଲ୍ଲେଖଯୋଗ୍ୟ, ମୋଦୀ ଏହି ଅବସରରେ ପୁଣେର ୨୩.୨ କିଲୋମିଟର ଦୀର୍ଘ ଉଚ୍ଚସ୍ତରୀୟ ମେଟ୍ରୋ ଲାଇନ୍-୩ର ଉଦ୍ଘାଟନ କରିଥିଲେ। ୮,୩୧୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ମେଟ୍ରୋ ଲାଇନ୍ରେ ୨୩ଟି ଷ୍ଟେସନ୍ ରହିଛି। ଏହା ପୁଣେର ଆଇଟି କେନ୍ଦ୍ର ହିଞ୍ଜୱାଡ଼ିକୁ ଶିବାଜୀନଗର ସହ ସଂଯୋଗ କରିବ। ଆସନ୍ତାକାଲି ସକାଳ ୬ଟାରୁ ଏହି ମାର୍ଗରେ ଯାତ୍ରୀସେବା ଆରମ୍ଭ ହେବାକୁ ଥିବା ବେଳେ ଏହାର ଟ୍ରେନଗୁଡ଼ିକୁ ମହିଳା ଚାଳକମାନେ ପରିଚାଳନା କରିବେ।

ନେପାଳରେ ହେଲିକପ୍ଟର ଧକ୍କା

ଭାରତୀୟ ନାଗରିକଙ୍କ ମୃତ୍ୟୁ

କାଠମାଣ୍ଡୁ: ନେପାଳରୁ ଏବେ ଏକ ବଡ଼ ଖବର ଆସିଛି। ଦୁଇଟି ହେଲିକପ୍ଟର ଧକ୍କା ହେବା ଫଳରେ ଏକ ଦୁର୍ଘଟଣା ଘଟିଛି। ରିପୋର୍ଟ ଅନୁସାରେ, ଅବତରଣ ସମୟରେ ଦୁଇଟି ହେଲିକପ୍ଟର ଧକ୍କା ହୋଇଥିଲା। କୁହାଯାଉଛି, ନେପାଳର ସୋଲୁଖୁମ୍ବୁରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣାର ଏକ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି, ଯେଉଁଥିରେ ଦୁଇଟି ହେଲିକପ୍ଟର ମଧ୍ୟରେ ଧକ୍କା ହୋଇଥିବା ଦେଖାଯାଉଛି। ଭିଡିଓରେ ଘଟଣାସ୍ଥଳ ନିକଟରେ ଅନେକ ଲୋକଙ୍କୁ ଠିଆ ହୋଇଥିବାର ଦେଖାଯାଉଛି।ରିପୋର୍ଟ ଅନୁସାରେ, ଏହି ଦୁର୍ଘଟଣାରେ ଜଣେ ବିଦେଶୀ ପର୍ଯ୍ୟଟକଙ୍କର ମୃତ୍ୟୁ ଘଟିଛି। ଏହା ଜଣେ ପାଇଲଟ୍ ଆହତ ହୋଇଛନ୍ତି। ନେପାଳ ପୁଲିସର ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ, ସକାଳ ପ୍ରାୟ ୮:୧୧ ସମୟରେ ମାଉଣ୍ଟ ଏଭରେଷ୍ଟ ଅଞ୍ଚଳର ଫେରିଚେରେ'ଫିସଟେଲ୍ ଏୟାର' ଏବଂ 'ଡାଇନେଷ୍ଟି ଏୟାର'ର ହେଲିକପ୍ଟର ଅବତରଣ କରିବା ସମୟରେ ଧକ୍କା ହେବା ଫଳରେ ଦୁର୍ଘଟଣା ଘଟିଥିଲା। ଫିସଟେଲ୍ ଏୟାର ହେଲିକପ୍ଟରଟି ପାଇଲଟ୍ ପ୍ରଜ୍ୱଳ କେସି ଉଡ଼ାଉଥିଲେ, ଯେତେବେଳେ ଏୟାର ଡାଇନେଷ୍ଟି ହେଲିକପ୍ଟରରେ ପାଇଲଟ୍ ରବୀନ୍ଦ୍ର ପ୍ରଜାପତି ଥିଲେ।ଫିସଟେଲ୍ ଏୟାର ହେଲିକପ୍ଟରରେ ଥିବା ଭାରତୀୟ ନାଗରିକ ବସନ୍ତ କୁମାର ବାଲାରାମାରୁଡୁଙ୍କର ଘଟଣାସ୍ଥଳେ ମୃତ୍ୟୁ ହୋଇଥିଲା। ଭାରତୀୟ ବଂଶୋଦ୍ଭବ ନ୍ୟୁଜିଲ୍ୟାଣ୍ଡ ନାଗରିକ ଶୈଳେଶ କୃଷ୍ଣ ପଟେଲ ଆହତ ହୋଇଥିଲେ ଏବଂ ତାଙ୍କୁ ପ୍ରଭୁ ହେଲିକପ୍ଟର ଦ୍ୱାରା କାଠମାଣ୍ଡୁର ମେଡିସିଟି ହସ୍ପିଟାଲକୁ ପଠାଯାଇଥିଲା। ଉଭୟ ହେଲିକପ୍ଟରର ପାଇଲଟଙ୍କ ମଧ୍ୟ ସାମାନ୍ୟ ଆଘାତ ଲାଗିଥିଲା ଏବଂ ସେମାନଙ୍କୁ ଚିକିତ୍ସା ପାଇଁ କାଠମାଣ୍ଡୁ ନିଆଯାଇଥିଲା। ପୁଲିସ କହିଛି ଯେ, ମୃତ ଭାରତୀୟ ପର୍ଯ୍ୟଟକଙ୍କ ମୃତଦେହକୁ ପୋଷ୍ଟମର୍ଟମ୍ ଏବଂ ଅନ୍ୟାନ୍ୟ ଆଇନଗତ ପ୍ରକ୍ରିୟା ପାଇଁ ଲୁକଲା ହସ୍ପିଟାଲକୁ ନିଆଯାଇଛି।

ଜଳଦସ୍ୟୁଙ୍କ କବଳରୁ ୨୦ ଇରାନୀଙ୍କୁ ଉଦ୍ଧାର କଲା ଭାରତୀୟ ନୌସେନା

ନୂଆଦିଲ୍ଲୀ: ସୋମାଲିଆ ଉପକୂଳରୁ ଜଳଦସ୍ୟୁମାନଙ୍କ ଦ୍ୱାରା କବଜା କରାଯାଇଥିବା ଇରାନୀ ମାଛ ଧରା ଜାହାଜ 'ଆଜିନି'କୁ ଭାରତୀୟ ନୌସେନା ମୁକ୍ତ କରିଛି। ଏଥିରେ ଥିବା ସମସ୍ତ ୨୦ ଜଣ ଇରାନୀ କ୍ରୁ ସଦସ୍ୟଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଛି। ଭାରତୀୟ ବାୟୁସେନା ମଧ୍ୟ ଏହି ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ୪୮ ଘଣ୍ଟାର ଏହି ଅଭିଯାନରେ କୌଣସି ମୃତାହତ ଘଟଣା ଘଟିନଥିଲା। ଭାରତର କାର୍ଯ୍ୟାନୁଷ୍ଠାନ ପରେ ଇରାନ କୃତଜ୍ଞତା ପ୍ରକାଶ କରିଛି ଏବଂ ଭାରତୀୟ ନୌସେନା ଏବଂ ବାୟୁସେନାର ସାହସ, ବୃତ୍ତିଗତ ଏବଂ ସମନ୍ୱୟକୁ ପ୍ରଶଂସା କରିଛି। ନୂଆଦିଲ୍ଲୀ ସ୍ଥିତ ଇରାନର ଦୂତାବାସ ଭାରତ ସରକାର, ଭାରତୀୟ ନୌସେନା ଏବଂ ଭାରତୀୟ ବାୟୁସେନାକୁ ସେମାନଙ୍କର ସଫଳ ଅଭିଯାନ ଦ୍ୱାରା ମାଛ ଧରା ଜାହାଜର କ୍ରୁ ସଦସ୍ୟଙ୍କୁ ଜଳଦସ୍ୟୁଙ୍କଠାରୁ ଉଦ୍ଧାର କରିଥିବାରୁ ଆନ୍ତରିକ କୃତଜ୍ଞତା ଜଣାଇଛି। ଦୂତାବାସ କହିଛି ଭାରତୀୟ ସଶସ୍ତ୍ର ବାହିନୀ ଦ୍ୱାରା ପ୍ରଦର୍ଶିତ ବୃତ୍ତିଗତ, ସାହସ ଏବଂ ପ୍ରଭାବଶାଳୀ ସମନ୍ୱୟକୁ ଆମେ ଉଚ୍ଚ ପ୍ରଶଂସା କରୁଛୁ।ଏହା ମାନବିକ ସହାୟତା ଏବଂ ବିପର୍ଯ୍ୟୟ ସହାୟତା ପ୍ରତି ଭାରତର



ଦୃଢ଼ ପ୍ରତିବଦ୍ଧତା ଏବଂ ସୀମା ବାହାରେ ଜୀବନ ରକ୍ଷା କରିବାରେ ଭାରତର ଭୂମିକାକୁ ପ୍ରତିଫଳିତ କରିଛି। ଏହି ମାନବିକ କାର୍ଯ୍ୟ ଇରାନ ଏବଂ ଭାରତ ମଧ୍ୟରେ ବନ୍ଧୁତା, ସଂହତି ଏବଂ ସହଯୋଗର ପ୍ରମାଣ । ଇରାନୀ କ୍ରୁଙ୍କ ସୁରକ୍ଷିତ ଉଦ୍ଧାର ସୁନିଶ୍ଚିତ କରିବାରେ ଜଡିତ ସମସ୍ତଙ୍କୁ ଆମେ ଆନ୍ତରିକ କୃତଜ୍ଞତା ଜଣାଉଛୁ।

କ୍ରୁଜ୍ ମିସାଇଲ୍ ପରୀକ୍ଷଣ କଲା ଉ.କୋରିଆ

ପୋଙ୍ଗୟାଙ୍ଗ: ଉତ୍ତର କୋରିଆ ରଣନୈତିକ କ୍ରୁଜ୍ କ୍ଷେପଣାସ୍ତ୍ର ପରୀକ୍ଷଣ କରି ପୁଣି ଥରେ ନିଜର ସାମରିକ ଶକ୍ତି ପ୍ରଦର୍ଶନ କରିଛି। ସରକାରୀ ଗଣମାଧ୍ୟମ କୋରିଆନ୍ କେନ୍ଦ୍ରୀୟ ସମାଚାର ଏଜେନ୍ସି (କେସିଏନଏ) ଏସମ୍ପର୍କରେ ରିପୋର୍ଟ କରାଯାଇଛି। ଗୋଟିଏ ଦିନ ପୂର୍ବରୁ ଉତ୍ତର କୋରିଆ ମଧ୍ୟ କ୍ଲଷ୍ଟର ବୋମା ଅସ୍ତ୍ର ପରୀକ୍ଷଣ କରିଥିଲା। କୋରିଆ ଉପଦ୍ୱୀପରେ ଦକ୍ଷିଣ କୋରିଆ ସହିତ ବଢୁଥିବା ଉତ୍ତେଜନା ମଧ୍ୟରେ ପ୍ୟୋଙ୍ଗୟାଙ୍ଗର ଏହି ସାମରିକ ପରୀକ୍ଷଣକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି। ଉତ୍ତର କୋରିଆର ସରକାରୀ ସମାଚାର ଏଜେନ୍ସି ଅନୁଯାୟୀ, ଏହି କ୍ରୁଜ୍ କ୍ଷେପଣାସ୍ତ୍ରର ମଧ୍ୟମ ଆକାରର ବିସ୍ଫୋରକ ଯୁଦ୍ଧାସ୍ତ୍ର କ୍ଲଷ୍ଟର ଯୁଦ୍ଧାସ୍ତ୍ର ମାଡ଼ କରିବାର କ୍ଷମତା ରହିଛି। ଏହା ୫ ରୁ ୬ ହେକ୍ଟର ଅଞ୍ଚଳକୁ ସମ୍ପୂର୍ଣ୍ଣ ଭାବରେ ପୋଡ଼ି ପାଉଁଶ କରିପାରିବ। ଏଜେନ୍ସି କହିଛି ଯେ ଏହି ପରୀକ୍ଷଣରେ ଶେଷ ପର୍ଯ୍ୟାୟରେ ଦିଗ ପରିବର୍ତ୍ତନ କରିବା ଏବଂ ଲକ୍ଷ୍ୟସ୍ଥଳ ଉପରେ ସଠିକ୍ ଭାବରେ ଆକ୍ରମଣ କରିବା ପାଇଁ କ୍ଷେପଣାସ୍ତ୍ରର କ୍ଷମତାକୁ ବିକଶିତ କରାଯାଇଛି। ଉତ୍ତର କୋରିଆର ଅଧିକାରୀମାନେ ଏହି କ୍ଷେପଣାସ୍ତ୍ର ପରୀକ୍ଷଣକୁ ଜାତୀୟ ସୁରକ୍ଷା ଏବଂ ବାହ୍ୟ ବିପଦ ବିରୋଧରେ ପ୍ରତିରକ୍ଷା ପାଇଁ ଅତ୍ୟାବଶ୍ୟକ ବୋଲି କହିଛନ୍ତି । କ୍ଷେପଣାସ୍ତ୍ର ପ୍ରଶାସନର ମହାନିର୍ଦ୍ଦେଶକଙ୍କ ଅନୁଯାୟୀ, ଏପରି ଶକ୍ତିଶାଳୀ ଅସ୍ତ୍ରଶସ୍ତ୍ର ସମ୍ଭାବ୍ୟ ବାହ୍ୟ ବିପଦରୁ ଦେଶକୁ ରକ୍ଷା କରିବା ସହିତ ସାମରିକ କ୍ଷମତାକୁ ସୁଦୃଢ଼ କରିବାରେ ସାହାଯ୍ୟ କରିବ।

ଗର୍ଭସ୍ଥ ଶିଶୁ ଉପରେ ପିତାଙ୍କର ଅଧିକାର ଅଛି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ: ଜଣେ ମହିଳାଙ୍କ ଗର୍ଭପାତ ପାଇଁ ଆବେଦନକୁ ନେଇ ସୁପ୍ରିମକୋର୍ଟରେ ସୋମବାର ଦିନ ଏକ ଜଟିଳ ପରିସ୍ଥିତି ଦେଖିବାକୁ ମିଳିଛି। ସ୍ୱାମୀଙ୍କ ସହ ବିବାଦ ଯୋଗୁଁ ମହିଳା ଜଣକ ଛଅ ମାସର ଗର୍ଭବତୀ ମହିଳା ଜଣକ ଗର୍ଭପାତ ପାଇଁ ଅନୁମତି ମାଗିଥିଲେ। ଅନ୍ୟପଟରେ ମହିଳାଙ୍କ ସ୍ୱାମୀ ଆବେଦନକୁ ବିରୋଧ କରି ଯୁକ୍ତି ଦର୍ଶାଇ ଥିଲେ ଯେ ତାଙ୍କର ମଧ୍ୟ ଗର୍ଭସ୍ଥ ଶିଶୁ ଉପରେ ଅଧିକାର ଅଛି। ମାମଲାର ଶୁଣାଣି ସମୟରେ ବିଚାରପତି ବି.ଭି. ନାଗାରଥନା ଏବଂ ଆର. ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି ଯେ ଦୁଷ୍କର୍ମ କିମ୍ବା ଯୌନ ନିର୍ଯାତନା ମାମଲାରେ ଗର୍ଭପାତକୁ ଅନୁମତି ଦିଆଯାଇପାରେ। କିମ୍ବା ଯଦି ଭ୍ରୁଣରେ କୌଣସି ସମସ୍ୟା ଥିବା ଜଣାପଡ଼େ, ତେବେ ବର୍ତ୍ତମାନର ମାମଲା ସମ୍ପୂର୍ଣ୍ଣ ଭିନ୍ନ। ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି ଯେ ଯଦି ଜଣେ ମହିଳା କେବଳ ଏହି ଆଧାରରେ ଗର୍ଭପାତ କରିବାକୁ ନିଷ୍ପତ୍ତି ନିଅନ୍ତି ଯେ ତାଙ୍କ ସ୍ୱାମୀ ଏବଂ ଶ୍ୱଶୁର ଘର ଲୋକେ ତାଙ୍କୁ ଖରାପ ବ୍ୟବହାର କରିଛନ୍ତି କିମ୍ବା ନିର୍ଯାତନା ଦେଇଛନ୍ତି, ତେବେ ସମାଜ କେଉଁ ଦିଗରେ ଯିବ। ସୁପ୍ରିମ କୋର୍ଟ ଆବେଦନକାରୀଙ୍କୁ ବୁଝାଇ କହିଛନ୍ତି ଯେ ଗର୍ଭରେ ଥିବା ଶିଶୁ ପ୍ରେମର ପ୍ରତୀକ ଏବଂ ଏହା ଉପରେ ପିତାଙ୍କର



ମଧ୍ୟ ଅଧିକାର ଅଛି। କୋର୍ଟ ମହିଳାଙ୍କୁ ଗର୍ଭପାତ ପାଇଁ ଜିଦ୍ ନ କରିବାକୁ କହିଥିଲେ। କାରଣ ଭ୍ରୁଣ ସମ୍ପୂର୍ଣ୍ଣ ସୁସ୍ଥ। କୋର୍ଟ କହିଛନ୍ତି ଯେ ସ୍ୱାମୀ ଏବଂ ସ୍ତ୍ରୀଙ୍କ ମଧ୍ୟରେ ମତଭେଦ ହେବା ସ୍ୱାଭାବିକ। କିନ୍ତୁ ଏହାର ଅର୍ଥ ନୁହେଁ ଯେ ସେମାନେ ଏହାକୁ ଆଧାର କରି ଗର୍ଭପାତ କରିବା ଉଚିତ।

ଏନସି ଛାଡ଼ିଲେ ଆଗା ରୁହୁଲ୍ଲା

ଶ୍ରୀନଗର: ଜମ୍ମୁ-କାଶ୍ମୀରର ରାଜନୀତିରେ ଏକ ବଡ଼ ପରିବର୍ତ୍ତନ ଘଟିଛି। ଶ୍ରୀନଗରର ଲୋକସଭା ସାଂସଦ ସୟଦ ଆଗା ରୁହୁଲ୍ଲା ମେହଦୀ ମଙ୍ଗଳବାର ନ୍ୟାସନାଲ କନଫରେନ୍ସ (ଏନସି) ଦଳରୁ ଇସ୍ତଫା ଘୋଷଣା କରିଛନ୍ତି। ଦଳର ନେତୃତ୍ୱ ୨୦୨୪ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପାଳନ କରିନଥିବା ଅଭିଯୋଗ କରି ସେ ଏହି ନିଷ୍ପତ୍ତି ନେଇଛନ୍ତି। ଏଥିସହ ଲୋକସଭା ସଦସ୍ୟ ପଦରୁ ମଧ୍ୟ ଇସ୍ତଫା ଦେବେ ବୋଲି ଘୋଷଣା କରିଛନ୍ତି। ଜମ୍ମୁ-କାଶ୍ମୀରର ଲୋକଙ୍କ ଅଧିକାର ଓ ସମ୍ମାନର ପୁନଃପ୍ରତିଷ୍ଠା ପାଇଁ ଏକ ନୂଆ ରାଜନୈତିକ ଆନ୍ଦୋଳନ ଗଢ଼ିବା ସହ ସେ ଏକ ନୂଆ ରାଜନୈତିକ ଦଳ ଗଠନର ମଧ୍ୟ ସଙ୍କେତ ଦେଇଛନ୍ତି। ବୁଡଗାମ ଜିଲ୍ଲାର ବେହିଷ୍ଟି ଜେହରା ପାର୍କରେ ନିଜ ପିତା ଆଗା ସୟଦ ମେହଦୀଙ୍କ ୨୬ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆୟୋଜିତ ସଭାରେ ରୁହୁଲ୍ଲା ଏହି ଘୋଷଣା କରିଥିଲେ।

୨ କୃଷି ଶ୍ରମିକଙ୍କୁ ଜାଳିଦେଲେ

ରାଜକୋଟ: ଗୁଜରାଟର ଅମରେଲି ଜିଲ୍ଲାରେ ଆଜି ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ୩୦ ହଜାର ଟଙ୍କାକୁ ନେଇ ବିବାଦରୁ ଜଣେ ନାବାଳକଙ୍କ ସମେତ ୨ ଜଣଙ୍କୁ ଗାଡ଼ି ଭିତରେ ଜୀଅନ୍ତା ଜାଳି ଦିଆଯାଇଛି। ଲିଲିୟା ତାଲୁକାର ଗୁନ୍ଦରନ ଗ୍ରାମରେ ଏହି ଘଟଣା ଘଟିଛି। ଏହି ଡବଲ୍ ମର୍ଡର ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୨ ଜଣଙ୍କୁ ଗିରଫ କରିଛି।ମୃତକଦ୍ୱୟ ହେଉଛନ୍ତି ରବି ବଧେଲ (୧୬) ଓ ନୀତିନ ପଚୟା (୨୧)। ଉଭୟ ମଧ୍ୟପ୍ରଦେଶର ବାସିନ୍ଦା ଏବଂ ଗୁନ୍ଦରନ ଗ୍ରାମରେ କୃଷି ଶ୍ରମିକ ଭାବେ କାମ କରୁଥିଲେ। ଜଳିଯାଇଥିବା ଗାଡ଼ିରୁ ପୁଲିସ ସେମାନଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର କରିଛି। ପୁଲିସର ସୂଚନା ଅନୁଯାୟୀ, ଦୁହେଁ ଏକ କ୍ଷେତ ନିକଟରେ ଗାଡ଼ି ଭିତରେ ଶୋଇଥିବାବେଳେ ସେଥିରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦିଆଯାଇଥିଲା।

ଅହମ୍ମଦାବାଦର ଜଗନ୍ନାଥ ମନ୍ଦିରରେ ଓଏସସିଏ ପକ୍ଷରୁ କୁମାରୋତ୍ସବ

ଅହମ୍ମଦାବାଦ: ଗୁଜରାଟର ଅହମ୍ମଦାବାଦସ୍ଥିତ ଓଡ଼ିଶା ସାମାଜିକ-ସାଂସ୍କୃତିକ ସଂଘ (ଓଏସସିଏ) ପକ୍ଷରୁ ଗାନ୍ଧୀନଗରର ଅଦାଲଜସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ କୁମାର ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଛି । ଏହି ଅବସରରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ, ଆଧ୍ୟାତ୍ମିକ ଓ କଳାତ୍ମକ ପରମ୍ପରାକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଉତ୍ସବରେ ଅହମ୍ମଦାବାଦ ମହାନଗର ନିଗମର କମିଶନର ବାଞ୍ଛାନିଧି ପାଣି ଏବଂ ଭାରତ ସରକାରଙ୍କ ପୂର୍ବତନ ସଚିବ ପି.କେ. ପୂଜାରୀ ଅତିଥିଭାବେ ଯୋଗଦେଇଥିଲେ । ସଂଘର ସଭାପତି ତଥା ଭାରତ ସରକାରଙ୍କ ପୂର୍ବତନ ସଚିବ ଏଚ୍.କେ. ଦାସଙ୍କ ସୂଚନା ଅନୁଯାୟୀ, ଅହମ୍ମଦାବାଦ ଓ ଆଖପାଖ ଅଞ୍ଚଳର ପ୍ରାୟ ୯୦୦ ଓଡ଼ିଆ ଏହି ଉତ୍ସବରେ ସାମିଲ ହୋଇଥିଲେ ।ଏହି ଅବସରରେ ଓଡ଼ିଆ କଳାଶିଳ୍ପୀ, ସଙ୍ଗୀତକାର, ଗୀତିକାର ତଥା ଅଭିନେତା ଚରଣ ମହାନ୍ତିଙ୍କ ସଙ୍ଗୀତ ପରିବେଷଣ ଉତ୍ସବକୁ ଆକର୍ଷଣୀୟ କରିଥିଲା । ସେ ଜଗନ୍ନାଥଙ୍କ ଭଜନ, ଭକ୍ତି ସଙ୍ଗୀତ ଓ ଲୋକପ୍ରିୟ ଓଡ଼ିଆ ଚଳଚ୍ଚିତ୍ର ଗୀତ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲେ ।କୁମାର ପୂର୍ଣ୍ଣିମା ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ମହାଲକ୍ଷ୍ମୀଙ୍କ ମଧ୍ୟରେ ପାରମ୍ପରିକ ଜୁଆ କଉଡ଼ି ବା ପଶା ଖେଳର ଦିବ୍ୟ ପରମ୍ପରା ସମ୍ପର୍କରେ ମଧ୍ୟ ଆଲୋକପାତ କରାଯାଇଥିଲା । ସଂଘର ସାଧାରଣ ସମ୍ପାଦକ ବଦ୍ରି



ନାରାୟଣ ମହାପାତ୍ର କହିଥିଲେ ଯେ, ଏହି ଉତ୍ସବର ଉଦ୍ଦେଶ୍ୟ ହେଉଛି ଓଡ଼ିଆ ସମ୍ପ୍ରଦାୟ ମଧ୍ୟରେ ସାଂସ୍କୃତିକ ସମ୍ପର୍କକୁ ମଜବୁତ କରିବା ସହ ଯୁବପିଢ଼ିଙ୍କୁ ନିଜ ସଂସ୍କୃତି ଓ ପରମ୍ପରା ସହ ଯୋଡ଼ି ରଖିବା । ଏଥିସହ ଗୁଜରାଟରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ ଓ କଳାକୁ ପ୍ରଚାର କରିବା ପାଇଁ ଏହା ଏକ ମଞ୍ଚ ପ୍ରଦାନ କରୁଛି ।

ଚର୍ଚ୍ଚାରେ ଓମାର ଅବଦୁଲ୍ଲା- ନିଧି ରାଜଦାନ

ନୂଆଦିଲ୍ଲୀ: ରାଜନୀତିର ମଇଦାନରେ ଚର୍ଚ୍ଚିତ ଚେହେରା ଓମାର ଅବଦୁଲ୍ଲା। ଆଉ ଟେଲିଭିଜନ୍ ପରଦାରେ ନିଜର ଦମଦାର ଉପସ୍ଥାପନା ପାଇଁ ପରିଚିତ ନିଧି ରାଜଦାନ। ଜଣେ ଜମ୍ମୁ-କଶ୍ମୀରର ମୁଖ୍ୟମନ୍ତ୍ରୀ, ଆଉ ଜଣେ ଦେଶର ଚର୍ଚ୍ଚିତ ସାମ୍ବାଦିକା। ଏବେ ଉଭୟଙ୍କ ଜୀବନରେ ଆରମ୍ଭ ହୋଇଛି ନୂଆ ଅଧ୍ୟାୟ। ଓମାରଙ୍କ ହାତ ଧରିଛନ୍ତି ନିଧି। ଏହି ବିବାହ ଖବର ସାମ୍ନାକୁ ଆସିବା ପରେ ସୋସିଆଲ୍ ମିଡିଆରୁ ଆରମ୍ଭ କରି ନ୍ୟୁଜ୍ ଦୁନିଆ ପର୍ଯ୍ୟନ୍ତ ସବୁଠି ଚର୍ଚ୍ଚା। ନିଧି ରାଜଦାନ। ଟିଭି ସାମ୍ବାଦିକତା ଜଗତର ଏକ ପରିଚିତ ନାଁ। ୧୧ ଏପ୍ରିଲ୍ ୧୯୭୭ରେ ଜମ୍ମୁ-କଶ୍ମୀରର ବଡ଼ଗାମ ଜିଲ୍ଲାରେ ତାଙ୍କ ଜନ୍ମ। ସାମ୍ବାଦିକତାର ପରିଚୟ ତାଙ୍କୁ ଅଚାନକ ମିଳିନଥିଲା। ପରିବାରରୁ ହିଁ ଥିଲା ଏହାର ପ୍ରେରଣା। ତାଙ୍କ ବାପା ମହାରାଜ କୃଷ୍ଣ ରାଜଦାନ ମଧ୍ୟ ଜଣେ ପ୍ରତିଷ୍ଠିତ



ସାମ୍ବାଦିକ ଥିଲେ। ସେ ପିଟିଆଇର ଏଡିଟର-ଇନ୍-ଚିଫ୍ ଭାବେ କାମ କରିଥିଲେ। ଦିଲ୍ଲୀରେ ପାଠପଢ଼ା ଶେଷ କରି ନିଧି ଲେଡି ଶ୍ରୀରାମ କଲେଜରୁ ସ୍ନାତକ ହୋଇଥିଲେ। ପରେ ଆଇଆଇଏମସିରୁ ରେଡିଓ ଓ ଟେଲିଭିଜନ୍ ଜର୍ଣ୍ଣାଲିଜିମରେ ପୋଷ୍ଟ ଗ୍ରାଜୁଏଟ୍ ଡିପ୍ଲୋମା କରିଥିଲେ। ୧୯୯୯ରେ ଏନଡିଟିଭି ସହ ଆରମ୍ଭ ହୋଇଥିଲା ନିଧିଙ୍କ ସାମ୍ବାଦିକତା ଯାତ୍ରା। ଦୀର୍ଘ ୨୧ ବର୍ଷ ଧରି ଏହି ଚ୍ୟାନେଲ୍ ସହ ଜଡ଼ିତ ରହିଥିଲେ ସେ। ରାଜନୈତିକ ବିତର୍କ ହେଉ କି ଦେଶର ଜ୍ୱଳନ୍ତ ପ୍ରସଙ୍ଗ, ତାଙ୍କ ପ୍ରଶ୍ନ ଓ ଉପସ୍ଥାପନା ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ସେହିପରି କଠୁଆ ଦୁଷ୍କର୍ମ ଓ ହତ୍ୟା ମାମଲାର ତଦନ୍ତମୂଳକ ରିପୋର୍ଟିଂ ପାଇଁ ମିଳିଛି ଇଣ୍ଟରନ୍ୟାସନାଲ୍ ପ୍ରେସ୍ ଇନଷ୍ଟିଚ୍ୟୁଟ୍ ଆୱାର୍ଡ। ତେବେ ନିଧିଙ୍କ ବ୍ୟକ୍ତିଗତ ଜୀବନ ମଧ୍ୟ ଚର୍ଚ୍ଚାରୁ ଦୂରରେ ନଥିଲା। ୨୦୦୫ରେ ସାମ୍ବାଦିକ ଓ ଲେଖକ ନୀଲେଶ ମିଶ୍ରାଙ୍କୁ ବିବାହ କରିଥିଲେ ସେ। ହେଲେ ମାତ୍ର ଦୁଇ ବର୍ଷ ପରେ ଅର୍ଥାତ୍ ୨୦୦୭ରେ ଉଭୟଙ୍କ ବିବାହ ବିଚ୍ଛେଦ ହୋଇଥିଲା। ସେପଟେ ଓମାର ଅବଦୁଲ୍ଲା ମଧ୍ୟ ୧୯୯୪ରେ ପାୟଲ ନାଥଙ୍କୁ ବିବାହ କରିଥିଲେ। ଉଭୟଙ୍କର ଦୁଇ ପୁଅ ଅଛନ୍ତି। ଦୀର୍ଘ ଦିନ ଧରି ଅଲଗା ରହିବା ପରେ ୨୦୨୬ ଜୁଲାଇରେ ସୁପ୍ରିମକୋର୍ଟଙ୍କ ଆଦେଶରେ ଏହି ବିବାହର ଆଇନଗତ ବିଚ୍ଛେଦ ହୋଇଥିଲା। ଆଉ ଏବେ ୫୬ ବର୍ଷୀୟ ଓମାର ଓ ୪୯ ବର୍ଷୀୟା ନିଧି ନିଜ ଜୀବନର ଦ୍ୱିତୀୟ ଇନିଂସ୍ ଆରମ୍ଭ କରିଛନ୍ତି। ଏପଟେ ଓମାରଙ୍କ ନୂଆ ଜୀବନ ଆରମ୍ଭକୁ ନେଇ ଶୁଭେଚ୍ଛାର ସୁଅ ଛୁଟୁଥିବାବେଳେ, ନିଧିଙ୍କ ଜୀବନ ଓ କ୍ୟାରିୟରକୁ ନେଇ ମଧ୍ୟ ଲୋକଙ୍କ ଆଗ୍ରହ ବଢ଼ିଛି। ଖବର ପରଦାରେ ଅନ୍ୟମାନଙ୍କ କାହାଣୀ କହୁଥିବା ନିଧି, ମୁଖ୍ୟମନ୍ତ୍ରୀଙ୍କୁ ବିବାହ କରିବା ପରେ ଏବେ ନିଜ ଜୀବନର ନୂଆ ଅଧ୍ୟାୟ ପାଇଁ ଚର୍ଚ୍ଚାରେ।

କିଟ୍‌ରେ ରଣଜୀ ଲଢେଇ

ଆଦିତ୍ୟ ଲଢିଲେ, ଅନୁକୂଳ ଗତି ଦେଲେ

ଝାଡଖଣ୍ଡ ୨୫୮/୫, ଦ୍ୱିତୀୟ ଦିନ ଝଡିଲା ୨ ୱିକେଟ୍

ଭୁବନେଶ୍ୱର, ୩।୧୧(ସବ୍ୟୁ) : ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ ସି ର ଏକ ମ୍ୟାଚରେ ଓଡିଶା ଓ ଝାଡଖଣ୍ଡ ମୁହାଁମୁହିଁ ହୋଇଛନ୍ତି । କିଟ୍ ଷ୍ଟାଡିୟମରେ ଖେଳାଯାଉଥିବା ଏହି ମ୍ୟାଚର ପ୍ରଥମ ଦିନ ବର୍ଷା ଯୋଗୁଁ ମାତ୍ର ୨୫ ଓଭର ସମ୍ଭବ ହୋଇଥିଲା । କିନ୍ତୁ ଦ୍ୱିତୀୟ ଦିନ ଖରା -ଛାଇର ଲୁଚକାଳୀ ଭିତରେ ୮୩ ଓଭର ଖେଳାଯାଇଛି । ଦ୍ୱିତୀୟ ଦିନ ପିଚ୍ ଏପରି ଥିଲା ଯେ, ଓଡିଶା ବୋଲର ଦିନ ତମାମ୍ ନାକେଦମ୍ ହୋଇ କେବଳ ଦୁଇ ୱିକେଟ ଝଡାଇବାକୁ ସକ୍ଷମ ହୋଇଥିଲେ । ଆଦିତ୍ୟ ସିଂ ବିପର୍ଯ୍ୟୟ ସ୍ଥିତି ସମ୍ଭାଳିଥିବା ବେଳେ ରନକୁ ଗତି ଦେଉଥିଲେ ଅନୁକୂଳ ରୟ । ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ଝାଡଖଣ୍ଡ ୧୦୮ ଓଭରରେ ୨୫୮/୫ ରନ କରିଛି । ଆଦିତ୍ୟ ସିଂ ୯୪ ରନ କରି ଶତକର ନିକଟତର ହୋଇଛନ୍ତି ।

ପ୍ରଥମ ଦିନର ଅସମାପ୍ତ ଇନିଂସ ୩୭/୩ ରୁ ଝାଡଖଣ୍ଡ ପାଳି ଆରମ୍ଭ କରିଥିଲା । ବିରାଟ ସିଂ ୧୪ ଓ ଆଦିତ୍ୟ ସିଂ ୧୦ ରନରୁ ଖେଳ ଆରମ୍ଭ କରିଥିଲେ । ଲାଗୁଥିଲା ଭଲ ପାଗରେ ଓଡିଶା ଝାଡଖଣ୍ଡର ପ୍ରଥମ ଇନିଂସକୁ ଶୀଘ୍ର ଶେଷ କରିଦେବ । କିନ୍ତୁ ବିରାଟ ଓ ଆଦିତ୍ୟଙ୍କ ଯୋଡି ସବୁ ବିଗାଡି ଦେଇଥିଲା । ଅବଶ୍ୟ ବିରାଟ ୧୪୩ ବଲର ସମ୍ମୁଖୀନ ହୋଇ ୩୯ ରନ ସ୍କୋରରେ ରଥଭଙ୍କ ଶିକାର ହୋଇଥିଲେ । ଏହାପରେ ଆଦିତ୍ୟ ଓ ଅନୁକୂଳ ପଞ୍ଚମ ୱିକେଟ ପାଇଁ ୧୫୫ ରନର ଭାଗିଦାରୀ କରିଥିଲେ । ପ୍ରଥମ ଓ ଦ୍ୱିତୀୟ ଅଧିବେଶନରେ ଦୁହେଁ ଏତେ ଧୀମା ଖେଳିଥିଲେ ଯେ ଓଡିଶା ବୋଲର ହତୋତ୍ସାହିତ ହୋଇଥିଲେ । ଅନୁକୂଳ ସମୟକ୍ରମେ ୧୪୦ ବଲର ସମ୍ମୁଖୀନ ହୋଇ ୭ ଚୌକା ଓ ୨ ଟି ଛକା ସହାୟତାରେ ୮୯ ରନ କରି ଶତକର ନିକଟତର ହୋଇଥିବା ବେଳେ ରଥଭଙ୍କ ବଲକୁ ଫାଇନଲେଗ୍ ଅଞ୍ଚଳକୁ ଖେଳି ବାଦଲ ବିଶ୍ୱାଳଙ୍କ ହାତରେ ଧରା ପଡିଥିଲେ । ଯୋଡି ଭାଙ୍ଗିବା ପରେ ପଡିଆକୁ ଆସିଥିଲେ ରବିନ ମିଞ୍ଜ । ସେ ୨୭ ବଲରୁ ୧୧ ରନ କରି ଅପରାଜିତ ଅଛନ୍ତି । ଆଦିତ୍ୟ ସିଂଙ୍କ ଯୋଗୁଁ ଝାଡଖଣ୍ଡ ବିପର୍ଯ୍ୟୟରୁ ବର୍ତ୍ତୀଯାଇଛି । ଆଦିତ୍ୟ ୨୮୩ ବଲ ଅର୍ଥାତ୍ ପାଖାପାଖି ୪୭ ଓଭର ବ୍ୟାଟିଂ କରି ୮ ଚୌକା ସହାୟତାରେ ଅପରାଜିତ ୯୪ ରନ କରିଛନ୍ତି । ପଡିଆରେ ଆଲୋକର ଅଭାବ କାରଣରୁ ଅମ୍ପାୟାର ମ୍ୟାଚକୁ ନିର୍ଦ୍ଧାରିତ କୋଟାର ୭ ଓଭର ପୂର୍ବରୁ ବନ୍ଦ କରିଥିଲେ । ଓଡିଶାର ରାଜେଶ ମହାନ୍ତି ୨ ଟି, ନିନାଦ ରଥଭ ଓ ବାଦଲ ବିଶ୍ୱାଳ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ ।

ଗୁରୁତ୍ୱପୂର୍ଣ୍ଣ ରହିବ ପ୍ରଥମ ସେସନ

ମ୍ୟାଚର ତୃତୀୟ ଦିନ ପ୍ରଥମ ସେସନ୍ ଗୁରୁତ୍ୱପୂର୍ଣ୍ଣ ରହିବ । ଓଡିଶା ଦଳ ଅଧିକରୁ ଅଧିକ ୱିକେଟ ଅକ୍ତିଆର କରି ମଧ୍ୟାହ୍ନ ଭୋଜନ ବିରତି ସୁଦ୍ଧା ଝାଡଖଣ୍ଡକୁ ଅଲଆଉଟ୍ କରିବା ପାଇଁ ଚେଷ୍ଟା କରିବ । ୨୫୦ ରୁ ଅଧିକ ରନ୍ ହୋଇସାରିଛି । ତେଣୁ ୩୦୦ ରନ ମଧ୍ୟରେ ଝାଡଖଣ୍ଡକୁ ଅଟକାଇ ପାରିଲେ ଓଡିଶା ପାଇଁ ସୁଯୋଗ ରହିବ । ପିଚ୍‌ର ସ୍ଥିତି ଫ୍ଲାଟ ଥିବାରୁ ଝାଡଖଣ୍ଡ ଆଦୌ ପାଳି ଘୋଷଣା କରିବାକୁ ଚାହିଁବ ନାହିଁ । ଏକ ସୁରକ୍ଷିତ ରନ ପରେ ହିଁ ଦଳ ପାଳି ଘୋଷଣାର ନିଷ୍ପତ୍ତି ନେଇପାରେ । ଏହା ପୂର୍ବରୁ ଓଡିଶା ଦଳ ଝାଡଖଣ୍ଡକୁ ଅଲଆଉଟ୍ କରି ମ୍ୟାଚକୁ ନିଜ ନିୟନ୍ତ୍ରଣକୁ ନେବାକୁ ଚେଷ୍ଟା କରିବ ।



ପ୍ରଥମ ଦିନ ବର୍ଷା କାଳ ହେଲା, ଆଉ ୧୦ ଓଭର ମିଳିଥିଲେ ଫଳାଫଳ ଅଲଗା ହୋଇଥାନ୍ତା

ପ୍ରଥମ ଦିନ ବର୍ଷା ଯୋଗୁଁ ଦୁଇଟି ସେସନରୁ ଅଧିକ ବାଧାପ୍ରାପ୍ତ ହୋଇଥିଲା । କେବଳ ୨୫ ଓଭର ଖେଳ ସମ୍ଭବ ହୋଇଥିଲା । ଆଲୋକର ଅଭାବ କାରଣରୁ ମ୍ୟାଚ ଅପରାହ୍ନ ୨.୪୫ ରୁ ବନ୍ଦ ହୋଇଥିଲା । ଯଦି ଆଉ ୧୦ ଓଭର ଓଡିଶାକୁ ବୋଲିଂ କରିବାର ସୁଯୋଗ ମିଳିଥାନ୍ତା, ତେବେ ନିଶ୍ଚିତ ଭାବେ ଫଳ ଅଲଗା ହୋଇଥାନ୍ତା । କାରଣ ପ୍ରଥମ ଦିନ ପିଚରେ ଜୀବନ ଥିଲା, ବଲ ବାଉନ୍ସ ହେଉଥିଲା, ଭଲ ସୁଇଂ ମିଳୁଥିଲା । ତେଣୁ ଓଡିଶା ବୋଲର ଶୀଘ୍ର ୩ ୱିକେଟ ଝାଡିବାକୁ ସକ୍ଷମ ହୋଇଥିଲେ । ଯଦି ଆଉ ୨/୩ ୱିକେଟ ଝଡି ଥାନ୍ତା ତେବେ ଓଡିଶା ଦ୍ୱିତୀୟ ଦିନ ବ୍ୟାଟିଂର ସୁଯୋଗ ପାଇଥାନ୍ତା । ଆଗକୁ ଓଡିଶା ବ୍ୟାଟରଙ୍କୁ ଜଗିରଖି ଖେଳିବାକୁ ହେବ । ତେବେ ଯାଇ ଆମେ ଝାଡଖଣ୍ଡ ବିପକ୍ଷରେ ଦୃଢ ଜବାବ୍ ଦେଇପାରିବୁ ବୋଲି କୋଚ୍ କହିଛନ୍ତି ।

ବରିଷ୍ଠ ଖେଳାଳିଙ୍କ ପାଇଁ କବାଟ ଖୋଲା ଅଛି : ପ୍ରଭଞ୍ଜନ

ଚଳିତ ରଣଜୀ ଋତୁରେ ଏପର୍ଯ୍ୟନ୍ତ ଓଡିଶା ଭଲ ପ୍ରଦର୍ଶନ ଦେଖାଇପାରିନାହିଁ । ପ୍ରତି ମ୍ୟାଚରେ ଖେଳାଳିଙ୍କ ଅଦଳବଦଳ ହେଉଛି । ନବାଗତଙ୍କୁ ସୁଯୋଗ ଦେବା ଭଲ ପଦକ୍ଷେପ । ଟିମ୍ ମ୍ୟାନେଜମେଣ୍ଟର ନିଷ୍ପତ୍ତିକୁ ସମସ୍ତେ ଗ୍ରହଣ କରିବା ଉଚିତ । ଓଡିଶା ପ୍ରଥମ ଦୁଇଟି ମ୍ୟାଚ ହାରିଥିଲା । ତୃତୀୟ ମ୍ୟାଚରେ ବର୍ଷା କାରଣରୁ ୧ ପଏଣ୍ଟ ମିଳିଥିଲା ଏବଂ ଚତୁର୍ଥ ମ୍ୟାଚରେ ଦଳ ୩ ପଏଣ୍ଟ ପାଇଁ ଯୋଜନା କରିଛି । ସବୁଠୁ ବଡ କଥା ହେଉଛି ଓଡିଶା ରଣଜୀ ଦଳରେ ବରିଷ୍ଠ ଖେଳାଳିଙ୍କୁ ସୁଯୋଗ ଦିଆଯାଉନଥିବା ଯେଉଁ ଅଭିଯୋଗ ହେଉଛି ତାହା ଉଚିତ ନୁହେଁ । କାରଣ ଓଡିଶା କ୍ରିକେଟ ଆସୋସିଏସନ କୌଣସି ଖେଳାଳିଙ୍କୁ ଅବସର ପାଇଁ ବାଧ୍ୟ କରିନି । ଉଚ୍ଚକୋଟିର ପ୍ରଦର୍ଶନ ଦେଖାଇ ଦଳକୁ ଫେରିବାର ବାଟ ଖୋଲା ଅଛି । ବିପ୍ଳବଙ୍କ ଭଳି ଜଣେ ବରିଷ୍ଠ ଖେଳାଳିଙ୍କ ଲାଗି ସବୁବେଳେ ସୁଯୋଗ ରହିଛି । ସେ ୧୪ /୧୫ ବର୍ଷ ଧରି ଓଡିଶା କ୍ରିକେଟରେ ସକ୍ରିୟ ଅଛନ୍ତି । ଗତ ରଣଜୀ ସିଜନର ଶେଷ କେତୋଟି ମ୍ୟାଚ ଖେଳି ଭଲ ପ୍ରଦର୍ଶନ ଦେଖାଇଥିଲେ । ମୁଁ ଆଶା କରିବି ବିପ୍ଳବ ନିଜ ଦକ୍ଷତା ଓ ଅଭିଜ୍ଞତା ବଳରେ ଦଳକୁ ଫେରନ୍ତୁ ବୋଲି ମୁଖ୍ୟ କୋଚ ପ୍ରଭଞ୍ଜନ କହିଛନ୍ତି ।

ଚଳିତ ରଣଜୀ ଋତୁରେ ଟିମ୍ ମ୍ୟାନେଜମେଣ୍ଟ ନବାଗତଙ୍କୁ ସୁଯୋଗ ଦେବା ପାଇଁ ନିଷ୍ପତ୍ତି ନେଇଛି । ଓମ୍ ଟି ମୁଣ୍ଡେ, ଗୌରବ ଚୌଧୁରୀ, ଭରଦ୍ୱାଜଙ୍କ ଭଳି ଯୁବ ଖେଳାଳିଙ୍କ ଉପରେ ନଜର ରହିଛି । ଭରଦ୍ୱାଜଙ୍କୁ ବରିଷ୍ଠ ଦଳରେ ସୁଯୋଗ ମିଳିନଥିବାରୁ ସେ ୨୩ ବର୍ଷରୁ କମ୍ ଓଡିଶା ଦଳରେ ଖେଳୁଛନ୍ତି । କିଛି ଯୁବ ତାରକାଙ୍କୁ ଗୋଟିଏ ଦୁଇଟି ମ୍ୟାଚ ପରେ ଦଳକୁ ବାଦ ଦେବା ପ୍ରଶ୍ନର ଉତ୍ତରରେ କୋଚ କହିଛନ୍ତି ତୌଫିଲ ଅହମ୍ମଦଙ୍କ ଭଳି ଯୁବ ଖେଳାଳି ଗତବର୍ଷ ଓଡିଶା ରଣଜୀ ଦଳର ଡେବ୍ୟୁ କରିଥିଲେ । ଝାଡଖଣ୍ଡ ବିପକ୍ଷ ମ୍ୟାଚରେ ୮ ୱିକେଟ ମଧ୍ୟ ନେଇଥିଲେ । କିନ୍ତୁ ସେ ଓଡିଶା ରଣଜୀ ଦଳର ପ୍ରଥମ ପସନ୍ଦ ନୁହଁନ୍ତି । ବାମହାତୀ ସ୍ପିନର ସୁମିତ ଶର୍ମାଙ୍କ ଅସୁସ୍ଥତା କାରଣରୁ ତୌଫିଲ ଓଡିଶା ଦଳରେ ସ୍ଥାନ ପାଇଥିଲେ । ଭଲ ପ୍ରଦର୍ଶନ ମଧ୍ୟ କରିଥିଲେ । କିନ୍ତୁ ତାଙ୍କୁ ନିଜ ବୟସ ବର୍ଗ ପ୍ରତିଯୋଗିତାରେ ଆହୁରି ଭଲ ପ୍ରଦର୍ଶନ କରି ରଣଜୀ ଦଳ ପାଇଁ ନିଜକୁ ପ୍ରମାଣିତ କରିବାକୁ ହେବ । ସେହିଭଳି ଓମକାର ମହାନ୍ତି ମଧ୍ୟ ପ୍ରଶାନ୍ତ ରଣାଙ୍କ ସ୍ଥାନରେ ଦଳରେ ସୁଯୋଗ ପାଇଥିଲେ । ସେ ଦଳର ପ୍ରଥମ ପସନ୍ଦ ନଥିଲେ କିନ୍ତୁ ସ୍ଥାନ ପାଇ ଭଲ ପ୍ରଦର୍ଶନ ଦେଖାଇଥିଲେ । ଯୁବ ଖେଳାଳିଙ୍କ ପାଖରେ ପର୍ଯ୍ୟାପ୍ତ ସୁଯୋଗ ଅଛି । ଭଲ ପ୍ରଦର୍ଶନ ମାଧ୍ୟମରେ ହିଁ ଦଳରେ ସ୍ଥାନ ପାଇପାରିବେ । ଆଗକୁ ଦିନିକିଆ ଓ ଟି -୨୦ ଫର୍ମାଟର ପ୍ରତିଯୋଗିତା ରହିଛି । ଏପର୍ଯ୍ୟନ୍ତ ଓଡିଶା ଦଳ ଘୋଷଣା ହୋଇନାହିଁ । ତେଣୁ ଯୁବ ଖେଳାଳିଙ୍କ ପାଇଁ ସୁଯୋଗ ରହିଛି ବୋଲି କୋଚ୍ ପ୍ରଭଞ୍ଜନ ମଲ୍ଲିକ କହିଛନ୍ତି ।

ରାଜକନିକା କପ ଫୁଟବଲ ସେମିରେ ଜଗା ୟୁନାଇଟେଡ୍

ରାଜକନିକା, ୩/୧୧(ସବ୍ୟୁ) : ରାଜକନିକା ଆଥେଲେଟିକ ଆସୋସିଏସନ ଆନୁକୂଲ୍ୟରେ ଆର. ଏନ ହାଇସ୍କୁଲ ମିନି ଷ୍ଟାଡିୟମ ରେ ଚାଲିଥିଲା ୪୫ ତମ ରାଜ୍ୟସ୍ତରୀୟ ରାଜକନିକା କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ର ତୃତୀୟ ଦିନ ଖେଳ ଜଗା ୟୁନାଇଟେଡ୍ ଭୁବନେଶ୍ୱର ବନାମ ପପୁଲାର କ୍ଲବ ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି ଏଥିରେ ଜଗାୟୁ ନାଇଟେଡ୍ ଭୁବନେଶ୍ୱର ପପୁଲାର କ୍ଲବ ଢେଙ୍କାନାଳ କୁ ୨- ୦ ଗୋଲ ରେ ପରାସ୍ତ କରି ତୃତୀୟ ଦଳ ଭାବେ ସେମି ଫାଇନାଲ ରେ ପ୍ରବେଶ କରିଛି , ଶିକ୍ଷାବିତ ସ୍ୱର୍ଗତ କୃଷ୍ଣ ଚନ୍ଦ୍ର ମଲ୍ଲିକ ଓ ସମାଜ ସେବିକା ରଂଜିତା ଶତପଥୀ ଙ୍କୁ ସମର୍ପିତ କରାଯାଇଥିବା ଏହି ଖେଳରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଦନ୍ତ ପରିଷଦ ସଭାପତି ପ୍ରଫେସର ଡାକ୍ତର ଆଶିଷ କୁମାର ବାରିକ, ସମ୍ମାନିତ ଅତିଥି ଭାବେ ରାଜକନିକା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, ଓ ସମ୍ମାନିତ ଅତିଥି ଭାବେ ସମାଜସେବୀ ପ୍ରଦୀପ ପଲାଇ, ଓଳାଭର କଲେଜ ର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ହଳଧର ବେହେରା, ଗୁଗୁଲି କଲେକ୍ସନ କ୍ଲଥ ଷ୍ଟୋର ର ପ୍ରୋପାଇଟର ଚିତ୍ତ ରଞ୍ଜନ ମିଶ୍ର, ସାମାଜିକ କର୍ମୀ ଦିଲ୍ଲୀପ କୁମାର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ ଏହି ଅବସରରେ ଅନୁଷ୍ଠାନ ର ସଭାପତି ତଥା ପୂର୍ବତନ ବିଧାୟକ ଦୋଳ ଗୋବିନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ପ୍ରଫେସର ବୈକୁ= ନାଥ ପରିଡା, ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ, ଉପସଭାପତି କପିଳେନ୍ଦ୍ର ମଲ୍ଲିକ, କାର୍ଯ୍ୟକାରୀ ସମ୍ପାଦକ ଡ. ଫକୀର ଚନ୍ଦ୍ର ପ୍ରଧାନ, ଯୁଗ୍ମ ସମ୍ପାଦକ ମନୋଜ ସେନାପତି ଓ ଅମିତାଭ କରଣ, କୋଷାଧ୍ୟକ୍ଷ ଦେବେନ୍ଦ୍ର କୁମାର ନାୟକ ଓ ମିଡ଼ିଆ ସେଲ ସମ୍ପାଦକ ଅଜୟ କୁମାର ରାଉତ ଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ରାମ ଚନ୍ଦ୍ର ବେସ୍ରା, ଗଣେଶ୍ୱର ସିଂହ , ସୁକାନ୍ତ ସିଂହ ମାନସ ବିଶ୍ୱାଳ ଆଦି ଖେଳ ପରିଚାଳନା କରିଥିବା ବେଳେ, ଗୋଲକିହାରୀ ମଲ୍ଲିକ ମ୍ୟାଚ କମିଶନର, ସୋମ୍ୟ କାନ୍ତ ନାୟକ ଓ ପ୍ରଶାନ୍ତ ସାହୁ ଧାରବିବାରଣୀ କାର୍ଯ୍ୟ ସମ୍ପାଦନ କରିଥିଲେ ଏହି ଖେଳରେ ଶ୍ରେଷ୍ଠ ଖେଳାଳି ଭାବେ ବିଜେତା ଦଳର ବୁଲୁ ନାୟକ ଙ୍କୁ ଯୁଧିଷ୍ଠିର ମଥାନ ସ୍ମାରକୀ ଅର୍ଥ ପୁରସ୍କାର ପ୍ରଦାନ କରାଯାଇଥିଲା ଫୁଟବଲ ସମ୍ପାଦକ ଶରତ ଜେନା, ଶରତ ମଲ୍ଲିକ,ମିର୍ଜା ଇବ୍ରାହିମ ବେଗ, ବାସୁଦେବ ବେହେରା, ପର୍ଶୁରାମ ସାହୁ, ବେଣୁଧର ପରିଡା, ଅକ୍ଷୟ କୁମାର ନାଥ, ପ୍ରକାଶ ସେନାପତି, ମାନଗୋବିନ୍ଦ ବଳ ଆଦି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ ୪ ତାରିଖ ରାଜକନିକା ଆଥେଲେଟିକ ଆସୋସିଏସନ ବନାମୟୁନାଇଟେଡ୍ ଏଫ. ସି. ଗଣ୍ଡରପୁର କୁ ଭେଟିବ ବୋଲି ଅନୁଷ୍ଠାନ ର ସମ୍ପାଦକ ଅଜୟ କୁମାର ନାୟକ ସୂଚନା ଦେଇଛନ୍ତି

ରାଜ୍ୟ ସିନିୟର ମହିଳା ଫିଡେ ରେଟେଡ୍ ଚେସ୍

ଅନିଶା, ନୈନିକା, ଶ୍ରଦ୍ଧା ମିଳିତ ଅଗ୍ରଣୀ

ଭୁବନେଶ୍ୱର, ୩।୧୧(ସବ୍ୟୁ) : ସ୍ଥାନୀୟ କୀଟ ପରିସରରେ ଜଗତସିଂହପୁର ଜିଲ୍ଲା ଚେସ୍ ଆସୋସିଏସନ ଦ୍ୱାରା ଆୟୋଜିତ ଏବଂ ଓଡ଼ିଶା ଚେସ୍ ଆସୋସିଏସନସହଯୋଗରେ ସମ୍ମାନଜନକ ଓଡ଼ିଶା ରାଜ୍ୟ ସିନିୟର ମହିଳା ଫିଡେ ରେଟେଡ୍ ଚେସ୍ ଚାମ୍ପିଅନସିପ୍ ର ଦ୍ୱିତୀୟ ଦିନ ଚତୁର୍ଥ ରାଉଣ୍ଡ ଖେଳ ଶେଷ ସୁଦ୍ଧା ଅନିଶା ମିଶ୍ର ପୁରୀ, ନେନିକା ସାହୁ ଓ ଶ୍ରଦ୍ଧା ଭାଗ୍ୟ କମାନି ଉଭୟ ଖୋର୍ଦ୍ଧା ପୂର୍ଣ୍ଣ ୪ ପଏଣ୍ଟ ସହ ମିଳିତ ଅଗ୍ରଣୀ ଅଛନ୍ତି । ଦ୍ୱିତୀୟ ଟେବୁଲରେ ପୁରୀର ଅନିଶା ମିଶ୍ର ସିସିଲିଆନ୍ ନାଜ୍ ଡ୍ରପ



ଓପନିଙ୍ଗ ରେ ୪୫ ଟି ଚାଲରେ ଗଞ୍ଜାମର ସ୍ନେହାଯୁକ୍ତ ବେହେରାଙ୍କୁ ଘନ ଘନ ଆକ୍ରମଣ କରି ଏକ ସୁନ୍ଦର ବିଜୟ ହାସଲ କରିଥିଲେ । ତୃତୀୟ ଟେବୁଲରେ ରାଜ୍ୟ ୧୩ ବର୍ଷରୁ କମ୍ ଚାମ୍ପିଅନ ନୈନିକା ସାହୁ କଟକର ପ୍ରତିଭାବାନ ଖେଳାଳି ଶ୍ରଦ୍ଧା ସ୍ମରଣିକା ନନ୍ଦ ଙ୍କୁ ପ୍ରାୟ ୪ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ କଡ଼ା ସଂଘର୍ଷ କରି ୮୦ ଚାଲରେ କଳାଦାନରେ ପରାସ୍ତ କରିଥିଲେ । ଚତୁର୍ଥ ବୋର୍ଡରେ ସିସିଲିଆନ ଡ୍ରାଗନ ପ୍ରଣାଳୀ ଆପଣାଇ ଅନଭିଜ୍ଞ ଶ୍ରଦ୍ଧା ଭାଗ୍ୟ କମାନି ମାତ୍ର ୩୯ ଚାଲରେ ଅଭିଜ୍ଞ ଗିତଶ୍ରୀ ବିଶ୍ୱାଳ ଙ୍କୁ ପରାସ୍ତ କରି ସମସ୍ତଙ୍କ ପ୍ରଶଂସା ଭାଜନ ହୋଇଛନ୍ତି । ସକାଳେ ଶ୍ରଦ୍ଧା ମଧ୍ୟ ଟପ୍ ସିଡ୍ ଆୟୁଷି ଙ୍କୁ ପରାସ୍ତ କରି ଏକ ବଡ଼ ଘାତକ ସାଜିଥିଲେ । ପ୍ରଥମ ଟେବୁଲରେ ୯ଥର ସିନିଅର ମହିଳା ଚାମ୍ପିଅନ କେନ୍ଦ୍ରାପଡ଼ାର ସ୍ମାରକୀ ମହାନ୍ତି ଧଳା ଦାନରେ ଇଂଲିଶ ଓପନିଙ୍ଗ ପ୍ରଣାଳୀରେ ଖେଳ ଆରମ୍ଭ କରି ବିଶ୍ୱ ଚେସ ପଦକ ବିଜେତା ଯାଶିତା ରାଉତ ଙ୍କ ବିପକ୍ଷରେ ମାତ୍ର ୩୧ ଚାଲରେ ବାଜିକୁ ଅମୀମାଂସିତ ରଖିବାରୁ ଟେବୁଲ୍ ର ଦ୍ୱିତୀୟ ସ୍ଥାନକୁ ଖସି ଆସିଥିଲେ । ଉଭୟ ସାଢ଼େ ୩ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଚତୁର୍ଥ ରାଉଣ୍ଡ ଖେଳ ଶେଷ ସୁଦ୍ଧା ଟପ୍ ସିଡ୍ ଆୟୁଷି ରାୟ ଚୌଧୁରୀ, ପୁରୀ, ଶ୍ରଦ୍ଧା ସ୍ମରଣିକା ନନ୍ଦ କଟକ, ସ୍ନେହାଯୁକ୍ତ ବେହେରା,ପଦ୍ମିନୀ ପାଣିଗ୍ରାହୀ ଗଞ୍ଜାମ, ଦ୍ରିଷ୍ଟୀ ପ୍ରଧାନ ସୁନ୍ଦରଗଡ, ଅର୍ଣିକା ଦାସ, ଖୋର୍ଦ୍ଧା, ତୁଳସୀ ଟୁଡୁ,ପାଲୋ ସମାଦ ,ସୀମା ପୃଷ୍ଟି (ସମସ୍ତେ କିସ) ଙ୍କ ସହ ମୋଟ ୯ ଜଣ ଖେଳାଳି ୩ପଏଣ୍ଟ ସହ ମିଳିତ ଭାବେ ତୃତୀୟ ସ୍ଥାନରେ ରହିଛନ୍ତି । ପୂର୍ବତନ ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣ ପଦକ ବିଜେତା ଡଃ ଶୁନ୍ୟସକ୍ତା ଶତପଥୀ ହଠାତ୍ ପୁରୀ ଡାକ୍ତର ଖାନାରେ ପ୍ରଥମ ପୋଷ୍ଟିଙ୍ଗ ର ପ୍ରଥମଦିନ ଯୋଗ ଦେବାକୁ ପଡ଼ିବାରୁ ଦ୍ୱିତୀୟ ରାଉଣ୍ଡରୁ ପ୍ରତିଯୋଗିତାରୁ ପୁରା ଓହରି ଯାଇଛନ୍ତି ବୋଲି ରାଜ୍ୟ ଚେସ ସଂଘ ସଭାପତି ସତ୍ୟ ରଂଜନ ପଟନାୟକ ପ୍ରକାଶ କରିଛନ୍ତୀ । ଜିଲ୍ଲା ଚେସ ସଂଘ ସମ୍ପାଦକ ଡଃ ଗଗନେନ୍ଦୁ ଦାସ ଏବଂ ଏ ଓ ସି ଏ କାର୍ଯ୍ୟକାରୀ ସମ୍ପାଦକ ଭବେଶ ମହାନ୍ତି ଙ୍କ ପ୍ରତେଖି ତଦାରଖି ରେ ଅନ୍ତର୍ଜାତୀୟ ଅର୍ବିଟର ସୁରେଶ ଚନ୍ଦ୍ର ସାହୁ ଓ ସନ୍ତୋଷ ମହାପାତ୍ର ପରିଚାଳନା କରୁଛନ୍ତି ।

ନଭେମ୍ବର ୨୫ରୁ ଭୁବନେଶ୍ୱରରେ ବିମଷ୍ଟେକ୍ ଆଥଲେଟିକ୍ସ ଚାମ୍ପିଅନସିପ୍

ଭୁବନେଶ୍ୱର, ୩।୧୧(ସବ୍ୟୁ) : ଓଡ଼ିଶାର କଳିଙ୍ଗ ଷ୍ଟାଡିୟମରେ ନଭେମ୍ବର ୨୫ରୁ ୨୭ ପର୍ଯ୍ୟନ୍ତ ଆୟୋଜିତ ହେବ ପ୍ରଥମ ବିମଷ୍ଟେକ୍ ଅଣ୍ଡର-୨୩ ଆଥଲେଟିକ୍ସ ଚାମ୍ପିଅନସିପ୍ ୨୦୨୬ । ଏହି ଆଞ୍ଚଳିକ ପ୍ରତିଯୋଗିତାରେ ୭ଟି ଦେଶର ଆଥଲେଟ୍ ଭାଗ ନେବେ । ଭାରତ ଏଥିପାଇଁ ୯୫ ଜଣିଆ ଦଳ ଚୟନ କରିଛି । ପ୍ରତ୍ୟେକ ଇଭେଣ୍ଟ ପାଇଁ ରିଜର୍ଭ ଖେଳାଳିଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି । ଭାରତ ସହ ଥାଇଲାଣ୍ଡ, ଶ୍ରୀଲଙ୍କା, ନେପାଳ, ଭୁଟାନ, ବାଂଲାଦେଶ ଓ ମିଆଁମାର ଏହି ଚାମ୍ପିଅନସିପରେ ଅଂଶଗ୍ରହଣ କରିବେ । ଭାରତୀୟ ଦଳର ଖେଳାଳିମାନଙ୍କୁ ଅଣ୍ଡର-୨୦ ଓ ଅଣ୍ଡର-୨୩ ଜାତୀୟ ଆଥଲେଟିକ୍ସ ଚାମ୍ପିଅନସିପର ଚୟନ କରାଯାଇଛି । ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଇଏ) ଓ ଆଥଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ)ର ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି । ଚାମ୍ପିଅନସିପରେ ପୁରୁଷ ଓ ମହିଳା ବର୍ଗରେ ୧୪ଟି ଲେଖାଏଁ ଇଭେଣ୍ଟ ରହିବ । ଏହା ସହ ୪×୧୦୦ ମିଟର ଓ ୪×୪୦୦ ମିଟର ରିଲେ ଇଭେଣ୍ଟ ମଧ୍ୟ ଆୟୋଜିତ ହେବ । ଏହି ପ୍ରତିଯୋଗିତା ୱାର୍ଲ୍ଡ ଆଥଲେଟିକ୍ସର ଅଧିକାରିକ ପ୍ରତିଯୋଗିତା କ୍ୟାଲେଣ୍ଡରର ଅଂଶ ନୁହେଁ । ବିମଷ୍ଟେକ୍ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ କ୍ରୀଡ଼ା ସମ୍ପର୍କ ଓ ସହଯୋଗକୁ ମଜବୁତ କରିବା ଏହି ଆଞ୍ଚଳିକ ପ୍ରୟାସର ମୁଖ୍ୟ ଉଦ୍ଦେଶ୍ୟ ।

କୋରିଆ ଓପନରେ ସୋନାଲି-ରିତିକାଙ୍କ ୱାକ୍‌ଓଭର୍

କୋରିଆ, ୩।୧୧(ଏଜେନ୍ସି) : କୋରିଆ ଓପନ୍ ସୁପର୍ ୫୦୦ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତାରେ ଭାରତକୁ ପ୍ରାରମ୍ଭିକ ଝଟକା ଲାଗିଛି । ମହିଳା ଡବଲ୍ସରେ ଭାରତୀୟ ଯୋଡ଼ି ସୋନାଲି ସିଂହ ଓ ରିତିକା ଠାକର ମଙ୍ଗଳବାର ପ୍ରଥମ ରାଉଣ୍ଡ ମ୍ୟାଚରେ ୱାକ୍‌ଓଭର୍ ଦେଇଛନ୍ତି । ସୋନାଲି ଓ ରିତିକାଙ୍କ ମୁକାବିଲା ଅଷ୍ଟ୍ରେଲିଆର ଲୌଡ୍ୟା ଚେଲ୍ସି ଗ୍ରିସେଲ୍ଲା ଓ ନୋଜୋମି ଶିମିଜୁଙ୍କ ସହ ହେବାର ଥିଲା । ତେବେ ଭାରତୀୟ ଯୋଡ଼ି ମ୍ୟାଚ୍ରୁ ଓହରିଯିବାରୁ ପ୍ରତିପକ୍ଷ ଦଳକୁ ୱାକ୍‌ଓଭର୍ ମିଳିଥିଲା । ୫ ଲକ୍ଷ ଡଲାର ପୁରସ୍କାର ରାଶି ବିଶିଷ୍ଟ ଏହି ସୁପର୍ ୫୦୦ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଖେଳାଳିଙ୍କ ପାଇଁ ଏହା ଏକ ନିରାଶାଜନକ ଆରମ୍ଭ । ପୁରୁଷ ଡବଲ୍ସ ଯୋଗ୍ୟତା ପର୍ଯ୍ୟାୟରେ ମଧ୍ୟ ଭାରତକୁ ପରାଜୟ ସହିବାକୁ ପଡ଼ିଛି । ଅର୍ଚ୍ୟୁତାଦିତ୍ୟ ରାଓ ଦୋଦ୍ଦଭରାପୁ ଓ ଅର୍ଜୁନ ରେଡ୍ଡୀ ପୋଚାନାଙ୍କ ଯୋଡ଼ି ଚୀନ୍ର ୱାଙ୍ଗ ୟୁହାଙ୍ଗ ଓ ଜେୱେଇ ଜିଏଙ୍କଠାରୁ ୧୪-୨୧, ୫-୨୧ ଗେମ୍ରେ ପରାଜିତ ହୋଇଛି । ଏହି ପ୍ରତିଯୋଗିତାରେ ଭାରତର ପୁରୁଷ ଏକକ ଅଭିଯାନର ନେତୃତ୍ୱ ନେବେ ଏଚ୍.ଏସ୍. ପ୍ରଣୟ । ମହିଳା ଏକକରେ ତନଭୀ ଶର୍ମା ଓ ଅନମୋଲ ଖର୍ବ ଭାରତ ପକ୍ଷରୁ ଖେଳିବେ । ମିଶ୍ରିତ ଡବଲ୍ସରେ ଧ୍ରୁବ ରାୱତ ଓ କେ. ମନୀଷା ଭାରତର ପ୍ରତିନିଧିତ୍ୱ କରିବେ ।



ଆଜି ଭାରତ -ନ୍ୟୁଜିଲାଣ୍ଡ ପ୍ରଥମ ଦିନିକିଆ

ନୂଆଦିଲ୍ଲୀ, ୩।୧୧(ଏଜେନ୍ସି) : ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ବୁଧବାରଠାରୁ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆରମ୍ଭ ହେବ । ଏହା ପୂର୍ବରୁ ଭାରତ ପାଞ୍ଚ ମ୍ୟାଚର ଟି-୨୦ ସିରିଜ୍କୁ ୩-୨ରେ ଜିତିଛି । ଏବେ ଦିନିକିଆ ସିରିଜ୍ ଉପରେ କ୍ରିକେଟପ୍ରେମୀଙ୍କ ନଜର । ପ୍ରଥମ ମ୍ୟାଚ୍ ଅକଲାଣ୍ଡର ସେଡନ୍ ପାର୍କରେ ଖେଳାଯିବ । ନ୍ୟୁଜିଲାଣ୍ଡ ମାଟିରେ ଭାରତର ଦିନିକିଆ ରେକର୍ଡ ଭଲ ନାହିଁ । ୨୦୧୯ ପରଠାରୁ ଭାରତ ସେଠାରେ ଦିନିକିଆ ସିରିଜ୍ ଜିତିନାହିଁ । ଏଥର ଅଧିନାୟକ ଶୁଭମନ ଗିଲ୍ ଏହି ଧାରାକୁ ଭାଙ୍ଗିବା ଲକ୍ଷ୍ୟରେ ରହିବେ । ପ୍ରଥମ ଦିନିକିଆ ପୂର୍ବରୁ ଗିଲ୍ ଶୀର୍ଷ ଚାରି ବ୍ୟାଟରଙ୍କ ବ୍ୟାଟିଂ କ୍ରମ ସ୍ପଷ୍ଟ କରିଛନ୍ତି । ରୋହିତ ଶର୍ମାଙ୍କ ସହ ଗିଲ୍ ଓପନିଂ କରିବେ । ତୃତୀୟ ସ୍ଥାନରେ ବିରାଟ କୋହଲି ଏବଂ ଚତୁର୍ଥ ସ୍ଥାନରେ ଉପଅଧିନାୟକ ଶ୍ରେୟସ ଆୟର ବ୍ୟାଟିଂ କରିବେ ।



ମଧ୍ୟକ୍ରମରେ ଅକ୍ଷରଙ୍କୁ ସୁଯୋଗ?

ଶୀର୍ଷ ଚାରିରେ ଡାହାଣହାତୀ ବ୍ୟାଟର ରହିଥିବାରୁ ପଞ୍ଚମ ସ୍ଥାନରେ ବାମହାତୀ ବ୍ୟାଟରଙ୍କୁ ଖେଳାଇବା ନେଇ ଚିନ୍ତା କରିପାରେ ଦଳ । ୧୫ ଜଣିଆ ଦଳରେ ଇଶାନ କିଶନ ଥିଲେ ମଧ୍ୟ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ମିଳିବା ନେଇ ଅନିଶ୍ଚିତତା ରହିଛି । ଏପରି ସ୍ଥିତିରେ ସ୍ପିନ୍ ଅଲରାଉଣ୍ଡର ଅକ୍ଷର ପଟେଲଙ୍କୁ ମଧ୍ୟକ୍ରମରେ ଖେଳାଇବାର ସମ୍ଭାବନା ରହିଛି । ଏହା ପରେ ୱିକେଟ୍କିପର ବ୍ୟାଟର କେଏଲ୍ ରାହୁଲ ଖେଳିପାରନ୍ତି । ସପ୍ତମ ଓ ଅଷ୍ଟମ ସ୍ଥାନରେ ନୀତିଶ କୁମାର ରେଡ୍ଡୀ ଏବଂ ନମନ ଧୀରଙ୍କୁ ସୁଯୋଗ ମିଳିପାରେ । ବୋଲିଂ ବିଭାଗ ଭାରତ ତିନି ଜଣ ଦ୍ରୁତ ବୋଲରଙ୍କ ସହ ମଇଦାନକୁ ଓହ୍ଲାଇପାରେ । ମହମ୍ମଦ ସିରାଜ, ଗୁରନୂର ବ୍ରାର ଓ ଅଂଶୁଲ କମ୍ବୋଜଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିବାର ସମ୍ଭାବନା ରହିଛି । ଅନ୍ୟ ବୋଲିଂ ଦାୟିତ୍ୱ ଅକ୍ଷର ପଟେଲ, ନୀତିଶ କୁମାର ରେଡ୍ଡୀ ଓ ନମନ ଧୀରଙ୍କ ଉପରେ ରହିପାରେ ।

ପ୍ରଥମ ଦିନିକିଆ ପାଇଁ ସମ୍ଭାବିତ ଭାରତୀୟ ଏକାଦଶ

ରୋହିତ ଶର୍ମା, ଶୁଭମନ ଗିଲ୍ (ଅଧିନାୟକ), ବିରାଟ କୋହଲି, ଶ୍ରେୟସ ଆୟର, ଅକ୍ଷର ପଟେଲ, କେଏଲ୍ ରାହୁଲ (ୱିକେଟ୍କିପର), ନୀତିଶ କୁମାର ରେଡ୍ଡୀ, ନମନ ଧୀର, ଅଂଶୁଲ କମ୍ବୋଜ, ଗୁରନୂର ବ୍ରାର ଓ ମହମ୍ମଦ ସିରାଜ ।





Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି